
◀ ଆଜିର 'ସକାଳ' ସହ 'ସିନ୍ଦୂରା' ପଢ଼ନ୍ତୁ

RNI REGD NO: 42041/83
www.sakalaepaper.com
/sakalanews
/sakalanews
www.thesakala.in

# ସକାଳ
THE SAKALA
PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

♦VOLUME- 43 ♦ISSUE-119 ♦SUNDAY ♦26 OCTOBER 2025 ♦PAGE-12 ♦₹ 6.00 | PANIKOILI | ♦ବର୍ଷ-୪୩ ♦ସଂଖ୍ୟା-୧୧୯ ♦ରବିବାର ♦୨୬ ଅକ୍ଟୋବର ୨୦୨୫ ♦ପୃଷ୍ଠା-୧୨ ♦ଟ.୬.୦୦ (ସିନ୍ଦୂରା ସହ)


## ସେନା କର୍ମଚାରୀଙ୍କୁ ଦରମା ଦେଲେ ଟ୍ରମ୍ପଙ୍କ ବନ୍ଧୁ

■ **ୱାସିଂଟନ, ୨୫।୧୦ (ଏଜେନ୍ସି):** ଆମେରିକୀୟ ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ଜଣେ ବନ୍ଧୁଙ୍କ ସହାୟତାରେ ଆମେରିକା ସେନାବାହିନୀକୁ ଦରମା ଦିଆଯାଇଛି। ଆମେରିକାର ଚାଲିଥିବା ସଟ୍‌ଡାଉନ୍ କାରଣରୁ ଏବେ ସରକାରଙ୍କ ପାଖରେ ଅର୍ଥ ନାହିଁ। ସେନାବାହିନୀକୁ ଦରମା ଦେବା ପାଇଁ ଟ୍ରମ୍ପଙ୍କ ବନ୍ଧୁଙ୍କ ସହାୟତାରେ 'ଗୁପ୍ତଦାନ' କରାଯାଇଛି ବୋଲି ଆମେରିକା ପ୍ରତିରକ୍ଷା ମନ୍ତ୍ରଣାଳୟ ପେଣ୍ଟାଗନ୍ ତରଫରୁ ଶୁକ୍ରବାର କୁହାଯାଇଛି। ୧୩୦ ନିୟୁତ ଆମେରିକୀୟ ଡଲାର (ପାଖାପାଖି ୧ ୧୧୦ କୋଟି ଟଙ୍କା) ଗୁପ୍ତଦାନ ମାଧ୍ୟମରେ ମିଳିଛି ବୋଲି ପେଣ୍ଟାଗନ ସ୍ପଷ୍ଟ କରିଛି। ଟ୍ରମ୍ପଙ୍କ ଜଣେ ଅଜଣା ବନ୍ଧୁ ଏହି ଦାନ ଦେଇଛନ୍ତି। ସଟ୍‌ଡାଉନ କାରଣରୁ ସରକାର ସେନାକୁ ଦରମା ଦେଇପାରୁ ନଥିବାରୁ ଏହି ଗୁପ୍ତ ଦାନ ଗ୍ରହଣ କରାଯାଇଛି। ଗୁରୁବାର ଟ୍ରମ୍ପ ହ୍ୱାଇଟ୍ ହାଉସ୍‌ରେ ଏ ନେଇ ସମସ୍ତଙ୍କୁ ଅବଗତ କରାଇଥିଲେ ଓ ଦାନ ଦେଇଥିବା ବ୍ୟକ୍ତିଙ୍କୁ ଦେଶଭକ୍ତ ବୋଲି କହିଥିଲେ। ତେବେ ସେ ତାଙ୍କର ଏହି ବନ୍ଧୁଙ୍କ ପରିଚୟ ଦେଇ ନଥିଲେ। କାରଣ ତାଙ୍କ ବନ୍ଧୁ ପରିଚୟ ଗୋପନ ରଖିବାକୁ କହିଥିଲେ ବୋଲି ଟ୍ରମ୍ପ କହିଛନ୍ତି। ଆମେରିକାରେ ଅକ୍ଟୋବର ୧ରୁ ଆରମ୍ଭ ହୋଇଥିବା ଏହି ସଟ୍‌ଡାଉନ୍ ୨୫ ଦିନରେ ପହଞ୍ଚିଛି। ଆମେରିକାର ଦୁଇ ପ୍ରମୁଖ ଦଳ ଡେମୋକ୍ରାଟ ଓ ରିପବ୍ଲିକାନ ମଧ୍ୟରେ ଓବାମା ହେଲଥ୍ କେୟାର ସବ୍‌ସିଡ୍ ପ୍ରୋଗ୍ରାମ ନେଇ ମତପାର୍ଥକ୍ୟ ସୃଷ୍ଟି ହୋଇଥିବାରୁ ଏଭଳି ସ୍ଥିତି ସୃଷ୍ଟି ହୋଇଛି।

## ଇନ୍ଦୋରରେ ଅଷ୍ଟ୍ରେଲିଆ ମହିଳା କ୍ରିକେଟର୍‌ଙ୍କୁ ଅସଦାଚରଣ

■ **ଇନ୍ଦୋର, ୨୫।୧୦(ଏଜେନ୍ସି):** ଭାରତରେ ବିଶ୍ୱକପ୍ କ୍ରିକେଟ ଖେଳିବାକୁ ଆସିଥିବା ଅଷ୍ଟ୍ରେଲିଆ ଦଳର ଦୁଇ ଜଣ ମହିଳା ଖେଳାଳି ଅସାଦଚରଣର ଶିକାର ହୋଇଛନ୍ତି। ଇନ୍ଦୋରରେ ଗତ ଗୁରୁବାର ହୋଇଥିବା ଏହି ଘଟଣାରେ ସଂପୃକ୍ତ ଯୁବକକୁ ଗିରଫ କରାଯାଇଛି। ତେବେ ଏହାକୁ ନେଇ ଲଜ୍ଜାଜନକ ପରିସ୍ଥିତି ପରିସ୍ଥିତି ସୃଷ୍ଟି ହୋଇଛି। ବିସିସିଆଇ ଏହାର ଘୋର ନିନ୍ଦା କରିଥିଲା ବେଳେ ଦୋଷୀ ବିରୋଧରେ କଠୋର କାର୍ଯ୍ୟାନୁଷ୍ଠାନ ନେବାକୁ ମଧ୍ୟପ୍ରଦେଶ ସରକାରଙ୍କ ନିକଟରେ ଦାବି କରିଛି।


ମିଳିଥିବା ରିପୋର୍ଟ ଅନୁଯାୟୀ ଅଷ୍ଟ୍ରେଲୀୟ ଖେଳାଳି ହୋଟେଲ ବାହାରକୁ ଗୁରୁବାର ବୁଲିବାକୁ ଯାଇଥିଲେ। ଦିନ ୧୧ଟା ବେଳେ ଖେଳାଳିମାନେ ହୋଟେଲ ନିକଟରୁ ୩ କିଲୋମିଟର ଦୂର ଖଜରାନା ରୋଡ୍‌ରେ ଥିବା ଏକ କାଫେକୁ ଚାଲିଚାଲି ଯାଉଥିଲେ। ଏହି ସମୟରେ ମୋଟର ସାଇକଲରେ ଜଣେ ଯୁବକ ଦୁଇ ଜଣ ଖେଳାଳିଙ୍କ ନିକଟକୁ ଆସି ସେମାନଙ୍କୁ ସ୍ପର୍ଶ କରିବାକୁ ଉଦ୍ୟମ କରିଥିଲା। ଅନ୍ୟ ଖେଳାଳି ଓ ସୁରକ୍ଷା କର୍ମୀ ଏହାର ବିରୋଧ କରିବାରୁ ଯୁବକ ଜଣକ ସେଠାରୁ ପଳାଇଥିଲା।

ଏହି ଘଟଣା ପରେ ଖେଳାଳିମାନେ ଅଷ୍ଟ୍ରେଲିଆ ଟିମ୍‌ର ସିକ୍ୟୁରିଟି ମ୍ୟାନେଜର ଡାନି ସିମନ୍ସଙ୍କୁ ଜଣାଇଥିଲେ। ସିମନ୍ସ ସ୍ଥାନୀୟ ଏମ୍‌ଆଇଜି ପୁଲିସ ଥାନାରେ ଏଫ୍‌ଆଇଆର୍ ଦେଇଥିଲେ। ଏଫ୍‌ଆଇଆର ପାଇବା ପରେ ପୁଲିସ ତୁରନ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରି ଅଭିଯୁକ୍ତ ଅକିଲ ଖାନ୍‌ଙ୍କୁ ଗିରଫ କରିଛି। ତା ବିରୋଧରେ ଭାରତୀୟ ନ୍ୟାୟ ସଂହିତା ଧାରା ୭୪ ଓ ୭୮ ଲଗାଯାଇ କୋର୍ଟ ଚାଲାଣ କରାଯାଇଛି। ଏହି ଘଟଣା ପରେ ମଧ୍ୟ ପ୍ରଦେଶ କ୍ରିକେଟ ସଂଘ ଅଷ୍ଟ୍ରେଲିଆ ଖେଳାଳିମାନଙ୍କୁ କ୍ଷମା ପ୍ରାର୍ଥନା କରିଛି। ଭାରତୀୟ କ୍ରିକେଟ କଣ୍ଟ୍ରୋଲ ବୋର୍ଡ (ବିସିସିଆଇ) ସମ୍ପାଦକ ଦେବଜିତ ▶ପୃଷ୍ଠା-୭

# କାକିନାଡ଼ାରେ ମାଡ଼ହେବ ମୋନ୍ଥା!

## ୨୮ରେ ଲ୍ୟାଣ୍ଡଫଲ୍ ବେଳେ ୯୦ରୁ ୧୦୦ କିମି ବେଗରେ ବହିବ ପବନ

■ **ଭୁବନେଶ୍ୱର, ୨୫।୧୦ (ସମିସ):** ପୁଣି ଡରାଇଲାଣି ସେହି ଅକ୍ଟୋବର। ୧୯୯୯ ଅକ୍ଟୋବର ୨୯ ତାରିଖରେ ଓଡ଼ିଶାରେ ତାଣ୍ଡବ ରଚାଇଥିଲା ମହାବାତ୍ୟା। ଏହାର ୨୫ ବର୍ଷ ପରେ ପୁଣି ସେହି ଅକ୍ଟୋବର ମାସ ଶେଷ ଆଡ଼କୁ ମାଡ଼ି ଆସୁଛି ଆଉ ଏକ ବାତ୍ୟା "ମୋନ୍ଥା"। ଏହି ବାତ୍ୟା କେତେ ଭୀଷଣ ହୋଇନପାରେ, କିନ୍ତୁ ଏବେ ଠାରୁ ଆତଙ୍କଜନିତ ପରିସ୍ଥିତି ସୃଷ୍ଟି କଲାଣି। ଏହି ବାତ୍ୟା ଆସନ୍ତା ୨୮ ତାରିଖରେ ଆନ୍ଧ୍ର ଉପକୂଳରେ ମାଡ଼ ହେବ। ତେବେ ଏହାର ପ୍ରଭାବରେ ଓଡ଼ିଶା ଉପକୂଳରେ ବର୍ଷା ସାଙ୍ଗକୁ ବର୍ଷା ହେବାର ସମ୍ଭାବନା ରହିଛି।



ଭୁବନେଶ୍ୱର ଆଞ୍ଚଳିକ ପାଣିପାଗ କେନ୍ଦ୍ର ପକ୍ଷରୁ ସୂଚନା ଅନୁଯାୟୀ ଆନ୍ଧ୍ର ପ୍ରଦେଶର ମଛଲିପଟ୍ଟନମ୍-କଳିଙ୍ଗପଟନମ୍ ମଧ୍ୟରେ କାକିନାଡ଼ା ନିକଟରେ ସମ୍ଭାବ୍ୟ ବାତ୍ୟା ମୋନ୍ଥା ସ୍ଥଳଭାଗ ଛୁଇଁପାରେ। ୨୮ ତାରିଖ ସନ୍ଧ୍ୟାରୁ ରାତି ଭିତରେ ଏହା ଲ୍ୟାଣ୍ଡଫଲ୍ କରିବାର ସମ୍ଭାବନା ରହିଛି। ପାଣିପାଗ କେନ୍ଦ୍ରର ସୂଚନା ଅନୁଯାୟୀ ସ୍ଥଳଭାଗ ଛୁଇଁବା ବେଳେ ପବନର ବେଗ ୯୦ରୁ ୧୦୦ କିଲୋମିଟର ମଧ୍ୟରେ ରହିବ। ସ୍ଥଳବିଶେଷରେ ପବନ ବେଗ ୧୧୦ କିମି ରହିବ। ବାତ୍ୟା ପ୍ରଭାବରେ ଉପକୂଳ ଓ ଏହାର ସଂଲଗ୍ନ କେତେକ ଜିଲ୍ଲା ସହ ଦକ୍ଷିଣ ଓଡ଼ିଶାର ଅଧିକାଂଶ ଜିଲ୍ଲାରେ ୨୭ରୁ ୩୦ ତାରିଖ ପର୍ଯ୍ୟନ୍ତ ୪ ଦିନ ଧରି ପ୍ରବଳ ବର୍ଷା ହେବ। ଏପରିକି କେତେକ ଜିଲ୍ଲାରେ ପବନ ସହ ପ୍ରବଳରୁ ଅତିପ୍ରବଳ ବର୍ଷା ସମ୍ଭାବନା ଥିବା ପାଣିପାଗ କେନ୍ଦ୍ର ପକ୍ଷରୁ ସତର୍କ କରାଯାଇଛି। ତେବେ ୨୮ ଓ ୨୯ ତାରିଖ ଦୁଇଦିନ କେତେକ ଜିଲ୍ଲାରେ ବର୍ଷା ସହ ପବନ ସର୍ବାଧିକ ଅନୁଭୂତ ହେବ। ଗଜପତି, ଗଞ୍ଜାମ, କୋରାପୁଟ, ରାୟଗଡ଼ା ଓ ମାଲକାନଗିରି ଜିଲ୍ଲାରେ ପବନର ବେଗ ୬୦ରୁ ୭୦ କିଲୋମିଟର ବେଗ ରହିବାକୁ ଥିବାବେଳେ ଝଟକା ୮୦ କିଲୋମିଟରରୁ ଛୁଇଁପାରେ। ସେହିପରି ଏହି ▶ପୃଷ୍ଠା-୭

## ପ୍ରଭାବିତ ହେବ ଓଡ଼ିଶାର ୧୫ ଜିଲ୍ଲା

**ମୁକାବିଲା ପାଇଁ ସରକାର ପ୍ରସ୍ତୁତ: ରାଜସ୍ୱ ମନ୍ତ୍ରୀ**


**୬ ଜିଲ୍ଲାରେ ସରକାରୀ କର୍ମଚାରୀଙ୍କ ଛୁଟି ବାତିଲ୍**

■ **ଭୁବନେଶ୍ୱର, ୨୫।୧୦ (ସମିସ):** ସମ୍ଭାବ୍ୟ ବାତ୍ୟା ମୋନ୍ଥା ଦ୍ୱାରା ରାଜ୍ୟର ୧୫ଟି ଜିଲ୍ଲା ପ୍ରଭାବିତ ହେବାର ଆଶଙ୍କା ରହିଛି। ଅତୀତର ଅନୁଭବ ଓ ବର୍ତ୍ତମାନର ସ୍ଥିତିକୁ ଦୃଷ୍ଟିରେ ରଖି ସରକାର ସମସ୍ତ ସତର୍କତାମୂଳକ ପଦକ୍ଷେପ ଗ୍ରହଣ କରିଛନ୍ତି ଏବଂ ବାତ୍ୟାର ମୁକାବିଲା ପାଇଁ ରାଜ୍ୟ ସରକାର ସମ୍ପୂର୍ଣ୍ଣ ପ୍ରସ୍ତୁତ ଅଛନ୍ତି ବୋଲି ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ସୁରେଶ ପୂଜାରୀ କହିଛନ୍ତି।

ଶନିବାର ସ୍ଥାନୀୟ ରାଜୀବ ଭବନଠାରେ ସମ୍ଭାବ୍ୟ ବାତ୍ୟା ପୂର୍ବ ପ୍ରସ୍ତୁତି ସମ୍ପର୍କିତ ବୈଠକ ଅନୁଷ୍ଠିତ ହୋଇଥିଲା। ବୈଠକରେ ମନ୍ତ୍ରୀ ଶ୍ରୀ ପୂଜାରୀ, ସ୍ୱତନ୍ତ୍ର ରିଲିଫ୍ କମିଶନର ଦେଓରଞ୍ଜନ କୁମାର ସିଂ ସମ୍ଭାବ୍ୟ ବାତ୍ୟାରେ ପ୍ରଭାବିତ ହେବାକୁ ଥିବା ଜିଲ୍ଲାଗୁଡ଼ିକର ଜିଲ୍ଲାପାଳମାନଙ୍କ ସହ ବାତ୍ୟାପୂର୍ବ ପ୍ରସ୍ତୁତି ସମ୍ପର୍କରେ ବିଶଦ ଭାବେ ଆଲୋଚନା କରିଥିଲେ। ବୈଠକ ପରେ ଗଣମାଧ୍ୟମ ▶ପୃଷ୍ଠା-୭

### କାମ କରୁନି ଆର୍‌ବିଆଇର ନୂଆ ନିୟମ

## ଗୋଟିଏ ଦିନରେ ହୋଇ ପାରୁନାହିଁ ଚେକ୍ କ୍ଲିଅରିଂ



**ବ୍ୟାଙ୍କରେ ନାହାନ୍ତି ଉଚ୍ଚ ଦକ୍ଷତା ସମ୍ପନ୍ନ କର୍ମଚାରୀ**

**ହଇରାଣ ହେଉଛନ୍ତି ଗ୍ରାହକ**

■ **ଭୁବନେଶ୍ୱର, ୨୫।୧୦ (ସମିସ):** ଅକ୍ଟୋବର ୪ ତାରିଖରୁ ସାରା ଦେଶରେ ଆରମ୍ଭ ହୋଇଛି ଗୋଟିଏ ଦିନରେ 'ବ୍ୟାଙ୍କ ଚେକ୍ କ୍ଲିଅରିଂ' ବ୍ୟବସ୍ଥା। ଅର୍ଥାତ ଗୋଟିଏ ଦିନରେ ସକାଳ ୧୦ଟାରୁ ୪ଟା ମଧ୍ୟରେ ବ୍ୟାଙ୍କରେ ଜମା ହୋଇଥିବା ଚେକ୍ ସେହିଦିନ ସନ୍ଧ୍ୟା ୭ଟା ମଧ୍ୟରେ କ୍ଲିଅର ହୋଇପାରିବ। ପ୍ରଥମ ପର୍ଯ୍ୟାୟରେ ୨୦୨୫ ଅକ୍ଟୋବର ୪ରୁ ୨୦୨୬ ଜାନୁଆରୀ ୨ ତାରିଖ ପର୍ଯ୍ୟନ୍ତ ଏହାକୁ କାର୍ଯ୍ୟକାରୀ କରାଯାଉଛି ଓ ପରବର୍ତ୍ତୀ ପର୍ଯ୍ୟାୟ ୨୦୨୬ ଜାନୁଆରୀ ୩ରୁ କାର୍ଯ୍ୟକାରୀ ହେବ ବୋଲି ରିଜର୍ଭ ବ୍ୟାଙ୍କ ଘୋଷଣା କରିଛି। ପାରମ୍ପରିକ ଚେକ୍ କ୍ଲିୟରିଂ ବ୍ୟବସ୍ଥାରେ ସୃଷ୍ଟି ହେଉଥିବା ସମସ୍ୟା ଦୂର ପାଇଁ କାର୍ଯ୍ୟକାରୀ ଏହି ବ୍ୟବସ୍ଥା କେବଳ ଶୁଚିନ୍ତିତ ଘୋଷଣା ବ୍ୟତୀତ ଅନ୍ୟ କିଛି ନୁହେଁ ବୋଲି ବିଭିନ୍ନ ମହଲରେ ଅଭିଯୋଗ ହେଉଛି।

ଅଧିକାଂଶ ବ୍ୟାଙ୍କଗୁଡ଼ିକରେ ଏବେ ବି ପୂର୍ବ ଧାରା ଅବ୍ୟାହତ ରହିଛି ଓ ଚେକ୍ କ୍ଲିୟର ହେବା ପାଇଁ ପୂର୍ବପରି ତିନି ଚାରିଦିନ ଓ ସ୍ଥଳ ବିଶେଷରେ ସପ୍ତାହଟିଏ ବି ଲାଗୁଥିବା ଦେଖାଯାଉଛି। ଫଳରେ ପୁରୁଣା ଧାରାବାହୀ ବିଳମ୍ବକୁ ହ୍ରାସ କରିବା ଓ ଦେୟ ପ୍ରକ୍ରିୟାକୁ ତ୍ୱରାନ୍ୱିତ କରିବା ଲକ୍ଷ୍ୟ ସାଧନ ହୋଇ ପାରୁନାହିଁ। ନୂତନ ବ୍ୟବସ୍ଥାରେ ଜମା ହୋଇଥିବା ଚେକ୍‌କୁ ସ୍କାନ କରି ମୂଳ ବ୍ୟାଙ୍କକୁ ପଠାଯିବା ପରେ ସେହିଦିନ ଦେୟ କ୍ଲିୟର କରାଯିବାର ବ୍ୟବସ୍ଥା ରହିଛି। ମାତ୍ର ତାହା ବାସ୍ତବରେ କାର୍ଯ୍ୟକାରୀ ହୋଇପାରୁ ନାହିଁ। ଯାହାଫଳରେ ନଗଦ ପ୍ରବାହ ହ୍ରାସ ପାଉଛି ଓ ଦରମା, ଦେୟ, ଷ୍ଟକ୍ କ୍ରୟ ପରିଚାଳନା କ୍ଷେତ୍ରରେ ଛୋଟ ଫାର୍ମଗୁଡ଼ିକ ସମସ୍ୟାର ସମ୍ମୁଖୀନ ହେଉଛନ୍ତି। କୁହାଯାଉଛି ଏନ୍‌ପିସିଆଇ ଦ୍ୱାରା ପରିଚାଳିତ ବ୍ୟାଙ୍କ ଏବଂ କେନ୍ଦ୍ରୀୟ କ୍ଲିଅରିଂ ବ୍ୟବସ୍ଥାରେ ସଫ୍ଟୱେର ଏକତ୍ରୀକରଣ କରାଯିବାରେ ଅସମନ୍ୱୟତା ଯୋଗୁଁ ବ୍ୟାଙ୍କଗୁଡ଼ିକ ଗୋଟିଏ ଦିନରେ ଚେକ୍ କ୍ଲିୟର କରିବାକୁ ଅସମର୍ଥ ହେଉଛନ୍ତି। ସ୍କାନ କରାଯିବା ବେଳେ ଚେକ୍‌ର ପ୍ରତିଛବି ଠିକ୍ ଭାବରେ ଉତ୍ତୋଳନ କରାଯାଉ ନାହିଁ। ଯାହା ଫଳରେ ବ୍ୟାଙ୍କ କୋଡ୍, ଆକାଉଣ୍ଟ ନମ୍ବର, ଦସ୍ତଖତ ସ୍ପଷ୍ଟ ଦେଖାଯାଉ ନ ଥିବାରୁ ତାହାକୁ କ୍ଲିଅରିଂ ବ୍ୟାଙ୍କ ଗ୍ରହଣ କରୁନାହିଁ। ପୁନଶ୍ଚ ଏହି ପଦ୍ଧତି ସମ୍ପର୍କରେ ବ୍ୟାଙ୍କଗୁଡ଼ିକରେ ତାଲିମପ୍ରାପ୍ତ କର୍ମଚାରୀ ନାହାନ୍ତି ଓ ଉଚ୍ଚମାନର ସ୍କାନର ମଧ୍ୟ ରଖାଯାଇ ନାହିଁ। ଯାହା ସମସ୍ୟାକୁ ବହୁଗୁଣିତ କରୁଛି ଓ ଚେକ୍‌ଗୁଡ଼ିକୁ ପୁନର୍ବାର ପୂର୍ବପରି ପରିଚାଳନା କରାଯିବା ଯୋଗୁଁ କ୍ଲିଅରିଂ ବିଳମ୍ବିତ ହେଉଛି। ଯାହା ବ୍ୟାଙ୍କ ପ୍ରତି ଉପଭୋକ୍ତା ବା ଗ୍ରାହକମାନଙ୍କର ବିଶ୍ୱାସକୁ କ୍ଷୁର୍ଣ୍ଣ କରିଛି ଓ ବ୍ୟବସାୟିକ କ୍ଷେତ୍ରରେ ▶ପୃଷ୍ଠା-୭

**ରାଜ୍ୟ କ୍ୟାବିନେଟରେ ୫ ପ୍ରସ୍ତାବକୁ ଅନୁମୋଦନ**

## ଆରମ୍ଭ ହେବ 'ବି-ମାନ' ଏକୀକୃତ ଯୋଜନା

### ୫ ବର୍ଷରେ ଖର୍ଚ୍ଚ ହେବ ୪୧୨୮ କୋଟି

■ **ଭୁବନେଶ୍ୱର, ୨୫।୧୦ (ସମିସ):** ରାଜ୍ୟରେ ବିମାନ ଚଳାଚଳର ସମସ୍ତ ଦିଗକୁ ଏକ ବ୍ୟାପକ ଢାଞ୍ଚା ଅଧୀନରେ ଆଣିବା ପାଇଁ ରାଜ୍ୟ ସରକାର 'ବି-ମାନ' ଏକୀକୃତ ଯୋଜନା ଆଣିବାକୁ ଯାଉଛନ୍ତି। ଏହି ଯୋଜନାକୁ ଶନିବାର ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ଅଧ୍ୟକ୍ଷତାରେ ବସିଥିବା କ୍ୟାବିନେଟ ବୈଠକରେ ଅନୁମୋଦନ ମିଳିଛି। ଯୋଜନା ପାଇଁ ୨୦୨୫ରୁ ୨୦୩୦ ଯାଏଁ ମୋଟ ୪୧୨୮ କୋଟି ଟଙ୍କା ଖର୍ଚ୍ଚ ହେବ। ଶନିବାର ଲୋକସେବା ଭବନରେ ଅନୁଷ୍ଠିତ କ୍ୟାବିନେଟ ବୈଠକରେ ୪ଟି ବିଭାଗର ମୋଟ ୫ଟି ପ୍ରସ୍ତାବକୁ ଅନୁମୋଦନ ମିଳିଛି।

ବୈଠକର ନିଷ୍ପତ୍ତି ସମ୍ପର୍କରେ ସୂଚନା ଦେଇ ରାଜ୍ୟ ମୁଖ୍ୟ ଶାସନ ସଚିବ ମନୋଜ ଆହୁଜା କହିଛନ୍ତି ଯେ, 'ବି-ମାନ' ଏକୀକୃତ ଯୋଜନା ଅଧୀନରେ ପୂର୍ବ ଭାରତରେ ଓଡ଼ିଶାକୁ ଏକ ଅଗ୍ରଣୀ ବିମାନ ଚଳାଚଳ କେନ୍ଦ୍ର ଭାବେ ସ୍ଥାନ ଦେବାକୁ ଲକ୍ଷ୍ୟ ରଖାଯାଇଛି। ଏଥିପାଇଁ ସରକାର ମୋଟ ୪୧୨୮ କୋଟି ଟଙ୍କା ଖର୍ଚ୍ଚ କରିବେ। ଏହା ଅଧୀନରେ ଆଞ୍ଚଳିକ ପ୍ରବେଶ ଏବଂ କାର୍ଯ୍ୟକ୍ଷମ ଦକ୍ଷତାକୁ ଉନ୍ନତ କରିବା ପାଇଁ ଅନୁନ୍ନତ ଅଞ୍ଚଳରେ ଗ୍ରୀନଫିଲ୍ଡ ଏବଂ ବ୍ରାଉନଫିଲ୍ଡ ବିମାନବନ୍ଦର ସମେତ ରାଜ୍ୟବ୍ୟାପୀ ବିମାନବନ୍ଦର ଏବଂ ହେଲିପୋର୍ଟଗୁଡ଼ିକର ବିକାଶ ଓ ରକ୍ଷଣାବେକ୍ଷଣ କରାଯିବ। 'ଉଡାନ' ଏବଂ ଅନ୍ୟାନ୍ୟ ଯୋଜନା ଅଧିନରେ ପ୍ରମୁଖ ସହରଗୁଡ଼ିକ ସହିତ ଟାୟର-୨ ଏବଂ ଟାୟର-୩ ସହରଗୁଡ଼ିକୁ ସଂଯୋଗ କରି ଆଞ୍ଚଳିକ ବିମାନ ସଂଯୋଗକୁ ବୃଦ୍ଧି କରିବା ସକାଶେ ବିମାନ କମ୍ପାନୀଗୁଡ଼ିକୁ 'ଭାଇବିଲିଟି ଗ୍ୟାପ୍ ଫଣ୍ଡିଂ' ଏବଂ ଅନ୍ୟାନ୍ୟ ପ୍ରୋତ୍ସାହନ ପ୍ରଦାନ କରାଯିବ। ସେହିପରି ବିଜୁ ପଟ୍ଟନାୟକ ବିମାନବନ୍ଦର ଏବଂ ଅନ୍ୟାନ୍ୟ ଗୁରୁତ୍ୱପୂର୍ଣ୍ଣ ସ୍ଥାନରେ ବିଶ୍ୱସ୍ତରୀୟ ଏମ୍‌ଆରଓ ସୁବିଧା ପ୍ରତିଷ୍ଠା ଏବଂ କାର୍ଯ୍ୟକ୍ଷମ କରାଯିବ। ଏତଦ୍ ▶ପୃଷ୍ଠା-୭

**ମୟୂରଭଞ୍ଜରେ ଲଜ୍ଜା!**

## ୨ ନାବାଳିକାଙ୍କୁ ଗଣଦୁଷ୍କର୍ମ




**୫ଜଣଙ୍କ ନାଁରେ ଅଭିଯୋଗ; ୩ ଗିରଫ**

■ **ମୋରଡ଼ା/ରାସଗୋବିନ୍ଦପୁର, ୨୫।୧୦ (ସମିସ):** ମୟୂରଭଞ୍ଜରେ ଲଜ୍ଜା! ଯାତ୍ରା ଦେଖି ଫେରୁଥିବା ଦୁଇ ନାବାଳିକାଙ୍କୁ ୫ଜଣ ଯୁବକ ବାଟ ଅଧରୁ ଟେକିନେଇ ଏକ କେନାଲ ନିକଟରେ ଗଣଦୁଷ୍କର୍ମ କରିଥିବା ନେଇ ଅଭିଯୋଗ ହୋଇଛି। ବୁଧବାର ରାତିରେ ଏହି ଲଜ୍ଜାଜନକ ଘଟଣା ଘଟିଛି। ରାସଗୋବିନ୍ଦପୁର ପୁଲିସ ପୀଡ଼ିତାଦ୍ୱୟଙ୍କ ଡାକ୍ତରୀ ମାଇନା କରାଇବା ସହ ଏକ ମାମଲା ରୁଜୁ କରି ୩ ଅଭିଯୁକ୍ତଙ୍କୁ ଗିରଫ କରିଛି। ସେମାନେ ହେଲେ, ରାସଗୋବିନ୍ଦପୁର ଥାନା ଅଧୀନ ଲୁଣଚାଟି ଗ୍ରାମର ଦେବାଶିଷ ବେହେରା (୧୮), ପ୍ରହରାଜପୁର ଗାଁର ରତନ କୁମାର ଦାସ (୩୬) ଏବଂ ରାଜକୁମାର ଦାସ (୧୯)। ପୁଣି ଜିଲ୍ଲାର ଜଶିପୁର ଥାନା ଅଞ୍ଚଳର ଜଣେ ଯୁବତୀକୁ ଘରେ ପଶି ଗଣଦୁଷ୍କର୍ମ କରାଯିବା ଘଟଣା ଗତକାଲି ପଦାକୁ ଆସିଥିବା ବେଳେ ଆଜି ମୟୂରଭଞ୍ଜ ଜିଲ୍ଲାର ଏଭଳି ଏକ ପାଶବିକ ଘଟଣା, ବୁଦ୍ଧିଜୀବୀ ମହଲରେ ତୀବ୍ର ଆଲୋଡ଼ନ ସୃଷ୍ଟି କରିଛି। ସରକାର ଓ ପୁଲିସର ନିଷ୍କ୍ରିୟତା ଯୋଗୁଁ ରାଜ୍ୟରେ ନାରୀନିର୍ଯାତନା ଅପରାଧ ବୃଦ୍ଧି ପାଉଛି ବୋଲି ସେମାନେ ଅଭିଯୋଗ କରିଛନ୍ତି। ▶ପୃଷ୍ଠା-୭




# ହାସ୍ୟାଭିନେତା ସତୀଶ ଶାହାଙ୍କ ପରଲୋକ

ମୁମ୍ବଇ, ୨୫ ।୧୦(ଏଜେନ୍ସି): କିମ୍ବଦନ୍ତୀ ହାସ୍ୟ ଅଭିନେତା ଆସାରାନୀଙ୍କ ପରେ ଆଉ ଜଣେ ବଲିଉଡ୍ ଓ ଟିଭି କଳାକାର ପରଲୋକ ଗମନ କରିଛନ୍ତି । ବର୍ଷୀଆନ ହାସ୍ୟ ଅଭିନେତା ସତୀଶ ଶାହା ଶନିବାର ଅପରାହ୍ନ ୨.୩୦ରେ ମୁମ୍ବଇର ହିନ୍ଦୁଜା ହସ୍ପିଟାଲରେ ପରଲୋକଗମନ କରିଛନ୍ତି । ତାଙ୍କୁ ୭୪ ବର୍ଷ ବୟସ ହୋଇଥିଲା । ସେ ବଲିଉଡ୍ ଓ



ଟେଲିଭିଜନ ଦୁନିଆରେ ଜଣେ ଜଣାଶୁଣା ଅଭିନେତା ଥିଲେ । 'ସାରାଭାଇ ଭର୍ସେସ ସାରାଭାଇ', 'ଜାନେଭି ଦୋ ୟାରୋ' ଓ 'ମେ ହୁ ନା'ରେ ନିଜର ନିଖୁଣ ଅଭିନୟ ପାଇଁ ସେ ପ୍ରସିଦ୍ଧି ଲାଭ କରିଥିଲେ ।

ସେ କିଡନୀ ଜନିତ ରୋଗରେ ପୀଡିତ ଥିଲେ । କିଛିଦିନ ତଳେ ତାଙ୍କ କିଡନୀ ପ୍ରତିରୋପଣ ହୋଇଥିଲା । ରବିବାର ଅ।।ନ୍ତ୍ୟେଷ୍ଟି କ୍ରିୟା ସମ୍ପନ୍ନ କରାଯିବ ବୋଲି ତାଙ୍କ ମ୍ୟାନେଜର ସୂଚନା ଦେଇଛନ୍ତି । ତାଙ୍କ ଦେହାନ୍ତରେ ବହୁ ବଲିଉଡ୍, ଟିଭି ତାରକା ଶୋକ ପ୍ରକାଶ କରିଛନ୍ତି । ଦୀର୍ଘ ୪ ଦଶନ୍ଧିର କ୍ୟାରିଅରରେ ମୋଟ ଉପରେ ୨୫୦ଟି ସିନେମାରେ ଅଭିନୟ କରିଥିଲେ । ସେ ହମ ସାଥ ସାଥ ହେଁ, ମେ ହୁ ନା, କଲ ହୋ ନା ହୋ, କଭି ହାଁ କଭି ନା, ଦିଲବାଲେ ଦୁହ୍ଲନୀଆ ଲେ ଯାଏଙ୍ଗେ, ଫନା ଓ ଓମ୍ ଶାନ୍ତି ଓମ୍ ଭଳି ସୁପର ହିଟ୍ ଚଳଚ୍ଚିତ୍ରରେ ଅଭିନୟ କରି ଦର୍ଶକଙ୍କ ହୃଦୟ ଜିତିଥିଲେ । ୧୯୮୪ରେ ସେ ଟିଭି ସିରିଏଲ ୟେ ଜୋ ହେ ଜିନ୍ଦେଗୀରେ ଅଭିନୟ କରି ନିଜର ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିଥିଲେ । ତାଙ୍କ ପରଲୋକରେ ବଲିଉଡ ତଥା ଟେଲିଭିଜନ ଜଗତରେ ଏକ ଶୂନ୍ୟସ୍ଥାନ ସୃଷ୍ଟି ହୋଇଛି । ସେ ଗୁଜରାଟର ମାଣ୍ଡବୀରେ ଜନ୍ମ ଗ୍ରହଣ କରିଥିଲେ । ୧୯୭୨ରେ ସେ ଡିଜାଇନର ମଧୁ ଶାହାଙ୍କୁ ବିବାହ କରିଥିଲେ । ୧୯୭୦ରୁ ୨୦୨୫ ପର୍ଯ୍ୟନ୍ତ ସେ ଅଭିନୟ ପ୍ରତି ସମର୍ପିତ ଥିଲେ । ଗତ ଜୁଲାଇ ୨୦୨୦ରେ କରୋନା ସଂକ୍ରମଣ କାରଣରୁ ତାଙ୍କୁ ମୁମ୍ବଇର ଲୀଳାବତୀ ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା ।

# ଭାରତର ସମରାଭ୍ୟାସ, ଦୁଇଦିନ ପାଇଁ ପାକ୍ ବାୟୁସୀମା ବନ୍ଦ

ନୂଆଦିଲ୍ଲୀ, ୨୫ ।୧୦(ଏଜେନ୍ସି): ଭାରତର ସମରାଭ୍ୟାସ ପୂର୍ବରୁ ପାକିସ୍ତାନ ଦୁଇଦିନ ପାଇଁ ତା'ର ବାୟୁସୀମାକୁ ବନ୍ଦ କରିବାକୁ ନିଷ୍ପତ୍ତି ନେଇଛି । ରାଜସ୍ଥାନ ଓ ଗୁଜରାଟ ସୀମାରେ ଭାରତୀୟ ସେନା ତା'ର ଯୁଦ୍ଧ୍ୟାଭାସ 'ତ୍ରିଶୂଳ' ଆରମ୍ଭ କରିବା ପୂର୍ବରୁ ପାକିସ୍ତାନ ଅକ୍ଟୋବର ୨୮ ଓ ୨୯ ରେ ତା'ର ବାୟୁସୀମାକୁ ବନ୍ଦ କରିବ । ଶନିବାର ଏଥିପାଇଁ ନୋଟିସ ଟୁ ଏୟାରମ୍ୟାନ (ଏନ୍ଓଟିଏମ୍) ଜାରି କରାଯାଇଛି । ଫଳରେ ଦୁଇଦିନ ପାକ୍ ବାୟୁସୀମା ଉପଲବ୍ଧ ହେବ ନାହିଁ ବୋଲି କୁହାଯାଇଛି । ଏହି ନିଷ୍ପତ୍ତି ନେବା ନେଇ ପାକିସ୍ତାନ କୌଣସି କାରଣ ଦର୍ଶାଇନାହିଁ । ତେବେ ଏହା କୌଣସି ସମରାଭ୍ୟାସ କିମ୍ବା ଅସ୍ତ୍ରଶସ୍ତ୍ର ପରୀକ୍ଷଣ ସହିତ ଜଡିତ ଥାଇପାରେ ବୋଲି ରକ୍ଷା ବିଶେଷଜ୍ଞମାନେ ମତ ଦେଇଛନ୍ତି । ଏହି ସମରାଭ୍ୟାସ ତ୍ରିଶୂଳ ସର କ୍ରିକ୍ ନିକଟରେ ହେବ । ସର କ୍ରିକ୍ ପାକିସ୍ତାନ ସୀମା ନିକଟରେ ଅବସ୍ଥିତ । ଭାରତର ଏହି ସମରାଭ୍ୟାସ ୨୮ ହଜାର ଫୁଟ୍ ଉଚ୍ଚ ପର୍ଯ୍ୟନ୍ତ ପରିବ୍ୟାପ୍ତ ହେବ ବୋଲି କୁହାଯାଇଛି । ଗତକିଛି ବର୍ଷ ମଧ୍ୟରେ ହୋଇଥିବା ଯୁଦ୍ଧାଭ୍ୟାସଗୁଡିକ ମଧ୍ୟରୁ ଏହା ସର୍ବବୃହତ ହେବ ବୋଲି ଅନୁମାନ କରାଯାଉଛି । ୧୨ ଦିନଧରି ଚାଲିବାକୁ ଥିବା ଏହି ଯୁଦ୍ଧାଭ୍ୟାସରେ ସେନାବାହିନୀ, ବାୟୁସେନା ଓ ନୌସେନାର ୩୦ ହଜାର ସୈନିକ ଯୋଗଦେବେ । ଅକ୍ଟୋବର ୩୦ରୁ ଆରମ୍ଭ ହୋଇ ଏହି ଯୁଦ୍ଧାଭ୍ୟାସ ନଭେମ୍ବର ୧୦ ପର୍ଯ୍ୟନ୍ତ ଚାଲିବ । ଏହି ସମରାଭ୍ୟାସ ରାଜସ୍ଥାନର ଜୈସାଲମେରଠାରୁ ଆରମ୍ଭ କରି ଗୁଜରାଟର ସର କ୍ରିକ୍ ପର୍ଯ୍ୟନ୍ତ ଚାଲିବ । ଭାରତୀୟ ସେନା ୩ ବିଭାଗ ନୂଆ ଟେକନିକ୍ ଓ ଯୁଦ୍ଧ ପ୍ରଣାଳୀର ପରୀକ୍ଷା କରିବେ ।

# ଭେନେଜୁଏଲା ଉପରେ ଆକ୍ରମଣ କରିପାରେ ଆମେରିକା

ୱାଶିଂଟନ, ୨୫ ।୧୦(ଏଜେନ୍ସି): ଖୁବ୍‌ଶୀଘ୍ର ଆମେରିକା ଭେନେଜୁଏଲା ଉପରେ ଆକ୍ରମଣ କରିପାରେ । ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଭେନେଜୁଏଲାରେ ଥିବା ଡ୍ରଗ୍ସ ଠିକଣା ଓ ଏହାର ଚାଲାଣ ହେଉଥିବା ରୁଟ୍‌ଗୁଡିକ ଉପରେ ଆକ୍ରମଣ କରିବାକୁ ବିଚାର କରୁଛନ୍ତି ବୋଲି ଆମେରିକା ନ୍ୟୁଜ ଚ୍ୟାନେଲ ସିଏନ୍ଏନ୍ କହିଛି । ହ୍ୱାଇଟ ହାଉସ୍‌ର ୩ ଜଣ ବରିଷ୍ଠ ଅଧିକାରୀଙ୍କଠାରୁ ମିଳିଥିବା ସୂଚନାକୁ ଆଧାର କରି ସିଏନ୍ଏନ୍ ଏନେଇ ଖବର ପରିବେଶଣ କରିଛି । ଆମେରିକା ବଡ଼ ଧରଣର ସାମରିକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିପାରେ । ଏହି ସମ୍ଭାବ୍ୟ ଆକ୍ରମଣ ପାଇଁ ସ୍ଥାନ ସ୍ଥିର କରିବାକୁ ଟ୍ରମ୍ପ ଆଲୋଚନା କରିଛନ୍ତି ବୋଲି ଆମେରିକୀୟ ଅଧିକାରୀମାନେ କହିଛନ୍ତି । ଇତିମଧ୍ୟରେ ଆମେରିକା ପ୍ରତିରକ୍ଷା ସଚିବ ପିଟ୍ ହେଗସେଥ ଆମେରିକା ନୌସେନାର ଅତ୍ୟାଧୁନିକ ଓ ସବୁଠାରୁ ବଡ଼ ଏୟାରକ୍ରାଫ୍ଟ କ୍ୟାରିଅର ଷ୍ଟ୍ରାଇକ ଗ୍ରୁପ୍ ୟୁଏସ୍ଏସ୍ ଜେରାଲ୍ଡ ଆର ଫୋର୍ଡକୁ ୟୁରୋପରୁ କ୍ୟାରିବିୟାନ ଅଞ୍ଚଳକୁ ପଠାଇବାକୁ ନିର୍ଦ୍ଦେଶ ଦେଇଛନ୍ତି । ଭେନେଜୁଏଲାରେ ସାମରିକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଟ୍ରମ୍ପ ସିଆଇଏକୁ ଔପଚାରିକ ଭାବେ ଦାୟିତ୍ୱ ପ୍ରଦାନ କରିଛି । ତେବେ ଆମେରିକାର ଡ୍ରଗ୍ସର ଗତିବିଧିକୁ ରୋକିବା ପାଇଁ ଭେନେଜୁଏଲା ସହ କୂଟନୈତିକ ଆଲୋଚନାର ବିକଳ୍ପ ରହିଛି ବୋଲି ଟ୍ରମ୍ପ କହିଛନ୍ତି । ଅପରପକ୍ଷରେ ଆମେରିକା ଆକ୍ରମଣ କଲେ ଭେନେଜୁଏଲା ଏହାର କଡ଼ା ଜବାବ ଦେବ ବୋଲି ରାଷ୍ଟ୍ରପତି ନିକୋଲାସ ମାଦୁରୋ କହିଥିଲେ । ଏଥିପାଇଁ ଭେନେଜୁଏଲା ୫, ୦୦୦ ଇଗଲା- ଏସ୍ ମିସାଇଲ୍ ନିୟୋଜିତ କରିଛି ବୋଲି ସେ କହିଥିଲେ ।

# ଦିଲ୍ଲୀରେ ସୁଧୁରୁନି ପ୍ରଦୂଷଣ, ଏକ୍ୟୁଆଇ ୪୦୦ ପାର୍



ନୂଆଦିଲ୍ଲୀ, ୨୫ ।୧୦(ଏଜେନ୍ସି): ଦୀପାବଳି ପରେ ରାଜଧାନୀ ଦିଲ୍ଲୀରେ ପ୍ରଦୂଷଣ କ୍ରମାଗତ ଭାବେ ବଢ଼ି ଚାଲିଛି । ଶନିବାର ପୂର୍ବ ଦିଲ୍ଲୀର ଆନନ୍ଦ ବିହାରରେ ଏକ୍ୟୁଆଇ ସ୍ତର ୪୧୨ରେ ପହଞ୍ଚିଛି । ଫଳରେ ପ୍ରଦୂଷଣ ଏବେ ଗମ୍ଭୀର ରୂପ ଧାରଣ କରିଛି । ଦିଲ୍ଲୀରେ ବହୁ ଅଞ୍ଚଳରେ ବାୟୁର ମାନ ଖରାପ ରହିଛି । ଏଥିପାଇଁ ଜନପଥ ରୋଡ୍‌ରେ ପାର୍ଟିକୁଲେଟ୍ ମ୍ୟାଟର ଉଚ୍ଚସ୍ତରରେ ପହଞ୍ଚିଥିବାରୁ ଏହାକୁ ମୁକାବିଲା କରିବାକୁ ସଡ଼କରେ ପାଣି ଛିଞ୍ଚା ଯାଉଛି । ଦୀପାବଳି ପରେ ମାତ୍ର କେତେଦିନ ମଧ୍ୟରେ ଦିଲ୍ଲୀରେ ନିଃଶ୍ୱାସ ନେବା କଷ୍ଟକର ହୋଇ ପଡ଼ିଛି । ଶ୍ୱାସ ଓ ଏଲର୍ଜିକ ବ୍ରୋଙ୍କାଇଟିସ୍ ରୋଗୀଙ୍କ ସଂଖ୍ୟାରେ ପାଖାପାଖି ୩୦ ପ୍ରତିଶତ ବୃଦ୍ଧି ହୋଇଛି । ମାସ୍କ ବ୍ୟବହାର କରିବାକୁ ଡାକ୍ତର ପରାମର୍ଶ ଦେଇଛନ୍ତି । ଅନ୍ୟପଟେ ଉତ୍ତର ଭାରତରେ ତାପମାତ୍ରରେ ଅବନତୀ ପରିଲକ୍ଷିତ ହୋଇଛି । ଟାବୁ, ଲାହାଉଲ- ସ୍ପିତି, ହିମାଚଳରେ ତାପମାତ୍ରା ମାଇନସ୍ ୨ ଡିଗ୍ରୀରେ ପହଞ୍ଚିଛି । ସେହିପରି ଉତ୍ତରପ୍ରଦେଶ, ମଧ୍ୟପ୍ରଦେଶ ଭଳି ସମତଳ ଅଞ୍ଚଳରେ ମଧ୍ୟ ତାପମାତ୍ରାରେ ମଧ୍ୟ ଅବନତୀ ହୋଇଛି । ଶନିବାର ସକାଳେ ବାରଣାସୀର ଗଙ୍ଗା ଘାଟରେ ଘନ କୁହୁଡି ଦେଖିବାକୁ ମିଳିଥିଲା ।

# ୮ ଜଣଙ୍କ ଉପରେ ଚଢ଼ିଗଲା କାର୍, ୫ ମୃତ



ଆଗ୍ରା, ୨୫ ।୧୦(ଏଜେନ୍ସି): ଆଗ୍ରାରେ ଶୁକ୍ରବାର ଦ୍ରୁତଗତିରେ ଯାଉଥିବା ଏକ କାର ଜଣେ ବାଇକ୍ ଚାଳକଙ୍କ ସମେତ ୮ ଜଣ ଲୋକଙ୍କ ଉପରେ ଚଢ଼ିଯାଇଥିଲା । ଏଥିରେ ୫ ଜଣ ଲୋକ ମୃତ୍ୟୁବରଣ କରିଥିବା ବେଳେ ୩ ଜଣ ଗୁରୁତର ଭାବେ ଆହତ ହୋଇଛନ୍ତି । ସମସ୍ତଙ୍କୁ ସରୋଜିନୀ ନାଇଡୁ ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା । ଡାକ୍ତର ୫ ଜଣଙ୍କୁ ମୃତ ଘୋଷିତ କରିଥିଲେ । ନାଗଲା ବୁଢ଼ୀ ନିକଟସ୍ଥ ନ୍ୟୁ ଆଗ୍ରା ଥାନା ଅଞ୍ଚଳରେ ଏହି ଦୁର୍ଘଟଣା ଘଟିଥିଲା । ଦ୍ରୁତଗତିରେ ଆସୁଥିବା ଟାଟା ନେକ୍ସନ କାର୍ ପ୍ରଥମେ ରୋଡ ଡିଭାଡରକୁ ଧକ୍କା ଦେବା ପରେ ରାସ୍ତା କଡ଼ରେ ଥିବା ଲୋକଙ୍କ ଉପରେ ଚଢ଼ିଯାଇଥିଲା । ପୁଲିସ କାର୍ ଚାଳକଙ୍କୁ ଗିରଫ କରାଯିବା ସହ କାର୍‌କୁ ଜବତ କରିଛି । କାର ଚାଳକ ମଦ୍ୟପାନ କରିଛନ୍ତି କି ନା ସେ ନେଇ ପୁଲିସ ତଦନ୍ତ ଆରମ୍ଭ କରିଛି । ଏହି ଘଟଣାରେ ମୁଖ୍ୟମନ୍ତ୍ରୀ ଯୋଗୀ ଆଦିତ୍ୟନାଥ ଦୁଃଖ ପ୍ରକାଶ କରିଛନ୍ତି । ଆହତଙ୍କର ଉନ୍ନତ ଚିକିତ୍ସା ପାଇଁ ସେ ଜିଲ୍ଲା ପ୍ରଶାସନକୁ ନିର୍ଦ୍ଦେଶ ଦେଇଛନ୍ତି । ଦୁର୍ଘଟଣା ପରେ କାର୍ ଚାଳକଙ୍କୁ ସ୍ଥାନୀୟ ଲୋକ ଧରି ପିଟିବାକୁ ଆରମ୍ଭ କରିଥିଲେ । ପୁଲିସ ଘଟଣାସ୍ଥଳରେ ପହଞ୍ଚି ଚାଳକଙ୍କୁ ଗିରଫ କରି ନେଇଯାଇଥିଲା ।



# ସ୍ମାର୍ଟ ଫୋନ୍ ଯୋଗୁଁ ଭୟଙ୍କର ହୋଇଥିଲା ବିସ୍ଫୋରଣ

## ବସରେ ଯାଉଥିଲା ୨୩୪ଟି ସ୍ମାର୍ଟ ଫୋନ୍

କୁର୍ଣ୍ଣୁଲ, ୨୫ ।୧୦(ଏଜେନ୍ସି): ଆନ୍ଧ୍ରପ୍ରଦେଶର କୁର୍ଣ୍ଣୁଲରେ ହୋଇଥିବା ଏସି ସ୍ଲିପର ବସ୍ ଦୁର୍ଘଟଣାରେ ଏକ ନୂଆ କଥା ସାମ୍ନାକୁ ଆସିଛି । ଶୁକ୍ରବାର ରାତିରେ ଯେଉଁ ବସ୍‌ରେ ନିଆଁ ଲାଗି ୨୦ ଜଣ ଯାତ୍ରୀ ମୃତ୍ୟୁବରଣ କରିଥିଲେ, ସେହି ବସ୍‌ରେ ୨୩୪ଟି ସ୍ମାର୍ଟ ଫୋନ୍ ଥିଲା । ନିଆଁ ଲାଗିବା ପରେ ଏହି ସ୍ମାର୍ଟ ଫୋନ୍‌ଗୁଡିକର ବ୍ୟାଟେରୀ ଯୋଗୁଁ ଭୟଙ୍କର ବିସ୍ଫୋରଣ ହୋଇଥିଲା ବୋଲି ଫରେନସିକ୍ ଟିମ୍ କହିଛି । ଫଳରେ ଯାତ୍ରୀମାନଙ୍କ ଜୀବନ ବଞ୍ଚାଇବା ପାଇଁ କୌଣସି ସୁଯୋଗ ମିଳି ନଥିଲା । ଏହି ୨୩୪ଟି ମୋବାଇଲ ଫୋନ୍ ଗୁଡିକୁ ହାଇଦରାବାଦ୍‌ର ଜଣେ ବ୍ୟବସାୟୀ ପାର୍ସଲ ଜରିଆରେ ବେଙ୍ଗାଲୁରୁ ପଠାଉଥିଲେ । ନିଆଁ ଲାଗିବା ପରେ ହିଁ ଫୋନ୍‌ଗୁଡିକର ବ୍ୟାଟେରୀରେ ବିସ୍ଫୋରଣ ହୋଇଥିଲା । ଫଳରେ ନିଆଁ ଦ୍ରୁତଗତିରେ ବ୍ୟାପୀଯାଇଥିଲା । ବସ୍‌ର ଏୟାର କଣ୍ଡିସନିଂ ସିଷ୍ଟମରେ ବ୍ୟବହାର ହେଉଥିବା ଇଲେକଟ୍ରିକ ବ୍ୟାଟେରୀଗୁଡକ ମଧ୍ୟ ଫାଟି ଯାଇଥିଲା ବୋଲି ଫାୟାର ବ୍ରିଗେଡ଼ ଡିଆଇଜି କହିଛନ୍ତି । ନିଆଁ ଲାଗିବା ଯୋଗୁଁ ତାପ ଏତେ ମାତ୍ରାରେ ବଢ଼ିଥିଲା ଯେ, ବସ୍‌ର ଫ୍ଲୋରରେ ଥିବା ଆଲମୁନିୟମ ସିଟ୍ ମଧ୍ୟ ତରଳି ଯାଇଥିଲା ।

ସେ କହିଛନ୍ତି ଯେ ଫୁଏଲ ଲିକେଜ ହେବା କାରଣରୁ ପ୍ରଥମେ ନିଆଁ ଲାଗିଥିଲା । ବାଇକ୍‌କୁ ବସ୍ ଧକ୍କା ଦେବା ପରେ ତୈଳ କ୍ଷରଣ ହୋଇଥିଲା । ବାଇକ୍ କିଛିବାଟ ବସ ସହ ଘଷି ହେବା କାରଣରୁ ପେଟ୍ରୋଲରେ ନିଆଁ ଲାଗିଥିଲା । ଫଳରେ ନିଆଁ ପୂରା ବସ୍‌କୁ ବ୍ୟାପୀଯାଇଥିଲା । ବସର ଓଜନ କମାଇବାକୁ ଓ ଗତି ବଢ଼ାଇବା ପାଇଁ ଲୁହା ବଦଳରେ ହାଲକା ଆଲମୁନିୟମର ବହୁଳ ବ୍ୟବହାର କରାଯାଇଥିଲା । କିନ୍ତୁ ଜରୁରୀକାଳୀନ ସ୍ଥିତିରେ ଏହା ବିପଜ୍ଜନକ ସାବ୍ୟସ୍ତ ହେଲା ବୋଲି ସେ କହିଛନ୍ତି ।

ସେପଟେ କୁର୍ଣ୍ଣୁଲ ପୁଲିସ ଦୁର୍ଘଟଣା ପରେ ଫେରାର୍ ଥିବା ବସ୍ ଡ୍ରାଇଭର ଓ କ୍ଲିନରଙ୍କୁ ଗିରଫ କରିଛି । ନିଆଁ ଲାଗିବା ପରେ ବସ୍ ଅଟକି ଥିଲା ଓ ଦୁହେଁ ପ୍ୟାସେଞ୍ଜର ଡୋର ଦେଇ ବାହାରକୁ ଡେଇଁ ପଡ଼ିଥିଲେ । ଦୁର୍ଘଟଣାର ଗମ୍ଭୀରତା ବିଷୟରେ ଦୁଇଜଣ ଅଜ୍ଞ ଥିଲେ । ଏହି ବସ୍‌ର ତୈଳ ଟାଙ୍କିକୁ ଏକ ବାଇକ୍ ଧକ୍କା ଦେବା ଫଳରେ ଦୁର୍ଘଟଣା ଘଟିଥିଲା । ବାଇକ ଚାଳକ ଶିବଶଙ୍କର ନିଶାରେ ଚୁର୍ ଥିଲେ । ଘଟଣାସ୍ଥଳ ନିକଟରେ ଥିବା ଏକ ପେଟ୍ରୋଲ ପମ୍ପର ସିସିଟିଭି ଫୁଟେଜ୍‌ରୁ ଶିବଶଙ୍କର ନିଶାରେ ଥିଲେ ବୋଲି ଜଣାପଡ଼ିଛି । ୪୪ ନଂ ଜାତୀୟ ରାଜପଥରେ ହୋଇଥିବା ଏହି ଦୁର୍ଘଟଣାରେ ୨୦ଜଣ ଲୋକ ଜିଅନ୍ତା ଜଳିଯାଇ ମୃତ୍ୟୁବରଣ କରିଥିଲେ । ସେହିପରି ୧୯ ଜଣ ବସ୍‌ରୁ ଡେଇଁ ଜୀବନ ବଞ୍ଚାଇବାକୁ ସକ୍ଷମ ହୋଇଥିଲେ । ମୃତମାନଙ୍କ ମଧ୍ୟରେ ଓଡ଼ିଶାର ଜଣେ ସଫ୍ଟୱେୟାର ଇଞ୍ଜିନିୟର ଥିଲେ ବୋଲି ଜଣାପଡ଼ିଛି । ସେ ହେଉଛନ୍ତି ରାୟଗଡ଼ା ଜିଲ୍ଲାର ଦୀପକ କୁମାର ।

## ନିବେଶ ଲୋଭ ଦେଖାଇ ଲୁଟୁଛନ୍ତି ସାଇବର ଠକ

# ୬ ମାସରେ ଠକିନେଲେ ୧୫୦୦ କୋଟି

ବେଙ୍ଗାଲୁରୁ, ୨୫।୧୦ (ଏଜେନ୍ସି): ଲୋଭ ସବୁଠାରୁ ବଡ଼ ଶତ୍ରୁ । ଏହି ଲୋଭ ପାଇଁ ମଣିଷ ରାତାରାତି ବଡ଼ ଲୋକ ହେବାକୁ ଚାହିଁଥାଏ । ଏହି ସ୍ୱପ୍ନ ସାକାର କରିବା ପାଇଁ କୁକର୍ମ କରିବାକୁ ବି ପଛାଇ ନ ଥାଏ । ଆଉ ଏହି ଲୋଭର ଲାଭ ଉଠାଉଛନ୍ତି ସାଇବର ଠକ । ଜ୍ଞାନକୌଶଳ ଏବଂ ପ୍ରଯୁକ୍ତିବିଦ୍ୟାକୁ ଭିତ୍ତି କରି ଲୁଟିଚ୍ଛନ୍ତି ଲୋକଙ୍କ ପରିଶ୍ରମ ଉପାର୍ଜିତ ଧନ । ଗତ ଛଅ ମାସରେ ଦେଶର ପ୍ରାୟ ୩୦ ହଜାର ଲୋକ ଏଭଳି ଠକାମିର ଶିକାର ହୋଇଛନ୍ତି । ଏମାନଙ୍କଠାରୁ ସାଇବର ଠକ ପ୍ରାୟ ୧୫୦୦ କୋଟି ଟଙ୍କା ଲୁଟି ନେଇଛନ୍ତି । ଆଶ୍ଚର୍ଯ୍ୟର ବିଷୟ ଏହି କି ଯେ କୌଣସି ଗ୍ରାମାଞ୍ଚଳରେ ନୁହେଁ, ବରଂ ଦେଶର ପ୍ରମୁଖ ସହର ଗୁଡିକରେ ଏହି ଲୁଟ୍ ହୋଇଛି । ଲୋକଙ୍କୁ ନିବେଶ ଆଳରେ ଭଲ ରିଟର୍ଣ୍ଣ ଦେବାର ଲୋଭ ଦେଖାଇ ଏହି ହରିଲୁଟ୍ ଚାଲିଛି । ସ୍ୱରାଷ୍ଟ୍ର ମନ୍ତ୍ରାଳୟର ସାଇବର ଶାଖା ପକ୍ଷରୁ ଏହି ସୂଚନା ଦିଆଯାଇଛି ।

ଇଣ୍ଡିଆନ ସାଇବର କ୍ରାଇମ କୋଅର୍ଡିନେସନ ସେଣ୍ଟର (ଆଇ୪ସି)ର ରିପୋର୍ଟ ଅନୁଯାୟୀ, ସାଇବର ଠକମାନେ ୩୦ରୁ ୬୦ ବର୍ଷ ବୟସ୍କଙ୍କୁ ସର୍ବାଧିକ ନିଶାଣ କରୁଛନ୍ତି । ସିଲିକନ ସିଟି, ଦିଲ୍ଲୀ-ଏନ୍‌ସିଆର ଏବଂ ହାଇଦରାବାଦରୁ ଏଭଳି ଠକେଇର ୬୫ ପ୍ରତିଶତ ମାମଲା ସାମ୍ନାକୁ ଆସିଛି । ଏହି ଠକାମିରେ ବେଙ୍ଗାଲୁରୁ ସର୍ବାଧିକ ପ୍ରଭାବିତ ହୋଇଛି । ଗତ ୬ ମାସରେ ଲୋକେ ହରାଇଥିବା ଅର୍ଥର ୨୬.୩୮ ପ୍ରତିଶତ ଲୁଟ୍ ବେଙ୍ଗାଲୁରୁରେ ହୋଇଛି । ଏହି ସବୁ ସହର ସାଇବର ଠକଙ୍କ ନଜରରେ ରହିଛି । ଟଙ୍କା ଚାହୁଁଥିବା ଲୋକଙ୍କୁ ସାଇବର ଠକ ନିଜର ଶିକାର ବନାଉଛନ୍ତି ।

**ବେଙ୍ଗାଲୁରୁର ସର୍ବାଧିକ ବ୍ୟକ୍ତି ଠକାମିର ଶିକାର**

**ମୁଣ୍ଡପିଛା ଠକେଇରେ ଦିଲ୍ଲୀ ଆଗରେ**

ଗତ କିଛି ବର୍ଷ ହେଲା ଏଭଳି ଠକେଇ ଦ୍ରୁତଗତିରେ ବୃଦ୍ଧି ପାଇବାରେ ଲାଗିଛି । ବରିଷ୍ଠ ନାଗରିକ ମଧ୍ୟ ଏଥିରୁ ବାଦ୍ ପଡୁନାହାନ୍ତି । ଏହି ବୟସର ୨୮୨୯ ଜଣ ଠକାମିର ଶିକାର ହୋଇଛନ୍ତି ।

ନିବେଶ ଠକେଇ ଏକ ବଡ଼ ସମସ୍ୟା ପାଲଟି ଗଲାଣି । ସାଇବର ଠକମାନେ ଜଣଙ୍କଠାରୁ ହାରାହାରି ପ୍ରାୟ ୫୧.୩୮ ଲକ୍ଷ ଟଙ୍କା ଲୁଟି ନେଇଛନ୍ତି । ଏହା ଲୋକଙ୍କ ଆର୍ଥିକ ସ୍ଥିତି ଉପରେ ଗଭୀର ପ୍ରଭାବ ପକାଉଛି । ତେବେ ମୁଣ୍ଡ ପିଛା ଠକେଇରେ ଦିଲ୍ଲୀ ଆଗରେ ରହିଛି । ଏଠାରେ ଜଣେ ପିଛା ପ୍ରାୟ ୮ ଲକ୍ଷ ଟଙ୍କା ହରାଇଛନ୍ତି । ଏଭଳି ଠକେଇ ପାଇଁ ସାଇବରଠକ ଯୋଜନାବଦ୍ଧ ପ୍ରୟାସ କରୁଛନ୍ତି । ମେସେଜିଂ ଆପ୍, ଡିଜିଟାଲ ଚ୍ୟାନେଲ, ସାମାଜିକ ଗଣମାଧ୍ୟମ ପ୍ଲାଟଫର୍ମ ଏଥିରେ ପ୍ରମୁଖ ଭୂମିକା ନେଉଛି । ଟେଲିଗ୍ରାମ ଏବଂ ହ୍ୱାଟସଆପ ଆକାଉଣ୍ଟ ମାଧ୍ୟମରେ ପ୍ରାୟ ୨୦ ପ୍ରତିଶତ ଠକେଇ ହେଉଛି । ସୁବିଧାରେ ଗ୍ରୁପ ତିଆରି କରି ବନେଇଚୁନେଇ କହିପାରିଲେ ଲୋକେ ଭରସାକୁ ନେଇ ଯାଉଛନ୍ତି ।

ରିପୋର୍ଟ ଅନୁଯାୟୀ ଏହି ଠକେଇ ପାଇଁ ଲିଙ୍କଡଇନ ଏବଂ ଟ୍ୱିଟର ଭଳି ପ୍ଲାଟଫର୍ମକୁ ସବୁଠୁ କମ୍ ବ୍ୟବହାର କରାଯାଉଛି । ମୋଟ ଠକେଇରେ ଏହାର ଯୋଗଦାନ ମାତ୍ର ୦.୩୩ ପ୍ରତିଶତ ରହିଛି । ଅନ୍ୟ ଶ୍ରେଣୀର ଲେବୁଲ ପାଇଥିବା ପ୍ଲାଟଫର୍ମ ମାଧ୍ୟମରେ ପ୍ରାୟ ୪୧.୮୭ ପ୍ରତିଶତ ଠକେଇ ହେଉଛି । ଅର୍ଥାତ୍ ଯାଞ୍ଚ କରାଯାଇ ନ ଥିବା ପ୍ଲାଟଫର୍ମକୁ ବ୍ୟବହାର କରି ସାଇବର ଲୋକଙ୍କୁ ଲୁଟିବାରେ ଲାଗିଛନ୍ତି ।


# ଦିଲ୍ଲୀ ବିମାନକୁ ଧକ୍କା ଦେଲା ପକ୍ଷୀ

ନୂଆଦିଲ୍ଲୀ, ୨୫ ।୧୦(ଏଜେନ୍ସି): ନାଗପୁରରୁ ରାଜଧାନୀ ଦିଲ୍ଲୀ ଯାଉଥିବା ଏୟାର ଇଣ୍ଡିଆ ବିମାନ ଏଆଇ- ୪୬୬କୁ ଏକ ପକ୍ଷୀ ଧକ୍କା ଦେଇଥିଲା । ନାଗପୁର ରନୱେରେ ଶୁକ୍ରବାର ବିମାନ ଟେକ୍ ଅଫ୍ କରିବାର କିଛି ମିନିଟ୍ ମଧ୍ୟରେ ଏହି ଘଟଣା ଘଟିଥିଲା । ଫଳରେ ବିମାନ ପ୍ରତ୍ୟାବର୍ତ୍ତନ କରି ପୁଣି ଥରେ ନାଗପୁର ବିମାନବନ୍ଦରରେ ଅବତରଣ କରିଥିଲା । ଏଥିରେ କୌଣସି କ୍ଷୟକ୍ଷତି ହୋଇନାହିଁ ଓ ସବୁ ୧୭୦ ଜଣ ଯାତ୍ରୀ ସୁରକ୍ଷିତ ଅଛନ୍ତି ବୋଲି ବିମାନ ବନ୍ଦର କର୍ତ୍ତୃପକ୍ଷ ସୂଚନା ଦେଇଛନ୍ତି । ବିମାନ ଉପରକୁ ଉଠିବା ପରେ ପକ୍ଷୀଟି ଇଞ୍ଜିନ କିମ୍ବା ଡେଣା ପାଖରେ ଧକ୍କା ଦେଇଥିଲା । ଏଭଳି ଘଟଣା ବିମାନର ଟେକ୍ ଅଫ୍ କିମ୍ବା ଲ୍ୟାଣ୍ଡିଂ ବେଳେ ଘଟିଥାଏ । ପକ୍ଷୀ ମାଡ ହେବା ପରେ ପାଇଲଟ ତୁରନ୍ତ ମାନୁଆଲ ରିଟର୍ଣ୍ଣ ଟୁ ଅରିଜିନାଲ (ଆରଟିଓ)ର ନିଷ୍ପତ୍ତି ନେଇଥିଲେ । ଏହାପରେ ପାଇଲଟ୍ ଏୟାର ଟ୍ରାଫିକ କଣ୍ଟ୍ରୋଲ (ଏଟିସି)କୁ ସୂଚନା ଦେଇଥିଲେ ଓ ସୁରକ୍ଷିତ ଭାବେ ବିମାନକୁ ଅବତରଣ କରାଇବାକୁ ପ୍ରସ୍ତୁତି କରିଥିଲେ । ଏହାପରେ ବିନା କୌଣସି ସମସ୍ୟାରେ ବିମାନକୁ ସୁରକ୍ଷିତ ଭାବେ ଅବତରଣ କରାଯାଇଥିଲା ।

# କ୍ୟାମେରା ସାମ୍ନାରେ ଦୁଇଭାଇଙ୍କୁ ହତ୍ୟା

ଶାହଦୋଲ, ୨୫ ।୧୦(ଏଜେନ୍ସି): ମଧ୍ୟପ୍ରଦେଶର ଶାହଦୋଲର କେଶଭି ଥାନା ଅଞ୍ଚଳରେ ଥିବା ବଲବାହାର ଗାଁରେ ଏକ ବିଚଳିତ କଲା ଭଳି ଘଟଣା ସାମ୍ନାକୁ ଆସିଛି । କ୍ୟାମେରା ସାମ୍ନାରେ ଦୁଇ ଭାଇଙ୍କୁ ଅତି ନିର୍ମମ ଭାବେ ହତ୍ୟା କରାଯାଇଛି । ଖଣ୍ଡା, ଟାଙ୍ଗିଆ ଓ ବାଡ଼ି ସାହାଯ୍ୟରେ ଦୁଇ ଭାଇଙ୍କୁ ଆକ୍ରମଣ କରି ଏହି କାଣ୍ଡ ଘଟାଯାଇଛି । ଘଟଣା ସ୍ଥଳରେ ହିଁ ଦୁଇ ଭାଇ ମୃତ୍ୟୁବରଣ କରିଥିଲେ ଓ ଆଉ ଜଣେ ଆହତ ହୋଇଥିଲେ । ଆହତ ଜଣକ ହସ୍ପିଟାଲରେ ଚିକିତ୍ସିତ ହେଉଛନ୍ତି । ଜମିବାଡ଼ି ବିବାଦ କାରଣରୁ ଏହି ଡବଲ ମର୍ଡର ହୋଇଛି ବୋଲି ପୁଲିସ ଅନୁମାନ କରିଛି । ଦୁଇଭାଇ ନିଜର ଅଟୋପାର୍ଟସ୍ ଦୋକାନରେ ଦୀପ ଜାଳିବାକୁ ଯାଇଥିଲେ । ଏତିକି ବେଳେ ୧୦ରୁ ଉର୍ଦ୍ଧ୍ୱ ଲୋକ ଆକ୍ରମଣ କରିଥିଲେ । ଏହି ଘଟଣା ପରେ ସ୍ଥାନୀୟ ଅଞ୍ଚଳରେ ଆତଙ୍କ ଖେଳିଯାଇଛି । ପୁଲିସ ଏହି ଘଟଣାରେ ୮ ଜଣ ଅଭିଯୁକ୍ତଙ୍କୁ ଗିରଫ କରିଛି । ବାକି ଅଭିଯୁକ୍ତଙ୍କୁ ଗିରଫ କରିବାକୁ ପୁଲିସ ଖୋଜା ଜାରି ରଖିଛି ।

# ୟୁକ୍ରେନରେ ପୁଣି ରୁଷ ଆକ୍ରମଣ: ୪ ମୃତ



କିଭ, ୨୫।୧୦ (ଏଜେନ୍ସି): ରୁଷ-ୟୁକ୍ରେନ ଯୁଦ୍ଧ ଥମିବା ପରିବର୍ତ୍ତେ ଭୟଙ୍କର ରୂପ ଧାରଣ କରିବାରେ ଲାଗିଛି । ଆମେରିକା ପ୍ରୟାସ ସତ୍ତ୍ୱେ ଏହି ଯୁଦ୍ଧରେ ବ୍ରେକ୍ ଲାଗିପାରୁନାହିଁ । ତେଣୁ ରୁଷ୍ କମ୍ପାନୀ ଉପରେ ଆମେରିକା କଟକଣା ଲଗାଇବାର ଦୁଇ ଦିନ ପରେ ଭ୍ଲାଦିମିର ପୁଟିନଙ୍କ ସେନା ଶୁକ୍ରବାର ରାତିରେ ୟୁକ୍ରେନ ରାଜଧାନୀ କିଭରେ ଭୟଙ୍କର ଆକ୍ରମଣ କରିଛି । ଏଥିରେ ଇସ୍କନ୍ଦର ବାଲିଷ୍ଟିକ୍ କ୍ଷେପଣାସ୍ତ୍ର ବ୍ୟବହାର କରାଯାଇଛି । ଏହା ୟୁକ୍ରେନର ଶକ୍ତି ଭିତ୍ତିଭୂମି ଏବଂ ରେଳ ବ୍ୟବସ୍ଥାକୁ ଧ୍ୱଂସ କରିଦେଇଛି । ଏହି ଆକ୍ରମଣରେ ଚାରି ଜଣ ସାଧାରଣ ନାଗରିକ ପ୍ରାଣ ହରାଇଛନ୍ତି ଏବଂ ୧୩ ଜଣ ଆହତ ହୋଇଛନ୍ତି । ୟୁକ୍ରେନ ସରକାର ଏହାକୁ "ଯୁଦ୍ଧ ଅପରାଧ" କହିଛନ୍ତି । ତୁରନ୍ତ ଅନ୍ତର୍ଜାତୀୟ ସମୁଦାୟର ହସ୍ତକ୍ଷେପ କରିବାକୁ ୟୁକ୍ରେନ ଦାବି କରିଛି ।

ରାତି ପ୍ରାୟ ୧୧ଟାରେ ରୁଷ ଏହି ଆକ୍ରମଣ କରିଥିଲା । କିଭ୍ ଉପକଣ୍ଠରେ ଥିବା ପ୍ରମୁଖ ବିଦ୍ୟୁତ୍ କେନ୍ଦ୍ର, ରେଳ ଜଙ୍କସନ୍ ଏବଂ କୋଇଲା ଖଣିକୁ ନିଶାଣ କରାଯାଇଥିଲା । ୫୦୦ କିମି ପର୍ଯ୍ୟନ୍ତ ଲକ୍ଷ୍ୟ ଭେଦ କରିପାରୁଥିବା ଏବଂ ୭୦୦ କେଜି ବିସ୍ଫୋରକ ବହନ କରିପାରୁଥିବା ଇସ୍କନ୍ଦର୍ କ୍ଷେପଣାସ୍ତ୍ରଗୁଡ଼ିକ ସହରର ବିଦ୍ୟୁତ୍ ଗ୍ରୀଡ୍‌କୁ ଅଚଳ କରିଦେଇଥିଲା । ଏଥିଯୋଗୁଁ ବିଦ୍ୟୁତ ଯୋଗାଣ ପ୍ରଭାବିତ ହୋଇଛି । ସେହିପରି ଦିପ୍ରୋପେଟ୍ରୋଭାସ୍କ ଓବ୍ଲାଷ୍ଟ ଅଞ୍ଚଳରେ ଥିବା କୋଇଲା ଖଣି ଉପରେ ରୁଷ ଆକ୍ରମଣ କରିଛି । ଏହି ସମୟରେ ଭୂତଳ ଖଣିରେ ୪୯୬ ଜଣ ଶ୍ରମିକ କାମ କରୁଥିଲେ । ତେବେ ଶ୍ରମିକଙ୍କ କୌଣସି କ୍ଷତି ହୋଇ ନ ଥିବା ଜଣାପଡିଛି । ଗତ ଦୁଇ ସପ୍ତାହ ମଧ୍ୟରେ ସପ୍ତମ ଥର ପାଇଁ କୋଇଲା ଖଣି ଉପରେ ଏପରି ଆକ୍ରମଣ କରାଯାଇଛି ।

# ପାକିସ୍ତାନର ପରମାଣୁ ନିୟନ୍ତ୍ରଣ ବ୍ୟବସ୍ଥାକୁ ଆମେରିକା ହାତରେ ଟେକିଦେଇଥିଲେ ମୁଶାରଫ୍!

ୱାସିଂଟନ, ୨୫।୧୦ (ଏଜେନ୍ସି): ପାକିସ୍ତାନର ପୂର୍ବତନ ରାଷ୍ଟ୍ରପତି ପରଭେଜ ମୁଶାରଫ ଆମେରିକା ପାଖରେ ନିଜକୁ ବିକ୍ରି କରିଦେଇଥିଲେ । ସେ ଦେଶର ପରମାଣୁ ଅସ୍ତ୍ରଶସ୍ତ୍ରକୁ ଆମେରିକାକୁ ପ୍ରଦାନ କରିଦେଇଥିଲେ । ୧୫ ବର୍ଷ ପର୍ଯ୍ୟନ୍ତ ପାକିସ୍ତାନରେ କାମ କରିଥିବା ଆମେରିକାର ପୂର୍ବତନ ଗୁଇନ୍ଦା ଅଧିକାରୀ ଜନ୍ କିରାକାଉ ଏହି ଗୁମର ଖୋଲିଛନ୍ତି । ପାକିସ୍ତାନରେ ଆତଙ୍କବାଦୀ ନିରୋଧି ଅଭିଯାନର ମୁଖ୍ୟ ଭାବେ କାର୍ଯ୍ୟ କରିଥିବା କିରିକାଉ ଅନେକ ବଡ଼ ବଡ଼ ଦାବି କରିଛନ୍ତି । ପାକିସ୍ତାନ ସହ ଆମେରିକାର ଡିଲ୍, ପରମାଣୁ କୂଟନୀତିରେ ସାଉଦି ଆରବର ପ୍ରଭାବ ଏବଂ କ୍ଷମତା କେନ୍ଦ୍ର ଦକ୍ଷିଣ ଏସିଆକୁ ସ୍ଥାନାନ୍ତର ହେବାକୁ ନେଇ ଅନେକ ସୂଚନା ଦେଇଛନ୍ତି । ସେ ଏକ ସାକ୍ଷାତକାରରେ ଦାବି କରିଛନ୍ତି ଯେ ଲକ୍ଷ ଲକ୍ଷ ଡଲାରର ସାମରିକ ଏବଂ ଆର୍ଥିକ ସହାୟତା ଦେଇ ପରଭେଜ ମୁଶାରଫଙ୍କୁ ଆମେରିକା କିଣି ନେଇଥିଲା । ଏହା ବଦଳରେ ମୁଶାରଫ ଆମେରିକାକୁ ସବୁ କିଛି କରିବାକୁ ଦେଇଥିଲେ । ତାଙ୍କ ଶାସନକାଳରେ ପାକିସ୍ତାନର ସୁରକ୍ଷା ଏବଂ ସାମରିକ କାର୍ଯ୍ୟକଳାପ ସମ୍ପୂର୍ଣ୍ଣ ଭାବେ ଆମେରିକା ନିୟନ୍ତ୍ରଣରେ ଥିଲା । ତେବେ ମୁଶାରଫ ଦୋମୁହାଁ ନୀତି ଅବଲମ୍ବନ କରିଥିଲେ । ଗୋଟିଏ ପଟେ ଆମେରିକା ସହ ଦେଖେଇ ହେଉଥିଲେ ଏବଂ ଅନ୍ୟପଟେ ପାକ୍ ସେନା ଓ ଆତଙ୍କବାଦୀଙ୍କୁ ଭାରତ ବିରୋଧୀ କାର୍ଯ୍ୟକଳାପ ଜାରି ରଖିବାକୁ ଅନୁମତି ଦେଇଥିଲେ ।

କିରାକାଉ ଦାବି କରିଛନ୍ତି ଯେ ୨୦୦୨ରେ ଭାରତ ଏବଂ ପାକିସ୍ତାନ ମଧ୍ୟରେ ଯୁଦ୍ଧ ହେବାର ଥିଲା । ଇସଲାମାବାଦରୁ ଆମେରିକୀୟ ଅଧିକାରୀଙ୍କ ପରିବାରକୁ ବାହାର କରିଦିଆଯାଇଥିଲା । ତେଣୁ ଦୁଇ ଦେଶ ମଧ୍ୟରେ ଯୁଦ୍ଧ ହେବାର ଆଶଙ୍କା ରହିଥିଲା । ସେହିପରି ୨୦୦୧ର ସଂସଦ ଆକ୍ରମଣ ପରେ ଭାରତ 'ଅପରେସନ ପରାକ୍ରମ' ଆରମ୍ଭ କରିଥିଲା । ତେବେ ଆମେରିକା ଉପବିଦେଶ ମନ୍ତ୍ରୀ ଦିଲ୍ଲୀ ଏବଂ ଇସଲାମାବାଦ ଗସ୍ତ କରି ଦୁଇ ଦେଶ ମଧ୍ୟରେ ଚୁକ୍ତି କରାଇ ଥିଲେ । ୨୦୦୮ ମୁମ୍ବଇ ଆକ୍ରମଣକୁ ନେଇ କିରାକାଉ କହିଥିଲେ ଯେ ପାକିସ୍ତାନକୁ ଅଲକାଏଦାର ଚିନ୍ତା ନ ଥିଲା । ଏହି ଆକ୍ରମଣ ଅଲକାଏଦା ନୁହେଁ, ପାକିସ୍ତାନ କରିଥିଲା । ଏହି ଦେଶ ଭାରତରେ ଆତଙ୍କବାଦୀ କାର୍ଯ୍ୟକଳାପ ବଢାଉ ଥିଲା । ଏହାକୁ ବନ୍ଦ କରିବାକୁ କିଛି କରି ନ ଥିଲା । ସେହିପରି ପାକିସ୍ତାନ ପରମାଣୁ ବୈଜ୍ଞାନିକ ଅବଦୁଲ କାଦିର ଖାନଙ୍କୁ ସାଉଦି ଆରବ ସୁରକ୍ଷା ଦେଇଥିବା ସେ ଦାବି କରିଛନ୍ତି । କାଦିରଙ୍କୁ କିଛି ନ କରିବା ପାଇଁ ସାଉଦି ଆମେରିକାକୁ କହିଥିଲା । ତେଣୁ ତାଙ୍କୁ ଛାଡ଼ି ଦିଆଯାଇଥିଲା । କିରାକାଉ ଆମେରିକା ବିଦେଶୀ ନୀତି ଉପରେ ପ୍ରଶ୍ନ ଉଠାଇଛନ୍ତି । ଆମେରିକା କେବଳ ଗଣତନ୍ତ୍ରକୁ ନେଇ ଦେଖେଇ ହେଉଛି ତଥା ଛଳ କରୁଛି । କିନ୍ତୁ ପ୍ରକୃତରେ ଆମେରିକା ନିଜ ସ୍ୱାର୍ଥ ଅନୁଯାୟୀ କାମ କରୁଛି । ସାଉଦି ଏବଂ ଆମେରିକାର ସମ୍ପର୍କ ମଧ୍ୟ କାରବାର ଉପରେ ଆଧାରିତ । ଏବେ ବିଶ୍ୱରେ ଶକ୍ତି ସନ୍ତୁଳନ ବଦଳିବାରେ ଲାଗିଛି । ସାଉଦି, ଚୀନ୍ ଏବଂ ଭାରତ ନିଜ ରଣନୈତିକ ଭୂମିକାକୁ ନୂଆ ରୂପ ଦେଉଛନ୍ତି ।

## ଅମିତ ମଲ୍ଲିକ ଟେଲିଫୋନ୍ ଆଡ୍‌ଭାଇଜରୀ କମିଟି ସଦସ୍ୟ ମନୋନୀତ

ଭୁବନେଶ୍ୱର,୨୫।୧୦(ସମିସ): ଅମିତ କୁମାର ମଲ୍ଲିକଙ୍କୁ ଭୁବନେଶ୍ୱର ବାଣିଜ୍ୟିକ କ୍ଷେତ୍ରର ଟେଲିଫୋନ୍ ଆଡ୍‌ଭାଇଜରୀ କମିଟିର ସଦସ୍ୟ



(ଟିଏସି) ଭାବେ ମନୋନୀତ କରାଯାଇଛି। ଏହି କମିଟି ଜୁଲାଇ ୨୦୨୬ ପର୍ଯ୍ୟନ୍ତ ଗଠନ କରାଯାଇଥିବା ଡିଏମ୍(ପିଏଚ୍‌ବି) ସୀମା ସୁଦ୍ ସୂଚନା ଦେଇଛନ୍ତି। ପ୍ରିନ୍ସିପାଲ୍ ଜେନେରାଲ୍ ମ୍ୟାନେଜର, ଭୁବନେଶ୍ୱର ବ୍ୟାବସାୟିକ କ୍ଷେତ୍ର କାର୍ଯ୍ୟାଳୟ ପକ୍ଷରୁ ଶ୍ରୀ ମଲ୍ଲିକଙ୍କୁ ପତ୍ର ମାଧ୍ୟମରେ ତାଙ୍କ ସଦସ୍ୟତା ସଂପର୍କରେ ଅବଗତ କରାଯାଇଛି। ଟିଏସି ସଦସ୍ୟ ମନୋନୟନ ସଂପର୍କରେ ଶ୍ରୀ ମଲ୍ଲିକଙ୍କଠାରୁ ସମ୍ମତି ଲୋଡ଼ାଯାଇଥିଲା। ସେ ତାଙ୍କ ସମ୍ମତିପତ୍ରକୁ ପ୍ରିନ୍ସିପାଲ୍ ଜେନେରାଲ୍ ମ୍ୟାନେଜର ଭୁବନେଶ୍ୱର ବ୍ୟାବସାୟିକ କ୍ଷେତ୍ର ଏବଂ ଟିଏସିର ସଦସ୍ୟ ସଚିବଙ୍କ ନିକଟକୁ ପଠାଇଦେବା ସହ ସଦସ୍ୟ ମନୋନୟନ ପାଇଁ ଧନ୍ୟବାଦ ଜଣାଇଛନ୍ତି।

## ଖୋଲିଲା ରାଜ୍ୟ ଛାତ୍ରବୃତ୍ତି ପୋର୍ଟାଲ୍

### ସପ୍ତାହେ ବଢ଼ିବ ଆବେଦନ ଅବଧି

ଭୁବନେଶ୍ୱର, ୨୫।୧୦(ସମିସ): ଷ୍ଟେଟ୍ ସ୍କଲାର୍‌ସିପ୍ ପୋର୍ଟାଲ୍ ପୁଣିଥରେ ସଚଳ ହୋଇଛି। ଗତକାଲି ୱେବ୍‌ସାଇଟ୍ ସମ୍ପୂର୍ଣ୍ଣ କ୍ରାସ୍ ହୋଇଯିବା ଫଳରେ ଛାତ୍ରଛାତ୍ରୀମାନେ ବୃତ୍ତି ପାଇଁ ଆବେଦନ କରିପାରି ନ ଥିଲେ। ଏପରିକି ଗୋପବନ୍ଧୁ ଶିକ୍ଷା ସହାୟତା ଯୋଜନା, ବ୍ୟାସକବି ଫକୀର ମୋହନ ସ୍କଲାରସିପ୍ ଏବଂ ଇ-ମେଧାବୃତ୍ତି ସ୍କଲାରସିପ୍ ପାଇଁ ଗତକାଲି ଅର୍ଥାତ୍ ଶୁକ୍ରବାର ଶେଷ ତାରିଖ ହୋଇଥିବାରୁ ବହୁ ଛାତ୍ରଛାତ୍ରୀ ଛାତ୍ରବୃତ୍ତି ଆବେଦନରୁ ବଞ୍ଚିତ ହୋଇଥିଲେ। ଅଚଳ ୱେବସାଇଟ୍‌ର ସ୍କ୍ରିନ୍‌ସଟ୍ ନେଇ ସାମାଜିକ ଗଣମାଧ୍ୟମ 'ଏକ୍ସ'ରେ ଅନେକ ପିଲା ପୋଷ୍ଟ କରିବା ସହ ଆବେଦନ ଅବଧି ବଢ଼ାଇବାକୁ ଦାବି କରିଥିଲେ। ଏ ସମ୍ପର୍କରେ ଉଚ୍ଚଶିକ୍ଷା ବିଭାଗର ସ୍କୋଲାର୍‌ସିପ୍ ଦାୟିତ୍ୱରେ ଥିବା ଯୁଗ୍ମ ସଚିବ ଅଶୋକ କୁମାର ଗୌଡ଼ କହିଛନ୍ତି ଯେ ପିଲାଙ୍କ ଅଭିଯୋଗ ଓ ଅନୁରୋଧକୁ ବିଚାର କରି ଆବେଦନ ଅବଧି ବୃଦ୍ଧି କରିବାକୁ ନିଷ୍ପତ୍ତି ହୋଇଛି। ରବିବାର ବା ସୋମବାର ୫ରୁ ୭ ଦିନ ପର୍ଯ୍ୟନ୍ତ ଆବେଦନ ଅବଧି ବଢ଼ାଇବାକୁ ବିଜ୍ଞପ୍ତି ପ୍ରକାଶ ପାଇବ। ହେଲେ ଛାତ୍ରଛାତ୍ରୀମାନେ ଯଥାଶିଘ୍ର ଆବେଦନ କରିବାକୁ ପରାମର୍ଶ ଦେବା ସହ ଅଧିକରୁ ଅଧିକ ପିଲା ଆବେଦନ କରିବାକୁ ଆହ୍ୱାନ ଦେଇଛନ୍ତି।

■ ହାଇକୋର୍ଟରେ ସମ୍ବଲପୁର ସଂସଦୀୟ କ୍ଷେତ୍ର ନିର୍ବାଚନୀ ମାମଲା

## ୭ ସୁଦ୍ଧା ଜରିମାନା ରାଶି ପଇଠ ନ କଲେ ଆବେଦନକାରୀଙ୍କ ବିରୋଧରେ ଓପିଡିଆର୍ ପ୍ରୋସିଡିଂ

କଟକ, ୨୫।୧୦ (ସମିସ): ସମ୍ବଲପୁର ସଂସଦୀୟ କ୍ଷେତ୍ରରୁ ନିର୍ବାଚିତ ସାଂସଦ ଧର୍ମେନ୍ଦ୍ର ପ୍ରଧାନଙ୍କ ବିରୋଧରେ ତ୍ରୁଟିପୂର୍ଣ୍ଣ ସତ୍ୟପାଠ ଦାଖଲ ଅଭିଯୋଗ ଆଣି ନିର୍ବାଚନୀ ମକଦ୍ଦମା ଦାୟର କରିଥିବା ଆବେଦନକାରୀ ଡ. ସୁବାସ ମହାପାତ୍ରଙ୍କୁ ହାଇକୋର୍ଟ ବାର୍ କଲ୍ୟାଣ ପାଣ୍ଠିରେ ୧୦ହଜାର ଟଙ୍କା ଦଣ୍ଡ ରାଶି ପଇଠ ପାଇଁ ହାଇକୋର୍ଟ ଗତ ଅକ୍ଟୋବର ୧୦ ତାରିଖରେ ନିର୍ଦ୍ଦେଶ ଦେଇଥିଲେ। ହେଲେ ଏହା ପଇଠ ହୋଇନଥିବା ନେଇ ହାଇକୋର୍ଟ ଅସନ୍ତୋଷ ପ୍ରକାଶ କରିଛନ୍ତି। ଆସନ୍ତା ନଭେମ୍ବର ୭ ତାରିଖ ସୁଦ୍ଧା ଯଦି ଆବେଦନକାରୀ ଉକ୍ତ ଜରିମାନା ରାଶି ଜମା ନ କରନ୍ତି, ତାହେଲେ ତାଙ୍କ ବିରୋଧରେ ଓପିଡିଆର (ଓଡ଼ିଶା ପବ୍ଲିକ ଡିମାଣ୍ଡ ରିକଭରି) ଆକ୍ଟ-୧୯୬୨ଅନୁସାରେ ସାର୍ଟିଫିକେଟ୍ ପ୍ରୋସିଡିଂ କରାଯାଇ ଅର୍ଥ ଅସୁଲ କରାଯିବ ବୋଲି ହାଇକୋର୍ଟ କହିଛନ୍ତି। ଜଷ୍ଟିସ୍ ସଂଜୟ କୁମାର ମିଶ୍ର ଏପରି ନିର୍ଦ୍ଦେଶ ପ୍ରଦାନ କରିଛନ୍ତି।

ପ୍ରକାଶଥାଉକି ପ୍ରତିପକ୍ଷ ଶ୍ରୀ ପ୍ରଧାନଙ୍କ ପକ୍ଷରୁ ମାମଲା ପରିଚାଳନା କରୁଥିବା ବରିଷ୍ଠ ଆଇନଜୀବୀ ଗୋପାଳ ଅଗ୍ରୱାଲଙ୍କ ଯୋଗ୍ୟତା ଉପରେ ଆପତ୍ତି ଉଠାଇ ଆବେଦନକାରୀ ଡ. ମହାପାତ୍ର ଦାଖଲ କରିଥିବା ଅନ୍ତରୀଣ ଆବେଦନକୁ ଅଦାଲତ ଖାରଜ କରି ଗତ ଅକ୍ଟୋବର ୧୦ତାରିଖରେ ୧୦ହଜାର ଜରିମାନା ରାଶି ଧାର୍ଯ୍ୟ କରିଥିଲେ। ଆବେଦନକାରୀଙ୍କ ଦ୍ୱାରା ଦାଖଲ କରାଯାଇଥିବା ଅନ୍ତରୀଣ ଆବେଦନଗୁଡ଼ିକ ଅଯଥା ଏବଂ ଅଦାଲତଙ୍କ ମୂଲ୍ୟବାନ ନ୍ୟାୟିକ ସମୟର ଅପଚୟ ବୋଲି ହାଇକୋର୍ଟ କହିଥିଲେ। ଏହି ଅର୍ଥ ରାଶି ପଇଠ ନକରି ଆବେଦନକରୀ ଅଧିକ ସମୟ ଲୋଡ଼ିବା ସହ ଏକ ଅନ୍ତରୀଣ ଆବେଦନ ରୁଜୁ କରିଥିଲେ। ଏହି ଅନ୍ତରୀଣ ଆବେଦନର ଶୁଣାଣି ଆଉ ନ ଘୁଞ୍ଚାଇ ଆବେଦନକାରୀଙ୍କୁ ଆସନ୍ତା ନଭେମ୍ବର ୭ ପର୍ଯ୍ୟନ୍ତ ସମୟ ପ୍ରଦାନ କରିଛନ୍ତି ଅଦାଲତ।

### ରାଜ୍ୟରେ ସାଇବର୍ ଠକେଇର ଭୟାବହତା

# ୯ ମାସରେ ଉଡ଼ାଇନେଲେ ୩୨୪ କୋଟି

ଭୁବନେଶ୍ୱର, ୨୫।୧୦ (ସମିସ): ବ୍ୟାଙ୍କରେ ଜମା ଅପେକ୍ଷା ପୁଞ୍ଜି ବଜାରରେ ଲାଭର ପରିମାଣ ଅଧିକ ଥିବାରୁ ଅନେକ ଲୋକ ସେଥିରେ ନିବେଶ କରୁଛନ୍ତି। ହେଲେ ସାଇବର୍ ଠକମାନେ ଏହାର ଭରପୂର୍ ଫାଇଦା ଉଠାଇ ଲୋକଙ୍କ ଆକାଉଣ୍ଟ ଖାଲି କରିଦେଉଛନ୍ତି। ଫେସବୁକ୍, ହ୍ୱାଟ୍ସଆପ୍, ଇନ୍‌ଷ୍ଟାଗ୍ରାମ୍ ଭଳି ସାମାଜିକ ଗଣମାଧ୍ୟମରେ ମିଥ୍ୟା ଲୋଭନୀୟ ବିଜ୍ଞାପନ ଦେଇ ଲୋକଙ୍କୁ ଫସାଉଛନ୍ତି।

■ ଫସିଲେଣି ୩୭ ହଜାର ଲୋକ
■ ଦିନକୁ କୋଟିଏ ଠକୁଛନ୍ତି ଠକ

ଖାଲି ସେତିକି ନୁହେଁ, ଲୋକଙ୍କ ମୋବାଇଲ ନମ୍ବରକୁ ଲିଙ୍କ୍ ପଠାଇ ଅଧିକ ଲାଭର ପ୍ରତିଶ୍ରୁତି ଦେଉଛନ୍ତି। ଆଉ ଯିଏ ଏମାନଙ୍କ ଜାଲରେ ଫସିଲା ତା'ର ସର୍ବସ୍ୱ ଲୁଟି ନେଉଛନ୍ତି। ଦେଶ ବିଦେଶରେ ବସି ଏହ ଅଦୃଶ୍ୟ ଠକମାନେ ଆଖି ପିଛୁଳାକେ ପୂରା ଆକାଉଣ୍ଟ ଖାଲି କରିଦେଉଛନ୍ତି। ଗତ ୯ ମାସ ମଧ୍ୟରେ ସାଇବର୍ ଠକମାନେ ରାଜ୍ୟରୁ ୩୨୪ କୋଟି ଟଙ୍କା ଠକି ନେଇଛନ୍ତି। ଉଦ୍‌ବେଗଜନକ କଥା ହେଲା, ଅଗଷ୍ଟ ଓ ସେପ୍ଟେମ୍ବର ମାତ୍ର ଦୁଇ ମାସରେ ୧୧୦ କୋଟି ଟଙ୍କା ଉଡ଼ାଇ ନେଇଛନ୍ତି ଅଦୃଶ୍ୟ ଠକ। ଏଥିରୁ ସାଇବର୍ ଠକେଇର ଭୟାବହତା ଜଳଜଳ ହୋଇ ଦିଶୁଛି।

ଏହି କ୍ରମରେ ସାଇବର୍ ଠକମାନେ ପୁଣି ଏକ ବଡ଼ ହାତ ମାରିଛନ୍ତି। ଭଦ୍ରକର ଜଣେ ବ୍ୟବସାୟୀଙ୍କୁ ଜାଲରେ ଫସାଇ ତାଙ୍କଠାରୁ ୧କୋଟି ୬୧ ଲକ୍ଷ ୧୦ ହଜାର ଟଙ୍କା ଠକି ନେଇଛନ୍ତି। ସୂଚନାନୁଯାୟୀ, ପୁଞ୍ଜିବଜାରରେ ନିବେଶ ଲାଗି ଉକ୍ତ ବ୍ୟବସାୟୀଙ୍କ ନିକଟକୁ ଏକ ହ୍ୱାଟ୍ସଆପ ଲିଙ୍କ୍ ଆସିଥିଲା। ଲିଙ୍କରେ କ୍ଲିକ୍ କରିବା ପରେ ସେ ଏକ



ଅଜଣା ଗ୍ରୁପ୍‌ରେ ଯୋଡ଼ି ହୋଇଯାଇଥିଲେ। ଗ୍ରୁପରେ ଥିବା ଅନ୍ୟ ସଦସ୍ୟମାନେ ଏକ ନିର୍ଦ୍ଦିଷ୍ଟ ଟ୍ରେଡିଂ ଆପରେ ଟଙ୍କା ବିନିଯୋଗ କରି ଲାଭବାନ ହୋଇଥିବା ନେଇ ଚର୍ଚ୍ଚା କରୁଥିଲେ। ଏଥିରେ ଭଳି ଯାଇ ବ୍ୟବସାୟୀଜଣଙ୍କ ଠକଙ୍କ କହିବାନୁଯାୟୀ ଗତ ଅଗଷ୍ଟରେ ୪୪ହଜାର ଟଙ୍କାରୁ ନିବେଶ ଆରମ୍ଭ କରିଥିଲେ। ପରେ ଠକମାନେ ତାଙ୍କୁ ଏତେ ଲାଭାଂଶ ଦେଖାଇଥିଲେ ଯେ ସେ ୧କୋଟି ୪୦ଲକ୍ଷ ଟଙ୍କା ନିବେଶ କରିଦେଇଥିଲେ। ହେଲେ ନିକଟରେ ସେ ଟଙ୍କା ଉଠାଇବାକୁ ଚେଷ୍ଟା କରିବା ବେଳକୁ ସାଇବର ଠକ ତାଙ୍କୁ ବିଭିନ୍ନ ଆଳ ଦେଖାଇବା

| ମାସ | ଅଭିଯୋଗର ସଂଖ୍ୟା | ଅଭିଯୋଗର ପରିମାଣ |
|---|---|---|
| ଜାନୁୟାରୀ | ୪୨୯୯ | ୪୧ କୋଟି |
| ଫେବୃୟାରୀ | ୩୬୬୨ | ୨୨କୋଟି |
| ମାର୍ଚ୍ଚ | ୪୦୪୯ | ୨୫ କୋଟି |
| ଏପ୍ରିଲ | ୩୯୪୭ | ୩୩କୋଟି |
| ମେ | ୩୮୭୮ | ୨୩ କୋଟି |
| ଜୁନ୍ | ୩୮୬୭ | ୨୮ କୋଟି |
| ଜୁଲାଇ | ୩୯୯୮ | ୪୨ କୋଟି |
| ଅଗଷ୍ଟ | ୪୩୦୭ | ୨୯ କୋଟି |
| ସେପ୍ଟେମ୍ବର | ୪୮୨୩ | ୮୧କୋଟି |

ସହ ଆକାଉଣ୍ଟ ଅଚଳ କରି ଦେଇଥିଲେ। ଆକାଉଣ୍ଟକୁ ସଚଳ କରିବାକୁ ଠକ ତାଙ୍କୁ ଆହୁରି ଟଙ୍କା ମାଗିଥିଲେ। ମୂଳଧନ ଫେରିପାଇବା ଆଶାରେ ବ୍ୟବସାୟୀଜଣଙ୍କ ଆହୁରି ଦୁଇଟି ପର୍ଯ୍ୟାୟରେ ୨୦ ଲକ୍ଷ ଟଙ୍କା ଦେଇଥିଲେ। ହେଲେ ବ୍ୟବସାୟୀଙ୍କୁ ଟଙ୍କା ଫେରାଇବା ପରିବର୍ତ୍ତେ ତାଙ୍କ ଆପ୍‌କୁ ସ୍ଥାୟୀ ଭାବେ ଅଚଳ କରି ଦିଆଯାଇଥିଲା। ଏନେଇ ସେ ପ୍ରଥମେ ସାଇବର୍ ହେଲ୍ପଡେସ୍କ ଓ ପରେ ସାଇବର ଥାନାରେ ଅଭିଯୋଗ କରିଛନ୍ତି।

ପୁଲିସ ବିଭାଗର କନେଷ୍ଟବଲଠାରୁ ଆରମ୍ଭ କରି ଉଚ୍ଚ ଅଧିକାରୀଙ୍କ ପର୍ଯ୍ୟନ୍ତ, ସମସ୍ତଙ୍କୁ ବିଭିନ୍ନ ସମୟରେ ସାଇବର ତାଲିମ୍ ଦିଆଯାଉଛି। ସାଇବର ଠକେଇରେ କିପରି ରୋକ୍ ଲାଗିବ, ସେନେଇ ମଧ୍ୟ ଓଡ଼ିଶା ପୁଲିସ ରଣକୌଶଳ ପ୍ରସ୍ତୁତ କରିବା ସହ ସଚେତନତା ମଧ୍ୟ କରୁଛି। ହେଲେ ସାଇବର ଠକଙ୍କ ଗୋଟି ଚାଳନା ଆଗରେ ସେସବୁ ଏକପ୍ରକାର ଫେଲ୍ ହୋଇଯାଉଛି। ଗତ ଜାନୁୟାରୀଠାରୁ ସେପ୍ଟେମ୍ବର ମଧ୍ୟରେ ଅର୍ଥାତ୍ ୯ ମାସ ମଧ୍ୟରେ ରାଜ୍ୟରୁ ପ୍ରାୟ ୩୨୪କୋଟି ଟଙ୍କା ଠକେଇ ହୋଇଛି। ସେହି ୯ ମାସ ମଧ୍ୟରେ ରାଜ୍ୟର ପ୍ରାୟ ୩୭ ହଜାର ଲୋକ ସାଇବର ଠକଙ୍କ ଦ୍ୱାରା ଠକେଇର ଶିକାର ହୋଇଛନ୍ତି। ଯଦି ଏଇ ତଥ୍ୟକୁ ହିସାବକୁ ନିଆଯାଏ, ତେବେ ପ୍ରତିଦିନ ହାରାହାରି ୧୪୦ ଓ ମାସକୁ ୪୨୦୦ ଲୋକ ସାଇବର ଠକେଇର ଶିକାର ହେଉଥିବା ବେଳେ ଅଦୃଶ୍ୟ ଠକମାନେ ଦିନକୁ କୋଟିଏ ୨୦ଲକ୍ଷ ଟଙ୍କା ଲୁଟୁଛନ୍ତି। କେତୋଟି ହାତଗଣତି ମାମଲାରେ ପୁଲିସ ସାଇବର ଠକଙ୍କୁ ଧରିବାରେ ସକ୍ଷମ ହେଉଥିବା ବେଳେ ବାକି ମାମଲାରେ ସଫଳତା ହାର ଏକଦମ୍ ନଗଣ୍ୟ।

## ଜମି ଦଲାଲ ସହ ମିଶି ପୁଲିସର ଥାର୍ଡ ଡିଗ୍ରୀ

କଟକ, ୨୫।୧୦ (ସମିସ): ଟାଙ୍ଗୀ ଥାନାରେ ଯୁବକଙ୍କୁ ଥାର୍ଡ ଡିଗ୍ରୀ। ଟାଙ୍ଗୀ ପୁଲିସ ଜଣେ ଯୁବକଙ୍କୁ ୨ ଦିନ ଧରି ଥାନାରେ ନିର୍ଯାତନା ଦେବା, ଅତ୍ୟଧିକ ନିର୍ଯାତନା ଯୋଗୁଁ ଯୁବକଙ୍କ ବ୍ରେନ୍‌ଷ୍ଟ୍ରୋକ୍ ହେବା ଏବଂ ପୁଲିସ ତାଙ୍କୁ ତରବରିଆ ଭାବେ ଏସ୍‌ସିବିରେ ଭର୍ତ୍ତି କରିବା ଘଟଣା ତୀବ୍ର ଆଲୋଡ଼ନ ସୃଷ୍ଟି କରିଛି। ନିର୍ଯାତନାର ଏକ ଭିଡିଓ ସାମାଜିକ ଗଣମାଧ୍ୟମରେ ଭାଇରାଲ ହେବା ପରେ ପୁଲିସ ପାଇଁ ଅଡ଼ୁଆ ବଢ଼ିଛି। ନିର୍ଯାତିତ ଯୁବକଜଣଙ୍କ ହେଲେ, ଶାଳଗାଁ ପଞ୍ଚାୟତ ନାଣ୍ଡୁଆ ଗ୍ରାମର କୃପାସିନ୍ଧୁ ପ୍ରଧାନ। ସ୍ଥାନୀୟ ଜଣେ ଲୋକପ୍ରତିନିଧି ଏବଂ ୨ଜଣ ଜମି ଦଲାଲଙ୍କ ସହ ମିଶି ପୁଲିସ ଏପରି ଅମାନୁଷିକ କାଣ୍ଡ ଭିଆଇଥିବା କୃପାସିନ୍ଧୁଙ୍କ ପରିବାରଲୋକ ଅଭିଯୋଗ କରିଛନ୍ତି। ତେବେ ଏହି ଘଟଣାକୁ ପୁଲିସ ଅସ୍ୱୀକାର କରୁଛି। ଅପରପକ୍ଷେ, ଏଭଳି ପରିସ୍ଥିତିରେ କୃପାସିନ୍ଧୁଙ୍କ ପରିବାର ଭୟରେ ରହିଛନ୍ତି।

କୃପାସିନ୍ଧୁଙ୍କ ପରିବାର ସଦସ୍ୟଙ୍କ କହିବା ଅନୁଯାୟୀ, ଥାନାରେ ପୁଲିସ ତାଙ୍କୁ ମାନସିକ ନିର୍ଯାତନା ଦେଇଥିଲା। ଏଥିରେ ସେ ଥାନାରେ ବ୍ରେନ୍‌ଷ୍ଟ୍ରୋକ୍‌ର ଶିକାର ହୋଇଥିଲେ। ଏବେ ତାଙ୍କର ଏସସିବି ମେଡିସିନ୍ ୱାର୍ଡରେ ଚିକିତ୍ସା ଜାରି ରହିଛି। ତାଙ୍କର ବ୍ରେନ୍‌ଷ୍ଟ୍ରୋକ୍ ଜନିତ ଚିକିତ୍ସା ଚାଲିଥିବା ବେଳେ ମେଡିକାଲ୍ ରିପୋର୍ଟ ନର୍ମାଲ୍ ରହିଥିବା ଡାକ୍ତର କହିଛନ୍ତି। ତାଙ୍କର ମାନସିକ ଅବସ୍ଥା ଠିକ୍ ନଥିବା ଚିକିତ୍ସା କରୁଥିବା ଡାକ୍ତର ସ୍ପଷ୍ଟ କରିଛନ୍ତି।

ମିଳିଥିବା ସୂଚନାନୁଯାୟୀ, ନାଣ୍ଡୁଆ ଗ୍ରାମର କୃପାସିନ୍ଧୁ, ମାଧପୁର ଗ୍ରାମର ଅଜୟ ଜେନା ଓ ଖାଇପଡ଼ିଆ ଗ୍ରାମର ବିଦ୍ୟାଧର ବେହେରା ସାଙ୍ଗ ହୋଇ କିଛି ବର୍ଷ ହେଲା ଜମି କିଣାବିକା କାରବାର

■ ଟାଙ୍ଗୀ ଥାନାରେ ପୁଲିସର ବର୍ବରତା
■ ଥାନାରେ ବ୍ରେନ୍‌ଷ୍ଟ୍ରୋକ୍ ପରେ ଏସ୍‌ସିବିରେ ଭର୍ତ୍ତି
■ ଥାନା ଭିତରେ ଜମି ଦଲାଲ ଦେଇଥିଲେ ହତ୍ୟା ଧମକ

କରୁଥିଲେ। ଉକ୍ତ ସମୟ ମଧ୍ୟରେ ଲାଭାଂଶରୁ କୃପାସିନ୍ଧୁ ୨୦ଗୁଣ୍ଠ ଜମି ନିଜ ନାମରେ କିଣିବାକୁ ସମର୍ଥ ହୋଇଥିଲେ। ରେଜିଷ୍ଟ୍ରେସନ୍ ସମୟରେ ଅଜୟ ଓ ବିଦ୍ୟାଧର ଉପସ୍ଥିତ ରହି ସମସ୍ତ ପ୍ରକାର ସହଯୋଗ କରିଥିଲେ। ପ୍ରାୟ ୧ ବର୍ଷ ତଳେ କିଣାଯାଇଥିବା ଉକ୍ତ ଜମିର ମୂଲ୍ୟ ଦିନକୁ ଦିନ ବୃଦ୍ଧି ପାଇବା ଫଳରେ ଅଜୟ ଓ ବିଦ୍ୟାଧର ଉକ୍ତ ଜମିରେ ନିଜର ଭାଗ ଦାବି କରିଥିଲେ। ଏଥିରେ ଅରାଜି ହେବାରୁ ଥାନାରେ ନକଲି ଚୁକ୍ତିନାମା ବଳରେ ମାମଲା ଦାୟର କରିଥିଲେ। ଫଳରେ ଟାଙ୍ଗୀ ପୁଲିସ୍ ଗତ ମଙ୍ଗଳବାର ଦିନ କୃପାସିନ୍ଧୁଙ୍କୁ ଘରୁ ଉଠାଇ ଆଣି ଜେରା ଆରମ୍ଭ କରିଥିଲା। କିଛି କ୍ଷମତାଶାଳୀ ରାଜନୈତିକ ବ୍ୟକ୍ତିବିଶେଷ ଥାନାରେ ପହଞ୍ଚି ଏହି ଘଟଣାରେ ଚାପ ସୃଷ୍ଟି କରିଥିଲ। ୨ ଦିନ ଥାନାରେ ଅଟକ ରହିବା ପରେ ନିଜ ଭାଗ ପାଇଁ ଅଜୟ ଓ ବିଦ୍ୟାଧର ଚାପ ସୃଷ୍ଟି କରିବାରୁ କୃପାସିନ୍ଧୁ ଅଚେତ ହୋଇ ପଡ଼ିଯାଇଥିଲେ। ପରିବାରଲୋକ ଥାନାରେ ପହଞ୍ଚି ଥାନା କର୍ମଚାରୀ ଥାର୍ଡ ଡିଗ୍ରୀ ଦେଇଥିବା ଗଣମାଧ୍ୟମ ଆଗରେ ଅଭିଯୋଗ କରିଥିଲେ। ପରେ ତାଙ୍କୁ ଥାନା କର୍ମଚାରୀ କଟକ ବଡ଼ ମେଡ଼ିକାଲକୁ ନେଇଥିଲେ। ଡାକ୍ତର ତାଙ୍କୁ ବ୍ରେନ୍‌ଷ୍ଟ୍ରୋକ୍ ହୋଇଛି ବୋଲି କହିଥିଲେ। ପୀଡ଼ିତ କୃପାସିନ୍ଧୁ କ୍ରମଶଃ ସୁସ୍ଥ ହେଉଥିବା ବେଳେ ତାଙ୍କୁ ଥାନାରେ ନିର୍ଯାତନା ଦିଆଯାଇଥିବା ପରିବାର ପକ୍ଷରୁ ଅଭିଯୋଗ କରାଯାଇଛି। ଏ ସଂକ୍ରାନ୍ତରେ ଟାଙ୍ଗୀ ଥାନା ଅଧିକାରୀଙ୍କୁ ପଚାରିବାରୁ ଥାର୍ଡ ଡିଗ୍ରୀ ଏବଂ ମାନସିକ ନିର୍ଯାତନା ଦିଆଯାଇ ନଥିବା ଆଇଆଇସି ଶିବପ୍ରସାଦ ଭଦ୍ର ଜଣାଇଛନ୍ତି।

■ କାଳହେଲା ବାର୍‌ହା ଫାଶ

## ପ୍ରେମିକା ଆଖି ଆଗରେ ଚାଲିଗଲା ପ୍ରେମିକର ଜୀବନ

ସେମିଲିଗୁଡ଼ା, ୨୫।୧୦(ସମିସ): କାଳ ହେଲା ବାର୍‌ହା ଫାଶ। ବିଦ୍ୟୁତ୍ ଆଘାତରେ ପ୍ରେମିକା ଆଖି ଆଗରେ ଚାଲିଗଲା ପ୍ରେମିକର ଜୀବନ। କୋରାପୁଟ ଜିଲ୍ଲା ସେମିଲିଗୁଡ଼ା ବ୍ଲକ୍ ପାକଝୋଲା ପଞ୍ଚାୟତର ଅଲିଗାଁରେ ଏଭଳି ଏକ ଦୁଃଖଦ ଘଟଣା ଘଟିଛି। ମୃତ ଯୁବକଜଣଙ୍କ ହେଲେ, ଘାଟଗୁଡ଼ା ଗ୍ରାମର ସଞ୍ଜୟ ବଡ଼ନାୟକ। ସେ ଦୁଧାରୀ କଲେଜରେ ଯୁକ୍ତ ୨ରେ ପଢୁଥିଲେ। ସେହିପରି ଏହି ଅଘଟଣରେ ସଞ୍ଜୟଙ୍କ ବାନ୍ଧବୀ ଗୁରୁତର ଆହତ ହୋଇଛନ୍ତି। ତାଙ୍କୁ ସ୍ଥାନୀୟ ଏକ ହସ୍ପିଟାଲରେ ଭର୍ତ୍ତି



କରାଯାଇଛି। ସୂଚନା ମୁତାବକ, ସଞ୍ଜୟ ଓ ତାଙ୍କ ବାନ୍ଧବୀ ଅଲିଗାଁ ସ୍କୁଲ ନିକଟସ୍ଥ ପାହାଡ଼ ପାଖକୁ ଯାଇଥିଲେ। ସେଠାରେ ସେମାନେ ଚାଲିଚାଲି ଯାଉଥିବା ବେଳେ ବାର୍‌ହା ଶିକାର ଉଦ୍ଦେଶ୍ୟରେ ବିଛାଯାଇଥିବା ବିଦ୍ୟୁତ୍ ତାର ସଂସ୍ପର୍ଶରେ ଆସିଥିଲେ। ସଞ୍ଜୟଙ୍କ ଗୋଡ଼ ବିଦ୍ୟୁତ୍ ତାରରେ ଲାଗିଯିବାରୁ ଘଟଣାସ୍ଥଳରେ ହିଁ ତାଙ୍କର ମୃତ୍ୟୁ ହୋଇଯାଇଥିଲା। ଏଥିରେ ତାଙ୍କ ବାନ୍ଧବୀ ମଧ୍ୟ ଗୁରୁତର ଆହତ ହୋଇଥିଲେ। ଗ୍ରାମବାସୀଙ୍କଠାରୁ ଖବର ପାଇ ପୁଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଥିଲା। ଏହି ଘଟଣାରେ ପୁଲିସ ଦୁଇଜଣଙ୍କୁ ସନ୍ଦେହରେ ଅଟକ ରଖି ପଚରାଉଚରା କରୁଛି।

## ନୂଆପଡ଼ା ଉପନିର୍ବାଚନରେ ସରକାରୀ ସମ୍ପତ୍ତିର ଦୁରୁପଯୋଗ କରୁଛି ବିଜେପି

ଭୁବନେଶ୍ୱର,୨୫।୧୦(ସମିସ): ନୂଆପଡ଼ା ଉପନିର୍ବାଚନରେ ବିଜେପି ସରକାରୀ ସମ୍ପତ୍ତିର ଦୁରୁପଯୋଗ କରୁଛି। ଆଦର୍ଶ ଆଚରଣ ବିଧିକୁ ବେଖାତିର କରି ଶାସକ ଦଳ ଲଗାଉଥିବା ପୋଷ୍ଟର ପ୍ରତି ପ୍ରଶାସନ ଆଖି ବୁଜି ଦେଇଛି। ଅନ୍ୟପକ୍ଷରେ ନ୍ୟାୟସଙ୍ଗତ ଭାବେ ଲାଗିଥିବା ବିଜେଡିର ପୋଷ୍ଟର, ବ୍ୟାନରକୁ କାଢ଼ି ଫିଙ୍ଗି ଦିଆଯାଉଛି। ଏପରି ସମ୍ବେଦନଶୀଳ ମାମଲାରେ ତୁରନ୍ତ ହସ୍ତକ୍ଷେପ କରିବା ଲାଗି ରାଜ୍ୟ ମୁଖ୍ୟ ନିର୍ବାଚନ ଅଧିକାରୀଙ୍କ ନିକଟରେ ବିଜେଡି ଦାବି କରିଛି।

ବିଜେଡିର ବରିଷ୍ଠ ନେତୃବୃନ୍ଦ ଶନିବାର ସିଇଓଙ୍କ କାର୍ଯ୍ୟାଳୟରେ ଅଭିଯୋଗ ପତ୍ର ଦାଖଲ କରିଛନ୍ତି। ବିଜେଡି



ପକ୍ଷରୁ ଅଭିଯୋଗ କରାଯାଇଛି ଯେ ବିଜେପି ପ୍ରାର୍ଥୀ ଜୟ ଢୋଲକିଆ ନିଜର ପ୍ରଚାର ପାଇଁ ସରକାରୀ ସମ୍ପତ୍ତିର ବ୍ୟବହାର କରୁଛନ୍ତି। ବିଦ୍ୟୁତ୍ ଖୁଣ୍ଟ, ସାଇନ୍ ବୋର୍ଡ ଏବଂ ନୂଆପଡ଼ା ଓ ଖରିଆର ଏନ୍‌ଏସି ମଧ୍ୟରେ ଯାଇଥିବା ଜାତୀୟ ରାଜପଥ ନମ୍ବର ୩୫୩ରେ ବିଜେପି ପ୍ରଚାର ପୋଷ୍ଟର ଏବଂ

### ତୁରନ୍ତ ହସ୍ତକ୍ଷେପ ପାଇଁ ସିଇଓଙ୍କୁ ଫେରାଦ ହେଲା ବିଜେଡି

ବ୍ୟାନର ଲଗାଇଛନ୍ତି। ଏହି ବ୍ୟାନର ଓ ହୋର୍ଡିଂଗୁଡ଼ିକରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ, ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡା ଏବଂ ବିଜେପିର ଅନ୍ୟାନ୍ୟ ନେତାଙ୍କ ଛବି ରହିଛି। ବିଜୁ ଜନତା ଦଳ ଏହାକୁ ସରକାରୀ ସମ୍ପତ୍ତିର ସ୍ପଷ୍ଟ ଦୁରୁପଯୋଗ ଏବଂ ନିର୍ବାଚନ ଆଚରଣ ବିଧିର ତୀବ୍ର ଉଲ୍ଲଙ୍ଘନ ବୋଲି ଅଭିଯୋଗ କରିଛି। ବିଜେପି ପକ୍ଷରୁ ଲଗାଯାଇଥିବା ସମସ୍ତ ଅବୈଧ ବ୍ୟାନର ଏବଂ ହୋର୍ଡିଂ ତୁରନ୍ତ ହଟାଇବା ପାଇଁ ବିଜେଡି ଦାବି କରିଛି। ଏଥିସହିତ ବିଜେଡି ଆଇନଗତ ଭାବେ ଲଗାଇଥିବା ପୋଷ୍ଟର ବ୍ୟାନର ଆଦି କେଉଁ ପରିସ୍ଥିତିରେ ସ୍ଥାନୀୟ ପ୍ରଶାସନିକ ଅଧିକାରୀମାନେ ହଟାଇଲେ ତାହାର ନିରପେକ୍ଷ ତଦନ୍ତ କରିବା ପାଇଁ ମଧ୍ୟ ବିଜେଡି ସିଇଓଙ୍କ ନିକଟରେ ଦୃଢ଼ ଦାବି ଉପସ୍ଥାପନ କରିଛି। ବିଜେଡି ସର୍ବଦା ସ୍ୱଚ୍ଛ ଓ ନିରପେକ୍ଷ ନିର୍ବାଚନ ପ୍ରକ୍ରିୟା ପାଇଁ ସର୍ବଦା ପ୍ରତିଶ୍ରୁତିବଦ୍ଧ।

### ସରିଆସୁଛି ପୁଣି ଏକ କାର୍ତ୍ତିକ

## ଭକ୍ତଙ୍କୁ ବଣ୍ଟାଗଲାନି ମାଗଣା ମହାପ୍ରସାଦ

ପୁରୀ,୨୫।୧୦(ସମିସ): "ମହାପ୍ରଭୁଙ୍କ ଦର୍ଶନ ପାଇଁ ଆସୁଥିବା ଭକ୍ତଙ୍କୁ ମାଗଣାରେ ମିଳିବ ମହାପ୍ରସାଦ। ଶ୍ରଦ୍ଧାଳୁଙ୍କୁ ମହାପ୍ରସାଦ କୁଡ଼ୁଆ ଦେବାକୁ ଯୋଜନା କରାଯାଉଛି। ଏ ବାବଦରେ ବର୍ଷକୁ ୧୪ରୁ ୧୫କୋଟି ଟଙ୍କା ଖର୍ଚ୍ଚ ହେବ। ଏଥିପାଇଁ ବଦାନ୍ୟ ବ୍ୟକ୍ତିଙ୍କ ସହଯୋଗ ନିଆଯିବ। କାର୍ତ୍ତିକ ମାସ ପରେ ଏହି ପ୍ରକ୍ରିୟା ଆରମ୍ଭ କରାଯିବ" ବୋଲି କହିଥିଲେ ଆଇନମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ। ହେଲେ ମନ୍ତ୍ରୀ ଘୋଷଣା କରିବାର ଇତିମଧ୍ୟରେ ଗୋଟିଏ କାର୍ତ୍ତିକ ଯାଇ ଆଉ ମାତ୍ର ୧୦ ଦିନ ପରେ ପୁଣି ଏକ କାର୍ତ୍ତିକ ମାସ ସରିଯିବ। କିନ୍ତୁ ଏପର୍ଯ୍ୟନ୍ତ ଭକ୍ତଙ୍କୁ ମାଗଣା ମହାପ୍ରସାଦ ବଣ୍ଟନ କରାଗଲା ନାହିଁ କି ବଣ୍ଟନ କିଭଳି କରାଯିବ, ଏହାର ରୂପରେଖ ସ୍ପଷ୍ଟ ହୋଇନାହିଁ।

ଶ୍ରୀମନ୍ଦିରକୁ ଦୈନିକ ହଜାର ହଜାର ଶ୍ରଦ୍ଧାଳୁ ଆସିଥା'ନ୍ତି। ଚତୁର୍ଦ୍ଧାବିଗ୍ରହଙ୍କୁ ଦର୍ଶନ କରିସାରିବା ପରେ ପ୍ରାୟ ପ୍ରତ୍ୟେକଙ୍କର ମହାପ୍ରଭୁଙ୍କ ମହାପ୍ରସାଦ ପାଇବାକୁ ଇଚ୍ଛାଥାଏ। ହେଲେ ସମସ୍ତେ ଆନନ୍ଦ ବଜାରରୁ ଅବଢ଼ା କିଣି ଖାଇବାକୁ ସମର୍ଥ ହୋଇ ନ ଥା'ନ୍ତି। କିଏ ଆର୍ଥିକ ଦୃଷ୍ଟିକୋଣରୁ ତ ଆଉ କେହି ସମୟ ଅଭାବରୁ ଦର୍ଶନ ସାରି ଫେରିଯାଆନ୍ତି। ତେଣୁ ମହାପ୍ରସାଦ ପାଇବା ପାଇଁ ଆଶା ରଖିଥିବା ଶ୍ରଦ୍ଧାଳୁଙ୍କୁ ମାଗଣାରେ କଣିକାଏ ଅବଢ଼ା ଦେବା ପାଇଁ ଶ୍ରୀମନ୍ଦିର ପ୍ରଶାସନ ବ୍ୟବସ୍ଥା କରିଥିଲା। ୨୦୧୬ ମସିହା ଅକ୍ଷୟ ତୃତୀୟାରୁ ଆରମ୍ଭ ହୋଇଥିଲା ଭକ୍ତଙ୍କୁ ମାଗଣା ମହାପ୍ରସାଦ ବଣ୍ଟନ। ଶ୍ରୀମନ୍ଦିର ପ୍ରଶାସନ ଏବଂ ସୁଆର ମହାସୁଆର ନିଯୋଗ ମିଳିତ ସହଯୋଗରେ ବାଇଶି ପାହାଚରେ ଦୁଇ ବଡ଼ ଆଟିକାରେ ପ୍ରତ୍ୟହ ଏହି ମହାପ୍ରସାଦ ବଣ୍ଟନ କରାଯାଉଥିଲା। ଆନନ୍ଦ ବଜାରରୁ ଅବଢ଼ା କିଣି ନ ପାରିଲେ ମଧ୍ୟ ଭକ୍ତମାନେ କଣିକାଏ ଲେଖାଏଁ ମହାପ୍ରସାଦ ପାଇ ଆନନ୍ଦ ମନରେ ଫେରୁଥିଲେ। ପ୍ରାୟ ୭ ବର୍ଷ ହେବ ବନ୍ଦ ରହିଛି ଏହି ମାଗଣା ମହାପ୍ରସାଦ ବଣ୍ଟନ। ଏବେ ପୁଣି



ଏହି ବ୍ୟବସ୍ଥା ଆରମ୍ଭ କରାଯିବ ବୋଲି ଘୋଷଣା କରିଛନ୍ତି ଆଇନ ମନ୍ତ୍ରୀ।

ଗତବର୍ଷ ଅଗଷ୍ଟ ମାସରେ ପୁରୀରେ ଆୟୋଜିତ ଏକ କାର୍ଯ୍ୟକ୍ରମରେ ଯୋଗଦେବା ଅବସରରେ ମହାପ୍ରଭୁଙ୍କ ଦର୍ଶନ ପାଇଁ ଆସୁଥିବା ଶ୍ରଦ୍ଧାଳୁଙ୍କୁ ମାଗଣା ମହାପ୍ରସାଦ ମିଳିବ ବୋଲି କହିଥିଲେ। ପରବର୍ତ୍ତୀ ସମୟରେ ଏହା ଉପରେ ମନ୍ତବ୍ୟ ଦେଇ ସେ କହିଥିଲେ ଯେ, ଶ୍ରୀମନ୍ଦିରକୁ ଆସୁଥିବା ଭକ୍ତଙ୍କ ସଂଖ୍ୟା ଦୃଷ୍ଟିରୁ ବର୍ଷକୁ ଏ ବାବଦରେ ପ୍ରାୟ ୧୪ରୁ ୧୫ କୋଟି ଟଙ୍କା ଖର୍ଚ୍ଚ ହେବ। ଏଥିପାଇଁ ଭକ୍ତ ସମାଜକୁ ଅନୁରୋଧ କରିଛୁ, ଅନେକ ଭକ୍ତ ଆସି ସହଯୋଗର ହାତ ବି ବଢ଼ାଇଛନ୍ତି। ଯେଉଁ ବଦାନ୍ୟ ଭକ୍ତମାନେ ଅଛନ୍ତି ସେମାନଙ୍କ ସହଯୋଗରେ ଏହା ହେବ। ସେମାନେ ମଧ୍ୟ ପୁଣ୍ୟ ଅର୍ଜନ କରିବେ। କାର୍ତ୍ତିକ ମାସ ପରେ ଏହାର ପ୍ରକ୍ରିୟା ଆରମ୍ଭ କରାଯିବ ବୋଲି ସୂଚନା ଦିଆଯାଇଥିଲା। ୨୦୨୪ର କାର୍ତ୍ତିକ ମାସ ଶେଷ ହୋଇଯାଇଛି। ଆଉ ମାତ୍ର ୧୦ ଦିନ ପରେ ଚଳିତ ବର୍ଷର କାର୍ତ୍ତିକ ମାସ ଶେଷ ହୋଇଯିବ। ହେଲେ ଏପର୍ଯ୍ୟନ୍ତ ମାଗଣା ମହାପ୍ରସାଦ ବଣ୍ଟନର ରୂପରେଖ କିଛି ସ୍ପଷ୍ଟ ହୋଇନି। ଭକ୍ତଙ୍କୁ କେତେ ପରିମାଣରେ କେମିତି ବଣ୍ଟାଯିବ। କୁଡୁଆରେ ଦେବା ପାଇଁ ମଝିରେ କଥା ଉଠିଥିଲା। ତାହା କିପରି ଦିଆଯିବ କିଛି ସ୍ପଷ୍ଟ କରାଯାଇ ନାହିଁ। ବଡ଼ କଥା ହେଉଛି ମନ୍ତ୍ରୀ ସିନା ଘୋଷଣା କରିଦେଲେ, ହେଲେ ଏହା କାର୍ଯ୍ୟକାରୀ ହେବ କେମିତି? ଏଥିପାଇଁ ଆବଶ୍ୟକ ଅର୍ଥ ଭରଣା ହେବ କେଉଁଠୁ? ସରକାର ଦେବେ ନା ଶ୍ରୀମନ୍ଦିର ପ୍ରଶାସନ ଏ ବାବଦ ଅର୍ଥ କିଏ ଖର୍ଚ୍ଚ କରିବ? ଏମିତି ଅନେକ ପ୍ରଶ୍ନ ଏବେ ଛିଡ଼ା ହୋଇଥିବାବେଳେ ଭକ୍ତ ମାଗଣା ମହାପ୍ରସାଦ ବଣ୍ଟନକୁ ନେଇ ଯେତିକି ଉତ୍ସାହିତ ଥିଲେ ଏବେ ସେତିକି ହତୋତ୍ସାହିତ ହୋଇପଡ଼ିଛନ୍ତି।

### କେନ୍ଦ୍ର ସାହିତ୍ୟ ଏକାଡେମୀ ଅନୁବାଦ ପୁରସ୍କାର-୨୦୨୪ ପ୍ରଦାନ ସମାରୋହ

## ପୁରସ୍କାର ଗ୍ରହଣ କଲେ ୨୨ ଭାଷାର ଅନୁବାଦକ, ଓଡ଼ିଶାରୁ ତିନି ଜଣ

ଭୁବନେଶ୍ୱର,୨୫।୧୦(ସମିସ): କେନ୍ଦ୍ର ସାହିତ୍ୟ ଏକାଡେମୀର ଅନୁବାଦ ପୁରସ୍କାର-୨୦୨୪ ପ୍ରଦାନ ସମାରୋହ କୋଲକାତାର ଜାତୀୟ ଗ୍ରନ୍ଥାଗାରସ୍ଥିତ ଡକ୍ଟର ଶ୍ୟାମା ପ୍ରସାଦ ମୁଖାର୍ଜୀ ଭାଷା ଭବନ ପ୍ରେକ୍ଷାଳୟରେ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ୨୨ଟି ଭାଷାର ଅନୁବାଦକଙ୍କୁ ପୁରସ୍କାର ପ୍ରଦାନ କରାଯାଇଛି। ବରିଷ୍ଠ ଲେଖକ ଓ ଅନୁବାଦକ







### ଓଡ଼ିଆ ଭାଷା ପାଇଁ ସୁଭାଷ ଶତପଥୀ ପୁରସ୍କୃତ

ସୁଭାଷ ଚନ୍ଦ୍ର ଶତପଥୀଙ୍କୁ କେନ୍ଦ୍ର ସାହିତ୍ୟ ଏକାଡେମୀ ଅନୁବାଦ ପୁରସ୍କାର ପ୍ରଦାନ କରାଯାଇଛି। ଇଂରାଜୀ ଭାଷାରେ ରଚିତ ବିଶିଷ୍ଟ ଲେଖକ ରସ୍କିନ୍ ବଣ୍ଡଙ୍କ ଆତ୍ମଜୀବନୀ 'ଲୋନ୍ ଫକ୍ସ ଡ୍ୟାନ୍ସିଂ'ର ଓଡ଼ିଆ ଅନୁବାଦ 'କୋକିଶିଆଳିର ଏକକ ନୃତ୍ୟ' ପାଇଁ ତାଙ୍କୁ ଏହି ପୁରସ୍କାର ପ୍ରଦାନ କରାଯାଇଛି। ସେହିପରି ଓଡ଼ିଶାରୁ ସଂସ୍କୃତ ପାଇଁ ସୋମନାଥ ଦାଶ, ତେଲୁଗୁ ପାଇଁ ବ୍ରହ୍ମପୁରର ଦୁର୍ଲାପାଟୀ ରାଜେଶ୍ୱରରୀଙ୍କୁ ପୁରସ୍କୃତ କରାଯାଇଛି।

ସମାରୋହରେ ଏକାଡେମୀର ସଭାପତି ଡକ୍ଟର ମାଧବ କୌଶିକ ଅଧ୍ୟକ୍ଷତା କରିବା କରିବା ସହ ବିଜେତାମାନଙ୍କୁ ପୁରସ୍କାର ପ୍ରଦାନ କରି ଭାରତୀୟ ସାହିତ୍ୟରେ ଅନୁବାଦ ବିଭାଗ ଖୁବ୍ ସମୃଦ୍ଧ ବୋଲି କହିଥିଲେ। ଉତ୍ସବରେ ମୁଖ୍ୟ ଅତିଥି ଭାବେ ପ୍ରଫେସର ସୁକାନ୍ତ ଚୌଧୁରୀ ଯୋଗଦେଇ ଭାଷା ଓ ସାହିତ୍ୟର ସମୃଦ୍ଧିରେ ଅନୁବାଦର ଭୂମିକା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ବୋଲି କହିବା ସହ ଗୋଟିଏ ଭାଷା ସହିତ ଆଉ ଗୋଟିଏ ଭାଷା ମଧ୍ୟରେ ଅନୁବାଦ ଏକ ସେତୁ ଭଳି କାମ କରିଥାଏ। ତେଣୁ ଅନୁବାଦ କାର୍ଯ୍ୟ ସମ୍ପାଦନ କଲାବେଳେ ଅନୁବାଦକମାନେ ଖୁବ୍ ସତର୍କ ଓ ସଚେତନ ହେବା ଆବଶ୍ୟକ ବୋଲି କହିଥିଲେ। ପ୍ରାରମ୍ଭରେ ଏକାଡେମୀର ସଚିବ ଡ. କେ ଶ୍ରୀନିବାସ ରାଓ ସ୍ୱାଗତ ଭାଷଣ ପ୍ରଦାନ କରିବା ସହ ମାନପତ୍ର ପାଠ କରିଥିଲେ ଏବଂ ବିଶିଷ୍ଟ କଣ୍ଠଶିଳ୍ପୀ ଶ୍ରୋବନ୍ତି ବନ୍ଦୋପାଧ୍ୟାୟ ସ୍ୱାଗତ ସଙ୍ଗୀତ ପରିବେଷଣ କରିଥିଲେ। ସାହିତ୍ୟ ଏକାଡେମୀର ଉପାଧ୍ୟକ୍ଷ ପ୍ରଫେସର କୁମୁଦ ଶର୍ମା ସମାପନୀ ଭାଷଣ ପ୍ରଦାନ କରିଥିଲେ। ଏହି ପୁରସ୍କାର ସମାରୋହରେ ବିଭିନ୍ନ ଭାରତୀୟ ଭାଷାର ଲେଖକ ଲେଖିକା ଯୋଗ ଦେଇଥିଲେ। ଏହି ଅବସରରେ ଆଜି ସାହିତ୍ୟ ଏକାଡେମୀ କାର୍ଯ୍ୟାଳୟସ୍ଥିତ ପ୍ରେକ୍ଷାଳୟରେ ଏକାଡେମୀର ଉପାଧ୍ୟକ୍ଷ ପ୍ରଫେସର କୁମୁଦ ଶର୍ମାଙ୍କ ଅଧ୍ୟକ୍ଷତାରେ ଅନୁବାଦକ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ଏଥିରେ ପୁରସ୍କାର ବିଜେତାମାନେ ଅନୁବାଦକ ଭାବରେ ସେମାନଙ୍କର ଯାତ୍ରା ଏବଂ ଅନୁବାଦର ସୃଜନଶୀଳ ପ୍ରକ୍ରିୟା ବିଷୟରେ ଆଲୋକପାତ କରିଥିଲେ।

## ଜଳେଶ୍ୱର ରୋଟାରୀ କ୍ଲବରେ ଆଣ୍ଠୁଗଣ୍ଠି ଚିକିତ୍ସା ଶିବିର



ଜଳେଶ୍ୱର,୨୫।୧୦(ସମିସ): ଜଳେଶ୍ୱର ରୋଟାରୀ କ୍ଲବ ପକ୍ଷରୁ ମାଗଣା ଆଣ୍ଠୁଗଣ୍ଠି(ଆଥ୍ରାଇଟିସ) ଚିକିତ୍ସା ଶିବିର ବାସନ୍ତୀ ପଡିଆ କ୍ଲବ ପରିସରରେ ଅନୁଷ୍ଠିତ ହୋଇଛି। ସ୍ୱିଡେନ ଦେଶରୁ ଆସିଥିବା ପ୍ରଖ୍ୟାତ ବରିଷ୍ଠ ଆଥ୍ରାଇଟିସ ଓଡିଆ ଡାକ୍ତର ରବିନାରାୟଣ ଦାଶ ୧୦୦ରୁ ଉର୍ଦ୍ଧ୍ୱ ରୋଗୀଙ୍କୁ ମାଗଣା ଚିକିତ୍ସା ପରାମର୍ଶ ଦେଇଥିଲେ। ଉକ୍ତ କାର୍ଯ୍ୟକ୍ରମରେ କ୍ଲବ ସଭାପତି ସୁବୀର ସେନାପତି, ସଂପାଦକ ଅଂଶୁମାନ ରାଉତ, ପୂର୍ବତନ ସଭାପତି ବିକାଶ ଧର, ପ୍ରବୀର ପ୍ରଧାନ, ସୁରେଶ ଦାଶ, ସୁବ୍ରତ ରଣା, ରାଜେଶ ଖଟୁଆ, ରୋଟାରିଆନ ସତ୍ୟନାରାୟଣ ସିଂ, ସତ୍ୟବ୍ରତ ଜେନା, ଲକ୍ଷ୍ମୀନାରାୟଣ ଶତପଥୀ, ରାଜକିଶୋର ହୁଇ ପ୍ରମୁଖ ପରିଚାଳନାରେ ସହଯୋଗ କରିଥିଲେ।

# ଖଣି ଚୋରିକୁ ନେଇ ଖଇରାରେ ରାଜନୈତିକ ହଟଚମଟ

ଖଇରା,୨୫ ।୧୦ (ସମିସ)



ବାଲେଶ୍ୱର ଜିଲ୍ଲା ଖଇରା ତହସିଲ ଅଧୀନରେ ଶାରିଶୁଆ ପାହାଡରେ ଖଣି ଚୋରିକୁ ନେଇ କୁପାରୀ ୩ନମ୍ବର ଜୋନର ଜିଲା ପରିଷଦ ସଭ୍ୟ ଗଜେନ୍ଦ୍ର ପ୍ରସାଦ ଦାସ ସିମୁଳିଆ ନିର୍ବାଚନ ମଣ୍ଡଳୀର ବିଧାୟକ ପଦ୍ମଲୋଚନ ପଣ୍ଡାଙ୍କ ନାମକୁ ଯୋଡିଥିବା ଅଭିଯୋଗ ହୋଇଥିଲା। ପଦ୍ମଲୋଚନଙ୍କ ସମର୍ଥକମାନେ ପ୍ରଥମେ ସାମାଜିକ ଗଣମାଧ୍ୟମ ଓ ପରେ ସାମ୍ବାଦିକ ସମ୍ମିଳନୀରେ ପାଲଟା ଜବାବ ଦେଇଛନ୍ତି। ଉଭୟ ଜିଲ୍ଲା ପରିଷଦ ସଭ୍ୟ ଓ ବିଧାୟକ ବିଜେପି ଦଳରୁ ହୋଇଥିବା ବେଳେ ଆରୋପ ପ୍ରତ୍ୟାରୋପକୁ ନେଇ ଖଇରା ଅଞ୍ଚଳରେ ରାଜନୈତିକ ହଟଚମଟ ସୃଷ୍ଟି ହୋଇଛି।

ଏହି ପରିପ୍ରେକ୍ଷୀରେ ଖଇରା ବ୍ଲକର କୁରୁଣ୍ଟା ଠାରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ୫ନମ୍ବର ଜୋନର ଜିଲା ପରିଷଦ ସଭ୍ୟ ମାନସ ଦାଶ ଅଧ୍ୟକ୍ଷତା କରିବା ଅବସରରେ କୁପାରୀ ଜିଲା ପରିଷଦଙ୍କୁ ସମାଲୋଚନା କରିଛନ୍ତି। ବର୍ତ୍ତମାନର ବିଧାୟକଙ୍କ ବିରୋଧରେ ମନ୍ତବ୍ୟ ଦେଉଥିବା ଶ୍ରୀ ଦାସ ୨୦୨୪ ପୂର୍ବରୁ କାହିଁକି ମୁହଁ ବନ୍ଦ କରିଥିଲେ। ବିଧାୟକ ପଦ୍ମଲୋଚନ ପବ୍ଲିକ ଅଣ୍ଡର ଟେକିଂ କମିଟିର ସଭାପତି ହେବା ପରେ ପ୍ରଶାସନକୁ ନେଇ ବାରମ୍ବାର ଖଣି ଚୋରିକୁ ବନ୍ଦ ପାଇଁ ଚେଷ୍ଟା ଜାରିରଖିଛନ୍ତି। ତାଙ୍କ ସମୟରେ ଚୋରା ପଥରଗାଡି, ପଥର ଓ କ୍ରସର ଉପରେ ଜରିମାନା ଧାର୍ଯ୍ୟ କରାଯାଇ ବାଲେଶ୍ୱର ଜିଲାରେ ୪ କୋଟି ୮୦ଲକ୍ଷ ଟଙ୍କା ଆଦାୟ କରାଯାଇଛି ଯାହା ଓଡିଶା ସରକାରଙ୍କ ରାଜସ୍ୱକୁ ଯାଇଛି ବୋଲି କହିଥିଲେ। ସେହିଭଳି କୁରୁଣ୍ଟା ସରପଞ୍ଚ ରଘୁନାଥ ଜେନା, ଖଇରା ମଣ୍ଡଳ କୋଷାଧ୍ୟକ୍ଷ ଉପେନ୍ଦ୍ର ଭୁୟାଁ, ଯୁବନେତା ଅଜୟ ବେହେରା, ପ୍ରାକ୍ତନ ଜିଲା ପରିଷଦ ସଭ୍ୟ ସୁଶାନ୍ତ ମହାକୁଡ, ପୂର୍ବତନ ସରପଞ୍ଚ ବାବାଜୀ ମହାନ୍ତି, ପୂର୍ବତନ ସମିତି ସଭ୍ୟ ଭାଗବତ ମାଝୀ, ଲୁଲୁ ସାମଲ ଏଥିରେ ଯୋଗ ଦେଇ ଶ୍ରୀ ଦାସଙ୍କ ମନ୍ତବ୍ୟକୁ ନିନ୍ଦା କରିଥିବା ବେଳେ ତାଙ୍କ ଭାଇ ଓ ପରିବାରର ଅନ୍ୟ ସଦସ୍ୟଙ୍କ ନାମରେ ଖଣି ଓ କ୍ରସର ଥିବା ବେଳେ ସେ ନିଜ ଦଳର ବିଧାୟକଙ୍କୁ ଖଣି ଚୋରି ସହ ଯୋଡିବା ଅତ୍ୟନ୍ତ ଦୁର୍ଭାଗ୍ୟଜନକ ବୋଲି କହିଛନ୍ତି। ଏଥିଭଳି ହୀନ ବିବୃତ୍ତି ପାଇଁ ସେ ସର୍ବ ସମ୍ମୁଖରେ କ୍ଷମା ମାଗିବାକୁ ଦାବି କରିଛନ୍ତି। ଏ ସମ୍ପର୍କରେ ଗଜେନ୍ଦ୍ର ଦାସଙ୍କ ପ୍ରତିକ୍ରିୟା ନେବାରେ ସେ ଜିଲା ପରିଷଦ ସଭ୍ୟ ଭାବେ ନିର୍ବାଚିତ ହେବା ପରଠାରୁ ଖଣି ଚୋରୀ ବିଷୟରେ ମନ୍ତବ୍ୟ ଦେଇ ଆସୁଛନ୍ତି। ତାଙ୍କ ଜୋନରେ ମୋରମ, ମାଙ୍କଡା ଓ ପଥର ଲୁଟ ଜୋରଦାର ଚାଲୁଥିବା ପ୍ରତିବାଦରେ ସେ ସବୁ ବେଳେ ମୁହଁ ଖୋଲିଆସୁଥିବା କହିଛନ୍ତି।

## ଜାମଶୂଳୀ କଲେଜ ସୁବର୍ଣ୍ଣ ଜୟନ୍ତୀ ପ୍ରସ୍ତୁତି ବୈଠକ



କାଳିପଦ. ୨୫।୧୦ (ସମିସ) : ଜାମଶୂଳୀସ୍ଥିତ ଲକ୍ଷ୍ମୀନାରାୟଣ କଲେଜର ସୁବର୍ଣ୍ଣ ଜୟନ୍ତୀ ପ୍ରସ୍ତୁତି ବୈଠକ ଶନିବାର ଅଧ୍ୟକ୍ଷ ପ୍ରାଧ୍ୟାପକ ଦିବ୍ୟେନ୍ଦୁ ଗିରିଙ୍କ ପ୍ରକୋଷ୍ଠ ରେ ଅନୁଷ୍ଠିତ ହୋଇ ଯାଇଛି। ଆସନ୍ତା ଜାନୁୟାରୀ ମାସ ଶେଷ ସପ୍ତାହ ଅଥବା ଫେବୃଆରୀ ଦ୍ୱିତୀୟ ସପ୍ତାହରେ ଜୟନ୍ତୀ ଉତ୍ସବ ହେବା ନେଇ ନିଷ୍ପତ୍ତି ଗ୍ରହଣ କରାଯାଇଛି। ଅନ୍ୟୁନ ଚାରି ଦିନ ହେବାକୁ ଥିବା ଏହି ଜୟନ୍ତୀ ଉତ୍ସବ ପାଇଁ ଅତିଥି ଚୟନ, ପୁରାତନ ଛାତ୍ର ସଂଘ ଗଠନ, ପାଣ୍ଠି ସଂଗ୍ରହ, ସାଂସ୍କୃତିକ କାର୍ଯ୍ୟକ୍ରମ, ସ୍ମରଣିକା ପ୍ରକାଶନ, ଉପଦେଷ୍ଟା ମଣ୍ଡଳୀ ଗଠନ ଆଦି ନେଇ ଆଲୋଚନା ହୋଇଥିଲା। ଉପଦେଷ୍ଟା ମଣ୍ଡଳୀରେ ପ୍ରାକ୍ତନ ଅଧ୍ୟକ୍ଷ ସୁରେଶ ଚନ୍ଦ୍ର ପାତ୍ର, ଅମୂଲ୍ୟ କୁମାର ପାତ୍ର, କୈଳାସ ଚନ୍ଦ୍ର ପ୍ରଧାନ, ନୀଳାମ୍ବର ଜେନା, ଭଜହରି ପରିଡା, ପ୍ରାକ୍ତନ କିରାଣୀ ସନାତନ ଜେନା, ସଂଜୀବ କୁମାର ନାୟକ, ସୀତାଂଶୁ ଶେଖର ସାହୁ, ଅଚ୍ୟୁତ କୁମାର ଦାସ, ସତ୍ୟରଞ୍ଜନ ନାୟକ, ଗୌରାଙ୍ଗ ବିଶ୍ୱାଳ, ବାସୁଦେବ ବିଶ୍ୱାଳ ପ୍ରମୁଖ ଯୋଗ ଦେଇ ଆଲୋଚନା ରେ ଅଂଶ ଗ୍ରହଣ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ପ୍ରାଧ୍ୟାପକ ଶକ୍ତି ପ୍ରସନ୍ନ ଚନ୍ଦ, ଦେବବ୍ରତ ଦାସ, ଡ. ଶିବନାରାୟଣ ମହାପାତ୍ର, ଡ. ସୁକାନ୍ତ କୁମାର ଗିରି, ଅଧ୍ୟାପକ ପରମାନନ୍ଦ ମହାନ୍ତି, ଦେବେନ୍ଦ୍ର ସେଠୀ, ମୁଖ୍ୟ କିରାଣୀ ଗୋପୀନାଥ ପଣ୍ଡା ପ୍ରମୁଖ ଉପସ୍ଥିତ ଥିଲେ। ପଦାର୍ଥ ବିଜ୍ଞାନ ବିଭାଗ ଅଧ୍ୟାପକ ପ୍ରଭାତ ରଞ୍ଜନ ଦାସ ଧନ୍ୟବାଦ ଅର୍ପଣ କରିଥିଲେ।

## କବି ପୂର୍ଣ୍ଣଚନ୍ଦ୍ର ପ୍ରଧାନଙ୍କ ଜୟନ୍ତୀରେ ଆଲୋଚନାଚକ୍ର



ଜଳେଶ୍ୱର ବ୍ଲକ/ ଜଳେଶ୍ୱର, ୨୫।୧୦(ସମିସ) : ଲକ୍ଷ୍ମଣନାଥ ପଞ୍ଚାୟତ ଅଧିନସ୍ଥ ଗୋପ ଗ୍ରାମରେ ଦୀନକୃଷ୍ଣ ସ୍ମୃତି ପରିଷଦ ପକ୍ଷରୁ ବିଶିଷ୍ଟ କବି ତଥା ରାଜ୍ୟପାଳ ପୁରସ୍କାରପ୍ରାପ୍ତ ଆଦର୍ଶ ପ୍ରଧାନଶିକ୍ଷକ ପୂର୍ଣ୍ଣଚନ୍ଦ୍ର ପ୍ରଧାନଙ୍କ ୧୨୬ ତମ ଜୟନ୍ତୀ ସାହିତ୍ୟିକ ଦୀନକୃଷ୍ଣ ସ୍ମୃତି ପରିଷଦର ସମ୍ପାଦକ ପ୍ରାଧ୍ୟାପକ ବିପିନ ବିହାରୀ ବିଶ୍ୱାଳ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଅଛି। ଏହି ଅବସରରେ ଶିକ୍ଷା, ଶିକ୍ଷକ, ଶିକ୍ଷାୟତନ ସମ୍ପର୍କରେ ଏକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି। ଏହି ଆଲୋଚନା ଚକ୍ରକୁ ଦୀନକୃଷ୍ଣ ସ୍ମୃତି ପରିଷଦର ଉପସଭାପତି ତଥା ଦୀଗମ୍ବରୀଦେବୀ ଶିକ୍ଷାନୁଷ୍ଠାନ ସମୂହର ଚେୟାରମେନ ଡ. ଅଜିତ କୁମାର ମହାନ୍ତି ସଂଚାଳନ କରିଥିଲେ। ସ୍ୱର୍ଗତ ପ୍ରଧାନଙ୍କ ୪ଖଣ୍ଡ କାବ୍ୟ ଯଥା ରାଜ ବନ୍ଦୀର ଆତ୍ମନିସ୍ମୃତି, ସୁବର୍ଣ୍ଣ ରେଖା, ଗୋପ ମାତୃକା, ମଗଧ ଲକ୍ଷ୍ମୀ ବ୍ୟତୀତ "କବିତା କଳିକା' ରଚନା କରିଛନ୍ତି। ଏଥି ମଧ୍ୟରୁ ଗୋପ ମାତୃକା ପ୍ରକାଶିତ। ଅନ୍ୟ କାବ୍ୟ ଗ୍ରନ୍ଥଗୁଡ଼ିକ ଛପା ନ ହେବା ଅତ୍ୟନ୍ତ ଉଦବେଗର ବିଷୟ। କାର୍ଯ୍ୟକ୍ରମରେ ପ୍ରାକ୍ତନ ଅଧ୍ୟକ୍ଷ ଶ୍ୟାମା ଚରଣ ଦାସ, ଅସୀମ କୁମାର ମିତ୍ର, ବିନୟ ପ୍ରଧାନ, ପ୍ରାକ୍ତନ ପ୍ରଧାନ ଶିକ୍ଷକ ଜ୍ୟୋତିଶ ଚନ୍ଦ୍ର କର, ଶିକ୍ଷକ ଚିତ୍ତ ରଞ୍ଜନ ଘୋଷ, ଜତିନ୍ ସିଂ, କବି ବସନ୍ତ କୁମାର ଦାସ ଓ କବି ରଞ୍ଜନ କୁମାର ଘୋଷ ସ୍ୱରଚିତ କବିତା ପାଠ କରିଥିଲେ। ଧନ୍ୟବାଦ ଅର୍ପଣ କରିଥିଲେ ଶିକ୍ଷକ କବି ରଞ୍ଜନ ଘୋଷ।

## ଆଜିଠୁ ଜଳେଶ୍ୱରରେ ଆଦିବାସୀ ମେଳା



ଜଳେଶ୍ୱର, ୨୫।୧୦(ସମିସ): ଉତ୍ତର ଓଡିଶାର ପଶ୍ଚିମବଂଗ ସୀମାନ୍ତରେ ଥିବା ଜଳେଶ୍ୱର ସହରର ବଡବଜାର ସାଇମନ୍ଦିର ପଡିଆରେ ପାଞ୍ଚଦିନ ବ୍ୟାପି ଆଦିବାସୀ ମେଳା ଅନୁଷ୍ଠିତ ହେବ। ମେଳାର ରୂପରେଖ ସଂପର୍କରେ ଶନିବାର ଅପରାହ୍ନରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ପ୍ରକାଶ କରାଯାଇଛି। ଉପାନ୍ତ ଓଡିଶା ଜଳେଶ୍ୱରରେ ରବିବାର ଦିନ ଆଦିବାସୀ ମେଳା-୨୦୨୫ ଅନୁଷ୍ଠିତ ହେବାକୁ ଯାଉଛି। ପାଞ୍ଚଦିନ ବ୍ୟାପି ଏହି ମେଳା୨୬ ତାରିଖରୁ ଆରମ୍ଭ ହୋଇ ୩୦ ତାରିଖରେ ଶେଷ ହେବ। ଏହି ମେଳାରେ ବିଭିନ୍ନ ପ୍ରକାରର ସାଂସ୍କୃତିକ କାର୍ଯ୍ୟକ୍ରମ, ସାଧାରଣ ସଭା, ଆଲୋଚନାଚକ୍ର, ଆଦିବାସୀ ନୃତ୍ୟ, ସଂଗୀତ, ବିଚିତ୍ରା ଓ ସିନେ କଳାକାର ମାନଙ୍କ ଦ୍ୱାରା ବିଭିନ୍ନ ମନୋରଂଜନ ମୂଳକ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ। ଦେଶର ବିଭିନ୍ନ ପ୍ରାନ୍ତରରୁ ଆଦିବାସୀ ସାହିତ୍ୟିକ, ପ୍ରଶାସକ, ରାଜନୈତିକ ନେତୃବୃନ୍ଦ, ବ୍ୟଙ୍ଗକାର ଓ ବିଶିଷ୍ଟ ବ୍ୟକ୍ତି ମାନଙ୍କୁ ନେଇ ଏହି ମେଳା ଆୟୋଜନ ହେବ ବୋଲି ସାମ୍ବାଦିକ ସମ୍ମିଳନୀରେ ମେଳା କମିଟିର କର୍ମକର୍ତ୍ତା ମାନେ କହିଛନ୍ତି। ଉଦ୍‌ଘାଟନ ଉତ୍ସବକୁ ପୂର୍ବତନ ସାଂସଦ ରବିନ୍ଦ୍ର ଜେନା ଉଦ୍‌ଘାଟନ କରିବାକୁ ଥିବା ବେଳେ ଏକ ବିରାଟ ଆଦିବାସୀ ପାରମ୍ପରିକ ଶୋଭାଯାତ୍ରା ଷ୍ଟେସନବଜାର ଛତି ସାହିଠାରୁ ଆରମ୍ଭ ହୋଇ ଜଗନ୍ନାଥ ମନ୍ଦିର ପର୍ଯ୍ୟନ୍ତ ଆସିବ ବୋଲି କୁହାଯାଇଛି। ଆଦିବାସୀମାନଙ୍କ ମଧ୍ୟରେ କଳା, ସଂସ୍କୃତି, ପରମ୍ପରାକୁ ବଜାଇ ରଖିବା ସହ ସେମାନଙ୍କ ଅର୍ଥନୈତିକ ଅଭିବୃଦ୍ଧି, ସାମାଜିକ ସମାନତା, ରାଷ୍ଟ୍ରଗଠନରେ ଭୂମିକା ଓ ସାମ୍ବିଧାନିକ ଅଧିକାର ସଂପର୍କରେ ସଚେତନ କରିବା ଏହି ମେଳାର ଉଦ୍ଦେଶ୍ୟ ବୋଲି ସଭାପତି ଗୀତା ହାଁସଦା, ଉପସଭାପତି ମାଇନ ମୁର୍ମୁ, ସଂପାଦିକା ଗୀତା ମୁର୍ମୁ, ସହସଂପାଦିକା ଲକ୍ଷ୍ମୀରାଣୀ ଟୁଡୁ, କୋଷାଧ୍ୟକ୍ଷ ଛିତା ମୁର୍ମୁ ଓ ପାନ ହାଁସଦା ପ୍ରମୁଖ ସାମ୍ବାଦିକ ସମ୍ମିଳନୀରେ କହିଥିଲେ। ମେଳା କମିଟିର ଉପଦେଷ୍ଟା ସମାଜସେବୀ ଗୌରହରି ସାହୁ ଉଦ୍ଦେଶ୍ୟ ଜ୍ଞାପନ କରିଥିବା ବେଳେ ଅବସରପ୍ରାପ୍ତ ସେନା କର୍ମଚାରୀ ରତ୍ନାକର ହାଁସଦା, ରଘୁନାଥ ମୁର୍ମୁ, ସନାଇ ହେମ୍ବ୍ରମ, ପଂଚାନନ ସରେନ୍, ନିରଞ୍ଜନ ମାରାଣ୍ଡି, ବାର୍ଷା ହାଁସଦା, ସର୍ବେଶ୍ୱର ଟୁଡୁ, ଚନ୍ଦନ କୁମାର ସିଂ, ଗୋରା ହାଁସଦା, ରଘୁନାଥ ଟୁଡୁ, ଗୋପି ହାଁସଦା, ବାଘରାୟ ଟୁଡୁ, ଗୌରାଙ୍ଗ ସରେନ୍, ବିନାୟକ ଟୁଡୁ ପ୍ରମୁଖ ବହୁ ଆଦିବାସୀ ଉପସ୍ଥିତ ଥିଲେ।

## କେନାଲରେ ବୁଡ଼ି ମହିଳା ମୃତ

ସୋର, ୨୫।୧୦(ସମିସ): ସୋର ଥାନା କାଳନ୍ଦୀ ପାଟଣା ଗ୍ରାମ ନିକଟ କେନାଲରେ ବୁଡି ଜଣେ ମହିଳାଙ୍କ ମୃତ୍ୟୁ ହୋଇଯାଇଛି। ଉଦଳା ଅଞ୍ଚଳର ସ୍ୱର୍ଗତ ସନା ସିଂଙ୍କ ସ୍ତ୍ରୀ ମିନତୀ ସିଂ (୪୦) ତାଙ୍କ ଭଉଣୀ ଘର ମହୁମୁହାଣ ପଞ୍ଚାୟତ ଖଞ୍ଜାମାହାଲ ଗ୍ରାମକୁ ଆସିଥିଲେ। ଆଜି ମଧ୍ୟାହ୍ନରେ ମିନତୀ କାଳନ୍ଦୀ ପାଟଣା ଗ୍ରାମ ଦେଇ ଯାଇଥିବା କେନାଲକୁ ଗାଧୋଇବାକୁ ଯାଇଥିବା ବେଳେ ପାଣିରେ ବୁଡି ଯାଇଥିଲେ। ପରିବାର ଲୋକେ ବିଭିନ୍ନ ସ୍ଥାନରେ ଖୋଜାଖୋଜି କରି ପାଇ ନ ଥିଲେ। ସ୍ଥାନୀୟ ଲୋକେ ମିନତୀ ପାଣିରେ ଭାସୁଥିବାର ଦେଖି ସୋର ଅଗ୍ନିଶମ ବିଭାଗକୁ ଖବର ଦେଇଥିଲେ। ଖବରପାଇ ସୋର ଅଗ୍ନିଶମ ବିଭାଗ ର ଏକ ଦମକଳ ଘଟଣାସ୍ଥଳରେ ପହଞ୍ଚି ମିନତୀକୁ ଉଦ୍ଧାର କରି ସୋର ମେଡିକାଲରେ ଭର୍ତ୍ତି କରିଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ।

## ବ୍ଲକସ୍ତରୀୟ ଶିଶୁ ମହୋତ୍ସବ; ଦୁର୍ଗାପ୍ରସାଦ ବାଣୀପୀଠ ପ୍ରଥମ



ଭୋଗରାଇ,୨୫।୧୦(ସମିସ): ଭୋଗରାଇ ବ୍ଲକ ମହେସପୁର ପଞ୍ଚାୟତ ଅଲାରବିନ୍ଧା ଗ୍ରାମରେ ଥିବା ଦୁର୍ଗାପ୍ରସାଦ ବାଣୀପୀଠ ଛାତ୍ରୀମାନେ ବ୍ଲକ ସ୍ତରୀୟ ସାଂସ୍କୃତିକ କାର୍ଯ୍ୟକ୍ରମରେ ପ୍ରଥମ ସ୍ଥାନ ଅଧିକାର କରିଛନ୍ତି । ଭୋଗରାଇ ବ୍ଲକ ହରପ୍ରସାଦ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ଭୋଗରାଇ ବ୍ଲକ ସ୍ତରୀୟ ଶିଶୁ ମହୋତ୍ସବ 'ସୁରଭି' ଶୁକ୍ରବାର ଦିନ ଅନୁଷ୍ଠିତ ହୋଇଯାଇଛି। ସେଥିରେ ବ୍ଲକର ୨୫ଟି କ୍ଲଷ୍ଟରସ୍ତରୀୟ ଛାତ୍ର ଛାତ୍ରୀ ବିଭିନ୍ନ ପ୍ରତିଯୋଗିତାରେ ଅଂଶଗ୍ରହଣ କରିଥିଲେ। ସେଥି ମଧ୍ୟରୁ ସଂସ୍କୃତିକ ବିଭାଗକୁ ଦୁର୍ଗାପ୍ରସାଦ ବାଣୀପୀଠର ଛାତ୍ରୀ ଶୁଭଶ୍ରୀ ମହାନ୍ତି, ବର୍ଷା ଗିରି, ସ୍ମିତା ବେହେରା, ରୋଜୀ ବାରିକ, ଯାଜ୍ଞସେନୀ ଦାସ, ତନୁଶ୍ରୀ ନନ୍ଦୀ, ଶୁଭଶ୍ରୀ ବାରିକ ପ୍ରଥମ ହୋଇ ଜିଲ୍ଲା ସ୍ତରୀୟ ପ୍ରତିଯୋଗିତାରେ ଅଂଶଗ୍ରହଣ ହେବା ପାଇଁ ମନୋନୀତ ହୋଇଛନ୍ତି। ଏହି ସାଂସ୍କୃତିକ କାର୍ଯ୍ୟକ୍ରମ ପାଇଁ ପ୍ରଧାନ ଶିକ୍ଷକ ସତ୍ୟରଞ୍ଜନ ସେଠୀ, ସହକାରୀ ଶିକ୍ଷକ ଚନ୍ଦନ ଦାସ, ବାସନ୍ତୀ ସେଠୀ, ରଶ୍ମିତା ନାୟକ, ବିଦ୍ୟାଳୟ ପରିଚାଳନା କମିଟିର ସଭାପତି ସୁଦୀପ ବେହେରା ସହଯୋଗ କରିଥିଲେ।

## ଜଳେଶ୍ୱରପୁରରେ ସାଂସ୍କୃତିକ ମହୋତ୍ସବର ଚତୁର୍ଥ ସନ୍ଧ୍ୟା



ଭୋଗରାଇ,୨୫।୧୦ (ସମିସ): ଭୋଗରାଇ ବ୍ଲକ ଜଳେଶ୍ୱରପୁର ପଞ୍ଚାୟତ ସେହି ଗ୍ରାମରେ ଥିବା ଯାତ୍ରା ପଡ଼ିଆରେ ବାବା ଈଷାଣେଶ୍ୱର ଯୁବକ ସଂଘ ଦ୍ୱାରା ଆୟୋଜିତ ସାଂସ୍କୃତିକ ମହୋତ୍ସବର ଚତୁର୍ଥ ସନ୍ଧ୍ୟା ଅନୁଷ୍ଠିତ ହୋଇଯାଇଛି। କମିଟିର ସଦସ୍ୟ ଦେବାଶିଷ ପଣ୍ଡାଙ୍କ ସଭାପତିତ୍ୱ ଅନୁଷ୍ଠିତ ସଭାରେ ମୁଖ୍ୟଅତିଥି ଭାବେ ଭୋଗରାଇ ବ୍ଲକ ଅଧ୍ୟକ୍ଷ ପ୍ରବୀର କୁମାର ଗିରି ମହୋତ୍ସବ ବନ୍ଧୁତାର ବନ୍ଧନରେ ସମସ୍ତଙ୍କୁ ବାନ୍ଧି ରଖିଥାଏ ବୋଲି କହିଥିଲେ। ମୁଖ୍ୟବକ୍ତା ଗ୍ରାମ୍ୟ ଉଚ୍ଚ ଶିକ୍ଷା ପ୍ରତିଷ୍ଠାନର ଅଧ୍ୟାପକ ନିଳକଣ୍ଠ ଖଣ୍ଡା, ବିଶିଷ୍ଟ ଅତିଥି ସମାଜସେବୀ ଇଂ ଅଭିଜିତ ଦାସ, ସମ୍ମାନିତ ଅତିଥି ବିଶିଷ୍ଟ ସମାଜସେବୀ ଅଂଶୁମାନ ମହାନ୍ତି ପ୍ରମୁଖ ଯୋଗଦେଇ ସାଂସ୍କୃତିକ ମହୋତ୍ସବ ବାବଦରେ ବଖାଣି ଥିଲେ। କବି ଶ୍ରୀକୁମାର ଘୋଷ ଅତିଥି ପରିଚୟ ଓ ମଞ୍ଚ ଆହ୍ୱାନ କରିଥିବା ବେଳେ କମିଟିର ସଦସ୍ୟ ତଥା ଆଇନଜୀବୀ ପ୍ରଦୀପ୍ତ ଜେନା ଧନ୍ୟବାଦ ଅର୍ପଣ କରିଥିଲେ।

## ବରିଷ୍ଠ ନାଗରିକଙ୍କ ସ୍ୱାସ୍ଥ୍ୟ ପରୀକ୍ଷା ଶିବିର

ଜଳେଶ୍ୱର,୨୫।୧୦(ସମିସ) : ଜଳେଶ୍ୱର ପୌରାଞ୍ଚଳର ଚକବିଷ୍ଣୁ ହେଲଥ ଓ ୱେଲଥ ସ୍ୱାସ୍ଥ୍ୟ କେନ୍ଦ୍ର ସହାୟତାରେ ଆୟୋଜନ କରାଯାଇଥିଲା। ଶିବିରରେ ପୂର୍ବତନ କାଉନସିଲର ଶ୍ରୀ ଜଗଦିଶ ଚନ୍ଦ୍ର ନନ୍ଦୀଙ୍କ ଅଧ୍ୟକ୍ଷତାରେ ଏକ ବରିଷ୍ଠ ନାଗରିକ ମାନଙ୍କର ମାଗଣା ସ୍ୱାସ୍ଥ୍ୟ ପରୀକ୍ଷା, ରକ୍ତ ପରୀକ୍ଷା, ଔଷଧ ବିତରଣ ଇତ୍ୟାଦି ଏକ ଶିବିର ଅନୁଷ୍ଠିତ ହୋଇଯାଇଛି। ଉକ୍ତ ଶିବିର ନହଞ୍ଜରା ୧୫ ନମ୍ବର ୱାର୍ଡରେ ମିଶନ ଗୃହରେ ଅନୁଷ୍ଠିତ ହୋଇଥିଲା। ଏକ ଶହରୁ ଅଧିକ ବରିଷ୍ଠ ନାଗରିକଙ୍କ ଚିକିତ୍ସା କରାଯାଇଥିଲା। ଏଥିରେ ଜଳେଶ୍ୱର ମ୍ୟୁନିସିପାଲଟିର ୧୭ନମ୍ବର ୱାର୍ଡର କାଉନସିଲର ରଶ୍ମୀ ନନ୍ଦୀ ଯୋଗ ଦେବା ସହ ଫାର୍ମାସିଷ୍ଟ ସ୍ମୃତିଲାଲ ପୃଷ୍ଟି, ଷ୍ଟାଫ୍ ନର୍ସ ସସ୍ମିତା ରାୟ ସିଂହ, ସପୋର୍ଟିଂଷ୍ଟାଫ୍ କାର୍ତ୍ତିକ ପ୍ରଧାନ ସମେତ ଗ୍ରାମର ଦୁର୍ଗା ଶଙ୍କର ଭୂୟାଁ, ମୋଣ୍ଟୁ ବ୍ରହ୍ମ, ବିକ୍ରମ ପରିଡ଼ା, ଗୋପାଳ ଚନ୍ଦ, ବୈଜ୍ୟେଷ୍ଠ ବ୍ୟକ୍ତି ବିଶେଷ ଉପସ୍ଥିତ ଥିଲେ।



## ବିଜେପି ରାଜ୍ୟ ଉପସଭାପତିଙ୍କୁ ସମ୍ବର୍ଦ୍ଧନା

ଜଳେଶ୍ୱର ବ୍ଲକ, ୨୫।୧୦ (ସମିସ) : ଜଳେଶ୍ୱର ଭଞ୍ଜ ଭବନ ପରିସରରେ ବିଜେପି ଦଳର ନୂତନ ଭାବେ ରାଜ୍ୟ ଉପସଭାପତି ସିପ୍ରା ବାଜପେୟୀଙ୍କୁ ଭବ୍ୟ ସମ୍ବର୍ଦ୍ଧନା ସଭା ଅନୁଷ୍ଠିତ ହୋଇଛି। ଏଥିରେ ଅତିଥି ପରିଚୟ ଦେଇଥିଲେ ପ୍ରଣବ କୁମାର ପଣ୍ଡା, ମଞ୍ଚ ପରିଚାଳନା କରିଥିଲେ ପୂର୍ବତନ ସରପଞ୍ଚ ମନୋଜ କୁମାର ସାସମଲ। ଜଳେଶ୍ୱର ବିଜେପିର ବରିଷ୍ଠ ନେତା ସମୀର କୁମାର ପାତ୍ର, ପୂର୍ବତନ ସରପଞ୍ଚ ସତ୍ୟ ଶୋଭନ ମିଶ୍ର, ସଂଗ୍ରାମ କେଶରୀ ପରିଡ଼ା, ରାଜ୍ୟ କୃଷକ ମୋର୍ଚ୍ଚାର କୌଶିକ ଚାନ୍ଦ ପ୍ରମୁଖ ଅନେକ କର୍ମକର୍ତ୍ତା ଉପସ୍ଥିତ ଥିଲେ।

No.4070, Dated 23.10.2025 O-1128

Government of Odisha "e" procurement Notice

Bid Identification No. TENDER ONLINE SNPR- 07 OF 2025-26

1. Name of the work : Building Works as per DTCN available in the website. www.tendersodisha.gov.in
2. Total No. of Work : 64(Sixty four)Nos.
3. Approximate Estimated Cost : Vary from Rs. 1.68 lakh to Rs. 8.40 lakh
4. Period of Completion : 2 (Two Calendar months)
5. Period and time of availability of bid document in the portal for bidding : 29.10.2025 at 11.00AM to 11.11.2025 up to 5.00 PM
6. Date and time of opening of Tender : 12.11.2025 at 11.00AM (Technical Bid) & (Financial Bid will be intimated later on)
7. Name and address of the officer inviting bid : S.E.R.W.Division. Sonepur

(1) Other details can be seen from detailed notice
(2) inviting tenders, available in website www.tendersodishagov.in
(3) Corrigendum if any shall only be published in the website: www.tenderodisha.gov.in

Executive Engineer,
Rural Works Division, Sonepur.

OIPR-25054/11/0041/2526

GOVERNMENT OF ODISHA
DEPARTMENT OF WATER RESOURCE
OFFICE OF THE SUPERINTENDING ENGINEER,
NABARANGPUR IRRIGATION DIVISION
NABARANGPUR,DIST-NABARANGPUR(ODISHA)
Email ID- senidivision@gmail.com
A-748

E-PROCUREMENT NOTICE

BID IDENTIFICATION NO-SE-NID- 04 /2025-26 (01-06)

1. Nature of the work – Construction of Trough wall & Renovation of canal syphon.
2. Total Nos. of works – 06 (Six) Nos.
3. Tender cost of the works–From Rs.7.53 lakhs to Rs.6.71 lakhs (excluding GST)
4. Class of Contractor – 'D'& 'C' Class
5. Period of completion-01(One) Month
6. Other details as follows :

| Procurement Officer | Bid Identification No. | Availability of Bid on-line | | Last date & time of seeking tender clarification | Date & Time & Place of opening of Tender |
|---|---|---|---|---|---|
| Superintending Engineer, Nabarangpur Irrigation Division,Nabarangpur. | SE-NID-04 /2025-26(01-06) | 27.10.2025 (10.00AM) | 10.11.2025 (up to 05.00 PM) | 30.10.2025 up to 5.00 PM | 11.11.2025 at 11.00 AM in the O/o the Superintending Engineer, Nabarangpur Irrigation Division,Nabarangpur. |

Further details can be seen from the Government web site www.tendersodisha.gov.in
Addendum/Corrigendum/Cancellation if any required will be published in Govt.website only.

Superintending Engineer
Nabarangpur Irrigation Division
Nabarangpur

OIPR-32361/11/0018/2526

# ଅର୍ଥ ସାଜିଛି ବାଧକ
# କୋମାରେ ସ୍ୱାମୀ, ଦୁର୍ଘଟଣାଗ୍ରସ୍ତ ସ୍ତ୍ରୀ

ଔପଦା,୨୫।୧୦(ସମିସ)



ପିଲାଙ୍କ ପାଠପଢ଼ାରେ ଡୋରି

ହଜିଗଲା ହସ ଖୁସି। ଉଜୁଡ଼ି ଗଲା ସୁଖ ସଂସାର। ଭାଗ୍ୟ ଆକାଶରେ ମାଡ଼ିଆସିଲା କଳା ବାଦଲ। କୋମାରେ ସ୍ୱାମୀ, ଦୁର୍ଘଟଣାଗ୍ରସ୍ତ ସ୍ତ୍ରୀ। ମରଣ ସହିତ ସଂଗ୍ରାମ କରୁଛନ୍ତି ସ୍ୱାମୀ। ଚିକିତ୍ସା ପାଇଁ ଅର୍ଥ ସାଜିଛି ବାଧକ। ଗୋଟିଏ ପୁଅ ଓ ଗୋଟିଏ ଝିଅର ଭବିଷ୍ୟତ ଅନ୍ଧାର ଭିତରେ ଗତି କରୁଛି। ପାଠପଢ଼ାରେ ଡୋରି ବନ୍ଧା ହେବାକୁ ଲାଗିଲାଣି। ଏଭଳି ଏକ ଦୁଃଖଦ ଘଟଣା ଦେଖିବାକୁ ମିଳିଛି ବାଲେଶ୍ୱର ଜିଲ୍ଲା ଔପଦା ବ୍ଲକ ଅଘିରାପଦା ପଞ୍ଚାୟତ କମାରପାଳ ରାଜସ୍ୱ ଗ୍ରାମରେ। ଏହି ଗ୍ରାମର ବିନୋଦ ପଲେଇ ମୁମ୍ବଇରେ ଏକ ଘରୋଇ କମ୍ପାନୀରେ କାର୍ଯ୍ୟ କରି ପରିବାର ପ୍ରତିପୋଷଣ କରନ୍ତି। ଗତ ଅକ୍ଟୋବର ୧୬ତାରିଖରେ କମ୍ପାନୀରେ କାର୍ଯ୍ୟ କରୁଥିବା ବେଳେ ହଠାତ ତଳେ ପଡି ଯାଇଥିଲେ। ସେହି ଦିନଠୁ ବିନୋଦ ବ୍ରେନ୍‌ଷ୍ଟ୍ରୋକରେ ଆକ୍ରାନ୍ତ ହୋଇ ସେଠାକାର ଏକ ଘରୋଇ ହସ୍ପିଟାଲରେ କୋମାରେ ଅଛନ୍ତି। ଦୁଇ ମାସ ପୂର୍ବରୁ ସ୍ତ୍ରୀ ପ୍ରମିଳା ପିଲାମାନଙ୍କୁ ନେଇ ଘରୋଇ କାମରେ ବାହାରକୁ ଯିବା ରାସ୍ତାରେ ଯାଉଥିବା ଅଟୋଟି ଦୁର୍ଘଟଣାଗ୍ରସ୍ତ ଯୋଗୁଁ ପ୍ରମିଳାଙ୍କ ଗୋଡ଼ ଭାଙ୍ଗି ଅଚଳ ହୋଇ ପଡିଛନ୍ତି। ଦିନକୁ ପ୍ରାୟ ୪୦ ହଜାରରୁ ଉର୍ଦ୍ଧ୍ୱ ଟଙ୍କା ଖର୍ଚ୍ଚ ହେଉଥିବା ବେଳେ ସ୍ୱାମୀଙ୍କ ଚିକିତ୍ସା ପାଇଁ ପ୍ରମିଳାଙ୍କ ପକ୍ଷେ ଅର୍ଥ ଖର୍ଚ୍ଚ କରିବା ଅସମ୍ଭବ ହୋଇ ପଡିଛି। ଏଭଳି ପରିସ୍ଥିତିରେ ସ୍ୱାମୀଙ୍କ ଜୀବନ ବଞ୍ଚାଇବା ପାଇଁ କାନ୍ଦି କାନ୍ଦି ସ୍ତ୍ରୀ ପ୍ରମିଳା ଆର୍ଥିକ ସାହାଯ୍ୟ ପାଇଁ ଆକୁଳ ନିବେଦନ କରିଛନ୍ତି।

GOVERNMENT OF ODISHA
OFFICE OF THE SUPERINTENDING ENGINEER
RURAL WORKS DIVISION-II, MALKANGIRI
O-1174
Letter No. 3917/RWD-II/Dated- 24.10.2025
1st CORRIGENDUM
TO E-TENDER CALL NOTICE
BID-IDENTIFICATION NO.09/2025-26/LTR NO.3577/Dt. 24.09.2025

The Tender for the works invited under Bid Identification 09/2025-26 is here by modified and read as below:-

| Sl. No. | Item | Time Schedule as per Original TCN | Time Schedule as per Corrigendum Notice |
|---|---|---|---|
| 1 | Availability to Tender online for bidding | Dt. 17.10.2025 at 11.00 A.M. to Dt.31.10.2025 Up to 5.30 P.M. | Dt.05.11.2025 at 11.00 to Dt 15.11.2025 Up to 5.30 P.M. |
| 2. | Date & time of seeking tender clarification if any | Dt.30.10.2025 Up to 3.00 P.M. | Dt.14.11.2025 Up to 3.00 P.M |
| 3. | Date & time of Opening of tender (Price Bid) | Dt.01.11.2025 Up to 11.00 A.M. | Dt.17.11.2025 Up to 11.00 A.M |

1. All other terms and conditions of the bids will remain unchanged.

Supertintending Engineer
Rural Works Division-II,
Malakngiri

OIPR-25079/11/0036/2526

## ମୟୂରଭଞ୍ଜ ଜିଲ୍ଲାରେ ୪୮୬ ଡାକ୍ତର ପଦ ଖାଲି

# ରୋଗୀ ଘରୋଇ ଡାକ୍ତରଖାନା ମୁହାଁ

**ବାରିପଦା, ୨୫ ।୧୦(ସମିସ)**

ମୟୂରଭଞ୍ଜ ଜିଲ୍ଲାରେ ସ୍ୱାସ୍ଥ୍ୟ ସେବା ଦିନକୁ ଦିନ ବିଗିଡିବାରେ ଲାଗିଛି। ଫଳରେ ଘରୋଇ ଡାକ୍ତରଖାନା ଉପରେ ଲୋକ ନିର୍ଭରଶୀଳ। ଜିଲ୍ଲାରେ ୪୭.୨୮ ପ୍ରତିଶତ ଡାକ୍ତର ପଦ ଖାଲି ଥିବା ବେଳେ ନର୍ସିଂ ଅଫିସର ୩୩.୯୨ ପ୍ରତିଶତ, ଫାର୍ମାସିଷ୍ଟ ୧୮.୧୩ ପ୍ରତିଶତ, ଲାବ ଟେକ୍ନିସିଆନ ୩୦.୮୯ ପ୍ରତିଶତ ଏବଂ ବହୁ ଅନ୍ୟ କର୍ମଚାରୀ ପଦ ଖାଲି ପଡ଼ିଛି। ଡାକ୍ତର ଅଭାବରୁ ସରକାରୀ ଡାକ୍ତରଖାନାରେ ଉପଯୁକ୍ତ ଚିକିତ୍ସା ନ ପାଇ ରୋଗୀ ବାଧହୋଇ ଘରୋଇ ଡାକ୍ତରଖାନା ମୁହାଁ ହେଉଛନ୍ତି। ଯାହାକୁ ନେଇ ମୟୂରଭଞ୍ଜ ସାଂସଦ ନବଚରଣ ମାଝୀ ପ୍ରଶ୍ନ ଉଠାଇଛନ୍ତି। ରୋଗୀଙ୍କ ସମ୍ପର୍କୀୟ ହନ୍ତସନ୍ତ ହେବା ସହିତ ଅଯଥାରେ ଖର୍ଚ୍ଚାନ୍ତର ଶିକାର ହେଉଛନ୍ତି। ଏ ନେଇ ଜିଲ୍ଲାବାସୀଙ୍କ ମଧ୍ୟରେ ଉଦବେଗ ପ୍ରକାଶ ପାଇଛି। ୬ ମାସ ମଧ୍ୟରେ କେବଳ ୨ ପ୍ରତିଶତ ଡାକ୍ତର ପଦବୀ ପୂରଣ ହୋଇଥିବା ବେଳେ ଅର୍ଦ୍ଧାଧିକ ପଦବୀ ଫାଙ୍କା ପଡ଼ିଛି। ଖୁବଶୀଘ୍ର ଖାଲି ପଡ଼ିଥିବା ଡାକ୍ତର ପଦବୀ ପୂରଣ କରା ନ ଗଲେ ଭଞ୍ଜସେନା ଆନ୍ଦୋଳନକୁ ଓହ୍ଲାଇବ ବୋଲି ପ୍ରତିଷ୍ଠାତା କଳିଙ୍ଗ କେଶରୀ ଜେନା ଚେତାବନୀ ଦେଇଛନ୍ତି। ଜିଲ୍ଲାର ସମସ୍ତ ଡାକ୍ତରଖାନାରେ ୧୪୯୦ଶଯ୍ୟା ରହିଛି ଏବଂ ରୋଗୀଙ୍କୁ ସେବା ଯୋଗାଇବା ପାଇଁ ୧୦୨୮ ଡାକ୍ତର ପଦବୀ ସୃଷ୍ଟି କରାଯାଇଛି। ସେଥିରୁ ୪୭.୨୮ ପ୍ରତିଶତ ଅର୍ଥାତ୍ ୪୮୬ ପଦବୀ ଫାଙ୍କା ପଡ଼ିଛି। ଏହାକୁ ନେଇ ଜିଲ୍ଲା ପରିଷଦ ବୈଠକରେ ସଦସ୍ୟମାନେ ପ୍ରଶ୍ନ ଉଠାଇଥିଲେ।



ଡାକ୍ତର ପଦବୀ ଖାଲି ପଡ଼ିଥିବାରୁ ରୋଗୀ ସେବା ବ୍ୟାହତ ହେବାରେ ଲାଗିଛି। ଫଳରେ ପିଆରଏମ ମେଡିକାଲ କଲେଜ ଓ ହସପିଟାଲ ଏବଂ ଜିଲ୍ଲା ଓ ୪ଟି ଉପଖଣ୍ଡ ଚିକିତ୍ସାଳୟ ଏବେ ରେଫରାଲ ଡାକ୍ତରଖାନା ଭାବେ ସ୍ୱତନ୍ତ୍ର ପରିଚୟ ହାସଲ କରିଛି। ଝାଡଖଣ୍ଡ ଓ ପଶ୍ଚିମବଙ୍ଗ ରାଜ୍ୟର ରୋଗୀମାନେ ଉତ୍ତମ ଚିକିତ୍ସା ପାଇବା ପାଇଁ ବାରିପଦା ଡାକ୍ତରଖାନା ଉପରେ ଭରସା କରିଥାନ୍ତି। ଜିଲ୍ଲା ମୁଖ୍ୟାଳୟ ଡାକ୍ତରଖାନା, ମେଡିକାଲ କଲେଜ, ଉପଖଣ୍ଡ ସ୍ତରୀୟ ୩ଟି, ୪ଟି ସହରାଞ୍ଚଳ ଡାକ୍ତରଖାନା, ୨୮ଟି ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର, ୮୨ଟି ପ୍ରାଥମିକ ଚିକିତ୍ସାଳୟ, ୯ଟି ୟୁପିଏଚସି ଉପରେ ୨୮ ଲକ୍ଷ ୭୦ହଜାର ୬୪୭ ଲୋକ ନିର୍ଭର କରିଥାନ୍ତି। ତେବେ ୪୮୬ଟି ଡାକ୍ତର ପଦବୀ ଫାଙ୍କା

**ପଦବୀ ପୂରଣ ନ ହେଲେ ଆନ୍ଦୋଳନ କରିବ ଭଞ୍ଜସେନା**

ଚିନ୍ତାଜନକ ହୋଇଛି। କେବଳ ଜିଲ୍ଲା ମୁଖ୍ୟାଳୟରେ ୧୯୦ ଡାକ୍ତର ପଦବୀ ମଧ୍ୟରୁ ୧୦୧ଟି ଖାଲି ପଡ଼ିଛି। ସେହିପରି ରାଇରଙ୍ଗପୁର ଉପଖଣ୍ଡ ଚିକିତ୍ସାଳୟରେ ୫୪ରୁ ୨୦, ଉଦଳାରେ ୪୯ରୁ ୨୫ଟି ଓ କରଞ୍ଜିଆରେ ୫୩ରୁ ୨୦ଟି ପଦବୀରେ ଡାକ୍ତର ନାହାନ୍ତି। ଜନସଂଖ୍ୟା ତୁଳନାରେ ପ୍ରତି ଡାକ୍ତରଙ୍କ ପାଇଁ ୫୫୮୪ଜଣ ରୋଗୀଙ୍କ ଦାୟିତ୍ୱ ଭାର ରହିଛି। ସେହିପରି ୧୨୩୨ନର୍ସିଂ ଅଫିସର ପଦବୀ ମଧ୍ୟରୁ ୪୧୮, ୧୬୦ ଫାର୍ମାଶିଷ୍ଟ ପଦବୀରୁ ୨୯ଟି, ୧୨୩ଲ୍ୟାବ ଟେକ୍ନିସିଆନ ପଦବୀରୁ ୩୮ଟି, ଏମପିଏଚଡବ୍ଲୁ(ମହିଳା) ପଦବୀରେ ୨୯୫ ଓ ପୁରୁଷ ପଦବୀରେ ୬୦୪, ୭୦ଟି କିରାଣୀ ପଦବୀରୁ ୨୫ଟି, ୨୭୦ ଆଟାଣ୍ଡାଂଟଙ୍କ ମଧ୍ୟରୁ ୧୧୯ଟି, ୧୮୭ ସୁଇପରଙ୍କ ମଧ୍ୟରୁ ୯୭ଟି ଏବଂ ୪୯ଟି ପିଅନ ମଧ୍ୟରୁ ୨୧ଟି ପଦବୀ ଦୀର୍ଘ ଦିନ ଧରି ଖାଲି ରହିଛି। ଏବେ ମେଡିକାଲ କଲେଜରେ ୬୩୦ ଶଯ୍ୟା ରହିଛି। ଏଠାରେ ୬ଟି ମେଜର ଓ ୫ଟି ମାଇନର ଅସ୍ତ୍ରୋପଚାର ଥିଏଟର ରହିଛି। ପିଆରଏମ ମେଡିକାଲ କଲେଜଟି ନିଜସ୍ୱ କ୍ୟାମ୍ପସକୁ ସ୍ଥାନାନ୍ତର ହେବା ପରେ ଜିଲା ମୁଖ୍ୟାଳୟରେ ଅର୍ଦ୍ଧାଧିକ ବିଶେଷଜ୍ଞ ଡାକ୍ତର ନଥିବା ବେଳେ ଆବଶ୍ୟକ ସଂଖ୍ୟକ ସ୍ତ୍ରୀ ଓ ପ୍ରସୂତି ବିଶେଷଜ୍ଞ, ଶଲ୍ୟ ବିଶେଷଜ୍ଞ ଓ ଅସ୍ଥିଶଲ୍ୟ ବିଶେଷଜ୍ଞ ଡାକ୍ତର ନାହାନ୍ତି। ଫଳରେ ରୋଗୀଙ୍କୁ କଟକ ବଡଡାକ୍ତରଖାନାକୁ ସ୍ଥାନାନ୍ତର କରିବା ବ୍ୟତୀତ ଅନ୍ୟ କୌଣସି ଉପାୟ ନ ଥିବାରୁ ଏହାକୁ ରେଫରାଲ ହସପିଟାଲ ଭାବେ ପରିଚୟ ହାସଲ କରିଛି। ଜନପ୍ରତିନିଧିମାନେ ଏଥିପ୍ରତି କୌଣସି ପଦକ୍ଷେପ ଗ୍ରହଣ କରୁନାହାନ୍ତି। ଏପରିକି ଜିଲ୍ଲାରେ ଶାସକ ଦଳର ୨ଜଣ ମନ୍ତ୍ରୀକୁ ମିଶାଇ ୯ ବିଧାୟକ, ୩ ଲୋକସଭା ଓ ଜଣେ ରାଜ୍ୟସଭା ସଦସ୍ୟା ରହିଛନ୍ତି; କିନ୍ତୁ କୌଣସି ଗୁରୁତ୍ୱ ଦେଉ ନ ଥିବାରୁ ଜିଲ୍ଲାବାସୀଙ୍କ ମଧ୍ୟରେ ଉଦ୍‌ବେଗ ପ୍ରକାଶ ପାଇଛି। ଏ ନେଇ ଜନଅସନ୍ତୋଷ ତୀବ୍ର ରୂପ ଧାରଣ କରିବାକୁ ଯାଉଛି।

## ଜିଲ୍ଲାସ୍ତରୀୟ ଲୋକନୃତ୍ୟ ପ୍ରତିଯୋଗିତା; ବଲାଙ୍ଗୀ ବାଳିକା ଉଚ୍ଚବିଦ୍ୟାଳୟ ପ୍ରଥମ



**ବାରିପଦା, ୨୫ ।୧୦(ସମିସ):** ମୟୂରଭଞ୍ଜ ଜିଲ୍ଲା ଶିକ୍ଷା କାର୍ଯ୍ୟାଳୟ ଆନୁକୂଲ୍ୟରେ ବାରିପଦା ସହିଦ ସ୍ମୃତି ଭବନ ପରିସରରେ ଜିଲ୍ଲାସ୍ତରୀୟ ଲୋକନୃତ୍ୟ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟଅତିଥି ଭାବେ ଜିଲ୍ଲା ଶିକ୍ଷା ଅଧିକାରୀ ପୂର୍ଣ୍ଣଚନ୍ଦ୍ର ସେଠୀ ଯୋଗଦେଇ ଲୋକନୃତ୍ୟ ପ୍ରତିଯୋଗିତାକୁ ଉଦଘାଟନ କରିଥିଲେ। ଜିଲ୍ଲା ବିଜ୍ଞାନ ପରିଦର୍ଶକ ଜ୍ଞାନରଞ୍ଜନ ଆଚାର୍ଯ୍ୟ ମଞ୍ଚାସୀନ ରହି ଲୋକନୃତ୍ୟର ଉପାଦେୟତା ଉପରେ ଆଲୋକପାତ କରିଥିଲେ। ଏହି ଅବସରରେ ଜିଲ୍ଲାରୁ ବିଭିନ୍ନ ବିଦ୍ୟାଳୟର ଛାତ୍ରଛାତ୍ରୀ ଅଂଶ ଗ୍ରହଣ କରିଥିଲେ। ସମ୍ମାନିତ ଅତିଥି ଭାବେ ଅତିରିକ୍ତ ବ୍ଲକ ଶିକ୍ଷା ଅଧିକାରୀ ବ୍ରଜମୋହନ ମୁର୍ମୁ, ଥିଏଟର ଅଭିନେତା ଓ ନିର୍ଦ୍ଦେଶକ କୁମରମଣି ନାୟକ, ଥିଏଟର ଓ ଫିଲ୍ମର ଅଭିନେତା ଓ ନିର୍ଦ୍ଦେଶକ ଚିନ୍ମୟ ଦାସ ପଟ୍ଟନାୟକ, ଥିଏଟର ଓ ଫିଲ୍ମର ଅଭିନେତା ଓ ନିର୍ଦ୍ଦେଶକ ଧୀର ବସା, ନୃତ୍ୟ ପ୍ରଶିକ୍ଷକ ଲିଟନ ପଟ୍ଟନାୟକ, ନୃତ୍ୟ ଶିଳ୍ପୀ ରିଚା ବାରିକ, ନୃତ୍ୟ ଶିକ୍ଷକ ଅରୂପାନନ୍ଦ ମହଲା ପ୍ରମୁଖ ଯୋଗ ଦେଇଥିଲେ। ବିଚାରକ ଭାବେ ନୃତ୍ୟ ପ୍ରଶିକ୍ଷକ ଲିଟନ ପଟ୍ଟନାୟକ, ନୃତ୍ୟ ଶିଳ୍ପୀ ରିଚା ବାରିକ, ନୃତ୍ୟ ଶିକ୍ଷକ ଅରୂପାନନ୍ଦ ମହଲା ପ୍ରମୁଖ ଯୋଗ ଦେଇଥିଲେ। ପ୍ରତିଯୋଗିତାରେ ବଲାଙ୍ଗୀ ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ ପ୍ରଥମ, ଧନପୁରର ଲାଲମୋହନପତି ସରକାରୀ ଉଚ୍ଚ ବିଦ୍ୟାଳୟ ଦ୍ୱିତୀୟ, ଯଶିପୁର ମାଟିଆଗଡ଼ ଓଏଭି ଏବଂ ବାଲିଯୋଡା ଜଗବନ୍ଧୁ ସରକାରୀ ଉଚ୍ଚ ବିଦ୍ୟାଳୟ ଯୁଗ୍ମ ତୃତୀୟ ସ୍ଥାନ ଅଧିକାର କରି ପୁରସ୍କୃତ ହୋଇଛନ୍ତି। ଶିକ୍ଷକ ନୟନ କୁମାର ଗିରି ଅତିଥି ପରିଚୟ ଓ ବସନ୍ତ କୁମାର ଦତ୍ତ ଧନ୍ୟବାଦ ଅର୍ପଣ କରିଥିଲେ। ସୂଚନାଯୋଗ୍ୟ ଲୋକନୃତ୍ୟ ପ୍ରତିଯୋଗିତାରେ ପ୍ରଥମ ସ୍ଥାନ ଅଧିକାର କରିଥିବା ବଲାଙ୍ଗୀ ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟର ଶିକ୍ଷକ ମନୋଜ ପରିଡ଼ାଙ୍କ ସଂଯୋଜନାରେ ଲୋକନୃତ୍ୟଟି ଭୁବନେଶ୍ୱରରେ ହେବାକୁ ଥିବା ରାଜ୍ୟସ୍ତରୀୟ କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିବ।

## ମା’ କୀଚକେଶ୍ୱରୀଙ୍କ ସୁନାବେଶ ନିମନ୍ତେ ପ୍ରସ୍ତୁତି ବୈଠକ

**କରଞ୍ଜିଆ, ୨୫।୧୦(ସମିସ):** ଆସନ୍ତା ୫ ତାରିଖରେ କାର୍ତ୍ତିକ ପୂର୍ଣ୍ଣିମା ଉପଲକ୍ଷେ ହେବାକୁ ଥିବା ମା’ କୀଚକେଶ୍ୱରୀଙ୍କ ଦୁର୍ଲ୍ଲଭ ସୁନାବେଶ ନିମନ୍ତେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ମନ୍ଦିର ଟ୍ରଷ୍ଟ ବୋର୍ଡ ସଭାପତି ତଥା ପାଞ୍ଚପିଢ଼ ଉପଜିଲ୍ଲାପାଳ କସ୍ତୁରୀ ପଣ୍ଡାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ବୈଠକରେ ମନ୍ଦିର ପରିଛା ଅଜୟ କୁମାର ସାହୁ ଗତବର୍ଷର ବିବରଣୀ ପାଠ କରିଥିଲେ। ମନ୍ଦିର ପ୍ରଶାସନ ତରଫରୁ ଫୁଲ ସାଜସଜ୍ଜା ଦାୟିତ୍ୱ ଅର୍ପଣ କରାଯାଇଥିଲା। ଚଳିତ ବର୍ଷ ମା’ଙ୍କ ସୁନାବେଶ ସକାଳ ୭ଟାରୁ ଅପରାହ୍ନ ସାଢେ ୩ଟା ଯାଏ ଭକ୍ତଙ୍କ ଦର୍ଶନ ନିମନ୍ତେ ଖୋଲା ରହିବ। ଭକ୍ତମାନେ ମୁଖ୍ୟଦ୍ୱାର ଦେଇ ପ୍ରବେଶ କରିବେ ଏବଂ ସଂଗ୍ରହାଳୟ ଗେଟ୍ ଦେଇ ପ୍ରସ୍ଥାନ କରିବେ। ଭକ୍ତଙ୍କ ନିମନ୍ତେ ଅନ୍ନପ୍ରସାଦ ବ୍ୟବସ୍ଥା ମନ୍ଦିର ପ୍ରଶାସନ ପକ୍ଷରୁ କରାଯିବ। ଏହାର ପରିଚାଳନା ଦାୟିତ୍ୱ ଖିଚିଂ ଜାଗର ମେଳା କମିଟିକୁ ଦିଆଯିବା ନିମନ୍ତେ ନିଷ୍ପତ୍ତି ନିଆଯାଇଛି। ଟ୍ରାଫିକ ନିୟନ୍ତ୍ରଣ ନିମନ୍ତେ ସିଙ୍ଗଡ଼ା ଓ ରରୁଆଁ ପଟୁ ଆସୁଥିବା ବଡ଼ ଗାଡିଗୁଡିକ ଖିଚିଂ ମହାବିଦ୍ୟାଳୟ ପଡ଼ିଆ ଓ ଛୋଟ ଚାରିଚକିଆ ଗାଡି ଗୁଡିକ ଖିଚିଂ ମେଳା ପଡ଼ିଆରେ ପାର୍କିଂ କରିବେ। ସେହିପରି ଚଢେଇଭୋଳ ପଟୁ ଆସୁଥିବା ଗାଡିଗୁଡିକ ହାଟ ପଡ଼ିଆ ଓ ଆଦର୍ଶ ବିଦ୍ୟାଳୟ ନିକଟରେ ପାର୍କିଂ କରିବାକୁ ସ୍ଥିର ହୋଇଛି। ସୁନାବେଶ ଦିନ ଶୁକୃଳି ବ୍ଲକ ଅଞ୍ଚଳରେ ଥିବା ୨ଟି ବିଦେଶୀ ମଦ ଦୋକାନକୁ ବନ୍ଦ ରଖିବାକୁ ବୈଠକରେ ନିଷ୍ପତ୍ତି ନିଆଯାଇଛି। ବୈଠକରେ ଉପଖଣ୍ଡ ପୁଲିସ ଅଧିକାରୀ ନବକୃଷ୍ଣ ନାଏକ, ଶୁକୃଳି ତହସିଲଦାର ସତ୍ୟବାନ ନାୟକ, ୫୨ ନମ୍ବର୍ ଜିଲ୍ଲାପରିଷଦ ସଦସ୍ୟ ବିକାଶରଞ୍ଜନ ସି, ଖିଚିଂ ସରପଞ୍ଚ ଅଙ୍କିତା ବେହେରା, ଯୁବ ସମାଜସେବୀ ଗୋଲକ ନାଏକ, ରରୁଆଁ ଥାନା ଅଧିକାରୀ ଅନାଦି ଚରଣ ପଟ୍ଟାୟତ, ଇଂ ସୁଶାନ୍ତ ନାଏକ, ମନ୍ଦିର ପରିଛା ଅଜୟ ସାହୁ, ପୂଜକ, ଦିଲ୍ଲୀପ ପାଣିଗ୍ରାହୀ, ସୁବାସ ଚନ୍ଦ୍ର ପାଣିଗ୍ରାହୀ, ଧବଳେଶ୍ୱର ପାଣିଗ୍ରାହୀ, ସାମ୍ବାଦିକ ବିନ୍ଦୁସାର ଦାଶ, ବିଜୟ ଗିରି, ଜିତେନ୍ଦ୍ର ରାଜ ଅଭିଷେକ ପାଣିଗ୍ରାହୀ, ବିଜୟ ଗିରି, ସୁମନ୍ତ ପାତ୍ର ପ୍ରମୁଖ ବହୁ ଅଧିକାରୀ ଉପସ୍ଥିତ ଥିଲେ। ଶେଷରେ ପୂଜକ ଦିଲ୍ଲୀପ ପାଣିଗ୍ରାହୀ ଧନ୍ୟବାଦ ଅର୍ପଣ କରିଥିଲେ।

## ସରକାରୀ ଜମି କବ୍‌ଜା ଉଦ୍ୟମ କୋର୍ଟରେ ଅଗ୍ରାହ୍ୟ

**ବାରିପଦା, ୨୫ ।୧୦(ସମିସ):** ବାରିପଦାର ଦ୍ୱିତୀୟ ଅତିରିକ୍ତ ବରିଷ୍ଠ ଦେୱାନୀ ବିଚାରପତି ଡ. ନିଶାକର ସାହୁ ସରକାରୀ ଜମି ବେଆଇନ କବଜା ଉଦ୍ୟମ ନେଇ ଏକ ଦେୱାନୀ ମକଦ୍ଦମାରେ ଗୁରୁତ୍ୱପୂର୍ଣ୍ଣ ରାୟ ଦେଇଛନ୍ତି। ସରକାରୀ ଜମି ବେଆଇନ କବ୍‌ଜା ଉଦ୍ୟକୁ କୋର୍ଟ ଅଗ୍ରାହ୍ୟ କରିଦେଇଛନ୍ତି। ସରକାରୀ ଜମି ବେଆଇନ କବଜା ଉଦ୍ୟମ ନେଇ ବାଦୀ ବାରିପଦାର ସ୍ୱର୍ଗତ ପ୍ରୋମଥନାଥ ମିଶ୍ରଙ୍କ ପତ୍ନୀ ବୃନ୍ଦାରାଣୀ ମାଲିକାନା ସ୍ୱତ୍ୱ ଓ ଦଖଲ ପାଇବା ପାଇଁ ଅତିରିକ୍ତ ବରିଷ୍ଠ ସିଭିଲ ଜଜଙ୍କ କୋର୍ଟରେ ଏକ ସିଭିଲ କେସ ସରକାରଙ୍କ ବିରୋଧରେ ଦାଖଲ କରିଥିଲେ। ଉକ୍ତ ମକଦ୍ଦମାର ଉଭୟ ପକ୍ଷରୁ ଜବାବ ଶୁଣାଣି କରି ଅତିରିକ୍ତ ବରିଷ୍ଠ ସିଭିଲ ଜଜ ଡ. ସାହୁ ରାୟ ଏହି ରାୟ ପ୍ରକାଶ କରିଛନ୍ତି। ଉକ୍ତ ଜମି ବାରିପଦା ସହର ମଧ୍ୟସ୍ଥଳ ୱାର୍ଡ ନଂ ୪ ଗୋଲାପ ବାଗରେ ଥିବାବେଳେ ଏହା ସରକାରଙ୍କ ବହୁ ମୂଲ୍ୟବାନ ସମ୍ପତ୍ତି। ଯାହାର ଆନୁମାନିକ ମୂଲ୍ୟ ୨୦ କୋଟିରୁ ଊର୍ଦ୍ଧ୍ୱ ହେବ। ଉକ୍ତ ଜମି ପୂର୍ବରୁ ସରକାରଙ୍କ ରେକର୍ଡ ଭୁକ୍ତ ଥିଲା। ବର୍ତ୍ତମାନ ଅତିରିକ୍ତ ବରିଷ୍ଠ ଦେୱାନୀ ଅଦାଲତ ବାରିପଦାଙ୍କ ରାୟ ଦ୍ୱାରା ଉକ୍ତ ମୂଲ୍ୟବାନ ଜମି ସରକାରଙ୍କ ମାଲିକାନା ସ୍ୱତ୍ୱ କାଏମ ରହିଲା। ବରିଷ୍ଠ ସରକାରୀ ଆଇନଜୀବୀ ହିମାଂଶୁ କୁମାର ପାଣିଗ୍ରାହୀ ସରକାରଙ୍କ ପକ୍ଷରୁ ମକଦ୍ଦମା ପରିଚାଳନା କରୁଥିଲେ।

## ‘ଭିତ୍ତିଭୂମି ଯୋଗାଇବା ପରେ ୟୁଏଏସ୍ ଲାଗୁ କରାଯାଉ’



**ବାରିପଦା, ୨୫ ।୧୦(ସମିସ):** ଓଷ୍ଟା ସଂଘ ମୟୂରଭଞ୍ଜ ଜିଲ୍ଲା ସମ୍ପାଦକ କିଶୋର କୁମାର ଆଚାର୍ଯ୍ୟଙ୍କ ନେତୃତ୍ୱରେ ଓଷ୍ଟା, ଆପଟା, ଏନପିଏସ, ଜେଟି, ଓଫଟା, ଏକ୍ସକ୍ୟାଡର, ବିଇଡି ଶିକ୍ଷକ ସଂଘର ଏକ ପ୍ରତିନିଧି ମଣ୍ଡଳୀ ସମଗ୍ର ଶିକ୍ଷା ରାଜ୍ୟ ପ୍ରକଳ୍ପ ନିର୍ଦ୍ଦେଶକଙ୍କ ଉଦ୍ଦେଶ୍ୟରେ ଅତିରିକ୍ତ ଜିଲ୍ଲାପାଳ ଏବଂ ଜିଲ୍ଲା ଶିକ୍ଷା ଅଧିକାରୀଙ୍କୁ ଦାବିପତ୍ର ପ୍ରଦାନ କରାଯାଇଛି। ଜିଲ୍ଲାରେ ୟୁଏଏସ ଲାଗୁ କରିବା ପୂର୍ବରୁ ସମସ୍ତ ଭିତ୍ତିଭୂମି ଯୋଗାଇ ଦେବାକୁ ନିବେଦନ କରିଛି ସଂଘ। ଉପଯୁକ୍ତ ସାଧନ ସାମଗ୍ରୀ ଯୋଗାଇ ଦେବା, ଦକ୍ଷ ପରିଚାଳକଙ୍କ ନିଯୁକ୍ତି, ସମସ୍ତ ବିଦ୍ୟାଳୟକୁ ଇଣ୍ଟରନେଟ ସୁବିଧା, ବ୍ୟକ୍ତିଗତ ମୋବାଇଲ ବ୍ୟବହାର ପାଇଁ ବାଧ ନ କରିବା ଆଦି ଦାବି କରାଯାଇଛି। ଶିକ୍ଷକ ନେତା ବିମଳ କୁମାର ଆଚାର୍ଯ୍ୟ, ଦୟାନିଧି ମହାନ୍ତ, ପୂର୍ଣ୍ଣାନନ୍ଦ ଆଚାର୍ଯ୍ୟ, ବିକାଶ କୁମାର ପଣ୍ଡା, ହରେକୃଷ୍ଣ ବାରିକ, ଶୁଶାନ୍ତ କୁମାର ଗିରି, ଜାମିନିକାନ୍ତ ପଣ୍ଡା, ମନୋରଞ୍ଜନ ଧଳ, ଗଦାଧର ନାୟକ, ରମେଶ କୁମାର ପ୍ରଧାନ, ସୁଦର୍ଶନ ବାରିକ, ଛବିଲତା ବାରିକ, ପ୍ରଦିପ କୁମାର ମହାନ୍ତ ଓ ଗୌର ଗୋପାଲ ଲେଙ୍କା ପ୍ରମୁଖ ଅଂଶ ଗ୍ରହଣ କରିଥିଲେ।


## ଶିକ୍ଷୟିତ୍ରୀଙ୍କ ବିୟୋଗରେ ଶୋକସଭା

**ବାରିପଦା, ୨୫ ।୧୦(ସମିସ):** ଏକ ସଡକ ଦୁର୍ଘଟଣାରେ ମୃତ୍ୟୁ ଘଟିଥିବା ପୁଲିସ ଲାଇନ୍ ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ରତ୍ନପ୍ରଭା ଷଡ଼ଙ୍ଗୀଙ୍କ ଦିବଂଗତ ଆତ୍ମାର ସଦଗତି ନିମନ୍ତେ ସଚ୍ଚିଦାନନ୍ଦ ଗୁରୁକୁଳ ତରଫରୁ ଏକ ଶ୍ରଦ୍ଧାଞ୍ଜଳି ସଭା ଅନୁଷ୍ଠିତ ହୋଇଥିଲା। ସେ ପ୍ରଧାନ ଶିକ୍ଷୟିତ୍ରୀ ଭାବେ ଯୋଗଦେଇ ପୁଲିସ୍ ଲାଇନ୍ ଉଚ୍ଚ ବିଦ୍ୟାଳୟର ଉନ୍ନତି ପାଇଁ ବହୁ କାର୍ଯ୍ୟ କରିଥିଲେ। ଜଣେ ଶିକ୍ଷୟିତ୍ରୀଙ୍କ ମୃତ୍ୟୁ ସମାଜ ପାଇଁ ଅପୂରଣୀୟ କ୍ଷତି



ହୋଇଥାଏ ବୋଲି ଅଧକ୍ଷ ଅଜିତ କୁମାର ବେହେରାଙ୍କ ଅଧକ୍ଷତା ଅନୁଷ୍ଠିତ ଶୋକସଭାରେ ରଙ୍ଗାମାଟିଆ ଉଚ୍ଚ ବିଦ୍ୟାଳୟର ଶିକ୍ଷକ ଶରତ ବେହେରା କହିଥିଲେ। ଶିକ୍ଷକ ଗୌରାଙ୍ଗ ଧୀର, ଅବସରପ୍ରାପ୍ତ ଶିକ୍ଷକ ନବୀନ ରାଉତ, ସଚ୍ଚିଦାନନ୍ଦ ସେବା ଟ୍ରଷ୍ଟର ଟ୍ରଷ୍ଟି ସବ୍ୟସାଚୀ ପଲେଇ ରାସ୍ତାର ଦୁଇ କଡ଼ରେ ଦୋକାନୀଙ୍କ ଅବରୋଧ ଯୋଗୁଁ ଘଟିଛି ତାଙ୍କର ମୃତ୍ୟୁ ଘଟିଛି ବୋଲି କହିଥିଲେ। ସେହିପରି ଦୁର୍ଘଟଣାରେ ଆହତ ତାଙ୍କ ସ୍ୱାମୀ ସିଦ୍ଧେଶ୍ୱର ମିଶ୍ର ଶୀଘ୍ର ଆରୋଗ୍ୟ ପାଇଁ ଭଗବାନ ନିକଟରେ ନିରବ ପ୍ରାର୍ଥନା କରିଥିଲେ। ଟ୍ରଷ୍ଟି ଉର୍ମିଳା ବେହେରା, ଗୁରୁମା ଲିପି ଗିରି, ପ୍ରୀତି ବୈଠା, ସ୍ୱାଗତିକା ସାହୁ, ଗୁରୁଜୀ ସର୍ବେଶ୍ୱର ବେହେରା ସମେତ ଗୁରୁକୁଳର ଛାତ୍ରଛାତ୍ରୀ ଶ୍ରଦ୍ଧାସୁମନ ଅର୍ପଣ କରିଥିଲେ।

## ଭାଙ୍ଗିଲା ଦେଓ ନଦୀବନ୍ଧର ମୁଖ୍ୟ କେନାଲ



**କରଞ୍ଜିଆ, ୨୫।୧୦(ସମିସ):** କରଞ୍ଜିଆ ବ୍ଲକ ଅନ୍ତର୍ଗତ ମିରିଗି ପଞ୍ଚାୟତ ହାତୀବାରିଠାରେ ଦେଓ ନଦୀ ଅବସ୍ଥିତ। ଏହାର ଦୁଇଟି ମୁଖ୍ୟ କେନାଲ ରହିଛି। ଏଥିରୁ ରସମତଳା ପଞ୍ଚାୟତ କଦମବେଡ଼ା ନିକଟରେ ମୁଖ୍ୟ କେନାଲଟି ଶୁକ୍ରବାର ଭାଙ୍ଗିଯାଇଛି। ଫଳରେ ପାଣି ଚାଷ ଜମିରେ ମାଡିଯାଇ ବ୍ୟାପକ କ୍ଷତି ହୋଇଛି। ଏ ନେଇ ଅଧୀକ୍ଷଣ ଯନ୍ତ୍ରୀ ସୁରଜ ପାତ୍ରଙ୍କୁ ପଚାରିବାରୁ ଗତକାଲି କେନାଲ ଭାଙ୍ଗିଛି; ହେଲେ ବିଭାଗ ସଜାଗ ରହିଛି। ମରାମତି ଆରମ୍ଭ ହୋଇଛି ଏବଂ ଆଜି ଶେଷ ହୋଇଯିବ ବୋଲି କହିଛନ୍ତି। କ୍ଷତିପୂରଣ ଦେବା ନେଇ ତହସିଲଦାରଙ୍କୁ ଆକଳନ କରିବାକୁ ଅନୁରୋଧ କରାଯାଇଛି। ଆକଳନ ଅନୁଯାୟୀ ଚାଷୀଙ୍କୁ କ୍ଷତିପୂରଣ ଦିଆଯିବ ବୋଲି କହିଛନ୍ତି। ତେବେ ବାସିନ୍ଦା ଓ ଚାଷୀ କେନାଲ କାମ ନିମ୍ନମାନର ହୋଇଥିବା ନେଇ ଅଭିଯୋଗ କରିଛନ୍ତି।

## ରରୁଆଁରେ ଉପଖଣ୍ଡସ୍ତରୀୟ ଜନଶୁଣାଣି; ୧୪୮ ଅଭିଯୋଗ



**କରଞ୍ଜିଆ, ୨୫।୧୦(ସମିସ):** ରରୁଆଁ ବ୍ଲକରେ ଶନିବାର ଯୁଗ୍ମ ଜନଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି। ଶିବିରରେ ୧୪୮ଟି ଅଭିଯୋଗର ଜିଲ୍ଲାପାଳ ଏବଂ ଏସ୍‌ପି ଶୁଣାଣି କରିଥିଲେ। ଜିଲ୍ଲାପାଳ ହେମକାନ୍ତ ସଏ ଏବଂ ଏସ୍‌ପି ବରୁଣ ଘୁଣ୍ଟୁପାଲି ୧୪୮ ଅଭିଯୋଗ ଶୁଣାଣି କରିଥିବାବେଳେ ସେଥିରୁ ୧୧୯ ବ୍ୟକ୍ତିଗତ ଥିଲା। ଦୁଇଟି ଅଭିଯୋଗର ତତ୍କାଳ ସମାଧାନ କରାଯାଇଥିଲା। ଶୁକୃଳି ବ୍ଲକ ନାଉପନା ଗ୍ରାମର ଦେବଦତ୍ତ ସାହୁଙ୍କୁ ଚିକିତ୍ସା ନିମନ୍ତେ ମୁଖ୍ୟମନ୍ତ୍ରୀଙ୍କ ରିଲିଫ ଫଣ୍ଡରୁ ୧୦ ହଜାର ଟଙ୍କା ଜିଲ୍ଲାପାଳ ମଞ୍ଜୁର କରିଥିଲେ। ସେହିପରି ଶିବିରରେ ଭତ୍ତା, ରାସ୍ତା, ଡ୍ରେନ ନିର୍ମାଣ ସ୍କୁଲ ମରାମତି ଅଭିଯୋଗ ଆସିଥିଲା। ଶିବିରରେ ଉପଖଣ୍ଡ ପୁଲିସ ଅଧିକାରୀ ନବକୃଷ୍ଣ ନାଏକ, ଉପଜିଲ୍ଲାପାଳ କସ୍ତୁରୀ ପଣ୍ଡା, ଅତିରିକ୍ତ ଉପଜିଲ୍ଲାପାଳ ପ୍ରକାଶ କୁମାର ଦାସ, ପିଏ ଆଇଟିଡିଏ ଚିତ୍ତରଞ୍ଜନ ମହାନ୍ତ, ଡାକ୍ତର ଗୌରାଙ୍ଗ ଚରଣ ନାୟକ, ବିଦ୍ୟୁତ୍ ବିଭାଗ ଏସଡିଓ ଏ. ରାଫ ଏନ୍‌ଏସି କାର୍ଯ୍ୟନିର୍ବାହୀ ଅଧିକାରୀ ବିରାମ କିସ୍କ, ସହକାରୀ ଜିଲ୍ଲାପାଳ ନିହାର ରଞ୍ଜନ ସେଠୀ, କରଞ୍ଜିଆ ତହସିଲଦାର ଦିବାକର ମାଝୀ ଏବଂ ୫ଟି ବ୍ଲକର ବିଡିଓ, ତହସିଲଦାର ସମେତ ବିଭିନ୍ନ ଅଧିକାରୀ ଯୋଗଦେଇଥିଲେ।

## ତମାଖୁ ମୁକ୍ତ ଅଭିଯାନ ୩.୦ରେ ସଚେତନତା କାର୍ଯ୍ୟକ୍ରମ ଶୁଭାରମ୍ଭ

**ବାରିପଦା, ୨୫ ।୧୦(ସମିସ):** ସ୍ୱାସ୍ଥ୍ୟ ଉପରେ ତମାଖୁର କୁପ୍ରଭାବ ସମଗ୍ର ବିଶ୍ୱରେ ଏକ ଚିନ୍ତାର କାରଣ ହୋଇଥିବା ବେଳେ ରାଜ୍ୟରେ ବର୍ତ୍ତମାନ ଯୁବସମାଜ ପାଇଁ ତମାଖୁ ମୁକ୍ତ ଅଭିଯାନ ୩.୦ ଆରମ୍ଭ ହୋଇଛି। ଏହି ଅବସରରେ ଜିଲ୍ଲା ସ୍ୱାସ୍ଥ୍ୟ ସମିତି ତରଫରୁ ଶନିବାର ବିଭିନ୍ନ ଛାତ୍ରଛାତ୍ରୀଙ୍କୁ ନେଇ ଏକ ସଚେତନତା ରାଲି କରାଯାଇଥିଲା। ଏହି କାର୍ଯ୍ୟକ୍ରମକୁ ଜିଲ୍ଲା ଜନସ୍ୱାସ୍ଥ୍ୟ ଅଧିକାରୀ ଡା ସୁଭାଷ ଚନ୍ଦ୍ର ନାୟକ ଓ ଅତିରିକ୍ତ ଜିଲ୍ଲା ସ୍ୱାସ୍ଥ୍ୟ ଅଧିକାରୀ ଡାକ୍ତର ବିଜୟ କୁମାର ଦାସ ଶୁଭାରମ୍ଭ କରିଥିଲେ। ଏହି ଅବସରରେ ଏକ ତମାଖୁର ପ୍ରଭାବ ସ୍ୱାସ୍ଥ୍ୟ ଉପରେ ହାନିକାରକ ଏହି ଉପରେ ଏକ ଚିତ୍ରାଙ୍କନ ପ୍ରତିଯୋଗିତା କରାଯାଇଥିଲା। ଅନ୍ୟମାନଙ୍କ ମଧ୍ୟରେ ସରକାରୀ ଏଏନଏମ ପ୍ରଶିକ୍ଷଣ କେନ୍ଦ୍ରର ଅଧକ୍ଷା ଭାରତୀ ଆରୁଖ ଉପସ୍ଥିତ ଥିଲେ।

## ନିର୍ଦ୍ଦିଷ୍ଟ ଶିକ୍ଷଣ ଅସମର୍ଥତା ସଚେତନତା ଦିବସ ପାଳିତ



**ବାରିପଦା, ୨୫ ।୧୦(ସମିସ):** ମୟୂରଭଞ୍ଜ ସମଗ୍ର ଶିକ୍ଷା ତରଫରୁ ନିର୍ଦ୍ଦିଷ୍ଟ ଶିକ୍ଷଣ ଅସମର୍ଥତା (ଡିସ୍ଲେକ୍ସିଆ) ସଚେତନତା ଦିବସ ପାଳିତ ହୋଇଛି। ଉକ୍ତ କାର୍ଯ୍ୟକ୍ରମରେ ବାରିପଦା ପୌରାଞ୍ଚଳ ଅଧୀନ ୧୩ଟି ଉଚ୍ଚ ବିଦ୍ୟାଳୟରୁ ୮୦ ଜଣ ଛାତ୍ରଛାତ୍ରୀ ସହ ପ୍ରତି ବିଦ୍ୟାଳୟରୁ ଜଣେ ଗାଇଡ ଶିକ୍ଷକ, ପ୍ରତି ବ୍ଲକରୁ ୨ଜଣ ଆଞ୍ଚଳିକ ସାଧନ କେନ୍ଦ୍ର ସଂଯୋଜକ, ସମସ୍ତ ଅନ୍ତର୍ନିବେଶୀ ସାଧନ କର୍ମୀ ଏବଂ ସ୍ୱେଚ୍ଛାସେବୀ ସଂଗଠନ ସାଧନାର ୫ଜଣ କର୍ମୀ ଯୋଗଦେଇଥିଲେ। ଏହି ଅବସରରେ ସମସ୍ତ ଅଂଶଗ୍ରହଣକାରୀ ଏକ ସଚେତନତା ଶୋଭାଯାତ୍ରାରେ ସହର ପରିକ୍ରମା କରିଥିଲେ। ଶିକ୍ଷକ ସନ୍ତୋଷ ସାହୁ, ପ୍ରଧାନ ଶିକ୍ଷକ ରାଜକିଶୋର ବେହେରା, ସହକାରୀ ଶିକ୍ଷକ ହରେନ୍ଦ୍ର ମହାନ୍ତ, ସତ୍ୟନାରାୟଣ ନାୟକ, ସୌମ୍ୟ ଦାସ ଓ ସୁଶିଲ ପଣ୍ଡାଙ୍କ ତତ୍ତ୍ୱାବଧାନରେ ରଚନା, କୁଇଜ ଆଦି ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ଏଥିରେ ବିନୋଦ ବିହାରୀ ବେହେରା ପ୍ରଥମ, ଧନପତି ମିଶ୍ର ଦ୍ୱିତୀୟ ଓ ସୌଭାଗ୍ୟ ମହାପାତ୍ର ତୃତୀୟ ସ୍ଥାନ ଅଧିକାର କରିଥିଲେ। ସେହିପରି କୁଇଜ ପ୍ରତିଯୋଗିତାରେ ଅଙ୍କିତା ଦାସ ପ୍ରଥମ, ବୈଭବ ବାରିକ ଦ୍ୱିତୀୟ ଓ ତନୁଶ୍ରୀ ଦାସ ତୃତୀୟ ଏବଂ ରଚନା ପ୍ରତିଯୋଗିତାରେ ଭାସ୍ୱତୀ ମହାନ୍ତି ପ୍ରଥମ, ପ୍ରତିଭା ପୃଷ୍ଟି ଦ୍ୱିତୀୟ ଓ ସୁମୀ ମୁର୍ମୁ ତୃତୀୟ ସ୍ଥାନ ଅଧିକାର କରିଥିଲେ। ଜିଲ୍ଲା ପ୍ରକଳ୍ପ ସଂଯୋଜକ ପୂର୍ଣ୍ଣଚନ୍ଦ୍ର ସେଠୀ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ସମ୍ମାନିତ ଅତିଥି ଭାବେ ଅତିରିକ୍ତ ଜିଲ୍ଲା ଶିକ୍ଷା ଅଧିକାରୀ ଶଶିଧର ସିଂ, ଜିଲ୍ଲା ପ୍ରକଳ୍ପ କାର୍ଯ୍ୟାଳୟର ବାଳିକା ଶିକ୍ଷା ସଂଯୋଜକ ପ୍ରଫୁଲ ବାରିକ, ଆଦିବାସୀ ଶିକ୍ଷା ସଂଯୋଜକ ସପନ ପୃଷ୍ଟି, ଜିଲ୍ଲା ଶିକ୍ଷାତତ୍ତ୍ୱ ସଂଯୋଜିକା ଶୈଳବାଳା ବେହେରା ଏବଂ ଜିଲ୍ଲା ଅନ୍ତର୍ନିବେଶି ଶିକ୍ଷା ସଂଯୋଜକ ନିରଞ୍ଜନ ନାୟକ, ସାଧନାର ନିର୍ଦ୍ଦେଶକ ପ୍ରଭାକର ସାହୁ ପ୍ରମୁଖ ପିଲାଙ୍କୁ ଉତ୍ସାହିତ କରିଥିଲେ। ଶିଶୁଙ୍କ ମାନସିକ ସ୍ୱାସ୍ଥ୍ୟ ଉନ୍ନତ କରିବା ଏବଂ ସେମାନଙ୍କ ଆତ୍ମବିଶ୍ୱାସ ବଢ଼ାଇବା ପାଇଁ ଚିତ୍ରାଙ୍କନ, ସଙ୍ଗୀତ ଓ ବିଭିନ୍ନ କ୍ରୀଡା ସାମିଲ କଲେ ସେମାନଙ୍କ ମଧ୍ୟରେ ଲେଖା ଓ ପଢ଼ା ପ୍ରତି ଆଗ୍ରହ ବଢ଼ିବ ବୋଲି ଅତିଥିମାନେ ମତ ଦେଇଥିଲେ। ଉଦଯାପନୀ ଉତ୍ସବରେ ମୁଖ୍ୟଅତିଥି ଭାବେ ଭଞ୍ଜପୁର ଥାନାର ଭାରପ୍ରାପ୍ତ ଅଧିକାରୀ ଅଜୟ କୁମାର ଜେନା ଯୋଗଦେଇ କୃତୀ ଛାତ୍ରଛାତ୍ରୀ ଓ ଆଞ୍ଚଳିକ ସାଧନ କେନ୍ଦ୍ର ସଂଯୋଜକଙ୍କୁ ପୁରସ୍କାର ଓ ସାର୍ଟିଫିକେଟ ପ୍ରଦାନ କରିଥିଲେ।

## ଲୋକଙ୍କ ଜୀବନ ସହ ଖେଳୁଛି ବିଦ୍ୟୁତ୍ ବିତରଣ ସଂସ୍ଥା

# ରାସ୍ତା ଉପରେ ବିପଜ୍ଜନକ ଟ୍ରାନ୍ସଫର୍ମର; ସ୍ଥାନାନ୍ତର ଦାବି


**ବାରିପଦା, ୨୫ ।୧୦(ସମିସ)**

ଉନ୍ନତ ବିଦ୍ୟୁତ ସେବା ଯୋଗାଇବାକୁ ଟାଟା ପାୱାର ନର୍ଦନ ଓଡ଼ିଶା ବିଦ୍ୟୁତ ବିତରଣ ସଂସ୍ଥା (ଟିପିଏନଓଡିଏଲ) ପକ୍ଷରୁ ଦିଆଯାଇଥିବା ପ୍ରତିଶ୍ରୁତି ପୂରଣ କରିବାରେ ବିଫଳ ରହିଛି। ବାରିପଦା ସହରରେ ବିଭିନ୍ନ ସ୍ଥାନରେ ଅସୁରକ୍ଷିତ ଭାବେ ବିଦ୍ୟୁତ ଟ୍ରାନ୍ସଫର୍ମର ପଡ଼ିରହିଛି। ଫଳରେ ଲୋକଙ୍କ ଜୀବନ ପାଇଁ ବିପଦ ସାଜିବା ସହ ଚଳପ୍ରଚଳରେ ମଧ୍ୟ ସମସ୍ୟାର କାରଣ ସାଜିଛି। ଏହାସହିତ ସହରରେ ରାସ୍ତା କଡରେ ଥିବା ଅନେକ ଟ୍ରାନ୍ସଫର୍ମର ଓ ବିଦ୍ୟୁତ କେବୁଲ ଗୁଡ଼ିକ ଗଛଲତା ମାଡି ଗଲାଣି। ଟ୍ରାନ୍ସଫର୍ମର ଗୁଡ଼ିକ ବାଡ଼ ଦେଇ ଘେରିବା ପରେ ନିଜ ଦାୟିତ୍ୱରୁ ଅଧିକାରୀ ଓହରି ଯାଉଛନ୍ତି। ପରିସର ମଧ୍ୟରେ ଅନାବନା ଗଛ ଓ ଗୁଳ୍ମଲତା ହୋଇ ମାଡି ଯାଉଛି। ସେହିପରି ରାସ୍ତା ଉପରେ ଥିବା କେବୁଲ ଗୁଡ଼ିକରେ ମଧ୍ୟ ଗଛ ଲତା ମାଡି ଯାଉଛି। ଏ ନେଇ କୋଣସି ରକ୍ଷଣାବେକ୍ଷଣ କରାଯାଉ ନ ଥିବାରୁ ବିପଦସଙ୍କୁଳ ଅବସ୍ଥାରେ ବିଭିନ୍ନ ସ୍ଥାନରେ ଟ୍ରାନ୍ସଫର୍ମରଗୁଡ଼ିକ ପଡ଼ି ରହୁଛି। ବାରିପଦା ସହରର ଟ୍ରାଫିକ ଛକ ନିକଟରେ ଏକ ଟ୍ରାନ୍ସଫର୍ମର ବିପଦସଂକୁଳ ଅବସ୍ଥାରେ ରହିଥିବା ଦେଖିବାକୁ ମିଳିଛି। ରାସ୍ତା କଡରେ ରହିଥିବା ଉକ୍ତ ଟ୍ରାନ୍ସଫର୍ମର କୋଣସି ରକ୍ଷଣାବେକ୍ଷଣ ହେଉନାହିଁ। ଏହା ବ୍ୟସ୍ତ ବହୁଳ ରାସ୍ତା କଡ଼ରେ ଅସୁରକ୍ଷିତ ଅବସ୍ଥାରେ ରହିଛି। ଯାହାକି ବାଟରେ ଯାଉଥିବା ଲୋକଙ୍କ ପାଇଁ ବିପଦର କାରଣ ସାଜିବା ସମ୍ଭାବନା ରହିଛି। ରାସ୍ତା କଡ଼ରେ ଥିବାରୁ ଜାଗା ଅଭାବରୁ ଟ୍ରାନ୍ସଫର୍ମର ପରିସରକୁ କେବଳ ତାର ବାଡ଼ ଦେଇ ଆବଦ୍ଧ କରାଯାଇଛି। ବର୍ଷା କିମ୍ବା ଅନ୍ୟ ବିପର୍ଯ୍ୟୟ ସମୟରେ ଏହା ଆହୁରି ବିପଦର କାରଣ ସାଜୁଛି। ଅନେକ ସମୟରେ ସର୍ଟ୍‌ସର୍କିଟ ହୋଇ ନିଆଁ ବାହାରୁଛି। ଫଳରେ ଲୋକେ ଉକ୍ତ ରାସ୍ତା ଦେଇ ଯିବାକୁ ଭୟ କରୁଛନ୍ତି। ଆଗକୁ ଏହା ଲୋକଙ୍କ ପାଇଁ ଅଧିକ ବିପଦର କାରଣ ସାଜିବା ସମ୍ଭାବନା ରହିଛି। ସହରର ମୁଖ୍ୟ ସ୍ଥାନରେ ରାସ୍ତା କଡ଼କୁ ଅସୁରକ୍ଷିତ ଅବସ୍ଥାରେ ଟ୍ରାନ୍ସଫର୍ମର ବିପଦସଙ୍କୁଳ ଅବସ୍ଥାରେ ରହିଛି। ଅନ୍ୟପଟେ ରାସ୍ତା କଡ଼କୁ ଟ୍ରାନ୍ସଫର୍ମର ଥିବାରୁ ରାସ୍ତା ସଂକୀର୍ଣ୍ଣ ହୋଇ ଟ୍ରାଫିକ ଜାମ ସ୍ଥିତି ରହୁଛି। ସନ୍ଧ୍ୟା ସମୟରେ ଅଧିକ ଭିଡ଼ ରହୁଛି। ତେଣୁକରି ଏହାକୁ ଅନ୍ୟତ୍ର ସୁରକ୍ଷିତ ସ୍ଥାନକୁ ସ୍ଥାନାନ୍ତର କରିବା ପାଇଁ ସ୍ଥାନୀୟ ବାସିନ୍ଦା ଦାବି କରିଛନ୍ତି। ଏ ବାବଦରେ ଟିପିଏନଓଡିଏଲ ନିର୍ବାହୀ ଯନ୍ତ୍ରୀ କାହ୍ନୁଚରଣ ସରଦାରଙ୍କୁ ପଚାରିବାରୁ ସ୍ଥିତି ଅନୁଧ୍ୟାନ କରି ପଦକ୍ଷେପ ଗ୍ରହଣ କରିବେ ବୋଲି ପ୍ରତିଶ୍ରୁତି ଦେଇଛନ୍ତି।





# ଊର୍ମି



ମୂଳ ହିନ୍ଦୀ : ଡଃ ନୀଲକମଲ କପୁର
ଅନୁସୃଜନ : ଲଳିତ ମୋହନ ମିଶ୍ର

ନମିତା ବାଲକୋନିରେ ବସି ଚା' ପିଉଥିବା ସମୟରେ, ବିପରୀତ ଫ୍ଲାଟର ବାଲକୋନିକୁ ଦେଖିଲେ। ଆଜି ମଧ୍ୟ ଦୀପେଶ ଏକା ଏକା ଚା' ପିଉଛି। ଗତକାଲି ତାକୁ ଏକା ଦେଖିଥିଲେ। ରୁନଝୁନ୍ ଏବେ କେଉଁଠି ? ଠିକ୍ ସେତିକି ବେଳକୁ ଦୀପେଶ ତାଙ୍କୁ ହାତଯୋଡ଼ି ପ୍ରଣାମ ଜଣାଇଲା । ଦୀପେଶକୁ ନମିତା ଏକ ମେସେଜ୍ ପଠାଇଲେ, 'ରୁନଝୁନ୍'? ସେ ଶୋଇଛି ମାଉସୀ । ନମିତାଙ୍କୁ କଥାଟା ଟିକେ ଅଡୁଆ ଅଡୁଆ ଲାଗିଲା । ରୁନଝୁନ୍ ଏତେ ପର୍ଯ୍ୟନ୍ତ ଶୋଇବା ପିଲା ନୁହେଁ । ସେ ଯାହା ହେଉନା କାହିଁକି...ପ୍ରକୃତ କଥାଟା ଏ ମେସେଜ୍ ଦ୍ୱାରା ଜାଣି ହେବ ନାହିଁ । ବାସ୍ତବ କ୍ଷେତ୍ରକୁ ନ ଗଲେ, କଥାଟା ଭଲ ଭାବରେ ଜାଣି ହେବ ନାହିଁ।

ରୁନଝୁନ୍ ନମିତାଙ୍କ ଝିଅ ରିମାର ସ୍କୁଲ୍ ସାଙ୍ଗ । କେବେକେବେ ଭଲ ମନ୍ଦରେ ଘରକୁ ଆସେ । ତା'ପରେ ପିଲାମାନେ ସ୍କୁଲ ଜୀବନ ସାରି ବଡ଼ ହେଲେ । କଲେଜ ପଢ଼ିବା ପରେ ସେମାନେ ନିଜ ନିଜର କାମ ଧନ୍ଦା ଆରମ୍ଭ କରିଦେଲେ । ଯେ ଯାହାର ବିବାହ କରି ଘର ସଂସାର କଲେ । ଏବେ ସ୍ୱାମୀ ଶାଶୁ ଶ୍ୱଶୁର ଛୁଆ ପିଲାଙ୍କୁ ନେଇ ଯେ ଯାହାର ଘର ସଂସାରରେ ବ୍ୟସ୍ତ । ରିମା ବିଦେଶରେ ରହୁଛି । ନମିତା ଏବଂ ତାଙ୍କର ସ୍ୱାମୀ ରିମା ସହିତ କିଛିଦିନ ବିଦେଶରେ ରହୁଥିଲେ । ନିଜ ମାଟି ମାଆକୁ ଭଲ ପାଇ ନିଜ ଗାଁରେ ରହୁଛନ୍ତି । ରିମା ପାଖକୁ ବାରମ୍ବାର ଯାଉଥିବାରୁ ଏବଂ ବୟସାଧିକ ହେବାରୁ ସ୍ୱାସ୍ଥ୍ୟ ଚିନ୍ତାରେ ଏବେ ସହରରେ ରହୁଛନ୍ତି । ପୁରୁଣା ପୈତୃକ ଘର ବିକ୍ରି କରି ଏକ ହାଉସିଂ ସୋସାଇଟିରେ ଗୋଟିଏ ଫ୍ଲାଟ୍ କିଣିଛନ୍ତି । ଏହି ଫ୍ଲାଟ୍‌ଟି ଦୁଇଜଣ ଲୋକଙ୍କ ପାଇଁ ବହୁତ ଆରାମଦାୟକ। ଏଠାରେ ରହିବା ପ୍ରାୟ ଗୋଟିଏ ବର୍ଷ ହୋଇଗଲାଣି । ହଠାତ୍ ଦିନେ ସୋସାଇଟି ସାମ୍ନାରେ ଥିବା ଜେନେରାଲ ଷ୍ଟୋରରୁ ନମିତା କିଛି ଜିନିଷ କିଣି ଘରକୁ ଫେରୁଥିଲେ । କିଏ ଜଣେ ପଛରୁ 'ହାଏ ଆଣ୍ଟି' ବୋଲି ଡାକିଲା । ନମିତା ପଛକୁ ଚାହିଁଲେ, ଝିଅଟି ପରିଚିତ ପରିଚିତ ମନେ ହେଉଥିଲା । ଯାହାହେଉନା କାହିଁକି, ସେହି ଚୁଲବୁଲି ଝିଅଟି ଦୁଇ ମିନିଟ୍ ମଧ୍ୟରେ ତାର ସମସ୍ତ କଥା ଟାଉଟାଉ ହୋଇ କହିଦେଲା। ସେ ଆଉ କିଏ ନୁହେଁ ରିମାର ସାଙ୍ଗ ରୁନଝୁନ୍ । ସେ ଏବେ ଏହି ସହରକୁ ଆସିଛି କାରଣ ତା'ର ସ୍ୱାମୀ ଏଠାକୁ ବଦଳି ହୋଇଆସିଛନ୍ତି।

ସବୁଠାରୁ ଭଲ ହେଲା ରୁନଝୁନ୍ । ଦୀପେଶ, ରୁନଝୁନ୍ ଏବଂ ପିଲାମାନେ ନମିତାଙ୍କ ସହିତ ସେହି ଫ୍ଲାଟ୍‌ରେ ରହୁଛନ୍ତି ଶୁଣି ଖୁସି ଲାଗିଲା । ଫ୍ଲାଟ୍‌ର ସାମ୍ନାସାମ୍ନି ଉଭୟଙ୍କ ଘର । ଉଭୟେ ନିଜ ନିଜ ବାଲକୋନିରେ ପରସ୍ପରକୁ ଦେଖିପାରୁଥିଲେ। ରୁନଝୁନ୍‌ର ପିଲାମାନେ ଜେଜେବାପାଙ୍କର ପରିବେଶ ପାଇଥିଲେ। ନମିତାଙ୍କ ସ୍ୱାମୀ ନରେଶ ଖାଇବା ପ୍ରିୟ ମଣିଷ। ରବିବାର ସକାଳେ ରୁନଝୁନ୍ କହି ଦେଉଥିଲା, ଆଣ୍ଟି ! ଆଜି ରବିବାର । କିଛି ଟିଫିନ୍ କରିବେ ନାହିଁ । ସିଙ୍ଗଡ଼ା,ବରା, କଚୋଡ଼ି, ପୁରୀ, ଢୋକଲା ଇତ୍ୟାଦି କିଛି ମସଲାଦାର ଟିଫିନ୍ ପ୍ରସ୍ତୁତ କରି ରୁନଝୁନ୍ ଆଣିଦିଏ । ନରେଶଙ୍କ ସ୍ୱାସ୍ଥ୍ୟ ସଚେତନ ପାଇଁ ନମିତା ମସଲାଦାର ଖାଦ୍ୟ ପ୍ରସ୍ତୁତ କରୁ ନଥିଲେ । ଏବେ ନରେଶ ଚଟ୍‌ପଟି ଖାଦ୍ୟର ସ୍ୱାଦ ପାଇ ବଡ଼ ଆନନ୍ଦ।

ସେଦିନ ସନ୍ଧ୍ୟାରେ ଜେନେରାଲ୍ ଷ୍ଟୋର୍‌କୁ ବ୍ରେଡ୍ ଆଣିବାକୁ ଯାଇଥିଲେ ନମିତା । ସେଠାରେ ଦୀପେଶଙ୍କ ସହିତ ଦେଖାହେଲା। ନମିତା ଦେଖିଲେ ଦୀପେଶର ହାବଭାବ ସୁଖା ସୁଖା । ନମିତା ପଚାରିଲେ, "କ'ଣ ହୋଇଛି ଦୀପେଶ? ଦୁଇ ତିନି ଦିନ ହୋଇଗଲାଣି... ସକାଳେ ଆଉ ରୁନଝୁନ୍ ବାଲକୋନିରେ ଦେଖାଯାଉ ନାହିଁ।"

ଦୀପେଶ ନ କହିବାକୁ ଚାହୁଁଥିଲେ ମଧ୍ୟ ଦୁଃଖିତ ମନରେ କହିଲେ – "କ'ଣ କହିବି ଆଣ୍ଟି । ରାତିରେ ସେ ବହୁ ସମୟ ପର୍ଯ୍ୟନ୍ତ ଶୋଉନାହିଁ । ତେଣୁ ସକାଳ ପର୍ଯ୍ୟନ୍ତ ଗଭୀର ନିଦ୍ରାରେ ଶୋଇପଡୁଛି । ମୁଁ ତାକୁ ଉଠାଇବାକୁ ଇଚ୍ଛା ଥିଲେ ମଧ୍ୟ ଉଠାଉନାହିଁ ।"

ମୁଁ ତାକୁ ଥରେ ଦୁଇଥର ପଚାରିଲି ଘଟଣା କ'ଣ ? ସେ କହିଲା, "ତୁମେ କ'ଣ ବୁଝିବ ନାରୀ ମନର କଥା । ପିଲାମାନେ ମଧ୍ୟ ଚୁପ୍ ଚାପ୍ । ସେମାନେ ମଧ୍ୟ ଡରରେ କିଛି କହୁ ନାହାଁନ୍ତି । ଯଦି କିଛି ପଚାରି ଦେଉଛନ୍ତି ତାଙ୍କ ଉପରେ ରାଗି ବିନା କାରଣରେ ଗାଳି ଦେଉଛି । କଥା କ'ଣ କି...ତା'ର ଜଣେ ବାନ୍ଧବୀ ଏବେ କିଛି ଦିନ ତଳେ ଆସିଥିଲା । ମୋତେ ଦେଖିଲା । ତା'ପରେ ସେ ରୁନଝୁନ୍‌କୁ କ'ଣ କହିଲା ଭଗବାନଙ୍କୁ ଜଣା । ଇଏତ ସେହି ଦିନଠାରୁ ଗୁଜୁରୁ ଗୁଜୁରୁ ହେଉଛି । କିଛି କହୁ ନାହିଁ। 'ନାଲି ଗାମୁଛାକୁ ଷଣ୍ଢ ଦେଖି ହୁରୁଡିଲା ପରି' ମୋତେ ଦେଖିଦେଲେ ତା'ର ରାଗ ପଞ୍ଚମରେ । ମୁଁ କିଛି କହି ପାରୁଛି ନା ରହି ପାରୁଛି ।" ନମିତା ଘରକୁ ଆସି କିଛି ସମୟ ଚିନ୍ତା କଲେ । ତା'ପରେ ରୁନଝୁନ୍‌ଙ୍କୁ ମେସେଜ୍ କଲେ । "କାଲି ରବିବାର ସକାଳ ଏଗାର ଟାରେ ପ୍ରସ୍ତୁତ ରୁହ । ଆମେ ସମସ୍ତେ ପିକନିକ୍ କରିବାକୁ ଯିବା । ସେଠାରେ ଦୁଇ ତିନି ଘଣ୍ଟା ବୁଲାବୁଲି କରିବା ହୋଟେଲରେ ଖାଇବା । ସନ୍ଧ୍ୟା ସୁଦ୍ଧା ଘରକୁ ଫେରି ଆସିବା । ତୁମ ମଉସାଙ୍କର ଆଜି ଜନ୍ମଦିନ ।"

ପିଲାମାନେ ପିକନିକ୍ ଜାଗାର ଡ୍ୟାମ୍ ପାଖରେ ଜେଜେ ବାପାଙ୍କ ସହିତ କ୍ରିକେଟ୍ ଖେଳିବା ଆରମ୍ଭ କରିଦେଲେ। ନମିତା ଏବଂ ରୁନଝୁନ୍ ଡ୍ୟାମ୍ ପାଖ ବେଞ୍ଚରେ ବସିଲେ। ନମିତା ରୁନଝୁନ୍‌କୁ ପଚାରିଲେ, "କ'ଣ ହୋଇଛି ? ମୁଁ ଅନୁଭବ କରୁଛି, କିଛି ଗୋଟାଏ ହୋଇଛି ? ଦେହ ପା' ଭଲ ଅଛି ତ...?" ରୁନଝୁନ୍ ଏକ ଦୀର୍ଘ ନିଶ୍ୱାସ ପକାଇ କହିଲା – "ସ୍ୱାସ୍ଥ୍ୟ ତ ଭଲ ଅଛି ଆଣ୍ଟି । ମନଟା ଭଲ ନାହିଁ। କ'ଣ କହିବି ମାଉସୀ, ଚାରି ଦିନ ତଳେ ମୋର କଲେଜ ସାଙ୍ଗ ଆସିଥିଲା । ସେ ଦୀପେଶ ବିଷୟରେ ଯାହା କହିଲା, ମୋତେ ବିଚଳିତ କରିଦେଲା ।"

ନମିତା କିଛି ମୁହୂର୍ତ୍ତ ପାଇଁ ତାକୁ ଚାହିଁ ରହିଲେ । ତା'ପରେ କହିଲେ – "ରୁନଝୁନ୍ ! ସେହି ପଥରଟି ଆଣ ଏବଂ ପାଣିକୁ ଫୋପାଡ଼ି ଦିଅ ।" ରୁନଝୁନ୍ ମଧ୍ୟ ମାଉସୀଙ୍କ କଥାରେ ଅନିଚ୍ଛା ସତ୍ତ୍ୱେ ପଥଟିକୁ ଆଣି ପାଣିକୁ ଫୋପାଡ଼ି ଦେଲା । ପଥରଟି ପାଣିରେ ପଡ଼ିବାର ଶବ୍ଦ ହେଲା । ଧୀରେ ଧୀରେ ପଥରଟି ପାଣିରେ ବୁଡ଼ିଗଲା । ସେଠାରେ ତରଙ୍ଗର ଏକ ବୃତ୍ତ ସୃଷ୍ଟି ହେଲା । କିଛି ଊର୍ମି ହୋଇ କୂଳକୁ ଆସିଗଲା ।


କିଛି ସମୟ ପରେ ଡ୍ୟାମ୍‌ର ପାଣି ଶାନ୍ତ ହୋଇଗଲା । "କିଛି ଦେଖିଲୁ ଝିଅ ?" ନମିତା ରୁନଝୁନ୍‌କୁ ପଚାରିଲେ । "ତୁମେ ଡ୍ୟାମ୍‌କୁ ପଥରଟି ଫିଙ୍ଗିଲ । ସେଥିରେ ଊର୍ମି ଉଠିଲା ଏବଂ ଆହୁରି କ'ଣ ହେଲା । ଡ୍ୟାମର ସମଗ୍ର ଜଗତ ଥରି ଉଠିଲା । ଏପରି ଲାଗିଲା ଡ୍ୟାମ୍‌ରେ ଉଠିଥିବା କୋମଳ ପତ୍ରଗୁଡ଼ିକ ବୁଡ଼ିଗଲା। ପାଖରେ ଥିବା ବୁଦାଗୁଡ଼ିକରୁ ଛୋଟ ଛୋଟ ପକ୍ଷୀମାନେ ଭୟଭୀତ ହୋଇ ଉଡ଼ିଗଲେ। କୂଳରେ ବସିଥିବା ବେଙ୍ଗଗୁଡ଼ିକ ସୂର୍ଯ୍ୟ କିରଣ ପାଇ ଜଳପାନ କରୁଥିଲେ। ସେମାନେ ଭୟଭୀତ ହୋଇ ପାଣିକୁ ଡେଇଁ ପଡ଼ିଲେ । କିନ୍ତୁ ଡ୍ୟାମ୍‌ର କ'ଣ ହେଲା? ଧୀରେ ଧୀରେ ନିଜର ଜଳକୁ ସ୍ଥିର କରିଦେଲା । ମୁଁ ତୁମଠାରୁ ଜାଣିବାକୁ ଚାହୁଁନାହିଁ ଯେ, ତୁମର ସାଙ୍ଗ ତୁମ ପରିବାର ବିଷୟରେ କ'ଣ କହିଲା? କିନ୍ତୁ ଏତିକି ବୁଝିପାରୁଛି ଯେ, ତା'ର କଥା ତୁମକୁ ପଥର ପରି ଲାଗିଛି । ଯାହା ବି ହୋଇଛି ତୁମେ ବଦଳାଇ ପାରିବ ନାହିଁ । କିନ୍ତୁ ବିଚଳିତ ହୋଇ ତୁମର ଘର ସଂସାର ଚହଲି ଯାଇଛି। ଦୀପେଶ ନିରାଶ ହୋଇଛି । ପିଲାମାନେ ଦୁଃଖୀ । ଡ୍ୟାମ୍‌ରୁ କିଛି ଶିଖ । ଯେଉଁ ପଥର ସମସ୍ତଙ୍କୁ ଅସ୍ଥିର କରିଦେଲା । ସିଏ ଏବେ ଶାନ୍ତ ସ୍ଥିର । ଡ୍ୟାମ୍ କି ଜାଣେ ଏହି କାର୍ଯ୍ୟ ପଥର ଫିଙ୍ଗିଥିବା ବ୍ୟକ୍ତିର ଭୁଲ୍ ନା ପଥରର । ସେ କାହାର କ୍ଷତି କରିବ ନାହିଁ କିନ୍ତୁ ଡ୍ୟାମ୍‌ର ସଂସାର ନିଶ୍ଚିତ ଭାବରେ ବିଚଳିତ। ତେଣୁ ମୋ ଝିଅ, ତୁ ଡ୍ୟାମ୍ ଭଳି ହୋଇଯାଅ । ଏଠାରେ କାହାର ଦୋଷ ତ୍ରୁଟି ଖୋଜେ ନାହିଁ । ନିଜ ଘର ସଂସାର ନିଜେ ସଜାଡ଼େ ।" ନମିତା ସବୁ ବୁଝାଇ ସାରି ରୁନଝୁନ୍‌କୁ ଦେଖିଲେ। ରୁନଝୁନ୍ ତା'ର ମୋବାଇଲ ଫୋନ୍ ଉପରେ ବ୍ୟସ୍ତ ଅଛି। ନମିତା ପିଲାମାନଙ୍କ ପାଖକୁ ଚାଲି ଆସିଲେ । ଠିକ୍ ସେତେବେଳେ ନମିତାଙ୍କ ଫୋନ୍‌ରେ ଏକ ବିଜ୍ଞାପନ ଆସିଲା। ପାଖରେ ଥିବା ରୁନଝୁନର ଥମ୍ବସ୍-ଅପ୍ ଏବଂ ଦୁଇଟି ସ୍ମାଇଲି । ନମିତା ହସି ହସି ମୁଣ୍ଡ ଉପରକୁ ଉଠାଇଲା । ସେତେବେଳକୁ ରୁନଝୁନ୍ ପିଲାମାନଙ୍କ ସହିତ ବଲ୍ ଖେଳୁଥିଲା । ■

ଅରବିନ୍ଦ ନଗର, ନୟାଗଡ଼
ମୋ: ୯୪୩୭୯୮୫୮୬୬

# ପତ୍ରିକା ପରିଚୟ

## ରେବତୀ

ସଂପାଦିକା : ସୁବାସିନୀ ଜେନା




ଓଟି ରୋଡ୍, ବାଲେଶ୍ୱର
ପିନ୍-୭୫୬୦୦୧
ମୂଲ୍ୟ:୭୦ ଟଙ୍କା

ଶ୍ରୀମତୀ ସୁବାସିନୀ ଜେନାଙ୍କ ସଂପାଦନାରେ ପ୍ରକାଶ ପାଉଥିବା 'ରେବତୀ' ଆମ ମାଟିର ସ୍ୱର'ର ଅକ୍ଟୋବର ୨୦୨୫ ଶାରଦୀୟ ସଂଖ୍ୟା ଆକର୍ଷଣୀୟ ହୋଇଛି। ଏଥର 'ପ୍ରସଙ୍ଗ ମାତୃଶକ୍ତି'ରେ 'ବାଲେଶ୍ୱରର ବାଡ଼ି ପୂଜା ବନାମ ସାର୍ବଜନୀନ ଦୁର୍ଗୋତ୍ସବ'ରେ ବାଲେଶ୍ୱରର ଦୁର୍ଗାପୂଜାର ଇତିହାସ, ପରମ୍ପରା ଓ ସଂସ୍କୃତି ସଂପର୍କରେ ଏକ ତଥ୍ୟ ଭିତ୍ତିକ ଆଲୋଚନା ପ୍ରକାଶ ପାଇଛି। ସେହିପରି ସବ୍ୟସାଚୀ ବିଷୋୟୀଙ୍କ 'ବସ୍ତର ଦଶହରା', ଡକ୍ଟର ବିଜୟଲକ୍ଷ୍ମୀ ଦାଶଙ୍କ 'ଶକ୍ତି ସ୍ୱରୂପିଣୀ ଶାରଳା', ପ୍ରଫୁଲ୍ଲ କୁମାର ପଣ୍ଡାଙ୍କ 'ମାଆ ଘଣ୍ଟେଶ୍ୱରୀ' ଆଦି ଆଲେଖ୍ୟଗୁଡ଼ିକରେ ମାତୃଶକ୍ତିର ମାହାତ୍ମ୍ୟ ଓ ଦେବୀ ପୀଠର ବୈଶିଷ୍ଟ୍ୟ ସଂପର୍କରେ ବର୍ଣ୍ଣନା କରାଯାଇଛି। 'ମାନନୀୟେଷୁ'ରେ ଜ୍ଞାନରଞ୍ଜନ ନାୟକଙ୍କ 'ଗଳ୍ପର ଗୌରବ ଗାଥା ଗାୟତ୍ରୀ'ରେ ବିଶିଷ୍ଟ କଥାଶିଳ୍ପୀ ଗାୟତ୍ରୀ ସରାଫଙ୍କ ସୃଜନ ଯାତ୍ରା ସଂପର୍କରେ ଏକ ଚମତ୍କାର ଆଲେଖ୍ୟ ପ୍ରକାଶ ପାଇଛି । 'ସମକାଳୀନ କବିତା'ରେ ରାଜେନ୍ଦ୍ର କିଶୋର ପଣ୍ଡା, ଡକ୍ଟର ପ୍ରସନ୍ନ କୁମାର ମହାନ୍ତି, ଡକ୍ଟର ଶ୍ରୀହରି ଧଳ, ବିପିନ ନାୟକ, ଡକ୍ଟର ମନୋରମା ବିଶ୍ୱାଳ ମହାପାତ୍ର, ପ୍ରବାସିନୀ ମହାକୁଡ଼ ପ୍ରମୁଖଙ୍କ କବିତା ହୃଦୟସ୍ପର୍ଶୀ ହୋଇଛି। 'କଥା କାହାଣୀ'ରେ ଶ୍ୟାମା ପ୍ରସାଦ ଚୌଧୁରୀ, ଅଧ୍ୟାପକ ବିଶ୍ୱରଞ୍ଜନ, ପବିତ୍ର ପାଣିଗ୍ରାହୀ ପ୍ରମୁଖଙ୍କ ଗଳ୍ପଗୁଡ଼ିକ ମାର୍ମିକ ହୋଇଛି। 'ରେବତୀ'ର ସଂପାଦକୀୟଠାରୁ ଆରମ୍ଭ କରି ଶେଷପୃଷ୍ଠା ପର୍ଯ୍ୟନ୍ତ ନିୟମିତ ବିଭାଗର ଲେଖାଗୁଡ଼ିକ ମନଛୁଆଁ ହୋଇଛି । ■

## ଦେଖାଯାଉ

ସଂପାଦକ : ପ୍ରବୀର ମହାନ୍ତି



ଏନ୍-୨/୨୨, ଆଇ.ଆର୍.ସି. ଭିଲେଜ୍
ନୟାପଲ୍ଲୀ, ଭୁବନେଶ୍ୱର-୭୫୧୦୧୫
ମୂଲ୍ୟ: ୧୦୦ ଟଙ୍କା

ଟିମ୍ ନୂଆ, ଥିମ୍ ନୂଆ, ସ୍କିମ ନୂଆ 'ଦେଖାଯାଉ'ର ଅଷ୍ଟାଦଶ ବର୍ଷ ପ୍ରଥମ ସଂଖ୍ୟା -୨୦୨୫ ପ୍ରବୀର ମହାନ୍ତିଙ୍କ ସଂପାଦନାରେ ପ୍ରକାଶ ପାଇଛି। ଡ. ଇନ୍ଦ୍ରମଣି ଜେନାଙ୍କ 'କନିଆଁ ଚୋରିର ବି ଫଟୋ ଅଛି'ରେ ଅଢ଼େଇ ହଜାର ବର୍ଷ ତଳର ଗୁମ୍ଫାରେ ଖୋଦିତ ଛବିରେ ତତ୍କାଳୀନ ସାମାଜିକ ଚିତ୍ର କିଭଳି ପ୍ରସ୍ଫୁଟିତ ହୋଇଉଠିଛି ତାହା ବର୍ଣ୍ଣନା କରାଯାଇଛି। ସେହିପରି ପୁରୀର ପ୍ରସିଦ୍ଧ ସାହିଯାତ ସଂପର୍କରେ ଡକ୍ଟର ବିଶ୍ୱଜିତ ପଟ୍ଟନାୟକଙ୍କ 'ନାଗା ବୁଲୁଛି... ରାବଣ ବୁଲୁଛି...ପୁରୀରେ!' ଏକ ତଥ୍ୟଭିତ୍ତିକ ଆଲୋଚନା ପ୍ରକାଶ ପାଇଛି । ସେଭଳି ଉମାକାନ୍ତ ପଣ୍ଡାଙ୍କ 'ପଢ଼ିବାକୁ ମନା', ଡକ୍ଟର ଧନେଶ୍ୱର ସାହୁଙ୍କ 'ବିଜୟ ଦାସ ପରାଜୟ ଜାଣିନି', ସରୋଜ ସାହୁଙ୍କ 'କିବୁକ୍', ଜୟନ୍ତ କୁମାର ବିଶ୍ୱାଳଙ୍କ 'ମୁଗ୍ଧ ଅଧ୍ୟାପନାର ନାନ୍ଦନିକତା ଓ କାଳେଶୀବାଦ', ଗୋପାଳ ମିଶ୍ରଙ୍କ 'ବହି ବୋହି ନେଲା ନୋବେଲ୍ ଯାଏ', ଡକ୍ଟର ସର୍ବେଶ୍ୱର ସେଣଙ୍କ 'ଅଦୃଶ୍ୟ କୁମ୍ଭାରର ଇଚ୍ଛା', ଡକ୍ଟର ମୀନକେତନ ପଟ୍ଟନାୟକଙ୍କ 'ସଉରାରୁ ସେରିଗ୍ରାଫି ପର୍ଯ୍ୟନ୍ତ'ଆଦି ଲେଖାଗୁଡ଼ିକ ଉଚ୍ଚକୋଟୀର ଓ ମନନଶୀଳ ହୋଇଛି । ସେପଟେ ଡକ୍ଟର ଗୋପାଳକୃଷ୍ଣ ଆଚାର୍ଯ୍ୟ,ଶିଳ୍ପୀ ପ୍ରତିହାରୀ, ସୀମା ଆନନ୍ଦ ରାଜା, ହିପୁ ସଲ୍‌କ କ୍ରିଷଲ୍ ନାଥନ,ଡକ୍ଟର ଲକ୍ଷ୍ମଣ କୁମାର ପ୍ରଧାନଙ୍କ ଲେଖାଗୁଡ଼ିକ ମଧ୍ୟ ଯୁଗୋପଯୋଗୀ ଓ ଉଚ୍ଚାଙ୍ଗ ହୋଇଛି । 'ଦେଖାଯାଉ'ର ଏହି ସଂଖ୍ୟାର ଲେଖାଗୁଡ଼ିକ ପାଠକମାନଙ୍କ ମନକୁ ଛୁଇଁ ପାରିବ ବୋଲି ଆଶା କରାଯାଏ । ■

# ଝିଅମାନେ



ମୂଳ ହିନ୍ଦୀ: ନୀରଜ ନୀର
ଅନୁବାଦ: ଈପ୍‌ସିତା ଷଡ଼ଙ୍ଗୀ

ଝିଅମାନେ
ଅଶ୍ୱତ୍‌ଥ ଗଛ ପରି
ଉଠି, ବଢ଼ି ଯାଆନ୍ତି କୋଉଠି ବି
କାନ୍ଥ ହେଉ ଅବା ଛାତ

ସବୁଠାରୁ ଅଧିକ କଠିନ
ସମ୍ଭାବନାମାନଙ୍କ ମଧ୍ୟରେ
ଅସୀମିତ ଆକାଂକ୍ଷାରେ ପରିପୂର୍ଣ୍ଣ ହୋଇ
ଆକାଶରେ ମଜବୁତ୍ କରି ନିଅନ୍ତି ନିଜ ଚେର
ଆଉ ମାଟି ଉପରେ ଗଢ଼ି ନେଇପାରନ୍ତି
ଶୀତଳ ଛାୟାର ସଂସାର

ଅଙ୍କୁରିତ ହେବା ପାଇଁ ପ୍ରତୀକ୍ଷା ନ ଥାଏ
ଆଦ୍ର ଆଉ ଉର୍ବର ଭୂଇଁ
ଅଦୃଶ୍ୟ ଅଣୁରେ ଗ୍ରହଣ କରି ନିଅନ୍ତି
ଜୀବନ ଶକ୍ତି
ଏବଂ ପ୍ରସ୍ତୁତ କରି ନିଅନ୍ତି ନିଜକୁ
ପ୍ରଦାନ କରିବାକୁ ପ୍ରାଣବାୟୁ
ସମସ୍ତଙ୍କୁ ।

ପରିସ୍ଥିତିକୁ ପରିବର୍ତ୍ତନ କରିଦେଇ ପାରନ୍ତି
ନିଜ ମୁତାବକ
ପଥର ଉପରେ ଚେର ଜମେଇ
ବଦଳେଇ ଦିଅନ୍ତି ତାକୁ ନରମ ମାଟିରେ।

ଚକିତ ହୋଇଯାଇଥିବା ପୃଥିବୀ
କାଣି ଆଙ୍ଗୁଠି ଧରି ତାଙ୍କର
ସିଧା କରି ନିଏ ନିଜର ଜଖମ୍ ଅଣ୍ଟା
ସୂର୍ଯ୍ୟ, ଆଖି ମୁଦି ହସି ଉଠେ।

ଲୋକମାନେ ଅଶ୍ୱତ୍‌ଥ ଗଛ ଲଗାନ୍ତି ନାହିଁ
ଚାହାନ୍ତି ବି ନାହିଁ ଝିଅମାନଙ୍କ ଜନ୍ମ ହେବା
କିନ୍ତୁ ଏ ଦୁନିଆ
କେବେ ବି ଏମିତି ରହିବ ନାହିଁ
ଅଶ୍ୱତ୍‌ଥ ଗଛ କି ଝିଅମାନଙ୍କ ବିନା। ■

# ବାପା ଓ ଝିଅ



ଚଢ଼େଇମାନଙ୍କ କଳରବ
କ'ଣ କିଛି ଅର୍ଥ ରଖେ
ଆମ ପାଇଁ ?

କିନ୍ତୁ ଭଲ ଲାଗେ
ଯେବେ କିଛି କହୁଥାଆନ୍ତି ଚଢ଼େଇ
ତାଙ୍କ କଳରବରେ ସୃଷ୍ଟି ହେଉଥାଏ
ଏକ ଅଦୃଶ୍ୟ ସେତୁବନ୍ଧ
ପ୍ରକୃତି ଏବଂ ଆମ ଭିତରେ।

ସେମାନଙ୍କ ଶବ୍ଦରେ
ଭରିଯାଏ ଜୀବନ
ଆନନ୍ଦର ମିଠାପଣରେ।

ଭଲ ଲାଗେ
ଯେବେ ବି କିଛି କୁହନ୍ତି ଝିଅମାନେ...
ଝିଅମାନେ ଚଢ଼େଇଙ୍କ ପରି
ଫୁର୍ କରି ଉଡ଼ିଯା'ନ୍ତି ଦିନେ।

ପାଖରେ ଖାଲି ରହିଯାଏ
ସେମାନଙ୍କ ଉପସ୍ଥିତିର ମଧୁର ସ୍ମୃତିସବୁ
ଯାହାକୁ ବାପଟିଏ ନିଜ ଜୀବନର
ଅମୂଲ୍ୟ ରତ୍ନଟିଏ କରି
ସାଇତି ରଖିଥାଏ, ଯତ୍ନରେ, ଜୀବନଯାକ...

ଯେ
ଭଗବାନଙ୍କୁ ସମର୍ପି ଦେବ
ଏକ ଅନୁପମ ଉପହାର । ■

ଅଧ୍ୟାପିକା, ଇଂରାଜୀ ବିଭାଗ
ନିଆଳି କଲେଜ, ନିଆଳି,କଟକ
ମୋ: ୯୯୩୮୩୭୦୨୮୯

# ଆଧୁନିକ ଯୁଗର ଅନନ୍ୟ ନାଟ୍ୟକାର ଜର୍ଜ ବର୍ଣ୍ଣାଡ୍ ଶ'



ବିଜୟକୁମାର ପାଢ଼ୀ

ବିଂଶ ଶତାବ୍ଦୀର ଇଂରେଜୀ ସାହିତ୍ୟର ପ୍ରମୁଖ ନାଟ୍ୟକାରମାନଙ୍କ ମଧ୍ୟରେ ଜର୍ଜ ବର୍ଣ୍ଣାଡ୍ ଶ'ଙ୍କ ନାମ ଏକ ସ୍ୱର୍ଦ୍ଧିତ ଉଚ୍ଚାରଣ। ଲୋକପ୍ରିୟ ନାମ ଜି.ବି.ଏସ୍ ଭାବରେ ସେ ବେଶ୍ ପରିଚିତ। ବିଶ୍ୱ ପ୍ରସିଦ୍ଧ ବ୍ୟଙ୍ଗ ନାଟ୍ୟକାର, ସମାଲୋଚକ ଓ ସମାଜକର୍ମୀ ଜର୍ଜ ବର୍ଣ୍ଣାଡ୍ ଶ' ୧୮୫୬ ଜୁଲାଇ ୨୬ ତାରିଖରେ ଆୟରଲାଣ୍ଡର ଡବ୍ଲିନ୍‌ଠାରେ ଜନ୍ମଗ୍ରହଣ କରିଥିଲେ । ମାଆ ଜଣେ ପେସାଦାର ଗାୟିକା ହୋଇଥିବାରୁ ବାଲ୍ୟକାଳରୁ ସେ ସଙ୍ଗୀତ, କଳା ଓ ସାହିତ୍ୟ ପ୍ରତି ଆକୃଷ୍ଟ ହୋଇଥିଲେ । କିଶୋର ଅବସ୍ଥାରେ ସେ ଗଳ୍ପଲେଖାରେ ମନୋନିବେଶ କରିଥିଲେ ମଧ୍ୟ ସେଥିରେ ସଫଳତା ଲାଭ କରି ପାରିନଥିଲେ । ୧୮୮୫ ମସିହାରେ ସମାଲୋଚକ ୱିଲିୟମ୍ ଆର୍ଚର ତାଙ୍କୁ ପୁସ୍ତକ ଏବଂ ନାଟକ ଆଦିର ସମାଲୋଚନା ଲେଖିବା ପାଇଁ ପ୍ରେରଣା ପ୍ରଦାନ କରିଥିଲେ । ଏହା ହିଁ ଥିଲା ତାଙ୍କ ନାଟ୍ୟକାର ଜୀବନର ଅୟମାରମ୍ଭ । ପରେ ପରେ ସେ ଅନେକ ନାଟକ ଲେଖିବା ଆରମ୍ଭ କରିଦେଲେ । ତାଙ୍କର ଲୋକପ୍ରିୟତାକୁ ଅନେକ ସମୟରେ ଷୋଡ଼ଶ ଶତାବ୍ଦୀର ଇଂରାଜୀ ନାଟକର ସ୍ରଷ୍ଟା ଉଇଲିୟମ୍ ସେକ୍ସପିୟରଙ୍କ ସହିତ ତୁଳନା କରାଯାଇଥାଏ। କିଛି ସାହିତ୍ୟିକ ତଥା ସମାଲୋଚକଙ୍କ ମତାନୁସାରେ ସେକ୍ସପିୟରଙ୍କ ସାହିତ୍ୟ କୃତିଗୁଡ଼ିକ ଯେଉଁଭଳି ଭାବରେ ସେ ସମୟରେ ସାମାଜିକ ଜୀବନ ଉପରେ ପ୍ରଭାବ ପକାଇଥିଲା, ତା'ଠାରୁ ବେଶୀ ପରିମାଣରେ ଜି.ବି.ଏସ୍‌ଙ୍କ ନାଟକଗୁଡ଼ିକର ପ୍ରଭାବ ବିଂଶ ଶତାବ୍ଦୀରେ ଜନମାନସ ଉପରେ ପଡ଼ିଥିଲା ।

ବର୍ଣ୍ଣାଡ୍ ଶ'ଙ୍କର ନାଟକଗୁଡ଼ିକ ବ୍ୟଙ୍ଗ ଓ ରୋମାନ୍ସ ମାଧ୍ୟମରେ ସାମାଜିକ ବ୍ୟବସ୍ଥା ଓ ସମସାମୟିକ ବିଡ଼ମ୍ବନାକୁ ପ୍ରକାଶ କରୁଥିଲା। ସେ ଆଜୀବନ ସମାଜବାଦରେ ବିଶ୍ୱାସ କରୁଥିଲେ, କିନ୍ତୁ ଏକଛତ୍ରବାଦୀ ଶାସକଙ୍କ ସମର୍ଥକ ଓ ଯୁଦ୍ଧ ବିରୋଧୀ ଥିଲେ । ପ୍ରଥମ ବିଶ୍ୱଯୁଦ୍ଧକୁ ବିରୋଧ କରି ଶରବ୍ୟର ଶିକାର ହୋଇଥିଲେ। ସେ ୬୦ରୁ ଊର୍ଦ୍ଧ୍ୱ ନାଟକ ରଚନା କରିଯାଇଛନ୍ତି । ସେ ଭିକ୍ଟୋରିଆ ଯୁଗ ଏବଂ ବିଂଶ ଶତାବ୍ଦୀ ମଧ୍ୟରେ ଏକ ସେତୁ ସ୍ଥାପନ କରିଥିଲେ ବୋଲି ଅନେକ ସମାଲୋଚକଙ୍କ ମତ । ତାଙ୍କର ପ୍ରାଥମିକ ସାହିତ୍ୟିକ ଜୀବନ ଆରମ୍ଭ ହୋଇଥିଲା ଭିକ୍ଟୋରିଆ ଯୁଗର ଶେଷ ଅବସ୍ଥାରେ, ଯେତେବେଳେ ସମାଜରେ ଶିଳ୍ପ ବିପ୍ଳବର ପ୍ରଭାବ ବହୁଳ ଭାବରେ ଅନୁଭୂତ ହେଉଥିଲା। ଅନେକ ନାଟକ ମାଧ୍ୟମରେ ସାମାଜିକ ସଂସ୍କାର ଆଣି ସମାଜକୁ ଆଦର୍ଶ, ସୁସଂହତ ଏବଂ ଶୃଙ୍ଖଳିତ କରିବାରେ ପ୍ରୟାସ କରିଥିଲେ ।

ପ୍ରସିଦ୍ଧ ସଙ୍ଗୀତକାର ବବ୍ ଡାଇଲନ୍‌ଙ୍କ ପରି ସେ ଉଭୟ ନୋବେଲ ଏବଂ ଓସ୍କାର୍ ପୁରସ୍କାର ଲାଭ କରିବାରେ ସୌଭାଗ୍ୟ ଅର୍ଜନ କରିଥିଲେ । ନାଟକ ଲେଖିବା ପୂର୍ବରୁ ସେ ପ୍ରଥମେ ଉପନ୍ୟାସ ଲେଖିବା ଆରମ୍ଭ କଲେ । କିନ୍ତୁ ତାଙ୍କର ସମସ୍ତ ଉପନ୍ୟାସଗୁଡ଼ିକ ବିଫଳତା ପାଇଲା । ୧୯୨୫ ମସିହାରେ ତାଙ୍କୁ ସାହିତ୍ୟରେ ନୋବେଲ୍ ପୁରସ୍କାର ଏବଂ ୧୯୩୮ ମସିହାରେ ପ୍ରସିଦ୍ଧ ନାଟକ 'ପିଗମାଲିୟନ୍'ର ସିନେମା ରୂପାନ୍ତର ପାଇଁ ଓସ୍କାର୍ ପୁରସ୍କାର ମିଳିଥିଲା । ୧୯୫୦ ମସିହା ୨ ନଭେମ୍ବର ଦିନ ୯୪ ବର୍ଷରେ ଇହଲୀଳା ସମ୍ବରଣ କରିଥିଲେ।

ସେ ଅନେକାଂଶରେ ଔପନ୍ୟାସିକ ହେନେରିକ୍ ଇବ୍‌ସେନ୍, ଚାର୍ଲସ ଡିଗ୍ନେସ୍, ଯୋଶେଫ୍ ଷ୍ଟାଲିନ୍, ଜି.କେ.ସେଷ୍ଟରବନ୍ ଓ ଫ୍ରେଡେରିକ୍ ନିତ୍‌ସେ ପ୍ରମୁଖ ସାହିତ୍ୟିକମାନଙ୍କ ଦ୍ୱାରା ପ୍ରଭାବିତ ହୋଇଥିଲେ। ତାଙ୍କ ନାଟକଗୁଡ଼ିକର ମୁଖ୍ୟ ବିଷୟବସ୍ତୁ ହେଲା - ସାମାଜିକ ଶ୍ରେଣୀ ଓ ତହିଁରେ ବିସଂଗତି, ପୁରୁଷ ପ୍ରାଧାନ୍ୟ ସମାଜରେ ନାରୀର ପରିବର୍ତ୍ତିତ ଭୂମିକା, ବୈବାହିକ ବନ୍ଧନ, ଶଠତା, ପ୍ରବଞ୍ଚନା ଏବଂ ସର୍ବୋପରି ନୈତିକତାର ଅଭ୍ୟୁଦୟ। ତାଙ୍କ ନାଟକର ଚରିତ୍ରମାନେ ଇବସେନ୍‌ଙ୍କ ନାଟକର ଚରିତ୍ରମାନଙ୍କଠାରୁ ଅଧିକ ଜୀବନ୍ତ ଏବଂ ପ୍ରଭାବଶାଳୀ । ଏତଦ୍ ବ୍ୟତୀତ ତାଙ୍କ ନାଟକରେ ନାରୀ ଚରିତ୍ରର ଚିତ୍ରଣ ମଧ୍ୟ ସେକ୍ସପିୟରଙ୍କ ନାଟକର ନାରୀ ଚରିତ୍ର ଚିତ୍ରଣଠାରୁ ସମ୍ପୂର୍ଣ୍ଣ ଭିନ୍ନ । ନାଟକଗୁଡ଼ିକର ସଂଳାପ କାହାଣୀ ବର୍ଣ୍ଣନା, ଭାଷା ଓ ଶୈଳୀ ଅତି ସୁନ୍ଦର ଏବଂ ସାବଲୀଳ । ଶ'ଙ୍କର ନାଟକ ଦେଖିଲେ ବଦଳି ଯିବ ଜୀବନର ଦୃଷ୍ଟିଭଙ୍ଗୀ ।

ବର୍ଣ୍ଣାଡ୍ ଶ'ଙ୍କର ପ୍ରଥମ ନାଟକ 'ଉଇଡୋର୍ସ ହାଉସ୍' ପ୍ରକାଶ ପାଇଥିଲା ୧୮୯୨ ମସିହାରେ। ତାଙ୍କର ଅନ୍ୟ ନାଟକ 'ଆର୍ମସ୍ ଏଣ୍ଡ ଦ ମ୍ୟାନ' ଏବଂ 'ମ୍ୟାନ୍ ଏଣ୍ଡ ସୁପରମ୍ୟାନ' ଦୁଇଟି ଯଥାକ୍ରମେ ୧୮୯୪ ଏବଂ ୧୯୦୩ ମସିହାରେ ପ୍ରକାଶ ପାଇଥିଲା । ଏହି ନାଟକଗୁଡ଼ିକରେ ଶ'ଙ୍କର କାହାଣୀ ଗୁମ୍ଫନ, ଶବ୍ଦ ସଂଯୋଜନା, ତୀକ୍ଷ୍ଣ ବୁଦ୍ଧିମତାର ପ୍ରୟୋଗ ଏବଂ ସାମାଜିକ ଜୀବନର ମନନ, ଚିନ୍ତନର ପରିପ୍ରକାଶ ଘଟିଛି। 'ଉଇଡୋରସ୍ ହାଉସେସ୍' ନାଟକଟିର ଦାରିଦ୍ର୍ୟ ଏବଂ ବସ୍ତି ଜୀବନର ଅସହାୟତା ଏବଂ ସାମନ୍ତବାଦୀ ଚିନ୍ତାଧାରା ଭଳି ସାମାଜିକ ପ୍ରତିବନ୍ଧକର ପରିସ୍ଫୁଟନ ହୋଇଛି । ସେହିପରି 'ଆର୍ମସ୍ ଏଣ୍ଡ ଦ ମ୍ୟାନ୍' ଏକ ରୋମାଣ୍ଟିକ୍ ହାସ୍ୟୋଦ୍ଦୀପକ ନାଟକ ଯାହା ଆଦର୍ଶବାଦୀ ବୀରତ୍ୱ ଉପରେ ପର୍ଯ୍ୟବସିତ । ୧୯୦୩ ମସିହାରେ ପ୍ରକାଶ ପାଇଥିବା 'ମ୍ୟାନ୍ ଏଣ୍ଡ ସୁପରମ୍ୟାନ୍' ନାଟକଟି ଏକ ବୌଦ୍ଧିକ ହାସ୍ୟୋଦ୍ଦୀପକର ଇସ୍ତାହାର । ମଣିଷ ସମାଜର ବିବର୍ତ୍ତନ, ଜୀବନୀଶକ୍ତି ଏବଂ ମୁକ୍ତ ଚିନ୍ତନ ଭଳି ଘଟଣାବଳୀକୁ ନେଇ ଏହାର କାହାଣୀ ଗତିଶୀଳ । ଏହି ନାଟକଟି ଶ'ଙ୍କର ଏକ ବହୁଚର୍ଚ୍ଚିତ ତଥା ବହୁଳ ପ୍ରଦର୍ଶକ ନାଟକ ଯାହା ସେ ସମୟର ତଥା କଥିତ ପୁରୁଷ କୈନ୍ଦ୍ରିକ ସମାଜ ଉପରେ କୁଠାରଘାତ କରିଥିଲା। ବ୍ୟକ୍ତି ଜୀବନରେ ନାରୀର ସ୍ୱତନ୍ତ୍ରତାକୁ ଗୁରୁତ୍ୱ ଆରୋପ କରି ନାରୀ ଚରିତ୍ରକୁ ଶକ୍ତିଶାଳୀ କରି ଗଢ଼ି ତୋଳିଛନ୍ତି । ହାସ୍ୟୋଦ୍ଦୀପକ ନାଟକ 'ଆର୍ମସ୍ ଏଣ୍ଡ ଦ ମ୍ୟାନ୍'ର ମୁଖ୍ୟ ନାୟିକା ରାଇନା, ଜଣେ ଉତ୍ତମ ବିଚାର ସମ୍ପନ୍ନା, ବୁଦ୍ଧିମତୀ ମହିଳା ଭାବରେ ମେଜର ସର୍ଜିୟସ୍‌ଙ୍କ ସହିତ ବିବାହକୁ ପ୍ରତ୍ୟାଖ୍ୟାନ କରିଛନ୍ତି। ବାସ୍ତବବାଦୀ ବ୍ଲୁଣ୍ଟସ୍ଲିଙ୍କୁ ନିଜର ଜୀବନସାଥୀ ଭାବେ ଗ୍ରହଣ କରିଛନ୍ତି, କାରଣ ବୈବାହିକ ଜୀବନରେ ରୋମାନ୍‌ସ ତଥା ଭାବପ୍ରବଣତା ଅପେକ୍ଷା ବାସ୍ତବତା ଅବା ଜୀବନର ଚରମ ସତ୍ୟତା ଅଧିକ ଗ୍ରହଣୀୟ । ସେଥିପାଇଁ କିଛି ସମାଲୋଚକ ମତ ପୋଷଣ କରନ୍ତି ଯେ, ସେକ୍ସପିୟରଙ୍କ ନାଟକଗୁଡ଼ିକର ନାରୀ ଚରିତ୍ର ଅଧିକ ପରିମାଣରେ କଳ୍ପନାବିଳାସୀ ହୋଇଥିବା ବେଳେ ଜି.ବି.ଏସ୍‌ଙ୍କର ନାରୀ ଚରିତ୍ର ଅଧିକ ବୁଦ୍ଧିସମ୍ପନ୍ନା । ବାସ୍ତବିକ 'ଶେଭିୟାନ୍' ନାଟକର ଚରିତ୍ର ମନ ତଥା ବିବେକର ଭାଷାକୁ ଅଧିକ ପ୍ରାଧାନ୍ୟ ଦେଉଥିବା ବେଳେ ସେକ୍ସପିୟରଙ୍କ ନାରୀ ଚରିତ୍ର ଅଧିକ ହୃଦୟର ଭାଷାକୁ ଗୁରୁତ୍ୱ ଦିଅନ୍ତି । ୧୯୦୫ ମସିହାରେ ପ୍ରକାଶିତ ନାଟକ 'ମେଜର ବାରବ୍ରା' ନାଟକଟି ଯୁଦ୍ଧ ସରଞ୍ଜାମ ପ୍ରସ୍ତୁତ କରୁଥିବା ଅସ୍ତ୍ରଶସ୍ତ୍ର ଶିଳ୍ପ ଏବଂ ସମାଜ ସଂସ୍କାର ଉପରେ ଥିବା ଦ୍ୱନ୍ଦ୍ୱ ଉପରେ ପର୍ଯ୍ୟବସିତ ।

ପ୍ରଥମ ବିଶ୍ୱଯୁଦ୍ଧର ପୃଷ୍ଠଭୂମି ଉପରେ ୧୯୧୯ ମସିହାରେ ପ୍ରକାଶିତ ନାଟକ 'ହାର୍ଟବ୍ରେକ୍ ହାଉସ୍' ବିଂଶ ଶତାବ୍ଦୀର ସାମାଜିକ ଓ ସାଂସ୍କୃତିକ ଅବକ୍ଷୟ ଉପରେ ଆଲୋକପାତ କରୁଛି । ଶ'ଙ୍କ ମତରେ ସାମାଜିକ, ନୈତିକତା ତଥା ସାଂସ୍କୃତିକ ଅବକ୍ଷୟ ଘଟିଲେ ମଣିଷ ଜାତି ଘୋର ସଙ୍କଟ ଦେଇ ଗତି କରିଥାଏ । ୧୮୯୪ ମସିହାରେ ପ୍ରକାଶ ପାଇଥିବା ହାସ୍ୟରସ ପୂର୍ଣ୍ଣ ନାଟକ 'କେଣ୍ଡିଡା' ନାରୀ ସ୍ୱାଧୀନତା ତଥା ଚେତନାଧର୍ମୀ ବିଷୟ ଉପରେ ପର୍ଯ୍ୟବସିତ । 'ଏ ଡୋଲସ୍' ହାଉସର ନାୟିକା ନୋରା ହେଲମର୍ ତାଙ୍କ ସ୍ୱାମୀର ହାତର ଖେଳଣା ପାଲଟି ଯାଇଥିବା ବେଳେ ତାଙ୍କର ନାଟକ 'କେଣ୍ଡିଡା'ରେ କେଣ୍ଡିଡାଙ୍କ ବ୍ୟକ୍ତିଗତ ସ୍ୱତନ୍ତ୍ରତାକୁ ବଜାୟ ରଖିଛି । ଯେଉଁ ପୁରୁଷ ତାକୁ ସାମାଜିକ ସ୍ୱୀକୃତି ଦେଇ ତା'ର ବଞ୍ଚିବାର ମାନଦଣ୍ଡକୁ ଅକ୍ଷୁଣ୍ଣ ରଖିବ ବୋଲି ପ୍ରତିଶ୍ରୁତି ଦେଇଛନ୍ତି, ସେହିଭଳି ପୁରୁଷକୁ ସେ ନିଜ ସ୍ୱାମୀ ଭାବରେ ସ୍ୱୀକାର କରିଛନ୍ତି । ପୁରୁଷମାନଙ୍କ ଅପେକ୍ଷା ନାରୀମାନଙ୍କ ଭୂମିକା ଅଧିକ ବୋଲି ବର୍ଣ୍ଣାଡ୍ ଶ' କେଣ୍ଡିଡା ନାଟକରେ ଅସ୍ୱୀକାର କରିଛନ୍ତି । ନାରୀ ସ୍ୱାଧୀନତାର ଜଣେ ଉଦ୍‌ଘୋଷକ ଭାବରେ ନାରୀ ପୁରୁଷ ହାତର ଖେଳଣା ନୁହଁ ବୋଲି ସ୍ୱଷ୍ଟୋକ୍ତି ବାଢ଼ିଛନ୍ତି । ମୋଟ ଉପରେ କହିବାକୁ ଗଲେ ବର୍ଣ୍ଣାଡ ଶ' ବିଂଶ ଶତାବ୍ଦୀର ସାମାଜିକ, ରାଜନୈତିକ, ସାଂସ୍କୃତିକ ଏବଂ ବ୍ୟକ୍ତି ଜୀବନର ସଂସ୍କାର ଆଣିବାରେ ନାଟକ ମାଧ୍ୟମରେ ଅନେକ ସଫଳତା ଲାଭ କରିଥିଲେ। ସେ ନାରୀ ମନର ଅକୁହା କଥା, ବେଦନା ଓ ଚିନ୍ତାକୁ ନାଟକ ମାଧ୍ୟମରେ ଲୋକଲୋଚନକୁ ଆଣିବାର ପ୍ରୟାସ କରିଥିଲେ ।

ଜୀବନ ଏକ ନାଟକ ଏବଂ ପ୍ରତି ସୋପାନ ଅସରନ୍ତି କାହାଣୀରେ ଭରି ରହିଛି । ଜୀବନ ସହିତ ଯୋଡ଼ି ହୋଇଯାଏ କିଛି ଚରିତ୍ର । ଜି.ବି.ଏସ୍‌ଙ୍କର ଅନେକ ନାଟକରେ ଆମ ଚାରିପାଖରେ ଘୂରି ବୁଲୁଥିବା ଚରିତ୍ରମାନଙ୍କୁ ଭେଟି ପାରିବା। ଚିତ୍ରତୁଲ୍ୟ ସଂଳାପ, କବିତାସମ ଶବ୍ଦ ସଂଯୋଜନା ଏବଂ ନାଟକୀୟତା ତାଙ୍କୁ ଏକ ଉଚ୍ଚତମସ୍ତରକୁ ନେଇଯାଇଛି। ତାଙ୍କର ସମସ୍ତ ନାଟକର ଆକର୍ଷଣ ଓ ଆବେଦନ ସର୍ବକାଳୀନ ଓ ସାର୍ବଜନୀନ । ସାହିତ୍ୟର ସମସ୍ତ ବିଭାଗ ମଧ୍ୟରୁ ନାଟକ ହେଉଛି ସର୍ବ ଆକର୍ଷଣର କେନ୍ଦ୍ର । 'କାବ୍ୟେଷୁ ନାଟକମ୍ ରମ୍ୟମ୍'ର ଯଥାର୍ଥତା ବର୍ଣ୍ଣାଡଙ୍କର ସବୁ ନାଟକରେ ଉପଲବ୍ଧି କରିହୁଏ । ତାଙ୍କ ଦ୍ୱାରା ଲିଖିତ ସମସ୍ତ ମଞ୍ଚସ୍ଥ ନାଟକ ସେ ସମୟର ଦର୍ଶକମାନଙ୍କୁ ଭରପୂର ଆନନ୍ଦ ଦେଇଥିଲା ବୋଲି ଏବେ ବି ପାଠକ ମହଲରେ ଅନେକ ଚର୍ଚ୍ଚା ହୁଏ । ■

ଇଂରାଜୀ ଶିକ୍ଷକ
ଓଡିଏମ୍ ପବ୍ଲିକ୍ ସ୍କୁଲ୍, ଭୁବନେଶ୍ୱର
ମୋ: ୭୮୯୪୧୫୩୫୭୮

**ବିଜେପି ସରକାରକୁ ୫୦୦ ଦିନ**

# ସଫଳତା ଅପେକ୍ଷା ବିଫଳତା ତାଲିକା ଲମ୍ବା: ବିଜେଡି

**● କେନ୍ଦ୍ରୀୟ ଅନୁଦାନ ଓ ଅଭିବୃଦ୍ଧି ହାର କମିଛି; ଋଣବୋଝ ବଢ଼ିଛି**
**● ମହିଳା ନିର୍ଯାତନା ପ୍ରସଙ୍ଗରେ ଜାତୀୟ ସ୍ତରରେ ଲଜ୍ଜିତ ଓ ନିନ୍ଦିତ ହୋଇଛି**

ଭୁବନେଶ୍ୱର, ୨୫।୧୦(ସମିସ): ରାଜ୍ୟରେ ବିଜେପି ସରକାରକୁ ୫୦୦ ଦିନ ପୂରଣ ହୋଇଛି। ଏହି ଶାସନ ଅବଧି ମଧ୍ୟରେ ସରକାରଙ୍କ ବିଫଳତା ତାଲିକା ଲମ୍ବା ହୋଇଥିବା ବେଳେ ରାଜ୍ୟ ରାଜସ୍ୱରୁ କୋଟି କୋଟି ଟଙ୍କା ଖର୍ଚ୍ଚ କରି ରାଜ୍ୟ ବିଜେପି ସରକାର ବିଜ୍ଞାପନ ମାଧ୍ୟମରେ ନିଜ ପିଠି ନିଜେ ଥାପୁଡ଼େଇବାରେ ବ୍ୟସ୍ତ। ରାଜ୍ୟର ବାସ୍ତବ ଚିତ୍ର କିନ୍ତୁ ସମ୍ପୂର୍ଣ୍ଣ ବିପରୀତ ବୋଲି ବିଜୁ ଜନତା ଦଳ ଅଭିଯୋଗ କରିଛି।

ଶନିବାର ଶଙ୍ଖ ଭବନରେ ଅନୁଷ୍ଠିତ ସାମ୍ବାଦିକ ସମ୍ମିଳନୀରେ ଦଳର ମୁଖପାତ୍ର ତଥା ମିଡିଆ ସଂଯୋଜକ ଡଃ ଲେନିନ ମହାନ୍ତି କହିଛନ୍ତି ଯେ ଗତ ନିର୍ବାଚନ ସମୟରେ ବିଜେଡି ସରକାର ବିରୋଧରେ ବିଭିନ୍ନ ମିଥ୍ୟା ପ୍ରଚାର ଓ ଜନସାଧାରଣଙ୍କୁ ବିଭିନ୍ନ ମିଥ୍ୟା ପ୍ରତିଶ୍ରୁତି ଦେଇ ବିଜେପି କ୍ଷମତାକୁ ଆସିଛି। ହେଲେ ରାଜ୍ୟକୁ ସୁଶାସନ ପ୍ରଦାନ କରିବା ଏବଂ ଦେଇଥିବା ଅଧିକାଂଶ ପ୍ରତିଶ୍ରୁତି ପାଳନ କରିବାରେ ବିଫଳ ହୋଇଛି। ରାଜ୍ୟର ଆଇନଶୃଙ୍ଖଳା ପରିସ୍ଥିତି ବିପର୍ଯ୍ୟସ୍ତ ହୋଇଛି ଓ ବିଶେଷକରି ମହିଳାମାନେ ଅସୁରକ୍ଷିତ ହୋଇ ପଡ଼ିଛନ୍ତି। ଦୁଷ୍କର୍ମ, ଗଣଦୁଷ୍କର୍ମ, ଅସଦାଚରଣ, ହତ୍ୟା ଘଟଣା ପ୍ରତିଦିନ ଖବରକାଗଜରେ ଶିରୋନାମା ପାଲଟୁଛି। ଅପରାଧ ତାଲିକାରେ ଓଡ଼ିଶା ଦେଶର ଅଷ୍ଟମ ସ୍ଥାନରେ ରହିଛି। ଗତ ୧୫ ମାସରେ ୩୭,୫୦୦ରୁ ଅଧିକ ନାରୀ ନିର୍ଯାତନା ମାମଲା ହୋଇଥିବାବେଳେ ଗୋପାଳପୁର ଗଣଦୁଷ୍କର୍ମ, ବାଲେଶ୍ୱରରେ ଛାତ୍ରୀ ଆତ୍ମାହୁତି, ବଳଙ୍ଗାରେ ଜଣେ ଛାତ୍ରୀଙ୍କୁ ଜିଅନ୍ତା ଜାଳିଦେବା ଘଟଣା ଜାତୀୟ ଓ ଆନ୍ତର୍ଜାତୀୟ ସ୍ତରରେ ଓଡ଼ିଶା ଲଜ୍ଜିତ ଓ ନିନ୍ଦିତ ହୋଇଛି। ଦେଶର ସର୍ବୋଚ୍ଚ ନ୍ୟାୟାଳୟ ମଧ୍ୟ ଏହି ଘଟଣାରେ ପ୍ରତିକ୍ରିୟା ରଖି ବ୍ୟବସ୍ଥାକୁ ଦାୟୀ କରିଛନ୍ତି। ଡବଲ୍ ଇଞ୍ଜିନ ଡବଲ୍ ବିକାଶ ନାରା ଦେଇ କ୍ଷମତାକୁ ଆସିଥିବା ବିଜେପି ସରକାର ବାସ୍ତବରେ ଡବଲ ବିନାଶ ଆଡ଼କୁ ଅଗ୍ରସର ହେଉଛି। ସେହିପରି ରାଜ୍ୟକୁ ମିଳୁଥିବା କେନ୍ଦ୍ରୀୟ ଅନୁଦାନ କମିଛି। ୨୦୨୩-୨୪ ତୁଳନାରେ ୨୦୨୪-୨୫ ଆର୍ଥିକ ବର୍ଷରେ ୧୮.୧୯% ଅନୁଦାନ କମିଛି। ରାଜ୍ୟର ଅଭିବୃଦ୍ଧି ହାର ଦ୍ରୁତ ଅବନତି ଘଟୁଥିବାବେଳେ ଋଣବୋଝ ଅହେତୁକ ବୃଦ୍ଧି ପାଇଛି। ଆନ୍ଧ୍ର ପ୍ରଦେଶ ଓ ବିହାରକୁ କେନ୍ଦ୍ର ସରକାର ସ୍ୱତନ୍ତ୍ର ଅନୁଦାନ ଦେଇଥିବାବେଳେ ଓଡିଶାକୁ ଅଣଦେଖା କରିଛନ୍ତି। ହେଲେ ବିଜେପିର ୨୦ ଜଣ ସାଂସଦଙ୍କ ସମେତ ରାଜ୍ୟ ବିଜେପି ନେତାମାନେ ମୁହଁ ଖୋଲିଲେ ନାହିଁ। ବିକାଶ ତ୍ୱରାନ୍ୱିତ ହେବା ପରିବର୍ତ୍ତେ ଠପ୍ ହୋଇଯାଇଛି। କେବଳ ନବୀନ ସରକାରଙ୍କ କାମର ରଙ୍ଗ ପରିବର୍ତ୍ତନ ଓ ଯୋଜନାର ନାମ ପରିବର୍ତ୍ତନ କରାଯାଇଥିବା ସେ ଅଭିଯୋଗ କରିଛନ୍ତି।

ଡଃ ମହାନ୍ତି ଆହୁରି କହିଛନ୍ତି ଯେ ଅଧିକାଂଶ ନିର୍ବାଚନୀ ପ୍ରତିଶ୍ରୁତି ପାଣିର ଗାର ପାଲଟିଛି। ୨ ବର୍ଷରେ ଦେଢ଼ ଲକ୍ଷ ସରକାରୀ ଚାକିରି ଦେବେ ବୋଲି କହି ମେଧାବୀ ଯୁବକଯୁବତୀଙ୍କୁ ପ୍ରତାରିତ କରିଛନ୍ତି। ନିଯୁକ୍ତି ପରୀକ୍ଷାରେ ବାରମ୍ବାର ବିଭ୍ରାଟ ହେଉଛି। ୧୫ମାସରେ ପ୍ରାୟ ୧୬ଟି ପରୀକ୍ଷାରେ ପ୍ରଶ୍ନପତ୍ର ଲିକ୍ ଭଳି ବିଭ୍ରାଟ ହୋଇଛି। ପୋଲିସ୍ ଏସ୍ଆଇ ଚାକିରି ଚାକିରି ବିକ୍ରି ଘଟଣା ଚିନ୍ତାଜନକ ହୋଇଛି। ଶ୍ରୀମନ୍ଦିର ପରିଚାଳନାରେ ନିୟମିତ ବିଭ୍ରାଟ ହେଉଥିବାବେଳେ ରତ୍ନଭଣ୍ଡାର ଗଣତି ମଣତି କାର୍ଯ୍ୟ ସମ୍ପୂର୍ଣ୍ଣ ହୋଇନାହିଁ। ବିନା କଟନୀ ଛଟନୀରେ ଧାନ କିଣିବା ପାଇଁ ପ୍ରତିଶ୍ରୁତି ଦେଇ ଚାଷୀଙ୍କୁ ପ୍ରତାରିତ କରିଥିବାବେଳେ ସାର ସଙ୍କଟ ଚାଷୀଙ୍କ ମେରୁଦଣ୍ଡକୁ ଦୋହଲାଇ ଦେଇଛି। ଦୁର୍ନୀତି ଓ ଦୁର୍ନୀତିଗ୍ରସ୍ତ ବ୍ୟବସ୍ଥାକୁ ସମାପ୍ତ କରିବାକୁ ପ୍ରତିଶ୍ରୁତି ଦେଇଥିଲେ ମଧ୍ୟ ଦୁର୍ନୀତି ବୃଦ୍ଧି ପାଇଛି। ଲଘୁ ଖଣିଜ ସମ୍ପଦରେ ଦୁର୍ନୀତି ବଢ଼ିବା କାରଣରୁ ରାଜସ୍ୱ ୧୪୮୫ କୋଟିରୁ ୬୦୦ କୋଟିକୁ ଓ ଖଣିଜ ସଂପଦରୁ ମିଳୁଥିବା ରାଜସ୍ୱ ୫୦ହଜାର କୋଟିରୁ ୩୪ହଜାର କୋଟିକୁ ଖସିଛି। ଚିଟଫଣ୍ଡ ଜମାକାରୀଙ୍କୁ ଟଙ୍କା ଫେରାଇବାକୁ ପ୍ରତିଶ୍ରୁତି ମଧ୍ୟ ଧୋକାରେ ପରିଣତ ହୋଇଛି। ସେହିପରି ଆମ୍ବ ଟାକୁଆ ଖାଇ ୫ ଜଣ, ବିଷାକ୍ତ ମଦ ପିଇ ୪ ଜଣ, ରଥଯାତ୍ରା ଦଳାଚକଟାରେ ୩ ଜଣଙ୍କ ମୃତ୍ୟୁ ହୋଇଥିବାବେଳେ ସାମ୍ପ୍ରଦାୟିକ ଉତ୍ତେଜନା ଘଟି ତିନୋଟି ସହରରେ କର୍ଫ୍ୟୁ ଲଗାଇବା ପରି ଅନେକ ଅଘଟଣ ଘଟିଛି। ଓଡିଶାକୁ ଏକ ନମ୍ବର ରାଜ୍ୟ କରିବା ବଦଳରେ ଦାଗୀମନ୍ତ୍ରୀଙ୍କ ତାଲିକାରେ ଓଡିଶା ଦେଶରେ ଏକ ନମ୍ବର ସ୍ଥାନ ଦଖଲ କରିଥିବା ଡ. ମହାନ୍ତି ଅଭିଯୋଗ କରିଛନ୍ତି।

## ଦୁଇ ବାଇକ୍ ମୁହାଁମୁହିଁ ଧକ୍କା: ୨ ମୃତ

ବିଷମ କଟକ, ୨୫।୧୦(ସମିସ): ରାୟଗଡ଼ା ଜିଲ୍ଲା ବିଷମକଟକ ବ୍ଲକ୍ ଅନ୍ତର୍ଗତ ବୁରୁଜୁଗୁଡ଼ା ଗ୍ରାମ ନିକଟସ୍ଥ ୩୨୬ନମ୍ବର ରାଜ୍ୟ ରାଜପଥରେ ଆଜି ଏକ ଦୁର୍ଘଟଣାରେ ୨ଜଣଙ୍କ ଜୀବନ ଯାଇଛି। ମୃତକଦ୍ୱୟ ହେଲେ, ମୁନିଗୁଡ଼ା ଥାନା ଗୋବର୍ଦ୍ଧନ ସାହିର ଦେବାଶିଷ ସାହୁ ଓ ବାଙ୍କିଲି ଗ୍ରାମର ଅର୍ଜୁନ ଶିକକା। ପୁଲିସ ଶବଦ୍ୱୟକୁ ବ୍ୟବଚ୍ଛେଦ କରାଇ ସେମାନଙ୍କ ପରିବାରଲୋକଙ୍କୁ ହସ୍ତାନ୍ତର କରିଛି। ସୂଚନା ଅନୁଯାୟୀ, ଗୋବର୍ଦ୍ଧନ ଗ୍ରାମର ଦେବାଶିଷ ସାହୁଙ୍କ ମା'ଙ୍କ ଦେହ ଅସୁସ୍ଥ ଥିବାରୁ ତାଙ୍କୁ ଅଟୋ ଯୋଗେ ବିଷମକଟକ ଖ୍ରୀଷ୍ଟିଆନ ହସ୍ପିଟାଲ ପଠାଇ ନିଜେ ବାଇକ୍ ଯୋଗେ ବିଷମ କଟକ ଅଭିମୁଖେ ଯାଉଥିଲେ। ଏହି ସମୟରେ ବିପରୀତ ଦିଗରୁ ମୁନିଗୁଡ଼ା ଥାନା ଅନ୍ତର୍ଗତ ବାଙ୍କିଲ ଗ୍ରାମର ଅର୍ଜୁନ ଶିକକା ଆସୁଥିବା ବେଳେ ଉଭୟଙ୍କ ମଧ୍ୟରେ ମୁହାଁମୁହିଁ ଧକ୍କା ହୋଇଥିଲା।

## ଉଚ୍ଚ ଶିକ୍ଷାନୁଷ୍ଠାନ ଛାତ୍ରଛାତ୍ରୀଙ୍କୁ ସାଇବର ସଚେତନତା

ଭୁବନେଶ୍ୱର, ୨୫।୧୦(ସମିସ): ସାଇବର ଅପରାଧଠାରୁ ସୁରକ୍ଷିତ ରହିବା ପାଇଁ ଉଚ୍ଚ ଶିକ୍ଷାନୁଷ୍ଠାନରେ ଛାତ୍ରଛାତ୍ରୀମାନଙ୍କୁ ସଚେତନ କରାଯିବ। ଛାତ୍ରଛାତ୍ରୀଙ୍କଠାରୁ ଆରମ୍ଭ କରି ବୟସ୍କ, ମହିଳା, କର୍ମଜୀବୀ ଓ ଯୁବପିଢ଼ି କିପରି ସାଇବର ଅପରାଧର ସମ୍ମୁଖୀନ ହେଉଛନ୍ତି, ସେନେଇ ଯୁବପିଢ଼ିଙ୍କୁ ସଚେତନ କରାଯିବ। ଏଥିପାଇଁ ନଭେମ୍ବର ୧୭ ତାରିଖ ପର୍ଯ୍ୟନ୍ତ ରାଜ୍ୟର ସମସ୍ତ କଲେଜରେ ସାଇବର ସୁରକ୍ଷା ସଚେତନତା କାର୍ଯ୍ୟକ୍ରମ କରାଯିବ। ବକ୍ତୃତା ପ୍ରତିଯୋଗିତା କରି ବ୍ୟାପକ ସଚେତନତା କରିବା ପାଇଁ ସମସ୍ତ ସ୍ନାତକ ମହାବିଦ୍ୟାଳୟ ଅଧ୍ୟକ୍ଷଙ୍କୁ ଉଚ୍ଚଶିକ୍ଷା ବିଭାଗ ପକ୍ଷରୁ ନିର୍ଦ୍ଦେଶନାମା ଜାରି କରାଯାଇଛି। ଏହି ପ୍ରତିଯୋଗିତା ଉଭୟ ଓଡ଼ିଆ ଓ ଇରାଜୀ ଭାଷାରେ ଅନୁଷ୍ଠିତ ହେବ। ପ୍ରଥମେ ବ୍ଲକସ୍ତରରେ ଅକ୍ଟୋବର ୩୧ ତାରିଖ ପର୍ଯ୍ୟନ୍ତ ଛାତ୍ରଛାତ୍ରୀଙ୍କ ମଧ୍ୟର ପ୍ରତିଯୋଗିତା ଅନୁଷ୍ଠିତ ହେବ। ବ୍ଲକ୍ସ୍ତରରୁ ଉତ୍ତୀର୍ଣ୍ଣ ହୋଇଥିବା ଜଣେ ଲେଖାଏଁ ପିଲାଙ୍କ ନାମ ଜିଲ୍ଲା ସାଇବର ନୋଡାଲ ପୁଲିସ ଅଧିକାରୀଙ୍କୁ ପ୍ରଦାନ କରାଯିବ। ଜିଲ୍ଲା ସ୍ତରୀୟ ପ୍ରତିଯୋଗିତା ନଭେମ୍ବର ୩ରୁ ୮ ପର୍ଯ୍ୟନ୍ତ ଅନୁଷ୍ଠିତ ହେବ। ସମସ୍ତ ଜିଲ୍ଲାରୁ ଜଣେ ଲେଖାଏଁ ଛାତ୍ରଛାତ୍ରୀଙ୍କୁ ନେଇ ପୁଲିସ୍ ରେଞ୍ଜ ସ୍ତରୀୟ ପ୍ରତିଯୋଗିତା ୯ ରୁ ୧୧ ତାରିଖ ମଧ୍ୟରେ ଅନୁଷ୍ଠିତ ହେବ। ଏହା ପରେ ରାଜ୍ୟ ସ୍ତରୀୟ ପ୍ରତିଯୋଗିତା ୧୩ ରୁ ୧୪ ତାରିଖ ମଧ୍ୟରେ ଅନୁଷ୍ଠିତ ହେବ।

## ଲଭ୍-ସେକ୍ସ-ଧୋକା: ଭୁବନେଶ୍ୱର ବିମାନ ବନ୍ଦର ଡିଜିଏମ୍ ଗିରଫ

ଭୁବନେଶ୍ୱର,୨୫।୧୦(ସମିସ): ପୁଣି ଲଭ୍-ସେକ୍ସ ଧୋକ୍କା ମାମଲାରେ ଭୁବନେଶ୍ୱର ବିଜୁ ପଟ୍ଟନାୟକ ବିମାନ ବନ୍ଦରର ଡିଜିଏମ୍(ଅପରେସନ) ଉମାକାନ୍ତ ପଟେଲ ଗିରଫ ହୋଇଛନ୍ତି। ବିମାନବନ୍ଦରରେ କାର୍ଯ୍ୟରତ ଜଣେ ଯୁବତୀଙ୍କ ଅଭିଯୋଗ ଆଧାରରେ ଏୟାରପୋର୍ଟ ଥାନା ପୁଲିସ ତାଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ପୀଡ଼ିତା ଯୁବତୀ ଜଣଙ୍କ ଡିଜିଏମ୍ଙ୍କ ବିରୁଦ୍ଧରେ ଅଭିଯୋଗ ନେଇ ଏକାଧିକ ଥର ଏୟାରପୋର୍ଟ ଥାନାକୁ ଯାଇଥିଲେ ମଧ୍ୟ ପୁଲିସ ବିଭିନ୍ନ ବାହାନା କରି ତାଙ୍କୁ ସେଠାରୁ ତଡ଼ି ଦେଇଥିଲା। ଶେଷରେ ଏନେଇ ପୀଡ଼ିତା ପୁଲିସ କମିସନରଙ୍କୁ ଭେଟି ଅଭିଯୋଗ କରିଥିଲେ। ସିପିଙ୍କ ହସ୍ତକ୍ଷେପ ପରେ ଡିସିପିଙ୍କ ନିର୍ଦ୍ଦେଶ କ୍ରମେ ଏୟାରପୋର୍ଟ ଥାନା ପୁଲିସ ଚାପରେ ଆସି ମାମଲା ରୁଜୁ କରିବା ସହ ଡିଜିଏମ୍ଙ୍କୁ ଗିରଫ କରିଥିଲା।

ଅଭିଯୋଗ ଅନୁସାରେ, ବିବାହର ପ୍ରତିଶ୍ରୁତି ଦେଇ ଡିଜିଏମ୍ ଶ୍ରୀ ପଟେଲ ୪ ବର୍ଷ ଧରି ଯୁବତୀଙ୍କ ସମ୍ପର୍କରେ ଥିଲେ। କେବଳ ସେତିକି ନୁହେଁ; ଶାରୀରିକ ସମ୍ପର୍କ ରଖି ମାଡ଼ ମାରି ଯୁବତୀଙ୍କ ଗର୍ଭପାତ କରାଇଥିଲେ। ପୂର୍ବରୁ ବିବାହିତ ଉମାକାନ୍ତ ପଟେଲ ଏକ ସନ୍ତାନର ବାପା ମଧ୍ୟ ହୋଇସାରିଛନ୍ତି। କିନ୍ତୁ ଗତ ୪ ବର୍ଷ ଧରି ଏକ ଘରୋଇ ଏୟାର ଲାଇନ୍ସର ଜଣେ ଯୁବତୀଙ୍କ ସହିତ ସେ ସମ୍ପର୍କରେ ରହିଥିଲେ। ସେ ନିଜକୁ ଅବିବାହିତ କହି ଏହି ଯୁବତୀଙ୍କ ସହିତ ସଂପର୍କରେ ରହିଥିଲେ। ଉମାକାନ୍ତ ପଟେଲ ତାଙ୍କୁ ବିବାହର ପ୍ରତିଶ୍ରୁତି ଦେଇଥିଲେ। କିନ୍ତୁ ଯୁବତୀଜଣଙ୍କ ଯେତେବେଳେ ବିବାହ କଥା ଉଠାଉଥିଲେ, ସେ ଏହାକୁ କିଛି ନା କିଛି ବାହାନା କରି ଏଡ଼ାଇ ଦେଉଥିଲେ। ଆଉ ଗୋଟିଏ କଥା ମଧ୍ୟ ତଦନ୍ତ ବେଳେ ଜାଣିବାକୁ ପାଇଛି ପୁଲିସ। ଉମାକାନ୍ତ ପଟେଲ ଯେଉଁ ବିମାନବନ୍ଦରକୁ ବଦଳି ହୋଇଯାଉଥିଲେ ସେ ଏହି ଯୁବତୀଙ୍କୁ ସେଠାକୁ ବଦଳି କରି ନେଇଯାଉଥିଲେ। ଭୁବନେଶ୍ୱର ଆସିବା ପୂର୍ବରୁ ଉମାକାନ୍ତ ଦିଲ୍ଲୀରେ ଥିଲେ। ସେଠାରେ ମଧ୍ୟ ଏହି ଯୁବତୀ ଜଣଙ୍କ ଥିଲେ। ତା'ପୂର୍ବରୁ ଉମାକାନ୍ତ ଗୋଆରେ ଥିଲେ। ସେତେବେଳେ ମଧ୍ୟ ସେ ପୀଡ଼ିତାଙ୍କୁ ଏକ ଘରୋଇ ଏୟାର ଲାଇନ୍ସରେ ନିଯୁକ୍ତ କରାଇଥିଲେ। ସମ୍ପର୍କ ନିବିଡ଼ ହେବା ପରେ ସେମାନଙ୍କ ମଧ୍ୟରେ ଶାରୀରିକ ସମ୍ପର୍କ ସ୍ଥାପନ ହୋଇଥିଲା। ଏହା ମଧ୍ୟରେ ପୀଡ଼ିତା ଗର୍ଭବତୀ ହେବା ପରେ ବିବାହ ପାଇଁ ଜିଦ୍ ଧରିଥିଲେ। କିନ୍ତୁ ଉମାକାନ୍ତ ବାହାନ କରି ଏଡ଼ାଇ ଯିବା ସହ ତାଙ୍କର ଗର୍ଭପାତ କରାଇଥିଲେ। ବିବାହ ପ୍ରସ୍ତାବକୁ ଉମାକାନ୍ତ ବାରମ୍ବାର ଏଡ଼ାଇବାରୁ ଯୁବତୀଜଣକ ସନ୍ଦେହ କରି ତାଙ୍କ ସଂପର୍କରେ ଖୋଳତାଡ଼ କରିଥିଲେ ଏବଂ ସେ ବିବାହିତ ବୋଲି ଜାଣିବା ପରେ ଏହାକୁ ନେଇ ଉଭୟଙ୍କ ମଧ୍ୟରେ ତୀବ୍ର ଝଗଡ଼ା ହୋଇଥିଲା। ଉମାକାନ୍ତ ଉତ୍କ୍ଷିପ୍ତ ହୋଇ ଯୁବତୀଙ୍କୁ ମାଡ଼ ମାରିଥିଲେ। ଉମାକାନ୍ତ ତାଙ୍କୁ ଧୋକା ଦେଇଥିବା ଜାଣିବା ପରେ ଯୁବତୀଜଣଙ୍କ ଗତ ୧୯ ତାରିଖରେ ଏୟାରପୋର୍ଟ ଥାନାରେ ଏତଲା ଦେଇଥିଲେ।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

### ଇନ୍ଦୋରରେ ଅଷ୍ଟ୍ରେଲିଆ...

ସାଇକିଆ ଏଭଳି ଘଟଣାରେ ଗଭୀର ଦୁଃଖ ପ୍ରକାଶ କରିବା ସହ ଦୃଢ଼ ନିନ୍ଦା କରିଛନ୍ତି। ରାଜ୍ୟ ପୁଲିସ୍ ଅଭିଯୁକ୍ତ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରୁ ବୋଲି ବିସିସିଆଇ ଉପସଭାପତି ରାଜୀବ ଶୁକ୍ଲା ଦାବି କରିଛନ୍ତି। ଏଭଳି ଘଟଣାରେ ଦେଶ ସମ୍ମାନରେ ଆଞ୍ଚ ଆସିଥିବାରୁ ସେ ଏହାର ପୁନରାବୃତ୍ତି ନ ହେବାକୁ କଡ଼ା ପଦକ୍ଷେପ ନେବାକୁ ଅନୁରୋଧ କରିଛନ୍ତି।

### କାକିନାଡ଼ାରେ ମାଡ଼ହେବ...

ଦୁଇ ଦିନରେ ପୁରୀ, ଖୋର୍ଦ୍ଧା, କଳାହାଣ୍ଡି, ନୟାଗଡ, କନ୍ଧମାଳ ଓ ନବରଙ୍ଗପୁର ଜିଲ୍ଲାରେ ୫୦ରୁ ୬୦ କିଲୋମିଟର ବେଗରେ ପବନ ବହିବାର ସମ୍ଭାବନା ରହିଛି। ଉପରୋକ୍ତ ଜିଲ୍ଲାର ପାଶ୍ୱବର୍ତ୍ତୀ ଜିଲ୍ଲାଗୁଡ଼ିକରେ ପବନର ବେଗ ୪୦ରୁ ୫୦ କିଲୋମିଟର ଏବଂ ଝଟକା ୬୦ କିଲୋମିଟର ଛୁଇଁପାରେ ବୋଲି ଭୁବନେଶ୍ୱର ଆଞ୍ଚଳିକ ପାଣିପାଗ କେନ୍ଦ୍ରର ନିର୍ଦ୍ଦେଶକ ଡ. ମନୋରମା ମହାନ୍ତି ସୂଚନା ଦେଇଛନ୍ତି। ସେହିପରି ସମୁଦ୍ର ଅଶାନ୍ତରୁ ଅତ୍ୟଧିକ ଅଶାନ୍ତ ରହିବାକୁ ଥିବାରୁ ମତ୍ସ୍ୟଜୀବିଙ୍କୁ ସମୁଦ୍ର ମଧ୍ୟକୁ ୨୬ ତାରିଖଠାରୁ ସମୁଦ୍ର ମଧ୍ୟ ନଯିବା ପାଇଁ ବାରଣ କରାଯାଇଛି।

କେନ୍ଦ୍ରର ସୂଚନା ଅନୁଯାୟୀ ଦକ୍ଷିଣ-ପୂର୍ବ ବଙ୍ଗୋପସାଗର ଉପରେ ସୃଷ୍ଟି ହୋଇଥିବା ଲଘୁଚାପଟି ଘନୀଭୂତ ହୋଇ ଅବପାତର ରୂପ ନେବା ସହ ଏହା କ୍ରମଶଃ ପଶ୍ଚିମକୁ ଘଣ୍ଟାପ୍ରତି ୭ କିଲୋମିଟର ବେଗରେ ଗତି କରୁଛି। ଶନିବାର ସକାଳ ୧୧ଟା ୩୦ ମିନିଟ ସୁଦ୍ଧା ଏହା ପୋର୍ଟ ବ୍ଲେୟାରଠାରୁ ୪୬୦ କିମି ପଶ୍ଚିମ ଦକ୍ଷିଣ ଦିଗରେ, କାକିନାଡା ଠାରୁ ୯୭୦ କିମି ଦକ୍ଷିଣ-ପୂର୍ବ ଦିଗରେ ଏବଂ ଗୋପାଳପୁର ଠାରୁ ୧୦୩୦ କିମି ଦକ୍ଷିଣ-ପୂର୍ବ ଦିଗରେ ରହିଛି। ଏହା ପଶ୍ଚିମ-ଉତ୍ତର-ପଶ୍ଚ ଦିଗରେ ଗତି କରି ୨୬ ତାରିଖ ସୁଦ୍ଧା ଗଭୀର ଅବପାତ ଓ ୨୭ ତାରିଖ ସକାଳ ସୁଦ୍ଧା ଦକ୍ଷିଣ-ପଶ୍ଚିମ ଓ ତାହା ସଂଲଗ୍ନ ପଶ୍ଚିମ କେନ୍ଦ୍ରୀୟ ବଙ୍ଗୋପସାଗର ଉପରେ ସାମୁଦ୍ରିକ ଝଡ଼ରେ ପରିଣତ ହେବାର ସମ୍ଭାବନା ରହିଛି। ଏହାପରେ ଏହା ଉତ୍ତର-ପଶ୍ଚିମ ଓ ଉତ୍ତର-ଉତ୍ତର-ପଶ୍ଚିମ ଦିଗରେ ଗତି କରି ୨୮ ତାରିଖ ସକାଳ ସୁଦ୍ଧା ଏକ ଭୀଷଣ ସାମୁଦ୍ରିକ ଝଡ଼ରେ ପରିଣତ ହେବାର ସମ୍ଭାବନା ରହିଛି। ୨୮ ତାରିଖ ସନ୍ଧ୍ୟାରୁ ରାତି ମଧ୍ୟରେ ଏହା କାକିନାଡା ନିକଟରେ ସାମୁଦ୍ରିକ ଝଡ଼ ରୂପେ ସ୍ଥଳଭାଗ ଛୁଇଁପାରେ ବୋଲି ପୂର୍ବାନୁମାନ କରାଯାଉଛି।

ବାତ୍ୟା ମୋନ୍ଥା କାରଣରୁ ଓଡ଼ିଶାରେ ୨୭ରୁ ୨୯ ତାରିଖ ଯାଏଁ ୩ ଦିନ ଧରି ପ୍ରବଳ ବର୍ଷା ହେବ। ୨୭ ତାରିଖରେ ମାଲକାନଗିରି, କୋରାପୁଟ, ନବରଙ୍ଗପୁର, କଳାହାଣ୍ଡି, ରାୟଗଡା, ଗଜପତି, ଗଞ୍ଜାମ ଓ କନ୍ଧମାଳରେ ପ୍ରବଳରୁ ଅତିପ୍ରବଳ ବର୍ଷା ହେବାର ସମ୍ଭାବନା ରହିଛି। ଉପରୋକ୍ତ ଜିଲ୍ଲାମାନଙ୍କରେ କେତେକ ସ୍ଥାନରେ ୭ରୁ ୨୦ ସେଣ୍ଟିମିର ପର୍ଯ୍ୟନ୍ତ ବର୍ଷା ହେବାର ସମ୍ଭାବନା ରହିଛି। ନୂଆପଡ଼ା, ବଲାଙ୍ଗୀର, ବୌଦ୍ଧ, ନୟାଗଡ, ଖୋର୍ଦ୍ଧା, ପୁରୀ, କଟକ, କେନ୍ଦ୍ରାପଡା ଓ ଜଗତସିଂହପୁରରେ ମଧ୍ୟ ପ୍ରବଳ ବର୍ଷା ନେଇ ଆକଳନ କରାଯାଇଛି। ସେହିପରି ୨୮ ତାରିଖରେ ବର୍ଷାର ବିସ୍ତୃତି ବଢ଼ିବା ମାଲକାନଗିରି, କୋରାପୁଟ, ରାୟଗଡ଼ା, ଗଜପତି ଓ ଗଞ୍ଜାମ ଜିଲ୍ଲାରେ ପ୍ରବଳରୁ ଅତିପ୍ରବଳ ବର୍ଷାର ସମ୍ଭାବନା ରହିଛି। ଉପରୋକ୍ତ ଜିଲ୍ଲାମାନଙ୍କରେ କେତେକ ସ୍ଥାନରେ ୭ରୁ ୨୦ ସେଣ୍ଟିମିଟର ବିକ୍ଷିପ୍ତ ବର୍ଷା ସମ୍ଭାବନା ରହିଛି। ଏତଦ୍ ବ୍ୟତୀତ ନବରଙ୍ଗପୁର, କଳାହାଣ୍ଡି, କନ୍ଧମାଳ, ନୟାଗଡ, ଖୋର୍ଦ୍ଧା, ପୁରୀ, ଜିଲ୍ଲାରେ ମଧ୍ୟ ପ୍ରବଳରୁ ଅତିପ୍ରବଳ ବର୍ଷା ସମ୍ଭାବନା ରହିଥିବା ବେଳେ ଏଥିପାଇଁ ଅରେଞ୍ଜ ୱାର୍ଣ୍ଣିଂ ଜାରି କରାଯାଇଛି। ସେହିପରି ନୂଆପଡ଼ା, ବଲାଙ୍ଗୀର, ସୋନପୁର, ବୌଦ୍ଧ, ଅନୁଗୋଳ, ଢେଙ୍କାନାଳ, କଟକ, ଜଗତସିଂହପୁର, କେନ୍ଦ୍ରାପଡା, ଯାଜପୁର, କେନ୍ଦୁଝର, ଭଦ୍ରକ, ବାଲେଶ୍ୱର ଓ ମୟୂରଭଞ୍ଜ ଜିଲ୍ଲାରେ ପ୍ରବଳ ବର୍ଷା ଆକଳନ କରାଯାଇଥିବା ବେଳେ ଏଥିପାଇଁ ୟେଲୋ ସତର୍କ ସୂଚନା ଜାରି କରାଯାଇଛି। ୨୯ ତାରିଖରେ ମାଲକାନଗିରି, କୋରାପୁଟ, ନବରଙ୍ଗପୁର, କଳାହାଣ୍ଡି, ରାୟଗଡାରେ ବିକ୍ଷିପ୍ତ ଭାବେ ପ୍ରବଳରୁ ଅତିପ୍ରବଳ ବର୍ଷା ସମ୍ଭାବନା ରହିଥିବା ବେଳେ ଉପରୋକ୍ତ ଜିଲ୍ଲାଗୁଡ଼ିକୁ ରେଡ ୱାର୍ଣ୍ଣିଂ ଜାରି କରାଯାଇଛି। ସେହିପରି ନୂଆପଡା, ବଲାଙ୍ଗୀର, ବୌଦ୍ଧ, କନ୍ଧମାଳ, ଗଜପତି ଓ ଗଞ୍ଜାମ ଜିଲ୍ଲାରେ ପ୍ରବଳରୁ ଅତିପ୍ରବଳ ବର୍ଷା ସମ୍ଭାବନା ରହିଥିବାବେଳେ ବରଗଡ଼, ସୋନପୁର, ଅନୁଗୋଳ, ଢେଙ୍କାନାଳ, ନୟାଗଡ, କଟକ, ଖୋର୍ଦ୍ଧା, ପୁରୀ ଓ ଜଗତସିଂହପୁର ଜିଲ୍ଲାରେ ପ୍ରବଳ ବର୍ଷା ହେବା ନେଇ ପାଣିପାଗ କେନ୍ଦ୍ର ସତର୍କ ସୂଚନା ଜାରି କରିଛି। ୩୦ ତାରିଖରେ ବର୍ଷାର ବିସ୍ତୃତି କମିବା ସହ କେବଳ ଝାରସୁଗୁଡା, ସୁନ୍ଦରଗଡ, ସମ୍ବଲପୁର, ଦେବଗଡ, କେନ୍ଦୁଝର, ମୟୂରଭଞ୍ଜ ଜିଲ୍ଲାରେ ପ୍ରବଳ ବର୍ଷା ସମ୍ଭାବନା ଆକଳନ କରାଯାଇଛି।

### ପ୍ରଭାବିତ ହେବ...

ପ୍ରତିନିଧିମାନଙ୍କୁ ସୂଚନା ଦେଇ ମନ୍ତ୍ରୀ ଶ୍ରୀ ପୂଜାରୀ କହିଲେ ଯେ ସମ୍ଭାବ୍ୟ ବାତ୍ୟାର ପ୍ରଭାବରେ୨୭, ୨୮ ଓ ୨୯ ତାରିଖ ବେଳକୁ ଦକ୍ଷିଣ ଓଡ଼ିଶା ଓ ଉପକୂଳ ଓଡ଼ିଶାରେ ପ୍ରବଳ ବର୍ଷା ହୋଇପାରେ। ଏଥିରେ ରାଜ୍ୟର ୧୫ଟି ଜିଲ୍ଲା ପ୍ରଭାବିତ ହେବାର ଆଶଙ୍କା ରହିଛି। ମୁକାବିଲା ସ୍ୱରୂପ, ଏନ୍‌ଡିଆର୍‌ଏଫ୍, ଓଡ୍ରାଫ୍ ଓ ଅଗ୍ନିଶମ ବାହିନୀକୁ ସଜାଗ ରଖାଯାଇଛି। ସରକାର କୃଷି, ଜଳସମ୍ପଦ, ଶକ୍ତି, ପଞ୍ଚାୟତିରାଜ, ସ୍ୱାସ୍ଥ୍ୟ, ସମବାୟ, ଗ୍ରାମ୍ୟ ଉନ୍ନୟନ, ପ୍ରାଣୀସମ୍ପଦ ବିଭାଗ ସହ ସମନ୍ୱୟ ରକ୍ଷା କରି ପ୍ରସ୍ତୁତି ଜାରି ରଖିଛନ୍ତି। ବାତ୍ୟା ଆଶ୍ରୟସ୍ଥଳଗୁଡ଼ିକରେ ଖାଦ୍ୟପଦାର୍ଥ, ପାନୀୟ ଜଳ, ଗୋଖାଦ୍ୟ, ଆବଶ୍ୟକ ଔଷଧ ଇତ୍ୟାଦିର ବ୍ୟବସ୍ଥା କରାଯାଇଛି। ଆବଶ୍ୟକ ପଡ଼ିଲେ ଲୋକମାନଙ୍କୁ ବାତ୍ୟା ଆଶ୍ରୟସ୍ଥଳକୁ ସ୍ଥାନାନ୍ତରିତ କରାଯିବ। ସରକାରଙ୍କ ସହ ନିୟମିତ ସମ୍ପର୍କରେ ରହିବା ସହ ଆତଙ୍କିତ ନ ହେବାକୁ ମନ୍ତ୍ରୀ ଶ୍ରୀ ପୂଜାରୀ ଜନସାଧାରଣଙ୍କୁ ପରାମର୍ଶ ଦେଇଛନ୍ତି।

ଅନ୍ୟପକ୍ଷରେ ସମ୍ଭାବ୍ୟ ବାତ୍ୟାର ମୁକାବିଲା ପାଇଁ ୬ଟି ଜିଲ୍ଲାରେ ସରକାରୀ କର୍ମଚାରୀଙ୍କ ଛୁଟି ବାତିଲ କରାଯାଇଛି। ସମ୍ପୃକ୍ତ ଜିଲ୍ଲାଗୁଡ଼ିକ ହେଲା ଗଞ୍ଜାମ, ବାଲେଶ୍ୱର, କେନ୍ଦ୍ରାପଡ଼ା, ରାୟଗଡ଼ା, କୋରାପୁଟ ଓ ମାଲକାନଗିରି। ସ୍ଥାନୀୟ ଜିଲ୍ଲାପାଳମାନେ ଏହି ନିର୍ଦ୍ଦେଶନାମା ଜାରି କରିଥିବା ଜଣାପଡ଼ିଛି। କିଛି ଜିଲ୍ଲାରେ ୨୫ରୁ ୩୦ ତାରିଖ ଏବଂ ଆଉକିଛି ଜିଲ୍ଲାରେ ୨୬ରୁ ୩୦ ତାରିଖ ଯାଏଁ ଛୁଟି ବାତିଲ କରାଯାଇଥିବା ନେଇ ନିର୍ଦ୍ଦେଶନାମା ଜାରି କରାଯାଇଛି। ଛୁଟିରେ ଥିବା କର୍ମଚାରୀଙ୍କୁ କାର୍ଯ୍ୟରେ ତୁରନ୍ତ ଯୋଗ ଦେବାକୁ କୁହାଯାଇଥିବା ବେଳେ ଅଧିକାରୀମାନେ ନିଜ ନିଜ ମୁଖ୍ୟାଳୟ ଛାଡ଼ି ନ ଯିବାକୁ ନିର୍ଦ୍ଦେଶନାମାରେ କୁହାଯାଇଛି।

### ଗୋଟିଏ ଦିନରେ...

ନଗଦ ପ୍ରବାହ ହ୍ରାସ ସହ ବିଭିନ୍ନ କାର୍ଯ୍ୟ ପ୍ରଭାବିତ ହେଉଛି।

ଜାତୀୟ ପେମେଣ୍ଟ କର୍ପୋରେସନ (ଏନ୍‌ସିପିଆଇ) ମଧ୍ୟ ବ୍ୟାଙ୍କଗୁଡ଼ିକରେ ଚେକ୍ କ୍ଲିୟରିଂ ବ୍ୟବସ୍ଥାରେ ସୃଷ୍ଟି ହୋଇଥିବା ଅବ୍ୟବସ୍ଥାକୁ ସ୍ୱୀକାର କରିଛନ୍ତି। କେନ୍ଦ୍ରୀୟ ବ୍ୟବସ୍ଥା ଓ ବ୍ୟାଙ୍କଗୁଡ଼ିକ ମଧ୍ୟରେ ରହିଥିବା ବିଚ୍ୟୁତି ଯୋଗୁଁ ଏପରି ସମସ୍ୟା ସୃଷ୍ଟି ହେଉଛି ବୋଲି ଏନ୍‌ସିପିଆଇ କହିଛି। କେଉଁସ୍ତରରେ ସମସ୍ୟା ଯୋଗୁଁ ଗୋଟିଏ ଦିନରେ ଚେକ୍ କ୍ଲିଅରିଂ ହୋଇ ପାରୁନାହିଁ ତାହାର ଅନୁଧ୍ୟାନ ସହ ବ୍ୟାଙ୍କଗୁଡ଼ିକ ସହ ଯୋଗସୂତ୍ର ରଖି କାର୍ଯ୍ୟ କରାଯାଉଛି ବୋଲି ଏନ୍‌ସିପିଆଇ ସୂଚନା ଦେଇଛି।

### ଆରମ୍ଭ ହେବ 'ବି-ମାନ'...

ବ୍ୟତୀତ ଉଦୀୟମାନ ପ୍ରଯୁକ୍ତିବିଦ୍ୟା ଏବଂ ଉଦ୍ଭାବନ, କାର୍ଗୋ ଏବଂ ଲଜିଷ୍ଟିକ ବିକାଶ, ସାମର୍ଥ୍ୟ ବୃଦ୍ଧି ଓ ଦକ୍ଷତା ବିକାଶ କରାଯିବାକୁ ଲକ୍ଷ୍ୟ ରଖାଯାଇଛି।

ସେହିପରି ଅନ୍ୟ ଏକ ପ୍ରସ୍ତାବକ୍ରମେ କ୍ୟାବିନେଟ ୫୧୨ କୋଟି ଟଙ୍କା ବ୍ୟୟରେ ନୂତନ ଯୋଜନା ଆହାରକୁ ଅନୁମୋଦନ ଦେଇଛନ୍ତି। ୨୦୨୫-୨୬ରୁ ୨୦୨୯-୩୦ ପର୍ଯ୍ୟନ୍ତ ଏହି ଯୋଜନା କାର୍ଯ୍ୟକାରୀ ହେବ। ହିତାଧିକାରୀଙ୍କ ବର୍ଦ୍ଧିତ ଚାହିଦା ପୂରଣ ଏବଂ ୫ ଟଙ୍କା ମୂଲ୍ୟରେ ସବସିଡିଯୁକ୍ତ ଖାଦ୍ୟ ଯୋଗାଇବାର ନିରନ୍ତତା ସୁନିଶ୍ଚିତ କରିବା ପାଇଁ ସରକାର ଏହି ପଦକ୍ଷେପ ନେଇଛନ୍ତି। 'ଆହାର' ମାଧ୍ୟମରେ ପ୍ରଦାନ କରାଯାଉଥିବା ଭୋଜନର ମୂଲ୍ୟ ୨୩ ଟଙ୍କାରୁ ୨୭ ଟଙ୍କାକୁ ବୃଦ୍ଧି କରାଯାଇଛି। ସେହିପରି ପ୍ରତି ଭୋଜନ ପାଇଁ ସରକାରୀ ସବସିଡି ୧୮ ଟଙ୍କାରୁ ୨୨ ଟଙ୍କାକୁ ବୃଦ୍ଧି କରାଯାଇଛି। ତେବେ ହିତାଧିକାରୀ ପୂର୍ବବତ୍ ଆହାର ମିଲ ପାଇଁ ୫ ଟଙ୍କା ପ୍ରଦାନ କରିବେ। ସେହିପରି ଅନ୍ୟ ଏକ ଗୁରୁତ୍ୱପୂର୍ଣ୍ଣ ପ୍ରସ୍ତାବ ଅନୁଯାୟୀ ୨୦୦ଟି ମିଡି ବସ କ୍ରୟ ଏବଂ ଏହାର ୧୦ ବର୍ଷ ପାଇଁ ପରିଚାଳନା, ରକ୍ଷଣାବେକ୍ଷଣ ପାଇଁ ୯୫୨ କୋଟି ୫୬ ଲକ୍ଷ ଟଙ୍କା ପ୍ରସ୍ତାବକୁ କ୍ୟାବିନେଟ ଅନୁମୋଦନ ଦେଇଛି। ଏଥିରେ କେନ୍ଦୁଝର, ବାରିପଦା, ଅନୁଗୋଳ ଓ ଝାରସୁଗୁଡା ପାଇଁ ୨୫ଟି ଲେଖାଏଁ ଏବଂ ବ୍ରହ୍ମପୁର ଓ ସମ୍ବଲପୁର ପାଇଁ ୫୦ଟି ଲେଖାଏଁ ବସ୍ ଅନ୍ତର୍ଭୁକ୍ତ ରହିଛି। ଏହି ପ୍ରକଳ୍ପ ମାଧ୍ୟମରେ ଉପରୋକ୍ତ ପ୍ରମୁଖ ୬ଟି ସହରଗୁଡ଼ିକରେ ବସ୍ ଚାର୍ଜିଂ, ଡିପୋ ଭିତ୍ତିଭୂମି ନିର୍ମାଣ ଓ ଏହାର ବ୍ୟାପକ ରକ୍ଷଣାବେକ୍ଷଣ ଓ ପରିଚାଳନା କାର୍ଯ୍ୟକାରୀ ହେବ।

ଅନ୍ୟ ଏକ ଗୁରୁତ୍ୱପୂର୍ଣ୍ଣ ପ୍ରସ୍ତାବ ଅନୁଯାୟୀ ଫସଲ ବିବିଧିକରଣ କାର୍ଯ୍ୟକ୍ରମ ଯୋଜନାକୁ ୨୦୨୫ରୁ ୨୦୨୭-୨୮ ପର୍ଯ୍ୟନ୍ତ ୩ ବର୍ଷ ପାଇଁ ବୃଦ୍ଧି କରିବା ସହ ୧୫୨୩.୯୮ କୋଟି ଟଙ୍କାର ବ୍ୟୟ ଅଟକଳକୁ ମଞ୍ଜୁରୀ ପ୍ରଦାନ କରାଯାଇଛି। ଏହି ଯୋଜନା ଚାଷଜମିରେ ମାଟିର ଜୀବାଣୁ ସଂଖ୍ୟା ବୃଦ୍ଧି କରିବା, ମାଟିର ରାସାୟନିକ ଏବଂ ଜୀବବିଜ୍ଞାନ ଗୁଣଧର୍ମର ପରିବର୍ତ୍ତନକୁ ରୋକିବା, ପାଣି ବ୍ୟବହାର କ୍ଷମତା ବୃଦ୍ଧି କରିବା ପାଇଁ ଉଦ୍ଦିଷ୍ଟ ଅଟେ। ଏହା ରାଜ୍ୟର ସମସ୍ତ ୩୦ ଜିଲ୍ଲାରେ କାର୍ଯ୍ୟକାରୀ ହେବ। ଆସନ୍ତା ୩ ବର୍ଷରେ ମୋଟ ୧୧.୫୦ ଲକ୍ଷ ହେକ୍ଟର ଧାନ ପରବର୍ତ୍ତୀ ପଡ଼ିଆ ଜମିରେ ଏହି କାର୍ଯ୍ୟକ୍ରମ କରାଯିବାକୁ ଲକ୍ଷ୍ୟ ଧାର୍ଯ୍ୟ ହୋଇଛି। ରାଜ୍ୟ କ୍ୟାବିନେଟ ମଧ୍ୟ ମତ୍ସ୍ୟ ଓ ପ୍ରାଣୀ ସମ୍ପଦ ବିଭାଗ ଅଧିନରେ ପ୍ରାଣୀ ସମ୍ପଦ ସମୃଦ୍ଧି ଯୋଜନା ଅନ୍ତର୍ଗତ କ୍ଷୁଦ୍ର ପ୍ରାଣୀ ଉନ୍ନୟନ ଯୋଜନାକୁ ଅନୁମୋଦନ ଦେଇଛି। ଏହି ଯୋଜନା ଆସନ୍ତା ୪ ବର୍ଷ ଅର୍ଥାତ୍ ୨୦୨୫-୨୬ରୁ ୨୦୨୮-୨୯ ପର୍ଯ୍ୟନ୍ତ କାର୍ଯ୍ୟକାରୀ ହେବାକୁ ଥିବାବେଳେ ଏଥିରେ ମୋଟ ୨୯୪ କୋଟି ୩୬ ଲକ୍ଷ ଟଙ୍କା ଖର୍ଚ୍ଚ କରାଯିବ। ଏହି ଯୋଜନା ଦ୍ୱାରା ପ୍ରାୟ ୨୩୭୩୫ କୃଷକ ଉପକୃତ ହେବେ ଏବଂ ରାଜ୍ୟରେ ବାର୍ଷିକ ୧୨.୨୫ ଟିଏମଟି ମାଂସ ଉତ୍ପାଦନ ହେବାକୁ ଲକ୍ଷ୍ୟ ରଖାଯାଇଛି।

### ୨ ନାବାଳିକାଙ୍କୁ...

ସୂଚନାନୁଯାୟୀ, ନାବାଳିକାଦ୍ୱୟଙ୍କ ଘର ରାସଗୋବିନ୍ଦପୁର ଥାନା ଅନ୍ତର୍ଗତ ଏକ ଗାଁରେ। ଗତ ୨୨ତାରିଖ (ବୁଧବାର)ରେ ନଳଗଜା ଗ୍ରାମରେ ପଡ଼ିଥିବା ଯାତ୍ରା ଦେଖିବାକୁ ଦୁହେଁ ନିଜର ୨ ପୁରୁଷ ବନ୍ଧୁଙ୍କ ସହ ଯାଇଥିଲେ। ସେମାନେ ଯାତ୍ରା ଦେଖି ସ୍କୁଟିରେ ଘରକୁ ଫେରୁଥିବା ବେଳେ ବାଟ ମଝିରେ ୫ଜଣ ଯୁବକ ସେମାନଙ୍କ ବାଟ ଓଗାଳିଥିଲେ। କିଛି ବୁଝିବା ପୂର୍ବରୁ ଦୁର୍ବୃତ୍ତମାନେ ସେମାନଙ୍କୁ ଅଶ୍ଳୀଳ ଭାଷାରେ ଗାଳିଗୁଲଜ କରିଥିଲେ। ତେବେ ନାବାଳିକାଙ୍କ ଦୁଇ ବନ୍ଧୁ ଏହାର ପ୍ରତିବାଦ କରିବାରୁ ଯୁବକମାନେ ସେମାନଙ୍କୁ ମାରପିଟ୍ କରିବା ସହ ମୋବାଇଲ ଛଡ଼ାଇ ନେଇଥିଲେ। ପରେ ନାବାଳିକାଦ୍ୱୟଙ୍କୁ ଜୋର୍‌ଜବରଦସ୍ତ ବାଇକ୍‌ରେ ନେଇ ଟିକପଦା କେନାଲ ନିକଟରେ ଗଣଦୁଷ୍କର୍ମ କରିଥିଲେ। ଏ ସଂପର୍କରେ କାହାରିକୁ କହିଲେ, ଜୀବନରୁ ମାରିଦେବାର ଧମକ ଦେଇ ନଳଗଜା କଲେଜ ପଡ଼ିଆ ନିକଟରେ ଛାଡ଼ି ପଳାଇଥିଲେ। ଏନେଇ ପୀଡ଼ିତାଙ୍କ ପରିବାର ପକ୍ଷରୁ ଲିଖିତ ଅଭିଯୋଗ ହେବା ପରେ ରାସଗୋବିନ୍ଦପୁର ପୁଲିସ ମାମଲାକୁ ଗୁରୁତ୍ୱର ସହ ନେଇ ଏକ ଗଣଦୁଷ୍କର୍ମ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଛି। ବେତନଟୀ ଏସ୍‌ଡିପିଓ ମିନତି ବିଶ୍ୱାଳ ତଦନ୍ତ ଆରମ୍ଭ କରିବା ସହ ନାବାଳିକାଦ୍ୱୟଙ୍କ ଡାକ୍ତରୀମାଇନା କରାଇଛନ୍ତି। ଫେରାର୍ ୨ ଅଭିଯୁକ୍ତଙ୍କୁ ଧରିବା ଲାଗି ପୁଲିସ ତନାଘନା ଚଳାଇଛି। ଖୁବ୍‌ଶୀଘ୍ର ସେମାନେ ଧରାପଡ଼ିବେ ବୋଲି ପୁଲିସ କହିଛି।

Office of the Principal
**R.I.H.S., BHOGRAI**
Regd. No.: 14239/1983At./P.O.: Jaleswarpur,
Dist.- Balasore-756036, Ph.: 06781-231303, Fax: 06781-231303
E-mail: principalrihs060@gmail.com, Website: www.rihsbhograi.org
(NAAC ACCREDITED)

**WANTED**

Guest Lecturers in Botany, Economics, Education, History, Logic & Philosophy, Odia, Political Science, Sanskrit, Chemistry including 4 nos of Junior Clerk, Demonstrator in Physics, Chemistry, Botany, Zoology, PET and Librarian are wanted for immediate appointment.
The retired faculties & Non-teaching members below the age of 69 years may apply through HIMS Portal on or before **31/10/2025.**
The salary for the above cited posts will be as per the notification of DHE, Odisha vide letter No-57198 and 57203 on dated 23/10/2025.

**Sd/- Principal-cum-Secretary**
Rural Institute of Higher Studies
Bhograi, Balasore-756036

**ପୂର୍ବ ତଟ ରେଳପଥ**
ଟେଣ୍ଡର ବିଜ୍ଞପ୍ତି ସଂ. ST-OT-QUAD-CABLE-KUR-507, ତା.17.10.2025ରିଖ
କାର୍ଯ୍ୟର ନାମ : ଖୋର୍ଦ୍ଧା ରୋଡ଼ ମଣ୍ଡଳରେ ବିଭିନ୍ନ ସେକ୍ସନର ତ୍ରୁଟିଯୁକ୍ତ (Faulty) ଫ୍ୟାଚ ବିପକ୍ଷରେ 6 କ୍ୱାର୍ଡ (Quad) କେବୁଲଗୁଡ଼ିକର ପୁନଃସ୍ଥାପନ।
ଟେଣ୍ଡର ମୂଲ୍ୟ : ₹ 3,21,12,194.00, EMD : ₹ 3,10,600/-
ବିଡ୍ ଆରମ୍ଭ ହେବା ତାରିଖ : ତା.27.10.2025ରିଖ
ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ : ତା.10.11.2025ରିଖ 1100 ଘଣ୍ଟିକା।
ଏହି ଇ-ଟେଣ୍ଡରଗୁଡ଼ିକ ନିମନ୍ତେ ଡାକ / କୋରିୟର / ଫାକ୍ସ କରିବାରେ କିମ୍ବା ବ୍ୟକ୍ତିଗତ ରୂପେ ପଠାଯାଇଥିବା କୌଣସି ମାନୁଆଲ ପ୍ରସ୍ତାବ ଅଫର ଗ୍ରହଣଯୋଗ୍ୟ ହେବ ନାହିଁ, ଯଦ୍ୟପି ସେଗୁଡ଼ିକ ଫର୍ମ (Firm)ର ଲେଟର ହେଡ୍‌ରେ ଦାଖଲ କରାଯାଇଥିବ। ଏହିଭଳି ସମସ୍ତ ମାନୁଆଲ ଅଫରଗୁଡ଼ିକ ଅବୈଧ ବୋଲି ଧରାଯିବ ଏବଂ କୌଣସି ବିଚାର ବିନା ବିଧିବଦ୍ଧ ରୂପେ ନାକଚ କରାଯିବ।
ଉପରୋକ୍ତ ଇ-ଟେଣ୍ଡରର ସମସ୍ତ ବିବରଣୀ ଇ-ଟେଣ୍ଡର ଦସ୍ତାବିଜ ସହିତ ୱେବ୍‌ସାଇଟ୍ www.ireps.gov.in ରେ ଉପଲବ୍ଧ ଅଟେ।
ଦ୍ରଷ୍ଟବ୍ୟ : ଏହି ଇ-ଟେଣ୍ଡର ନିମନ୍ତେ ଜାରି କରାଯାଇଥିବା କୌଣସି ପରିବର୍ତ୍ତନ / ଶୁଦ୍ଧିପତ୍ରକୁ ଧ୍ୟାନ ଦେବା ନିମନ୍ତେ ଟେଣ୍ଡର ବନ୍ଦ ହେବା ତାରିଖର 15 ଦିନ ପୂର୍ବରୁ ୱେବ୍‌ସାଇଟକୁ ପୁନଃ ପରିଦର୍ଶନ କରିବା ପାଇଁ ଆଶାୟୀ ଟେଣ୍ଡରଦାତାମାନଙ୍କୁ ପରାମର୍ଶ ଦିଆଯାଉଛି।
ବରିଷ୍ଠ ମଣ୍ଡଳ ସଙ୍କେତ ଏବଂ ଦୂରସଞ୍ଚାର ଯନ୍ତ୍ରୀ, ଖୋର୍ଦ୍ଧା ରୋଡ଼
PR-719/Q/25-26

**AFFIDAVIT**
I DILLIP SAHOO, S/O LATE SRINIBAS SAHOO, PLOT NO-1211/6300, MALLICK COMPLEX, NEAR PRAMEYA PAPER MILL, JAGAMARA, PS- KHANDAGIRI, BHUBANESWAR- 751030, ODISHA DECLARE BY THIS AFFIDAVIT NO- 39658, DATE-24.10.2025, THAT NOW ONWARDS, I SHALL BE KNOWN AS **DILLIP KUMAR SAHOO** FOR ALL FUTURE PURPOSES.

**PUJA OFFER SALE**
Book Now 2/3 BHK Flats Price Starts from 72 Lakhs Gadhwal Heights, Goutam Nagar, Gadhwal Grand 4, Jagamara, Gadhwal SB Homes, Ghatikia, Bhpl Krishna, Bharatpur, Bhpl Rudra, Ghatikia, Ready to move RJ Palace, Samantarapur, Bhubaneswar. Contact Gadhwal Group.
**9437015112**

**AFFIDAVIT**
I, Susanta Kumar Muduli, S/o- Rabindra Nath Muduli, Resident of At/PO: Patapur, Kakatpur, Dist.: Puri, Odisha, PIN-752108, declared by this Affidavit No.1317/2025 Dated: 24.10.2025. That now onwards I shall be known as **SUSHANTA KUMAR MUDULI** for all future Purposes.

**ଡକୁମେଣ୍ଟ ହଜିଛି**
ମୁଁ, ଏହେସାମୁଲ ମିର୍ଜା, ୪୫ବର୍ଷ, ପିତା- ସ୍ୱର୍ଗତ ଇସଲାମ ମିର୍ଜା, ଗ୍ରାମ- ବଢ଼ହନୁଆଡ, ପିଏସ୍ / ପୋଷ୍ଟ- ବାଣପୁର, ପିନ୍- ୭୫୨୦୩୧, ଜିଲ୍ଲା- ଖୋର୍ଦ୍ଧା, ଜଣାଉଛି ଯେ, ମୋର ରେଜିଡ଼ ବାଗଜପତ୍ର, ମୌଜା- ବଢ଼ହନୁଆଡ ଭିତ୍ତିଓ, ୦.୦୬୭ ଡିସିମିଲ ଜାଗାର ଖାତା ନଂ-୨୬୧/୪୮୮, ପ୍ଲଟ୍ ନଂ- ୭୨୩ ଏବଂ ୦.୦୨୧ ଡିସିମିଲ ଜାଗାର ଖାତା ନଂ-୨୬୧/୪୮୯, ପ୍ଲଟ୍ ନଂ-୭୨୪ ହଜି ଯାଇଛି। ଏନେଇ ବାଣପୁର ଥାନାରେ ଷ୍ଟେସନ ଡାଏରୀ ନଂ-୦୧୪, ୧୮.୧୦.୨୦୨୫ ତାରିଖରେ ଅଭିଯୋଗ ହୋଇଛି। ଯଦି କେହି ପାଇଥାନ୍ତି ତେବେ ବାଣପୁର ପୋଲିସ ଥାନାରେ କିମ୍ବା ମୋର ମୋବାଇଲ ନଂ- ୯୯୩୭୬୧୮୦୪୯୪ରେ ଯୋଗାଯୋଗ କରିବାକୁ ଅନୁରୋଧ।

**AFFIDAVIT**
BY virtue of an affidavit sworn before The Executive Magistrate, Kutra, Dist : Sundargarh by No - 1713, dated 24/10/2025, I Rajni Tete w/o Hemant Tete of Ganjhupada, PO Gairbahal, Dist.-Sundargarh, Pin- 770018 declare that I have changed the name of my minor daughter KUARI TETE to RASHMITA TETE. Hence she will be known as **RASHMITA TETE** for all purposes.

**AFFIDAVIT**
By virtue of an affidavit sworn before Executive Magistrate, Kabisuryanagar, I, Aruna Kumara Acharya, S/o- Prakash Chandra Acharya resident of Vill.- Muktamaladeipur, Po.- Banthapalli, Ps.- Posasara, Dist.- Ganjam (Odisha) state vide affidavit no. A-II dtd.24.10. 2025 that, in HSC certificate as well as passport my name has been mentioned as Acharya Aruna Kumar. Hence **Aruna Kumar Acharya @Arun Kumar Acharya** and **Acharya Arun Kumar** is one and same person.

**AFFIDAVIT**
I, N.K.Sahoo, S/o- Late Babaji Charan Sahoo, Resident of House No.: D-45, AWHO Defence Colony, Padmapani Vihar, Niladri Vihar, CSPUR, Near Buddha Jayanti Park, Bhubaneswar, Dist.: Khorda, Odisha, PIN-751021, declared by this Affidavit No.1310/2025 Dated: 24.10.2025. That now onwards I shall be known as **NANDA KISHORE SAHOO** for all future Purposes.

**AFFIDAVIT**
I, Sanjukta Kumari Dash, W/o- Gajendra Kumar Padhi, resident of Plot No-19, Dharmavihar, Khandagiri, Bhubaneswar, Dist- Khurda, Pin- 751030, Odisha declared by this affidavit No- 863, dtd- 22/10/2025 that now onwards I shall be known as **SANJUKTA DASH** for all future purposes.

**Notice**
**(Above 18 years of age)**
By virtue of an affidavit sworn before The Executive Magistrate, Rasulpur, Jajpur, Dated 25.09.2025 I, Rekha Das, Address At-Karanjiari, Po- Odisso, Ps-Kuakha, Dist-Jajpur, Odisha, Pin-755008 declare that I have changed my name from Anita Swain to Rekha Das. Henceforth, I shall be known as **Rekha Das** for all purpose.
**Rekha Das**

**AFFIDAVIT**
By virtue of an affidavit before the Notary Public, Titilagarh, on dated- 24/10/2025. I, **Mamata Bharasagar** (applicant name), Wo Late Umesh Bharasagar, resident of AT. / P.O. / P.S. Titilagarh (Hatpada Pada), Dist- Bolangir, (Odisha), PIN Code: 767033 declare that I have changed my minor daughter's name from **Sunaksi Bharasagar** (old name) to **Sonakshi Bharasagar** (new name). Henceforth in all records, deeds and writing in all proceeding, dealing and transaction private as well as public and upon all occasion she shall be known as **Sonakshi Bharasagar** (new name) for all purposes.
**Mamata Bharasagar**

**AFFIDAVIT**
By virtue of an affidavit CF no 1/1 dtd. 24.10.2025 the Executive Magistrate Nayagarh, I, Lili Nayak, W/o- Muralidhar Nayak, At/Po- Rajingi, Ps - Gania, Dist- Nayagarh have changed my son's name from Ayush Nayak to Amarjeet Nayak. Henceforth He will be know as **Amarjeet Nayak** for all purposes.

**AFFIDAVIT**
I, Gajendra Kumar Padhy, S/o- Damodar Padhi, resident of Plot no-19, Dharmavihar, Khandagiri, Bhubaneswar ,Dist- Khurda, Pin-751030, Odisha declared by this affidavit No-861, dtd- 22/10/2025 that now onwards I shall be known as **GAJENDRA KUMAR PADHI** for all future purposes.

**AFFIDAVIT**
By virtue of an affidavit sworn Before the Executive Magistrate, Kalampur, Dist- Kalahandi, on dated- 23/10/2025. I, **Anjali Mali** (new name), aged about 27 years, D/o- Baida Mali, resident of Village- Potesh, PO- Pandigaon, PS- Kalampur, Dist- Kalahandi, PIN: 766013, Odisha declare that I have changed my name from **Pushpalata Mali** (old name) to **Anjali Mali** (new name). Henceforth, I shall be known as **Anjali Mali** (new name) for all purposes.
**Anjali Mali**

ସକାଳ THE SAKALA



www.sakalaepaper.com

## ଓଡ଼ିଶା ବନାଞ୍ଚଳ ଉନ୍ନୟନ ପ୍ରକଳ୍ପ-୨ର ସମୀକ୍ଷା ବୈଠକ

# ଉଜୁଡ଼ା ଜଙ୍ଗଲ ପୁନରୁଦ୍ଧାର ଓ ଜୀବନଜୀବିକାକୁ ଗୁରୁତ୍ୱ




ବାରିପଦା, ୨୫।୧୦(ସମିସ): ବାରିପଦା ବନଖଣ୍ଡ ଅଧିକାରୀ ଗୋବିନ୍ଦଚନ୍ଦ୍ର ବିଶ୍ୱାଳଙ୍କ ସଭାପତିତ୍ୱରେ ଶୁକ୍ରବାର ଓଡ଼ିଶା ବନାଞ୍ଚଳ ଉନ୍ନୟନ ପ୍ରକଳ୍ପ-୨ର ବାର୍ଷିକ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟ ଅତିଥି ଭାବେ ଜିଲ୍ଲା ପରିଷଦ ଅଧ୍ୟକ୍ଷା ଭାରତୀ ହାଁସଦା ଯୋଗଦେଇ ଉଦଘାଟନ କରିଥିଲେ। ସମ୍ମାନିତ ଅତିଥି ଭାବେ ଅତିରିକ୍ତ ଜିଲ୍ଲାପାଳ ନେତ୍ରାନନ୍ଦ ମଲ୍ଲିକ ଯୋଗଦେଇଥିଲେ। ବନଖଣ୍ଡ ଅଧିକାରୀ ଶ୍ରୀ ବିଶ୍ୱାଳ ଜଙ୍ଗଲ ସୁରକ୍ଷା ଓ ଜଙ୍ଗଲ ଉପରେ ନିର୍ଭର କରୁଥିବା ବନ ସୁରକ୍ଷା ସମିତିର ସଭ୍ୟ/ସଭ୍ୟାଙ୍କ ପାଇଁ ବିଭିନ୍ନ କାର୍ଯ୍ୟକ୍ରମ ହାତକୁ ନିଆଯାଇଥିବା ବିଷୟରେ ସମସ୍ତଙ୍କୁ ଅବଗତ କରାଇଥିଲେ। ଉକ୍ତ ପ୍ରକଳ୍ପ ଜରିଆରେ କିପରି ଉଜୁଡା ଜଙ୍ଗଲର ପୁନରୁଦ୍ଧାର ହେବା ସହ ବନ ସୁରକ୍ଷା ସମିତି ସ୍ତରରେ ଲୋକଙ୍କ ଜୀବନ ଜୀବିକାରେ ଉନ୍ନତି ନେଇ ଗୁରୁତ୍ୱ ଦେଇଥିଲେ। ଏଥିସହ କିପରି ପ୍ରକଳ୍ପ ଦ୍ୱାରା ଜଙ୍ଗଲ ଉପରେ ନିର୍ଭରଶିଳ ଲୋକଙ୍କ ଜୀବନ ଜୀବିକାରେ ଉନ୍ନତି ହୋଇପାରିଛି ଏବଂ ଆହୁରି ଆଗକୁ ହୋଇ ପାରିବ ସେ ନେଇ ଆଲୋଚନା କରିଥିଲେ। ଜଙ୍ଗଲରୁ ମିଳୁଥିବା ଲଘୁ ବନଜାତ ଦ୍ରବ୍ୟକୁ ସଂଗ୍ରହ କରି ତାହାର ପ୍ରକ୍ରିୟାକରଣ ମାଧ୍ୟମରେ ମୂଲ୍ୟ ଯୁକ୍ତ କରାଇ ସ୍ୱୟଂ ସହାୟକ ଗୋଷ୍ଠୀର ସଦସ୍ୟ ଓ ବନ ସୁରକ୍ଷା ସମିତିର ରୋଜଗାର ବଢ଼ାଯାଇପାରିବ। ସମ୍ମାନିତ ଅତିଥି ଅତିରିକ୍ତ ଜିଲ୍ଲାପାଳ ଶ୍ରୀ ମଲ୍ଲିକ ସରକାରଙ୍କ ବିଭିନ୍ନ ବିଭାଗ ଦ୍ୱାରା ବିଭିନ୍ନ ଯୋଜନାରେ ଗାଁର ଲୋକଙ୍କ ଜୀବନ ଜୀବିକାର ଉନ୍ନତି କରାଯାଇପାରିବ ସେ ବିଷୟରେ ଆଲୋକପାତ କରିଥିଲେ। ଆଗାମୀ ଦିନରେ କିପରି ସୁଚାରୁ ରୂପେ ବିଭିନ୍ନ କାମ କରାଯାଇପାରିବ ତାହା ବନ ସୁରକ୍ଷା ସମିତିର ସଦସ୍ୟଙ୍କ ସହଯୋଗ କାମନା କରିଥିଲେ। ଏହି ଅବସରରେ ବାର୍ଷିକ କାର୍ଯ୍ୟ ରିପୋର୍ଟ ଉନ୍ମୋଚନ ହୋଇଥିଲା। ଏହା ସହିତ ବିଭିନ୍ନ ସ୍ୱୟଂ ସହାୟକ ଗୋଷ୍ଠୀ ଦ୍ୱାରା ପ୍ରସ୍ତୁତ ବିଭିନ୍ନ ପ୍ରକାର ସାମଗ୍ରୀର ପ୍ରଦର୍ଶନୀ କରାଯାଇଥିଲା। ବୈଠକରେ ପ୍ରକଳ୍ପ ପ୍ରଶାସକ, ସମନ୍ୱିତ ଅନୁସୂଚିତ ଜନଜାତି ଉନ୍ନୟନ ସଂସ୍ଥା, ମୁଖ୍ୟ ଜିଲ୍ଲା ପ୍ରାଣୀ ଚିକିତ୍ସା ଅଧିକାରୀ, ସହକାରୀ କୃଷି ଅଧିକାରୀ, ସହକାରୀ ଉଦ୍ୟାନ ଅଧିକାରୀ, ସହକାରୀ ମତ୍ସ୍ୟ ଅଧିକାରୀ, ଜିଲ୍ଲା ସୂଚନା ଏବଂ ଲୋକ ସମ୍ପର୍କ ଅଧିକାରୀ ଉପସ୍ଥିତ ଥିଲେ। ଶେଷରେ ସହକାରୀ ବନ ସଂରକ୍ଷକ ଶେଖ ମେହେରବାନ ଅଲ୍ଲି ଧନ୍ୟବାଦ ଅର୍ପଣ କରିଥିଲେ।

# ଟ୍ରକ୍ ମାଲିକ ସଂଘ ପକ୍ଷରୁ ଉପଜିଲ୍ଲାପାଳଙ୍କୁ ଦାବିପତ୍ର



ରାଇରଙ୍ଗପୁର, ୨୫।୧୦(ସମିସ): ରାଇରଙ୍ଗପୁର ବ୍ଲକ ଅନ୍ତର୍ଗତ ଗୋରୁମହିଷାଣୀ ଅଞ୍ଚଳର ଟ୍ରକ୍ ଓ ଡମ୍ପର ମାଲିକ ସଂଘ ପକ୍ଷରୁ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଉପଜିଲ୍ଲାପାଳ ସୌମ୍ୟରଞ୍ଜନ ପ୍ରଧାନଙ୍କୁ ଏକ ଦାବିପତ୍ର ପ୍ରଦାନ କରାଯାଇଛି। ଗୋରୁମହିଷାଣି ଲୌହଖଣି ଏସିଆ ମହାଦେଶର ପ୍ରଥମ। ହେଲେ କମ୍ପାନୀ ଏଠିକାର ଶ୍ରମିକଙ୍କୁ କାମ ଦେଉନାହିଁ। ଫଳରେ ଲୋକେ ରାଜ୍ୟ ବାହାରକୁ ପଳାଉଛନ୍ତି। ଏପରିକି କମ୍ପାନୀ ଟ୍ରକ୍ ଓ ଡମ୍ପରକୁ ମଧ୍ୟ ଲୁହାଖଣିରେ ସ୍ଥାନ ଦେଉନାହିଁ। କାମ ନ ପାଇବାରୁ ଟ୍ରକ୍ ମାଲିକ ବ୍ୟାଙ୍କ କରଜ ପରିଶୋଧ କରିପାରୁନାହାନ୍ତି ବୋଲି ସଂଘ ପକ୍ଷରୁ ଅଭିଯୋଗ କରାଯାଇଛି। ଯଦି ଆଗାମୀ ଦିନରେ ଗୋରୁମହିଷାଣୀ ଲୌହଖଣିରେ ଅଞ୍ଚଳର ଟ୍ରକ ଓ ଡମ୍ପରକୁ କାମରେ ନ ଲଗାନ୍ତି ତାହାହେଲେ ସଂଘ ରାଜରାସ୍ତା ଅବରୋଧ କରିବା ସହିତ ଲୌହ ଚାଲାଣକୁ ବନ୍ଦ କରାଯିବ ବୋଲି ଚେତାବନୀ ଦେଇଛି। ଶୁଭ୍ରାଂଶୁ ଶେଖର ମହାନ୍ତ, ନାଗି ମୁର୍ମୁ, ପାରାଓ ମୁର୍ମୁ, ଧିରେନ୍ଦ୍ର ନାଥ ତୁଙ୍ଗ, ସୌରଭ ମହାନ୍ତ, ଭରତ ଚନ୍ଦ୍ର ମହାନ୍ତ, ରାଜଭଲ୍ଲବ ପାଟବନ୍ଧା, ସରତ ମହାନ୍ତ, କ୍ରିସ୍ ମହାନ୍ତ, ଅନୁଜ୍ କୁମାର ମହାନ୍ତ, ସଞ୍ଜୟ କୁମାର ମହାନ୍ତ, ଧିରେନ୍ଦ୍ର ମହାନ୍ତ, ପଙ୍କଜ ମହାନ୍ତ ଓ ଡମ୍ବରୁଧର ମହାନ୍ତ ପ୍ରମୁଖ ଦାବିପତ୍ର ଦେବା ସମୟରେ ଉପସ୍ଥିତ ଥିଲେ।

## ଯୁବକଙ୍କୁ ମରଣାନ୍ତକ ଆକ୍ରମଣ ଅଭିଯୋଗ

କୁଆମରା, ୨୫।୧୦(ସମିସ): ଖୁଣ୍ଟା ଥାନା ଅନ୍ତର୍ଗତ କୁଆମରା ସାପ୍ତାହିକ ହାଟରେ ଜଣେ ଯୁବକଙ୍କୁ ମାଡ ହୋଇଥିବା ନେଇ ଅଭିଯୋଗ ହୋଇଚି। ପୁଲିସ ଏକ ମାମଲା ରୁଜୁ କରିଛି। ବୁଧବାର ଚିଲିମା ଗ୍ରାମର ଗିରିଶ ଚନ୍ଦ୍ର ପରିଡ଼ା ହାଟକୁ ସଉଦା କରିବାକୁ ଆସିଥିବା ବେଳେ ଆଗରପଡ଼ା ଗ୍ରାମର ପ୍ରଦୀପ କୁମାର ସିଂହ ସହିତ କୌଣସି କଥାକୁ ନେଇ ଗଣ୍ଡଗୋଳ ହୋଇଥିଲା। ପ୍ରଦୀପ ଉତ୍ତ୍ୟକ୍ତ ହୋଇ ଗିରିଶଙ୍କୁ ପ୍ରାଣାନ୍ତକ ଆକ୍ରମଣ କରିବାରୁ ସେ ଗୁରୁତର ହୋଇ ପଡ଼ିଥିଲେ। ତାଙ୍କୁ ପ୍ରଥମେ କୁଆମରା ଡାକ୍ତରଖାନା ଓ ପରେ ବାଲେଶ୍ୱର ଡାକ୍ତରଖାନାକୁ ସ୍ଥାନାନ୍ତର କରାଯାଇଛି। ପୁଲିସ ଅଭିଯୋଗ ପାଇ ଏକ ମାମଲା ରୁଜୁ କରି ତଦନ୍ତ କରୁଛି।

# ଗ୍ରାମୀଣ କ୍ରୀଡ଼ା ଓ ଫୁଟବଲ ଟୁର୍ଣ୍ଣାମେଣ୍ଟ

ବଡ଼ସାହି, ୨୫।୧୦(ସମିସ): ବଡସାହି ବ୍ଲକ ମାନଗୋବିନ୍ଦପୁର ପଞ୍ଚାୟତ ଦରବାରପୁର ଗ୍ରାମରେ ସିନ୍ଦୁରଗୌରା କ୍ଲବ ଆନୁକୂଲ୍ୟରେ ୨୪ତମ ଗ୍ରାମୀଣ କ୍ରୀଡା ଓ ଫୁଟବଲ ଟୁର୍ଣ୍ଣାମେଣ୍ଟ ଅନୁଷ୍ଠିତ ହୋଇଯାଇଛି। ଫୁଟବଲ ଟୁର୍ଣ୍ଣାମେଣ୍ଟରେ ୮ଟି ଦଳ ଅଂଶ ଗ୍ରହଣ କରିଛନ୍ତି। ଉନ୍ନତ ଖେଳ ପ୍ରଦର୍ଶନ କରି କାର୍ତ୍ତିକ ଫାଇଟର୍ସ ଓ ବାଲେଶ୍ୱର ସୀମାରୁଆ ଏଫସି ଫାଇନାଲକୁ ଉନ୍ନୀତ ହୋଇଛି। ଫାଇନାଲ ଖେଳରେ ନିର୍ଦ୍ଧାରିତ ସମୟରେ କେହି କାହାରିକୁ ଗୋଲ ଦେଇ ନ ପାରିବାରୁ ଟ୍ରାଇବ୍ରେକରର ସହାୟତା ନିଆଯାଇଥିଲା। ଏଥିରେ କାର୍ତ୍ତିକ ଫାଇଟାର୍ସ ୭-୬ ଗୋଲରେ ସୀମାରୁଆ ଏଫସିକୁ ହରାଇ ଚଳିତ ବର୍ଷ ଚମ୍ପିଆନ ହୋଇଛି। ସେହିପରି ଆଖପାଖ ଅଞ୍ଚଳର ଛୋଟଛୋଟ ପିଲାମାନଙ୍କୁ ନେଇ ବିଭିନ୍ନ ପ୍ରକାର ଗ୍ରାମୀଣ କ୍ରୀଡା ଅନୁଷ୍ଠିତ ହୋଇଯାଇଛି। ଏହାକୁ ସନାତନ ବେହେରା ଉଦଘାଟନ କରିଥିଲେ। ଉଦଯାପନୀ ଉତ୍ସବରେ କ୍ଲବର ସଭାପତି ଟୁଟୁ ସିଂ ସଭାପତିତ୍ୱରେ ମୁଖ୍ୟଅତିଥି ଭାବେ ବ୍ଲକ ଅଧ୍ୟକ୍ଷା ମିନତୀ ସିଂ, ସମ୍ମାନିତ ଅତିଥି ଭାବେ ସରପଞ୍ଚ କୁନି ସିଂ, ପ୍ରକାଶ ଚନ୍ଦ୍ର ଦଳେଇ, ଅନନ୍ତ ପଶା, ସନାନତ ବେହେରା, ପ୍ରୀତିଶ ପ୍ରଧାନ,



ଜଗନ୍ନାଥ ବେହେରା ଓ ଅଜିତ କୁମାର ବାରିକ୍ ପ୍ରମୁଖ ଚାମ୍ପିଅନ ଓ ରନର୍ସଅପ ଦଳକୁ ପୁରସ୍କୃତ କରିଥିଲେ। ସମ୍ପାଦକ ତପନ କୁମାର ମହାନ୍ତ, ବ୍ରଜକିଶୋର ସିଂ, ମନୋଜ ମହାନ୍ତ, ଶ୍ୟାମ ସିଂ, ଜନେ ସିଂ, ଚୈତନ ସିଂ ଓ ପାଗଲୁ ସିଂ ପ୍ରମୁଖ ସହଯୋଗ କରିଥିଲେ।

# ବିଭିନ୍ନ ସ୍ଥାନରେ କ୍ଲଷ୍ଟରସ୍ତରୀୟ ସୁରଭି କାର୍ଯ୍ୟକ୍ରମ

କୁଆମରା, ୨୫।୧୦(ସମିସ): ଗୋପବନ୍ଧୁ ନଗର ବ୍ଲକ ପଶୁଦା ଓ କୁଶଳଦା କ୍ଲଷ୍ଟରରେ ସୁରଭି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ପଶୁଦା କ୍ଲଷ୍ଟର ସାନବେଲାକୁଟି କିଷାନ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ପରିସରରେ ସିଆରସିସି ଷ୍ଟାଲିନ ଦେ'ଙ୍କ ତତ୍ତ୍ୱାବଧାନରେ ତିନି ଶହ ଛାତ୍ରଛାତ୍ରୀ ଅଂଶଗ୍ରହଣ କରିଥିଲେ। ଏହି ଅବସରରେ କନିଷ୍ଠ ଓ ବରିଷ୍ଠ ବିଭାଗକୁ ନେଇ ପ୍ରତିଯୋଗିତା ହୋଇଥିଲା। କାର୍ଯ୍ୟକ୍ରମକୁ ପ୍ରଧାନଶିକ୍ଷକ ଶରତ ଚନ୍ଦ୍ର ବେହେରା ଉଦଘାଟନ କରିଥିବା ବେଳେ ମୁଖ୍ୟ ଅତିଥିଭାବେ ପ୍ରେସ କ୍ଲବର ସଭାପତି ନିମାଇଁ ପ୍ରସାଦ ଦାଶ ଯୋଗ ଦେଇଥିଲେ। ଅନ୍ୟତମ ଅତିଥି ଭାବେ ପ୍ରାଥମିକ ଶିକ୍ଷକ ସଂଘର ସଭାପତି କୃଷ୍ଣଚନ୍ଦ୍ର ସାହୁ, ପ୍ରଧାନ ଶିକ୍ଷକ କାର୍ତ୍ତିକ ଜେନା, ପ୍ରତାପ ନାୟକ, ଅବସରପ୍ରାପ୍ତ ଶିକ୍ଷୟତ୍ରୀ ଭାରତୀମଣୀ ଜେନା, ସାମ୍ବାଦିକ ଶାନ୍ତନୁ କୁମାର ମଢୁଆଳ ପ୍ରମୁଖ ଯୋଗଦେଇ କୃତୀ ଛାତ୍ରଛାତ୍ରୀଙ୍କୁ ପୁରସ୍କୃତ କରିଥିଲେ। ଶିକ୍ଷକ ଅନନ୍ତ କେଶରୀ ମହାନ୍ତି ମଞ୍ଚ ପରିଚାଳନା କରିଥିଲେ। ସେହିପରି କୁଶଳଦା କ୍ଲଷ୍ଟରରେ ପଥୁରିକଟା ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ପରିସରରେ ସିଆରସିସି କରୁଣାକର ମଣ୍ଡଳଙ୍କ ତତ୍ତ୍ୱାବଧାନରେ ସୁରଭି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏଥିରେ ତିନି ଶହରୁ ଉର୍ଦ୍ଧ୍ୱ ଛାତ୍ରଛାତ୍ରୀ ଅଂଶଗ୍ରହଣ କରିଥିଲେ। କୃତିତ୍ୱ ହାସଲ କରିଥିବା ଦୁଇ ଛାତ୍ରୀ ଅନୁରାଧା ବେହେରା ଓ ତନୁଶ୍ରୀ ବେହେରା କାର୍ଯ୍ୟକ୍ରମ ଉଦଘାଟନ କରିଥିଲେ। ପ୍ରଧାନ ଶିକ୍ଷକ ମହେଶ୍ୱର ବେହେରାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ପୁରସ୍କାର ବିତରଣୀ ଉତ୍ସବରେ ଅତିଥି ଭାବେ ସରପଞ୍ଚ ଦିପାଳି ସିଂ, ପ୍ରଧାନ ଶିକ୍ଷକ ଶଶିଧର ବାରିକ, ଅରୁଣ କୁମାର ସାତୁଆ, ନାଏବ ସରପଞ୍ଚ ପରମାନନ୍ଦ ବେହେରା, ବିଦ୍ୟାଳୟ ପରିଚାଳନା କମିଟିର ସଭାପତି ଦାଶରଥି ମାରାଣ୍ଡି ପ୍ରମୁଖ ଯୋଗ ଦେଇଥିଲେ।

**ପୁରୁଣିଆ:** ବେତନଟୀ ବ୍ଲକ ବାଛୁରୀପଡ଼ା କ୍ଲଷ୍ଟରସ୍ତରୀୟ ଶିଶୁ ମହୋତ୍ସବ ସୁରଭି ପୁରୁଣିଆ ରାଧାକୃଷ୍ଣ ଉଚ୍ଚ ବିଦ୍ୟାଳୟରେ ଅନୁଷ୍ଠିତ ହୋଇଯାଇଛି। ଶିକ୍ଷକ ବିଦ୍ୟାରଞ୍ଜନ ନାୟକଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉଦଘାଟନୀ ଉତ୍ସବରେ ମୁଖ୍ୟଅତିଥି କବୟିତ୍ରୀ ତୃପ୍ତି ପଟ୍ଟନାୟକ, ମୁଖ୍ୟବକ୍ତା ଭାବେ ସାହିତ୍ୟିକ ପ୍ରଭାତ କୁମାର ଆଚାର୍ଯ୍ୟ, ସମ୍ମାନିତ ଅତିଥି ଭାବେ ପ୍ରତିରକ୍ଷା ଓ ଗବେଷଣା ସଂସ୍ଥାର ଅବସରପ୍ରାପ୍ତ ବରିଷ୍ଠ ପ୍ରଶାସନିକ ଅଧିକାରୀ ଭୀମଚରଣ ସିଂ, ଅବସରପ୍ରାପ୍ତ ଶିକ୍ଷକ ଅଭୟ କୁମାର ପ୍ରଧାନ, ବିଇଓ ବିପ୍ଳବ କର ଓ ସିଆରସିସି ରାଜେଶ କୁମାର ସାହୁ ଯୋଗ ଦେଇଥିଲେ। କାର୍ଯ୍ୟକ୍ରମରେ ୧୪ଟି ବିଦ୍ୟାଳୟରୁ ବରିଷ୍ଠ ଓ କନିଷ୍ଠ ବିଭାଗରୁ ମୋଟ ୧୪୬ ଜଣ ପ୍ରତିଯୋଗୀ ବକ୍ତୃତା, କୁଇଜ, ସୃଜନଶୀଳ ଲିଖନ, ହସ୍ତାକ୍ଷର, ଚିତ୍ରାଙ୍କନ, ତର୍କ ଓ ସାଂସ୍କୃତିକ ପ୍ରତିଯୋଗିତାରେ ଭାଗ ନେଇଥିଲେ। ଶେଷରେ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। ଶିକ୍ଷକ କାର୍ତ୍ତିକ ଚନ୍ଦ୍ର ଦାସଙ୍କ ସଂଯୋଜନାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଶିକ୍ଷକ ଗୋବିନ୍ଦ ଚନ୍ଦ୍ର ମହାନ୍ତ ପୁରସ୍କାର ବିତରଣ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।



ଶିକ୍ଷକ ସୁଭାଷ ଜେନା, କୃତ୍ତିବାସ ପଢ଼ିଆରୀ, ଚିତ୍ତରଞ୍ଜନ ସାହୁ, ବୀରଭଦ୍ର ମହାନ୍ତ, ତରଣୀସେନ ବାରିକ, ଡମ୍ବରୁଧର ମହାନ୍ତ ପ୍ରମୁଖ ସହଯୋଗ କରିଥିଲେ।

## ବିଶ୍ୱ ନବନିର୍ମାଣ ଆଧ୍ୟାତ୍ମିକ ଚିତ୍ର ପ୍ରଦର୍ଶନୀ ଉଦ୍‌ଘାଟିତ



ବିଶୋଇ, ୨୫।୧୦ (ସମିସ): ବିଶୋଇ ପ୍ରଜାପିତା ବ୍ରହ୍ମକୁମାରୀ ଈଶ୍ୱରୀୟ ବିଶ୍ୱବିଦ୍ୟାଳୟ ଶିବଜ୍ୟୋତି ଭବନ ତରଫରୁ ଭବନର ସଞ୍ଚାଳିକା ମାନସୀ ଭଉଣୀଙ୍କ ଅଧ୍ୟକ୍ଷତାରେ ଦ୍ୱିଦିବସୀୟ ଆଧ୍ୟାତ୍ମିକ ଚିତ୍ର ପ୍ରଦର୍ଶନୀ ବ୍ଲକ ଛକରେ ଅନୁଷ୍ଠିତ ହୋଇଯାଇଛି। ଏଥରେ ବିଡ଼ିଓ ସାଗର ଚନ୍ଦ୍ର ମୁର୍ମୁ ମୁଖ୍ୟଅତିଥି ଭାବରେ ଯୋଗଦେଇ ପ୍ରଦର୍ଶନୀକୁ ଉଦଘାଟନ କରିଥିଲେ। ବ୍ର.କୁ.ମାନସୀ ଭଉଣୀ ବିଡ଼ିଓ ଶ୍ରୀ ମୁର୍ମୁଙ୍କୁ ଚିତ୍ରପ୍ରଦର୍ଶନୀ ପ୍ରାଞ୍ଜଳ ଭାବରେ ବୁଝାଇଥିଲେ। ଉକ୍ତ କାର୍ଯ୍ୟକ୍ରମରେ ସ୍ଥାନୀୟ ବ୍ରହ୍ମାକୁମାରୀଜ ପାଠଶାଳାରୁ ଭାଇଭଉଣୀ ଉପସ୍ଥିତ ରହି ଆଗନ୍ତୁକ ଜିଜ୍ଞାସୁଙ୍କୁ ଚିତ୍ର ମାଧ୍ୟମରେ ପରମାତ୍ମାଙ୍କର ପରିଚୟ, ଦିବ୍ୟ କର୍ତ୍ତବ୍ୟ, ସୃଷ୍ଟି ଚକ୍ର ଓ ଅଷ୍ଟଶକ୍ତି ଆଦିର ଚିତ୍ରକୁ ସ୍ପଷ୍ଟୀକରଣ କରାଇଥିଲେ। ଶେଷରେ ପ୍ରଦର୍ଶନୀକୁ ଆସିଥିବା ସମସ୍ତ ଜିଜ୍ଞାସୁଙ୍କୁ ପ୍ରସାଦ ବଣ୍ଟନ କରାଯାଇଥିଲା।

# ଶିକ୍ଷୟିତ୍ରୀଙ୍କ ଆତ୍ମଦାହ ଘୋଷଣା ନେଇ ଜିଲ୍ଲାବ୍ୟାପୀ ପ୍ରତିକ୍ରିୟା

ମହୁଲଡିହା, ୨୫।୧୦(ସମିସ): ଠାକୁରମୁଣ୍ଡା ବ୍ଲକ ନୂଆଗାଁ ବାଳିକା ଉଚ୍ଚ ବିଦ୍ୟାଳୟର ସହକାରୀ ଶିକ୍ଷୟିତ୍ରୀ ପ୍ରମିଳା ସାହୁ ନିର୍ଯାତନା ପ୍ରତିବାଦରେ ଆସନ୍ତା ୨୭ ତାରିଖରେ ଆତ୍ମାହୁତି ଘୋଷଣା ଗଣମାଧ୍ୟମରେ ପ୍ରକାଶ ପାଇବା ପରେ ଜିଲ୍ଲାବ୍ୟାପୀ ପ୍ରତିକ୍ରିୟା ପ୍ରକାଶ ପାଇଛି। ଭଞ୍ଜସେନା ପକ୍ଷରୁ ରାଜ୍ୟ ସଭାପତି କଳିଙ୍ଗ କେଶରୀ ଜେନା ଶିକ୍ଷା ବ୍ୟବସ୍ଥା ଭୁଶୁଡି ପଡ଼ିଥିବ ଏହା ଏକ ନମୁନା ବୋଲି ପ୍ରକାଶ କରିବା ସହିତ ତୁରନ୍ତ କାର୍ଯ୍ୟାନୁଷ୍ଠାନ ଦାବି କରି ମୁଖ୍ୟମନ୍ତ୍ରୀଙ୍କୁ ଟୁଇଟ କରି ହସ୍ତକ୍ଷେପ ଲୋଡିଛନ୍ତି। ଆବଶ୍ୟକ ପଡ଼ିଲେ ଆନ୍ଦୋଳନକୁ ମଧ୍ୟ ଓହ୍ଲାଇବେ ବୋଲି ଧମକ ଦେଇଛନ୍ତି। ପୂର୍ବତନ ବିଧାୟକ ବିଜୟ ନାଏକ ଏହା ଦୁର୍ଭାଗ୍ୟଜନକ ବୋଲି କହିବା ସହିତ ତୁରନ୍ତ ନ୍ୟାୟ ପାଇଁ ପଦକ୍ଷେପ ନେବାକୁ ଦାବି କରିଛନ୍ତି। ସେହିପରି ରାଜ୍ୟ ମହିଳା କଂଗ୍ରେସ ଉପସଭାନେତ୍ରୀ ଜବାମଣି ଟୁଡୁ ପ୍ରମିଳା ସାହୁ ଆରମ୍ଭରୁ ପ୍ରଧାନ ଶିକ୍ଷୟିତ୍ରୀ ଥିଲେ। ତାଙ୍କ ପ୍ରତି ଅତି ଅନ୍ୟାୟ କାରଣରୁ ସେ ଚରମ ନିଷ୍ପତ୍ତି ନେଇଛନ୍ତି। ଅଧିକାରୀ ନ୍ୟାୟ ପ୍ରଦାନରେ ବିଫଳ ହୋଇଛନ୍ତି। ସରକାର ଲୋକଦେଖାଣିଆ କୁମ୍ଭୀର କାନ୍ଦଣା କରୁଛନ୍ତି। ଆତ୍ମାହୁତି ଦେଲେ ସମସ୍ତେ କେବଳ ସଫେଇ ଦେବେ। ତେଣୁ ୨୭ ପୂର୍ବରୁ ଉଚ୍ଚସ୍ତରୀୟ ତଦନ୍ତ କରି ନ୍ୟାୟ ପ୍ରଦାନ କରିବାକୁ ଦାବି କରିଛନ୍ତି। ମୟୂରଭଞ୍ଜ (ପଶ୍ଚିମ) ଜିଲ୍ଲା କଂଗ୍ରେସ ସଭାପତି ଭୁବନ ବିହାରୀ ସାହୁ ସରକାର ୨୭ ତାରିଖ ପୂର୍ବରୁ ଶିକ୍ଷୟିତ୍ରୀଙ୍କୁ ନ୍ୟାୟ ଦେବାରେ ବିଫଳ ହେଲେ ତଥା କୌଣସି ଅଘଟଣ ଘଟିଲେ ଦାୟୀ ରହିବେ ବୋଲି ପ୍ରତିକ୍ରିୟାରେ କହିଛନ୍ତି। ପ୍ରତିକ୍ରିୟା ତୀବ୍ର ହେବାରୁ ଡିଇଓ ଚୁପ ନ ବସି ୨୫ ତାରିଖରେ ନୂଆଗାଁ ବାଳିକା ଉଚ୍ଚ ବିଦ୍ୟାଳୟର ସମସ୍ତ ୧୧ ଜଣ କର୍ମଚାରୀଙ୍କୁ ଅଫିସକୁ ଡାକିଛନ୍ତି। ସେହିପରି ୨୪ ତାରିଖରେ ଅନ୍ୟ ଏକ ପତ୍ର ଲେଖି ପ୍ରମିଳା ସାହୁଙ୍କୁ ନିଲମ୍ବନ ବେଆଇନ ଦର୍ଶାଇ ଅଗ୍ରାହ୍ୟ କରିବା ସହ ନିୟମିତ କାର୍ଯ୍ୟ ଚାଲୁ ରଖିବାକୁ ନିର୍ଦ୍ଦେଶ ଦେଇଛନ୍ତି।

# ଉତ୍କଳ ବନାନୀ କଲେଜରେ ନିଶାମୁକ୍ତ ଭାରତ ଅଭିଯାନ

ମୋରଡ଼ା, ୨୫।୧୦(ସମିସ): ଶୁଳିଆପଦା ବ୍ଲକ ଅଧୀନ ଚକଶୁଳିଆପଦା ଉତ୍କଳ ବନାନୀ ସ୍ନାତକ ମହାବିଦ୍ୟାଳୟର ଜାତୀୟ ସେବା ଯୋଜନା ପକ୍ଷରୁ ନିଶାମୁକ୍ତ ଭାରତ ଅଭିଯାନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏନ୍‌ଏସଏସ କାର୍ଯ୍ୟକ୍ରମ ଅଧିକାରୀ ହରମୋହନ ମହାନ୍ତଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ସ୍ୱେଚ୍ଛାସେବୀମାନେ ଏକ ସଚେତନତା ରାଲିରେ କଲେଜରୁ ବାହାରି ଚକଶୁଳିଆପଦା ଗ୍ରାମ ପରିକ୍ରମା କରିଥିଲେ। ଅଧ୍ୟକ୍ଷ ସଞ୍ଜୟ କୁମାର ସେନାପତି ଉକ୍ତ କାର୍ଯ୍ୟକ୍ରମକୁ ଉଦଘାଟନ କରିଥିଲେ। ସ୍ୱେଚ୍ଛାସେବୀଙ୍କୁ ନିଶା ଠାରୁ ଦୂରେଇ ରହିବା ପାଇଁ ଅଧ୍ୟକ୍ଷ ପରାମର୍ଶ ଦେଇଥିଲେ। ଅଧ୍ୟାପିକା ନାରାୟଣୀ ନାଥ ଜ୍ୟୋତିର୍ମୟୀ ପାତ୍ର ଏବଂ ସ୍ମୃତିପ୍ରଭା ମହାନ୍ତ ପ୍ରମୁଖ ସହଯୋଗ କରିଥିଲେ। ଛାତ୍ରୀ ମାଧୁରୀ ଲତା ପରିଡ଼ା ଧନ୍ୟବାଦ ଅର୍ପଣ କରିଥିଲେ।




## କଂଗ୍ରେସ ପକ୍ଷରୁ କୈଳାଶ ଚନ୍ଦ୍ର ଅଗ୍ରୱାଲଙ୍କୁ ଶ୍ରଦ୍ଧାଞ୍ଜଳି



ରାଇରଙ୍ଗପୁର, ୨୫।୧୦(ସମିସ): ରାଇରଙ୍ଗପୁର ମହୁଲଡିହାଠାରେ ପଶ୍ଚିମ ମୟୂରଭଞ୍ଜ ଜିଲ୍ଲା କଂଗ୍ରେସ କମିଟି ପକ୍ଷରୁ ସଭାପତି ଭୁବନ ବିହାରୀ ସାହୁଙ୍କ ସଭାପତିତ୍ୱରେ କୈଳାଶ ଅଗ୍ରୱାଲଙ୍କ ବିୟୋଗରେ ଏକ ଶ୍ରଦ୍ଧାଞ୍ଜଳି ସଭା ଅନୁଷ୍ଠିତ ହୋଇଥିଲା। ସଭାରେ ପିସିସି ଜିଲ୍ଲା ପର୍ଯ୍ୟବେକ୍ଷକ ନିରୋଜ ଲୋଚନ ଦାସ, ପୂର୍ବତନ ବିଧାୟକ ଲକ୍ଷ୍ମଣ ମାଝୀ, ପ୍ରହ୍ଲାଦ ପୂର୍ତ୍ତି, ନୀଳରତନ ସାହୁ, ନାରାୟଣ ମହାପାତ୍ର, ବସନ୍ତ ପଟନାୟକ, ରୂପକ କୁମାର ମହାନ୍ତି, ଅନୁପ ସୋରେନ ପମୁଖ ବହୁ ନେତା ଯୋଗଦେଇ ଶ୍ରଦ୍ଧାସୁମନ ଅର୍ପଣ କରିବା ସହିତ ଆତ୍ମାର ସଦ୍‌ଗତି ନିମନ୍ତେ ଏକ ମିନିଟ ନୀରବ ପ୍ରାର୍ଥନା କରିଥିଲେ। ଏହି ଅବସରରେ ଅନୁଷ୍ଠିତ ବୈଠକରେ ଦଳ ପକ୍ଷରୁ 'ଭୋଟ ଚୋର ଗାଦି ଛଡ' ହସ୍ତାକ୍ଷର ଅଭିଯାନର ସମୀକ୍ଷା କରାଯାଇଥିଲା। ଶେଷରେ ରୂପକ କୁମାର ମହାନ୍ତି ଧନ୍ୟବାଦଦେଇଥିଲେ।

## ଓଡ଼ିଆ ବିଭାଗର ସ୍ୱାଗତ ସମ୍ବର୍ଦ୍ଧନା ଉତ୍ସବ




ବାରିପଦା, ୨୫।୧୦(ସମିସ): ଶୁକ୍ରବାର ସରକାରୀ ମହିଳା ମହାବିଦ୍ୟାଳୟର ଓଡ଼ିଆ ବିଭାଗରେ ନବାଗତ ଛାତ୍ରୀଙ୍କ ଉଦ୍ଦେଶ୍ୟରେ ଏକ ସ୍ୱାଗତ ସମ୍ବର୍ଦ୍ଧନା ଉତ୍ସବ ଅନୁଷ୍ଠିତ ହୋଇଥିଲା। ଏଥିରେ ଅଧ୍ୟକ୍ଷା ଡ଼ ସାଗରିକା ସିଂହ ମୁଖ୍ୟଅତିଥି ଭାବେ ଯୋଗଦେଇ ପାଠପଢ଼ା ସହିତ ଶୃଙ୍ଖଳାକୁ ନିଜ ଜୀବନଚର୍ଯ୍ୟାର ଅଂଶ ଭାବେ ପରିଣତ କଲେ ଯାଇ ଜଣେ ସୁନାଗରିକ ଭାବରେ ପରିଗଣିତ ହୋଇପାରିବ ବୋଲି ନବାଗତଙ୍କୁ ପରାମର୍ଶ ଦେଇଥିଲେ। ବିଭାଗୀୟ ମୁଖ୍ୟ ଲମ୍ବୋଦର ନାୟକ ଛାତ୍ରୀମାନଙ୍କୁ ଭଲ ପାଠପଢ଼ି ନିଜ ପରିବାର ସହ ଅଞ୍ଚଳର ଟେକ ରଖିବାକୁ କହିଥିଲେ। ସେହିପରି ସହକାରୀ ପ୍ରଫେସର ଡ଼. ଚନ୍ଦ୍ରଶେଖର ଦାସ ଓ ଡ଼. ମନୋରଞ୍ଜନ ନାଏକ ମଧ୍ୟ ଉପସ୍ଥିତ ଛାତ୍ରୀମାନଙ୍କ ଉଜ୍ଜ୍ୱଳ ଭବିଷ୍ୟତ କାମନା କରିଥିଲେ। ଦ୍ୱିତୀୟ ବର୍ଷର ଛାତ୍ରୀ ପାର୍ବତୀ ମୁଣ୍ଡାଲୋହାର ମଞ୍ଚ ପରିଚାଳନା ଓ ଛାତ୍ରୀ ବର୍ଷା ଦଳେଇ ଧନ୍ୟବାଦ୍ ଅର୍ପଣ କରିଥିଲେ।

# ହୋ' ଭାଷାକୁ ସାମ୍ବିଧାନିକ ମାନ୍ୟତା ପାଇଁ କେନ୍ଦ୍ରମନ୍ତ୍ରୀଙ୍କୁ ଦାବିପତ୍ର

ରାଇରଙ୍ଗପୁର, ୨୫।୧୦(ସମିସ): ନିକଟରେ ସର୍ବଭାରତୀୟ ହୋ ଭାଷା କ୍ରିୟାନୁଷ୍ଠାନ କମିଟି ଭୁବନେଶ୍ୱରରେ କେନ୍ଦ୍ର ଆଦିବାସୀ ବ୍ୟାପାର ମନ୍ତ୍ରୀ ଜୁଏଲ ଓରାମଙ୍କୁ ସାକ୍ଷାତ୍ କରି ଏକ ଦାବିପତ୍ର ପ୍ରଦାନ କରାଯାଇଛି। ହୋ ଭାଷାକୁ କିଭଳି ଭାବରେ ଭାରତୀୟ ସମ୍ବିଧାନରେ ଅଷ୍ଟମ ଅନୁସୂଚୀତ ସାମିଲ ହୋଇପାରିବ ସେ ନେଇ ଦାବିପତ୍ରରେ ଉଲ୍ଲେଖ କରାଯାଇଛି। ଆସନ୍ତା ୩୧ ଓ ନଭେମ୍ବର ୧ ତାରିଖରେ ଦିଲ୍ଲୀର ଜନ୍ତରମନ୍ତରଠାରେ ହେବାକୁ ଥିବା ଦୁଇ ଦିନିଆ ଧାରଣା ସମ୍ପର୍କରେ ମନ୍ତ୍ରୀଙ୍କୁ ଅବଗତ କରିଥିଲେ। ଓଡ଼ିଶା, ଆସାମ, ପଶ୍ଚିମବଙ୍ଗ, ଝାଡ଼ଖଣ୍ଡ, ଛତିଶଗଡ଼ରୁ ଦୀର୍ଘ ତିରିଶି ବର୍ଷରୁ ଅଧିକ ଏବଂ ୨୦୧୮ ମସିହାରୁ ଲଗାତାର ଭାବରେ ଆନ୍ଦୋଳନକରୀ ଆସୁଥିବା ହୋ ଭାଷାଭାଷୀ ଭାରତୀୟ ସମ୍ବିଧାନର ଅଷ୍ଟମ ଅନୁସୂଚିରେ ହୋ ଭାଷାକୁ ସାମ୍ବିଧାନିକ ମାନ୍ୟତା ଦେବାକୁ କେନ୍ଦ୍ର ସରକାରଙ୍କ ନିକଟରେ ନିବେଦନ କରିଆସୁଛନ୍ତି। ଏପରିକି ୨୦୧୯ ମସିହାରେ ଓଡ଼ିଶା, ଝାଡ଼ଖଣ୍ଡ ରାଜ୍ୟର ବିଭିନ୍ନ ସ୍ଥାନରେ ରେଳରୋକ ମଧ୍ୟ ହୋଇଥିଲା। ସେହିପରି ୨୦୨୩ ମସିହାରେ 'ବେଟାନାବୁ ଭୁବନେଶ୍ୱର' ଭୁବନେଶ୍ୱର ଚାଲ ରାଲିରେ ହଜାର ହଜାର ସଂଖ୍ୟାରେ ହୋ ଭାଷା ଆନ୍ଦୋଳନକାରୀ ଯୋଗଦେଇଥିଲେ। ପରେ ରାଜ୍ୟ ସରକାରଙ୍କୁ ସ୍ମାରକପତ୍ର ପ୍ରଦାନ କରିଥିଲେ। ହୋ ଜନଜାତିଙ୍କ ନିଜସ୍ୱ ଭାଷା, ସଂସ୍କୃତି, ପରମ୍ପରା, ଐତିହ୍ୟ ରହିଛି। ତାହାର ରକ୍ଷଣା ବେକ୍ଷଣା ସରକାରଙ୍କ ଦାୟିତ୍ୱ ବୋଲି ସମିତିର ସଦସ୍ୟମାନେ ଅଭିଯୋଗ କରିଥିଲେ। ହୋ ଭାଷା ଜନଜାତିର ପରିଚୟ ଓ ଆତ୍ମାର ସ୍ୱର। ଏହି ଭାଷାର ଲିପି ସ୍ରଷ୍ଟା ପଣ୍ଡିତ ଲାକୋ ବଦରାଙ୍କ ଦ୍ୱାରା 'ୱାରାଂ ଚିତି' ଲିପି ଉଦ୍ଭାବିତ ହୋଇଥିଲା। ଏହା ହୋ ଜନଜାତିର ପ୍ରତୀକ ଏହି ଭାଷାରେ ବର୍ତ୍ତମାନ ବିଭିନ୍ନ ପାଠ୍ୟ ପୁସ୍ତକ, ସାହିତ୍ୟ ଓ ଡିଜିଟାଲ ଉପକରଣ ତିଆରି ହେଉଛି। ନୂତନ ଶିକ୍ଷାନୀତି ଅନୁସାରେ ଭାଷା ଭିତ୍ତିକ ଶିକ୍ଷ୍ୟା ଜୋର୍ ଧରୁଛି। ହୋ ଭାଷାକୁ ସାମ୍ବିଧାନିକ ମାନ୍ୟତା ମିଳିଲେ ଶିକ୍ଷା, ନିଯୁକ୍ତି, ଆତ୍ମନିଯୁକ୍ତି, ଓ ଆର୍ଥିକ ସ୍ତରରେ ହୋ ଯୁବପିଢି ପାଇଁ ନୂଆଁ ଦୁଆର ଖୋଲିବ। ତେଣୁ କେନ୍ଦ୍ରୀୟ କାର୍ଯ୍ୟକାରୀ ସଭାପତି ସୁରା ବିରୁଲି, ଉପସଭାପତି ଚନ୍ଦ୍ରମୋହନ ହାଇବୃ, ସାଧାରଣ ସମ୍ପାଦକ ଦମ୍ବୁରଧର ଜାମୁଦା, ସମ୍ପାଦକ ଗୋମେୟା ଅମ୍ପ, କୋଷାଧ୍ୟକ୍ଷ କ୍ଷିରୋଦ ହେମ୍ବ୍ରମ, ଦିଲ୍ଲୀ ଚାଲ ଷ୍ଟିୟରିଂ କମିଟି ସଦସ୍ୟ ଗିରିଶ ଚନ୍ଦ୍ର ହେମ୍ବ୍ରମ, ସିଦାହରା ସୁସାର ଆକାଳାର ରାଜ୍ୟ ସଭାପତି ମଧୁସୂଦନ ଜାରିକା ଏବଂ ସିବିଲ ସାଗାଇ ହୋ ମହିଳା ସଂଘର ମହିନୀ କଲୁଣ୍ଡିଆ, ପଦ୍ମିନୀ ହାଇବୃ ସମେତ ବହୁ ନେତ୍ରୀ ଯୋଗଦେଇଥିଲେ।

## ଇତିହାସ ବିଭାଗର ସ୍ୱାଗତ ସମ୍ବର୍ଦ୍ଧନା

ବଡ଼ସାହି, ୨୫।୧୦(ସମିସ): ବଡସାହି ପଞ୍ଚାୟତ ସମିତି ମହାବିଦ୍ୟାଳୟର ଇତିହାସ ବିଭାଗ ପକ୍ଷରୁ ନବାଗତ ଛାତ୍ରଛାତ୍ରୀଙ୍କ ଉଦ୍ଦେଶ୍ୟରେ ଏକ ସ୍ୱାଗତ ସମ୍ବର୍ଦ୍ଧନା ସଭା ଅନୁଷ୍ଠିତ ହୋଇଥିଲା। ବିଭାଗୀୟ ମୁଖ୍ୟ ସୁକାନ୍ତ କୁମାର ଦାଶ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଅଧ୍ୟକ୍ଷ ପ୍ରଫେସର ରଞ୍ଜନ କୁମାର ଦାସ ଯୋଗ ଦେଇ ଛାତ୍ରଛାତ୍ରୀଙ୍କ ଭବିଷ୍ୟତ ଉଜ୍ଜ୍ୱଳ କାମନା କରିବା ସହିତ ବିଭିନ୍ନ ପରାମର୍ଶ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ପ୍ରଫେସର ଫକିରଚରଣ ସାହୁ, ଡ. ଜୀବନ କୁମାର ପଣ୍ଡିତ ଓ ଅଧ୍ୟାପିକା ମିରାକିଲ ସାମନ୍ତରାୟ ପ୍ରମୁଖ ଯୋଗଦେଇଥିଲେ। ଅଧ୍ୟାପକ ଶ୍ରବଣ କୁମାର ମହାପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ।

# ପ୍ରସିଦ୍ଧ କାଳୀପୂଜା ଓ ମେଳାରେ ପ୍ରବଳ ଜନଗହଳି

## ଘରକରଣା ଜିନିଷ କିଣା ଏବଂ ଫୁଡ୍‌ଷ୍ଟଲରେ ଭିଡ଼





କେନ୍ଦୁଝର, ୨୫।୧୦(ସମିସ):

କେନ୍ଦୁଝରର ପ୍ରସିଦ୍ଧ କାଳୀପୂଜା ମେଳା ପାଇଁ ପ୍ରବଳ ଜନଗହଳି ଦେଖାଯାଉଛି। ବିଭିନ୍ନ ମେଢ଼ର ଶ୍ରଦ୍ଧାଳୁଙ୍କ ଭିଡ଼ ମେଳା ମାହୋଲକୁ ଆହୁରି ସରଗରମ କରୁଛି। ଗତ ମଙ୍ଗଳବାର ସଂଧ୍ୟାରୁ ଆରମ୍ଭ ହୋଇଥିବା ଏହି ମେଳା ମିନାବଜାର ସାଙ୍ଗକୁ ସହରସାରା ଆଲୋକରେ ଦୀପାବଳି ପର୍ବକୁ ବ୍ୟାପକ କରିଛି।

ଶନିବାର ବିଭିନ୍ନ ମଣ୍ଡପରେ ବିଶେଷ ପୂଜାନୀତି ଅନୁଷ୍ଠିତ ହୋଇଥିଲା। ବେଳାରୁ ଅନେକ ଶ୍ରଦ୍ଧାଳୁ ମେଳାକୁ ଆସୁଥିବା ଲକ୍ଷ୍ୟ କରାଯାଇଛି; ଯାହା ଆଗାମୀଦିନରେ ଜାରି ରହିବ ବୋଲି ଆଶା କରାଯାଉଛି। ବିଶେଷ କରି ଶନିବାର ଓ ରବିବାର ସଂଧ୍ୟାରେ ସହର ତଥା ସହର ବାହାରୁ କାଳୀପୂଜୀ ଓ ମେଳା ଦେଖିବାକୁ ଅଧିକ ଜନଗହଳିକୁ ଅନୁମାନ କରି କମିଟି ତରଫରୁ ବ୍ୟାପକ ବନ୍ଦୋବସ୍ତ କରାଯାଉଛି। କେନ୍ଦୁଝର କାଳୀମେଳା ରାଜାରାଜୁଡା ଅମଳରୁ ଖ୍ୟାତି ଅର୍ଜନ କରିଥିବାବେଳେ କାଳୀତୀର୍ଥରେ ମା' କାଳୀଙ୍କର ପୂଜା ଅନୁଷ୍ଠିତ ହେଉଛି। ଏବର୍ଷ ମେଳାକୁ ଅନେକ ଦୋକାନବଜାର ଆସିବା ସହ ୨ୟ ପର୍ଯ୍ୟାୟରେ ଅପେରା ସୋ ଆରମ୍ଭ ହୋଇଛି। ପୁଲିସ ପ୍ରଶାସନ ତରଫରୁ ଟ୍ରାଫିକ ପରିଚାଳନା, ଶାନ୍ତିଶୃଙ୍ଖଳା ରକ୍ଷା ଦିଗରେ ବ୍ୟାପକ ବ୍ୟବସ୍ଥା କରାଯାଇଥିଲା। ମେଳାରେ ମେଳାରେ ଲୁଚାଛପାରେ ନିଶାଦ୍ରବ୍ୟ ବିକ୍ରୟ ଉପରେ କଡା ନଜର ରଖାଯାଇଛି। ଅପେରା ଶୋ' ଆରମ୍ଭ ହୋଇଯାଇଥିବାରୁ ଭିଡ଼ ବଢ଼ିବାରେ ଲାଗିଛି। ରାତ୍ରିରେ ମଧ୍ୟ ଦର୍ଶକଙ୍କ ନିମନ୍ତେ ସାଇକଲ/ମଟର ସାଇକଲ ଷ୍ଟାଣ୍ଡ ବ୍ୟବସ୍ଥା କରାଯାଇଛି। ସେହିପରି ବିଭିନ୍ନ ରୋଡକୁ ନୋ ଏଣ୍ଟ୍ରି କରାଯାଇଛି।

ଚଳିତବର୍ଷ କାଳୀତୀର୍ଥ କେନ୍ଦୁଝର କାଳୀପୂଜା ୮୫ ବର୍ଷରେ ପଦାର୍ପଣ କରିଛି। ଟେଲିଫୋନ୍ ଏକ୍ସଚେଞ୍ଜ ଛକ କାଳୀପୂଜା ଚଳିତ ବର୍ଷ ୫୭ ବର୍ଷରେ ପଦାର୍ପଣ କରିଥିବାବେଳେ କାଳୀପଡିଆରେ ପ୍ରଥମ ପର୍ଯ୍ୟାୟରେ ସାଂସ୍କୃତିକ କାର୍ଯ୍ୟକ୍ରମ ଓ ଦ୍ୱିତୀୟ ପର୍ଯ୍ୟାୟରେ ୨୫ରୁ ୩୦ ତାରିଖ ପର୍ଯ୍ୟନ୍ତ ଅପେରା ଆୟୋଜନ କରାଯାଉଛି। କେନ୍ଦୁଝର ସହରର ଥାନା ଛକଠାରୁ ଚର୍ଚ୍ଚ ଛକ, ଏକ୍ସଚେଞ୍ଜ ଛକରୁ ପାର୍କଲାଇନ, ଏକ୍ସଚେଞ୍ଜ ଛକରୁ ଟେଲିଫୋନ ଅଫିସ ଗଳି, ନଗରଭବନ ରାସ୍ତାକଡ଼, କାଳୀତୀର୍ଥ, ସିନେମା ହଲ ସମ୍ମୁଖ ଯେଉଁ ଆଡେ ଦେଖିଲେ ମୀନାବଜାର ସାଙ୍ଗକୁ ବିଭିନ୍ନ ଘରକରଣା ସାମଗ୍ରୀ ଦୋକାନ ଲୋକଙ୍କୁ ବିଶେଷ ଆକୃଷ୍ଟ କରିପାରିଛି। ଜନଜାତି ସାଧନ କେନ୍ଦ୍ର ସମ୍ମୁଖରେ ଭଳିକି ଭଳି ଖାଦ୍ୟଷ୍ଟଲ, କାଳୀମେଳା ପ୍ରବେଶ ପଥର ଡାହାଣ ପଟ ଖାଦ୍ୟଷ୍ଟଲ ମେଳା ଏବଂ ମେଢ ଦେଖିବାକୁ ଆସୁଥିବା ଲୋକଙ୍କ ପାଇଁ ଖାଦ୍ୟର ମଜା ଉଠାଇବା ସ୍ଥାନ ହୋଇଥିବାରୁ ସେହି ଷ୍ଟଲଗୁଡିକରେ ବିଶେଷତଃ ମହିଳା ଏବଂ ଛୋଟ ପିଲାମାନଙ୍କର ପ୍ରଥମରୁ ଭିଡ଼ ପରିଲକ୍ଷିତ ହେଉଛି। ଜେଲ ଛକ ନିକଟରେ ରାସ୍ତାକଡରେ ହସ୍ତତନ୍ତ, ଏମଏସଏମଇ ବିଭାଗର ପ୍ରାୟୋଜନରେ ହସ୍ତଶିଳ୍ପ ଷ୍ଟଲ ଲୋକଙ୍କ ଅନ୍ୟତମ ଆକର୍ଷଣର କେନ୍ଦ୍ରବିନ୍ଦୁ ହୋଇଛି। କାଶୀପୁରଠାରେ ଶ୍ମଶାନ କାଳୀଙ୍କ ପୂଜା ଧୂମାଧାମରେ ପାଳିତ ହେଉଛି। ଏଥିସହ ମାଇନିଂଠାରେ କାଳୀପୂଜା ଏବଂ ସାଂସ୍କୃତିକ କାର୍ଯ୍ୟକ୍ରମ ସହରରେ କାଳୀପୂଜା ମାହୋଲକୁ ଅଧିକ ରୁଦ୍ଧିମନ୍ତ କରୁଛି।

## କାଳୀପୂଜାରେ କଳିକାପ୍ରସାଦ ଉତ୍ସବମୁଖର



ଚମ୍ପୁଆ, ୨୫।୧୦ (ସମିସ): ଚମ୍ପୁଆ ବ୍ଲକ କଳିକାପ୍ରସାଦ ଗ୍ରାମବାସୀବୃନ୍ଦ ଓ କାଳୀପୂଜା କମିଟି ଆନୁକୂଲ୍ୟରେ ସାର୍ବଜନୀନ ମା' କାଳୀଙ୍କ ପୂଜା ଉତ୍ସବ ସହ ମନୋରଞ୍ଜନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଦେବେନ କୁମାର ସାହୁ, ପ୍ରଭାସ ନଳିନୀକାନ୍ତ ମହାପାତ୍ର, ସଞ୍ଜୀବ କୁମାର ଘଡେଇ, ବିପିନ ବାରିକ, ସିଥିକାନ୍ତ ସାହୁ ଓ କମିଟି ସଦସ୍ୟବୃନ୍ଦ ସହଯୋଗ କରିଥିଲେ। ମୁଖ୍ୟଅତିଥି ଭାବେ ଚମ୍ପୁଆ ନିର୍ବାଚନମଣ୍ଡଳୀର ଲୋକପ୍ରିୟ ଜନନେତା, ବିଜେପି କୃଷକ ମୋର୍ଚ୍ଚା ପୂର୍ବତନ ରାଜ୍ୟ ସଂଯୋଜକ ତଥା କେନ୍ଦୁଝର ଜିଲ୍ଲା ପୂର୍ବତନ କାର୍ଯ୍ୟକାରିଣୀ ସଦସ୍ୟ ଶ୍ରୀମନ୍ତ ତ୍ରିପାଠୀ, ଚମ୍ପୁଆ ଉପଜିଲ୍ଲାପାଳ ଉମାକାନ୍ତ ପରିଡା, ବାର ଆସୋସିଏସନ ସଭାପତି ତଥା ବିଜେପି ବରିଷ୍ଠ ନେତା ରମେଶ କୁମାର ପ୍ରଧାନ ପ୍ରମୁଖ ଅତିଥି ଯୋଗ ଦେଇଥିଲେ। ଏହି ଅବସରରେ ଆମ ଗାଁ ଯାତ୍ରାର ପ୍ରଥମ ରଜନୀରେ "ମଝି ନଈରେ ଜୀବନ ଡଙ୍ଗା' ମଞ୍ଚସ୍ଥ ହୋଇଥିଲା। ଆଖପାଖ ଅଞ୍ଚଳରୁ ଦର୍ଶକଙ୍କ ଭିଡ଼ ଲାଗିଥିଲା।

## ଚମ୍ପୁଆ କୃଷି ବିଭାଗକୁ ଆସିନି ଚଣା ବିହନ; ଚାଷୀ ନିରାଶ

ଚମ୍ପୁଆ, ୨୫।୧୦(ସମିସ): ଚମ୍ପୁଆ କୃଷି ବିଭାଗ ଅଧୀନରେ ରହିଥିବା ଗୋଧୂଳି ଗ୍ରାମ ଚଣା ଚାଷ ପାଇଁ ନିଜ ପରିଚୟ ସୃଷ୍ଟି କରିଥିବା ବେଳେ ଚଳିତବର୍ଷ ଚଣା ବିହନ ପାଇଁ କୃଷି କାର୍ଯ୍ୟାଳୟକୁ ଦୌଡି ଦୌଡି ଚାଷି ହତାଶ ହେଉଥିବା ଦେଖିବାକୁ ମିଳିଛି। ଏନେଇ କୃଷି ଜିଲ୍ଲା ଅଧିକାରୀ ସତ୍ୟବାନ ସୋରେନ କହିଛନ୍ତି ଯେ ଚଳିତ ବର୍ଷ ଚଣା ଫସଲ ପାଇଁ ଅନୁକୂଳ ପାଗ ହୋଇଥିବା ତଥା ଅଧିକ ବର୍ଷା ହୋଇଥିବାରୁ ଡିପା ଜମିଗୁଡିକରେ ଧାନ ଫସଲ ଭଲ ହୋଇଛି। ଚାଷୀ ଧାନ ଓ ମକା ଚାଷ ଉଠାଇ ସାରିଲେଣି, ଚଣା ବିହନ ବୁଣିବାର ସମୟ ବି ଆସିଗଲାଣି। ପ୍ରାୟ ଗୋଟେ ସପ୍ତାହ ମଧ୍ୟରେ ସରକାରୀ ଚଣା ବିହନ ପହଞ୍ଚିବାର ସମ୍ଭାବନା ରହିଛି। ବିହନ ଆସିଲେ ଚଣା ଚାଷୀଙ୍କୁ ଅଗ୍ରାଧିକାର ଭିତ୍ତିରେ ଚଣା ବିହନ ଯୋଗାଇ ଦିଆଯିବ।

ସୂଚନା ଅନୁସାରେ, ଗୋଧୂଳିରେ ପ୍ରାୟ ୯୦ ଭାଗ ଲୋକ ଏହି ଚାଷ ଉପରେ ନିର୍ଭର କରନ୍ତି। ମକା ଓ ଧାନ ପରେ ଚଣା ଏମାନଙ୍କର ପ୍ରମୁଖ ଚାଷ ଭାବରେ ଗଣାଯାଇଛି। ଗୋଧୂଳି ଗ୍ରାମର ଚାଷୀ ଛତ୍ରପତି ନାଏକ, ସତ୍ୟବାନ ନାଏକ, ରାଜେନ୍ଦ୍ର ନାଏକ, ରୁତୁରାଜ ନାଏକଙ୍କ କହିବାନୁଯାୟୀ ପାଗ ବର୍ତ୍ତମାନ ଆସିଯାଇଛି। ସରକାରୀ ବିହନରେ ଆମେ ସବ୍‌ସିଡି ପାଇବା ସହିତ ଅଧିକ ଅମଳ କରିଥାଉ; ମାତ୍ର ବର୍ତ୍ତମାନ ସୁଦ୍ଧା ଚଣା ଚାଷ ପାଇଁ ଜମି ପ୍ରସ୍ତୁତ କରିସାରିଥିଲେ ମଧ୍ୟ ସରକାରୀ ବିହନ କାର୍ଯ୍ୟାଳୟକୁ ଆସିନାହିଁ। ଅନ୍ୟପକ୍ଷରେ ଡିପା ଜମିରେ ଜଳସେଚନର ସୁବିଧା ନଥିବା ଏବଂ ମକା ଚାଷ ଉଠିବା ପରେ ଜମି ସନ୍ତସନ୍ତିଆ ରହିଥାଏ। ଏହି ସମୟରେ ଯଦି ଚଣା ବୁଣା ନଯାଏ ପର ମୁହୂର୍ତ୍ତରେ ଏହି ଜମିଗୁଡିକରେ ଜଳାଭାବ ଦେଖାଦେଇଥାଏ। ଚାଷୀ ବାଧ ହୋଇ ବଜାରରୁ ଅଧିକ ଦରରେ ବିନା ସବ୍‌ସିଡିଯୁକ୍ତ ବିହନ କିଣୁଛନ୍ତି।

## କିଡନୀ ରୋଗାକ୍ରାନ୍ତ ରମାକାନ୍ତଙ୍କ ଚିକିତ୍ସାରେ ଅର୍ଥାଭାବ ବାଧକ



ତୁରୁମୁଙ୍ଗା, ୨୫।୧୦(ସମିସ): ପାଟଣା ବ୍ଲକ ତୁରୁମୁଙ୍ଗା ପଞ୍ଚାୟତ କଇଣ୍ଡା ଗ୍ରାମର ରମାକାନ୍ତ ଦେହୁରୀ କିଡନୀ ରୋଗରେ ଆକ୍ରାନ୍ତ ହୋଇ ଏବେ ବିଛଣାରେ ପଡିରହିଛନ୍ତି। ଗୋଟିଏ କିଡନୀ ସମ୍ପୂର୍ଣ୍ଣ ଭାବରେ ନଷ୍ଟ ହୋଇଯାଇଥିବା ବେଳେ ଆଉ ଏକ କିଡନୀ ମଧ୍ୟ ଆକାନ୍ତ ହୋଇଥିବା ପରୀକ୍ଷାରୁ ଜଣାପଡ଼ିଛି। ପରିବା ବିକ୍ରି କରି ଘର ପରିବାର ଚଳାଉଥିବା ରମାକାନ୍ତଙ୍କ ପକ୍ଷରେ ଏବେ ଚିକିତ୍ସା ପାଇଁ ଅର୍ଥାଭାବ ବାଧକ ସାଜିଛି। ପ୍ରଥମେ ଦେହ ଖରାପ ହେବାରୁ ଡାକ୍ତର ଦେଖାଇଥିଲେ। ପାଖରେ ଯାହା ଟଙ୍କା ପଇସା ଥିଲା ସେଥିରେ ଚିକିତ୍ସା ହେଉଥିଲେ କିନ୍ତୁ ଏବେ ଆଉ ଏକ କିଡନୀ ମଧ୍ୟ ଖରାପ ହେବାକୁ ଯାଉଥିବା ଜଣାପଡିଛି। କିଡନୀ ଟ୍ରାନ୍ସପ୍ଲାଣ୍ଟ ପାଇଁ ଡାକ୍ତର ପରାମର୍ଶ ଦେଇଛନ୍ତି। ସେଥିପାଇଁ ଦରକାର ଲକ୍ଷାଧିକ ଟଙ୍କା। ଘରେ ଯାହା ଥିଲା ଗାଈ ଗୋରୁ ବିକି ସାରିଲେଣି। ଏବେ ଭଲ ହେବାପାଇଁ ଦରକାର ଲକ୍ଷ ଲକ୍ଷ ଟଙ୍କା। ସମ୍ବଳ କହିଲେ କିଛି ନାହିଁ। ସହାୟତା ପାଇଁ ନିବେଦନ କରିଛନ୍ତି ରମାକାନ୍ତ। କେହି ସହୃଦୟ ବ୍ୟକ୍ତି କିମ୍ବା ଅନୁଷ୍ଠାନ ସାହାଯ୍ୟର ହାତ ବଢ଼ାଇଲେ ସେ ଭଲ ହୋଇ ପାରନ୍ତେ ବୋଲି ଆଶା ବାନ୍ଧିଛନ୍ତି। ତାଙ୍କୁ ସାହାଯତା ଦେବାକୁ ଚାହୁଁଥିଲେ ବ୍ୟାଙ୍କ ଓଫ ଇଣ୍ଡିଆ ଚିଲିଦା ଶାଖାର ଆଇଏଫ୍‌ଏସ୍‌ସି କୋଡ ବିକେଆଇଡି୦୦୦୫୪୨୮ ଏକାଉଣ୍ଟ ନମ୍ବର ୫୪୨୮୧୦୧୧୦୦୦୩୫୭୯ କିମ୍ବା ଫୋନ ପେ ନମ୍ବର ୯୭୭୮୦୩୯୦୨୪ରେ ସହାୟତା ପ୍ରଦାନ କରିପାରିବେ।

## ଗଛରେ ରଶି ଲଗାଇ ମହିଳାଙ୍କ ଆତ୍ମହତ୍ୟା

ତୁରୁମୁଙ୍ଗା, ୨୫।୧୦(ସମିସ): କେନ୍ଦୁଝର ଜିଲ୍ଲା ପାଟଣା ଥାନା ବଡଜାମୁପଶି ଗ୍ରାମର ବିଲ ଭିତରେ ଥିବା ଏକ ଜାମୁ ଗଛରୁ ଶନିବାର ବିଧବା ମହିଳାଙ୍କ ଝୁଲନ୍ତା ମୃତଦେହ ଉଦ୍ଧାର ହୋଇଛି। ମୃତକ ହେଲେ ସ୍ୱର୍ଗତ ପୂର୍ଣ୍ଣଚନ୍ଦ୍ର ମହାନ୍ତଙ୍କ ପତ୍ନୀ ରାସମଣି (୫୭)। ସେ ବେକରେ ରଶି ଏବଂ ଧୋତି ସାହାଯ୍ୟରେ ଆତ୍ମହତ୍ୟା କରିଛନ୍ତି। ପୁଲିସ ମୃତଦେହକୁ ଜବତ କରି ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି। ଏନେଇ ପାଟଣା ଥାନାରେ ୩୩/୨୫ରେ ଏକ ଅପମୃତ୍ୟୁ ମାମଲା ରୁଜୁ ହୋଇଛି। ମୃତକ ରାସମଣି ମାନସିକ ବିକାରଗ୍ରସ୍ତ ଥିବା ସାନଭାଇ ଘନଶ୍ୟାମ ମହାନ୍ତ କହିଛନ୍ତି।

## ମହିଳାଙ୍କ ଝୁଲନ୍ତା ଶବ ଜବତ: ସ୍ୱାମୀ ଗିରଫ

ତୁରୁମୁଙ୍ଗା, ୨୫।୧୦(ସମିସ): କେନ୍ଦୁଝର ଜିଲ୍ଲା ପାଟଣା ଥାନା କୁଣ୍ଡୁଳା ଗ୍ରାମରେ ଜଣେ ବିବାହିତା ମହିଳା ଶୁକ୍ରବାର ରାତିରେ ବେକରେ ରଶି ଲଗାଇ ଆତ୍ମହତ୍ୟା କରିଥିବା ଖବର ପାଇ ଶନିବାର ସକାଳୁ ପାଟଣା ପୁଲିସ ମାଜିଷ୍ଟ୍ରେଟଙ୍କ ଉପସ୍ଥିତିରେ ମୃତଦେହକୁ ଜବତ କରିଛି। ପାଟଣା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଶବ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି। ମୃତକ ହେଲେ ଗ୍ରାମର ରାହୁଲ ଦାସଙ୍କ ପତ୍ନୀ ତପସ୍ୱିନୀ (୨୪)। ରାହୁଲ ଦୁଇ ବର୍ଷ ପୂର୍ବରୁ ତୁରୁମୁଙ୍ଗା ଥାନା ଡଳଙ୍ଗ ଗ୍ରାମର ପୁରୁଷୋତ୍ତମ ନାଏକଙ୍କ ଝିଅ ତପସ୍ୱିନୀଙ୍କୁ ପ୍ରେମ ବିବାହ କରିଥିଲେ। ତାଙ୍କ ଝିଅକୁ ହ୍ୱାଇଁ ଯୌତୁକ ନିର୍ଯାତନା ଦେଉଥିବାରୁ ହତ୍ୟା କରିଥିବା ଅଭିଯୋଗ କରିଛନ୍ତି। ଅଭିଯୋଗ ପରେ ପୁଲିସ ସ୍ୱାମୀ ରାହୁଲ ଦାସକୁ ହତ୍ୟା କରିଥିବା ଅଭିଯୋଗରେ ଗିରଫ କରି କୋର୍ଟ ଚାଲାଣ କରିଛି। ଏନେଇ ପାଟଣା ଥାନାରେ ୫୭/୨୫୭ରେ ମାମଲା ରୁଜୁ କରାଯାଇଥିବା ପାଟଣା ଥାନାଧିକାରୀ କହିଛନ୍ତି।

## ଗାଡ଼ି ଧକ୍କାରେ ଯୁବକ ମୃତ

ବାଲିବନ୍ଧ, ୨୫।୧୦ (ସମିସ): ଝୁମ୍ପୁରା ଥାନାଞ୍ଚଳ ୨୦ନମ୍ବର ଜାତୀୟ ରାଜପଥ ପାତ୍ରସାହି ଛକ ନିକଟରେ ଏକ ଅଜଣା ଗାଡ଼ି ଧକ୍କାରେ ଜଣେ ଯୁବକଙ୍କ ମୃତ୍ୟୁ ଘଟିଛି। ମୃତ ଯୁବକ ହେଲେ ଝୁମ୍ପୁରା ପାତ୍ରସାହିର ବଗ ମୁଣ୍ଡାଙ୍କ ସାନପୁଅ ବିକାଶ (୧୮)। ଘଟଣାସ୍ଥଳରୁ ଧକ୍କା ଦେଇ ଗାଡ଼ି ଫେରାର ହୋଇଯାଇଛି। ଶୁକ୍ରବାର ରାତି ପ୍ରାୟ ୧୦ଟା ୩୦ରେ ବିକାଶ ଶୌଚ ହେବା ଲାଗି ରାସ୍ତା ଅତିକ୍ରମ କରୁଥିବା ଏକ ଗାଡ଼ି ଧକ୍କା ଦେଇଥିଲା। ରାସ୍ତା ଉପରେ ସେ ଛିଟିକି ପଡ଼ି ଚିତ୍କାର କରିଥିଲେ। ପାଟି ଶୁଣି ଦୀପକ ମୁଣ୍ଡା ଘଟଣାସ୍ଥଳରେ ପହଞ୍ଚିଥିଲେ। ରକ୍ତ ଜୁଡୁବୁଡୁ ଅବସ୍ଥାରେ ବିକାଶଙ୍କୁ ରାସ୍ତା ଉପରୁ ଉଠାଇ ୧୦୮ ଆମ୍ବୁଲାନ୍ସ ଯୋଗେ ବିକାଶକୁ ପରିବାର ଲୋକେ ଝୁମ୍ପୁରା ମେଡିକାଲକୁ ନେଇଥିଲେ। ସେଠାରେ ଡାକ୍ତର ପରୀକ୍ଷା ନିରୀକ୍ଷା ପରେ ବିକାଶଙ୍କୁ ମୃତ ଘୋଷଣା କରିଥିଲେ। ଅଭିଯୋଗକୁ ଭିତ୍ତିକରି ଏକ ମାମଲା ରୁଜୁକରି ପୁଲିସ ଶବ ବ୍ୟବଚ୍ଛେଦ ପାଇଁ ଚମ୍ପୁଆ ଡାକ୍ତରଖାନାକୁ ପଠାଇଛି।

## ବାଲି ବୋଝେଇ ହାଇୱା ଜବତ; ମାଫିଆଙ୍କ ଛତ୍ରଭଙ୍ଗ

କେନ୍ଦୁଝର,୨୫।୧୦(ସମିସ): ଜାତୀୟ ରାଜପଥ ୨୦ରେ ଏକ ଚୋରା ବାଲି ବୋଝେଇ ହାଇୱା ଗାଡ଼ି କେନ୍ଦୁଝର ଅଭିମୁଖେ ଆସୁଥିବାର ସୂଚନା ପାଇ ଲଘୁ ଖଣିଜ ସ୍କ୍ୱାଡ୍ ଶୁକ୍ରବାର ରାତିରେ ପିଛା କରି ବଡପଶିଠାରେ ଅଟକାଇବାକୁ ଚେଷ୍ଟା କରିଥିଲେ। ଗାଡିଟି ଦ୍ରୁତ ଗତିରେ ଯାଉଥିଲା ଏବଂ ଏହା ପଛରେ କିଛି ମାଫିଆ ଗାଡିକୁ ସୁରକ୍ଷା ଦେଉଥିଲେ। ଟାଉନ ପୁଲିସ ପାଟ୍ରୋଲିଂ ଦଳ ଘଟଣାସ୍ଥଳରେ ପହଞ୍ଚିବାରୁ ମାଫିଆମାନେ ଛତ୍ରଭଙ୍ଗ ଦେଇଥିଲେ। ରାତି ୮ଟା ବେଳେ ଓଡି ୦୯ ଏଜି-୧୦୦୫ ନମ୍ବର ବିଶିଷ୍ଟ ବାଲି ବୋଝେଇ ହାଇୱାକୁ ଜାମୁନାଳିଆଠାରେ ଜବତ କରି ନରଣପୁରସ୍ଥିତ ଲଘୁ ଖଣିଜ କାର୍ଯ୍ୟାଳୟକୁ ଅଣାଯାଇଥିଲା। ଏହି ସ୍କ୍ୱାଡରେ ୪ ଜଣ ଜୁନିୟର ମାଇନିଂ ଅଫିସର ଥିଲେ। ଜାତୀୟ ରାଜପଥ ୨୦ ବର୍ତ୍ତମାନ ବାଲି ଚୋର ମାନଙ୍କର ଭୂସ୍ୱର୍ଗ ପାଲଟିଛି। ହାଟଡିହି ଏବଂ ଆନନ୍ଦପୁର ଅଞ୍ଚଳରୁ ରାଜନୈତିକ ଛତ୍ରଛାୟା ତଳେ ଶହ ଶହ ଟ୍ରିପ ବାଲି ପ୍ରତିଦିନ ଚୋରୀ କରି କେନ୍ଦୁଝର ଚାଲାଣ ହେଉଛି। ଫଳରେ ସରକାରଙ୍କ କୋଟି କୋଟି ଟଙ୍କାର ରାଜସ୍ୱ ହାନି ହେବା ସହ ଆଇନଶୃଙ୍ଖଳା ପରିସ୍ଥିତି ସୃଷ୍ଟି ହେଉଛି। ଜିଲ୍ଲା ପ୍ରଶାସନ ତୁରନ୍ତ ମାଫିଆଙ୍କ ବିରୋଧରେ କଡ଼ା କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଦାବି ହୋଇଛି।

## ବାଲି ଲୁଟ୍ ନେଇ ପୂର୍ବତନ ମୁଖ୍ୟମନ୍ତ୍ରୀଙ୍କୁ ଅଭିଯୋଗ



ହାଟଡ଼ିହୀ,୨୫।୧୦(ସମିସ): କେନ୍ଦୁଝର ଜିଲ୍ଲା ହାଟଡ଼ିହୀ ତହସିଲ ଅଧୀନ ବୈତରଣୀ ନଦୀ ଶଯ୍ୟାରୁ ରୀତିମତ ବେଆଇନ୍ ଭାବେ ବାଲି ଲୁଟ୍ ହେଉଥିବା ଦେଖିବାକୁ ମିଳିଛି। ଏଥିନେଇ ସେମାନେ ପ୍ରଶାସନଠାରୁ ଆରମ୍ଭ କରି ନେତାଙ୍କ ପର୍ଯ୍ୟନ୍ତ ସବୁଠି ଗୁହାରି କରିଥିଲେ ବି କିଛି ସୁଫଳ ମିଳି ନଥିବା କହିଛନ୍ତି। ଏପରିକି ଗତ ୨ ଦିନ ଧରି ଉପଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମୁଖରେ ଧାରଣାରେ ବସିବା ପରେ ବି ବାଲି ଲୁଟ୍ ହେଉଥିବାରୁ ସେମାନେ ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ଭେଟି ବାଲି ଲୁଟ୍ ସମ୍ପର୍କରେ ଅଭିଯୋଗ ଜଣାଇଛନ୍ତି। ସେହିପରି ଖଣିମନ୍ତ୍ରୀ ସହ ମୁଖ୍ୟମନ୍ତ୍ରୀଙ୍କୁ ଭେଟି ଏ ସଂକ୍ରାନ୍ତରେ ଅଭିଯୋଗ ଜଣାଇଛନ୍ତି କରଗୋଳା ଗ୍ରାମବାସୀ। ଅତିଶୀଘ୍ର ନିଲାମ୍ ପ୍ରକ୍ରିୟାରେ ତାହାକୁ ସାମିଲ କରାଯିବ ବୋଲି ଖଣିମନ୍ତ୍ରୀ କହିଥିବା ବେଳେ ଉକ୍ତ ପ୍ରସଙ୍ଗକୁ ଅନୁଧ୍ୟାନ କରାଯିବ ବୋଲି ନବୀନ ପଟ୍ଟନାୟକ ଗ୍ରାମବାସୀଙ୍କୁ କହିଥିବା ସେମାନେ ପ୍ରକାଶ କରିଛନ୍ତି। ଅଭିଯୋଗ ସମୟରେ ଆନନ୍ଦପୁର ବିଧାୟକ ଅଭିମନ୍ୟୁ ସେଠୀ ଗ୍ରାମବାସୀଙ୍କ ସହ ସାମିଲ ଥିଲେ।

## ହାଟଡ଼ିହୀ ବିଇଓଙ୍କ ବିରୋଧରେ ଅସନ୍ତୋଷ

ହାଟଡ଼ିହୀ,୨୫।୧୦(ସମିସ): ହାଟଡ଼ିହୀ ବ୍ଲକ ଶିକ୍ଷା ଅଧିକାରୀଙ୍କୁ ଫୋନ୍ ଯୋଗେ ଯୋଗାଯୋଗ କଲେ ସେ ଫୋନ୍ କଲ୍ ଗ୍ରହଣ କରୁ ନଥିବାରୁ ଅସନ୍ତୋଷ ପ୍ରକାଶ ପାଇଛି। ବିଇଓ ରାଜୀବ କୁମାର ଦଳେଇ ଅନେକ ସମୟରେ ମିଟିଂ, ବିଭିନ୍ନ ତଦନ୍ତ ପ୍ରକ୍ରିୟା ଏବଂ ଫିଲଡ ଭିଜିଟ୍ ଭଳି କାର୍ଯ୍ୟରେ ବ୍ୟସ୍ତ ରହୁଥିବାରୁ ଅଫିସରେ ତାଙ୍କୁ ପାଇବା କଷ୍ଟକର ହୋଇପଡୁଛି। ବିଇଓଙ୍କ ଅନୁପସ୍ଥିତି ସମୟରେ ଅଭିଭାବକଙ୍କଠାରୁ ଆରମ୍ଭ କରି ଲୋକ ପ୍ରତିନିଧିମାନେ କୌଣସି କାମରେ ତାଙ୍କୁ ଫୋନ୍ କଲେ ମଧ୍ୟ ସେ ଫୋନ୍ କଲ୍ ଗ୍ରହଣ କରିପାରୁ ନାହାନ୍ତି। ମୁଖ୍ୟମନ୍ତ୍ରୀଙ୍କ ଜିଲ୍ଲାର ହାଟଡ଼ିହୀ ଶିକ୍ଷାମଣ୍ଡଳଟି ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ଶିକ୍ଷାଜିଲ୍ଲା ସହ ଏକ ସ୍ୱତନ୍ତ୍ର ସ୍ଥାନ ସୃଷ୍ଟି କରିଛି। ହାଟଡ଼ିହୀ ଶିକ୍ଷାମଣ୍ଡଳରେ ଏଯାଏଁ ଅଳ୍ପ କିଛି ସ୍କୁଲର ପିଲାଙ୍କୁ ଡ୍ରେସ୍ ବଣ୍ଟନ କରାଯାଇଥିବା ବେଳେ ଅନେକ ସ୍କୁଲର ଛାତ୍ରଛାତ୍ରୀଙ୍କୁ ଏଯାଏଁ ମିଳିପାରିନାହିଁ। ନିକଟ ଅତୀତରେ ଜଣେ ଲୋକପ୍ରତିନିଧିଙ୍କ ଏକ ଜରୁରୀ କାର୍ଯ୍ୟକୁ ନେଇ ବିଇଓ ଶ୍ରୀ ଦଳେଇ ଫୋନ୍ କଲ୍ ଗ୍ରହଣ ନକରିବାରୁ ସେ ଅତ୍ୟନ୍ତ ଦୁଃଖ ପ୍ରକାଶ କରିଛନ୍ତି। ବିଭିନ୍ନ ସମୟରେ ସ୍କୁଲଗୁଡ଼ିକର ସମସ୍ୟାକୁ ନେଇ କେହି ଗଣମାଧ୍ୟମ ପ୍ରତିନିଧି ଯୋଗାଯୋଗ କଲେ ବି ସେ ଆଦୌ ଫୋନ୍ କଲ୍ ଗ୍ରହଣ କରୁ ନଥିବାରୁ ସାମ୍ବାଦିକଙ୍କ ମହଲରେ ବିଇଓଙ୍କ ଏଭଳି କାର୍ଯ୍ୟକୁ ନାପସନ୍ଦ କରାଯାଇଛି। ଏପରିସ୍ଥଳେ ଜରୁରୀ ସମୟରେ ଏବିଇଓ ତଥା ବିଆରସି ପ୍ରମୋଦ କୁମାର ନାୟକ ମଧ୍ୟ ଅନେକ ସମୟରେ ଫୋନ୍ କଲ୍ ଗ୍ରହଣ କରନ୍ତି ନାହିଁ। ଏଭଳି ସମସ୍ୟା ନେଇ ଆନନ୍ଦପୁର ଉପଜିଲ୍ଲାପାଳ ନୀଳମାଧବ ସୁନାଙ୍କ ସହ ଯୋଗାଯୋଗ କରିବାରୁ, ଉପଯୁକ୍ତ ତଦନ୍ତ ସହ ଏହାର ସ୍ଥାୟୀ ସମାଧାନ ଖୁବ୍ ଶୀଘ୍ର କରିବେ ବୋଲି କହିଛନ୍ତି।

## ବ୍ୟାଙ୍କ ଜମାରାଶି ସୁରକ୍ଷା ସମ୍ବନ୍ଧୀୟ ସଚେତନତା ଶିବିର



କେନ୍ଦୁଝର, ୨୫।୧୦(ସମିସ): ଭାରତ ସରକାରଙ୍କ ଅର୍ଥ ସେବା ବିଭାଗ ପକ୍ଷରୁ ଶୁକ୍ରବାର କେନ୍ଦୁଝର ପାର୍କଲାଇନସ୍ଥିତ ସେଲ ଅଡିଟୋରିୟମରେ 'ଆପଣଙ୍କ ପୁଞ୍ଜି: ଆପଣଙ୍କ ଅଧିକାର' ଶୀର୍ଷକ ଏକ ସଚେତନତା ଶିବିର ଅନୁଷ୍ଠିତ ହୋଇଯାଇଛି। ଭାରତୀୟ ରିଜର୍ଭ ବ୍ୟାଙ୍କର ବରିଷ୍ଠ ଅଧିକାରୀ ରିତେଶ କୁମାର ପାତ୍ର, କେନ୍ଦୁଝର ଜିଲ୍ଲା ପରିଷଦର ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ କୁମାର ନାଗଭୂଷଣ, ବ୍ୟାଙ୍କ ଅଫ ଇଣ୍ଡିଆର ଉପ ଆଞ୍ଚଳିକ ପ୍ରବନ୍ଧକ ସିଦ୍ଧାର୍ଥ ବେହେରା, କେନ୍ଦୁଝରଗଡ଼ ପୌରାଧକ୍ଷା ନିକୁ ସାହୁ, ୟୁକୋ ବ୍ୟାଙ୍କ ମୁଖ୍ୟ ପ୍ରବନ୍ଧକ ଏନ ନାଗେଶ୍ୱର ରାଓ, ଅଗ୍ରଣୀ ଜିଲ୍ଲା ବ୍ୟାଙ୍କ ପ୍ରବନ୍ଧକ ହୀରଲାଲ ମହାମଲ୍ଲିକ ପ୍ରମୁଖ ଯୋଗ ଦେଇଥିଲେ। ଦୀର୍ଘ ବର୍ଷ ଧରି କାରବାର ହେଉ ନଥିବା ବ୍ୟାଙ୍କ ଖାତା କିମ୍ବା ଜମାରାଶିର ତଥା ଦାବିହୀନ ଖାତାର ଅର୍ଥରାଶି ପ୍ରଦାନ ସହ ବ୍ୟାଙ୍କଗୁଡ଼ିକରେ ଦାବିହୀନ ଖାତାରେ ଜମା ଥିବା ପୁଞ୍ଜି କିପରି ଖାତାଧାରକ କିମ୍ବା ମୃତବ୍ୟକ୍ତିଙ୍କ ପରିବାରବର୍ଗ ଫେରିପାଇବେ ସେ ବିଷୟରେ ସୂଚନା ଦେଇଥିଲେ। ଏନେଇ ସତର୍କତା ଅବଲମ୍ବନ, ପ୍ରତି ଦଶବର୍ଷରେ ଥରେ କେୱାଇସି କରାଇବା ଆଦି ନିୟମ ବିଷୟରେ ବୁଝାଇଥିଲେ। ଏହି କାର୍ଯ୍ୟକ୍ରମକୁ କେନ୍ଦୁଝର ଜିଲ୍ଲାର ଅଗ୍ରଣୀ ବ୍ୟାଙ୍କ, ବ୍ୟାଙ୍କ ଅଫ ଇଣ୍ଡିଆ ଓ ଅନ୍ୟାନ୍ୟ ସରକାରୀ ବ୍ୟାଙ୍କର ମିଳିତ ସହଯୋଗରେ କରାଯାଇଥିବା ବେଳେ ଆର୍ଥିକ କ୍ଷେତ୍ରରେ ଦାବି କରାଯାଇ ନଥିବା ସମ୍ପତ୍ତିର ଦକ୍ଷ ଏବଂ ଶୀଘ୍ର ବିନିଯୋଗକୁ ସହଜ କରିବା ପାଇଁ ଆରମ୍ଭ ହୋଇଥିବା ଏହି ଅଭିଯାନରେ ଲୋକେ ନିଜର ଜମାରାଶି ସହଜରେ ଫେରି ପାଇପାରିବେ ବୋଲି ଲକ୍ଷ୍ୟ ରହିଛି।

## ମହେଶ୍ୱରପୁରରେ ବାନ୍ଦନା ପରବ୍ ଭେଟ୍‌ଘାଟ ଓ ଝୁମର ସନ୍ଧ୍ୟା

ଚମ୍ପୁଆ, ୨୫।୧୦(ସମିସ):

ଚମ୍ପୁଆ ବ୍ଲକ ଅନ୍ତର୍ଗତ ମହେଶ୍ୱରପୁର ଗ୍ରାମରେ କୁଡୁମୀ ମହାନ୍ତଙ୍କ ମୁଖ୍ୟ କୃଷିଭିତ୍ତିକ ପର୍ବ ବାନ୍ଦନା ପର୍ବ ରୀତିନୀତି ଅନୁଯାୟୀ ତିନିଦିନ ଧରି ପାଳିତ ହୋଇଯାଇଛି। ଗ୍ରାମର କରମ ରାଜା କଲଚରାଲ କ୍ଲବ ଆନୁକୂଲ୍ୟରେ ବାନ୍ଦନା ପରବ ଭେଟଘାଟ ଓ ଝୁମର ସନ୍ଧ୍ୟା ଅନୁଷ୍ଠିତ ହୋଇଯାଇଅଛି। ମୁଖ୍ୟଅତିଥି ଭାବେ ଚମ୍ପୁଆ ଉପଜିଲ୍ଲାପାଳ ଉମାକାନ୍ତ ପରିଡ଼ା, ମୁଖ୍ୟବକ୍ତା ଭାବେ ଓଡ଼ିଶା କୁଡୁମୀ ସେନାର ରାଜ୍ୟ ସଭାପତି ଦିବ୍ୟସିଂହ ମହାନ୍ତ, ସମ୍ମାନିତ ଅତିଥି ଭାବେ ଚମ୍ପୁଆ ମହିଳା ମହାବିଦ୍ୟାଳୟର ଅଧ୍ୟକ୍ଷ ଭକ୍ତବନ୍ଧୁ ପ୍ରଧାନ, ଚମ୍ପୁଆ ଓକିଲ ମହାସଂଘର ସଭାପତି ରମେଶଚନ୍ଦ୍ର ପ୍ରଧାନ, ଚମ୍ପୁଆ ବିଜ୍ଞାପିତ ଅଞ୍ଚଳ ପରିଷଦର କର୍ମଚାରୀ ପ୍ରକାଶଚନ୍ଦ୍ର କୁଣ୍ଡୁ, ସାମ୍ବାଦିକ ପବିତ୍ର କୁମାର ନାୟକ, ସାମାଜିକ କର୍ମୀ ଅଜୟ କୁମାର ଦାସ,



ବଡ଼ବିଲ ପୌର ପରିଷଦ ବିଜୁ ଜନତା ଦଳର ସଭାପତି ସଞ୍ଜୟ କୁମାର ନାଏକ, ସାମାଜିକ କର୍ମୀ ରବିକାନ୍ତ ମହାକୁଡ଼, କୁଡୁମୀ ସେନା କେନ୍ଦୁଝର ଜିଲ୍ଲା ଉପସଭାପତି ଶୁଭେନ୍ଦୁ କୁମାର ମହାନ୍ତ, ଗ୍ରାମର କୁଡୁମୀ ସଂଗଠକ ଉଗ୍ରସେନ ମହାନ୍ତ ମଞ୍ଚାସୀନ ଥିଲେ। କ୍ଲବର ସଭାପତି ଶିକ୍ଷକ ଯଦୁମଣି ମହାନ୍ତ ବନ୍ଦନା ପର୍ବର ଆଭିମୁଖ୍ୟ କଥନ କରିଥିଲେ। ଭାସ୍କରଚନ୍ଦ୍ର ମହାକୁଡ଼ ଅତିଥି ପରିଚୟ ପ୍ରଦାନ ଓ ମଞ୍ଚକାର୍ଯ୍ୟ ପରିଚାଳନା କରିଥିଲେ। ମନୋହରପୁର (ଝାରଖଣ୍ଡ)ର ରଞ୍ଜିତ ମାହତୋଙ୍କ ଜୁନୁନ ରସିକିଆ ଝୁମର ଦଳ ସାଂସ୍କୃତିକ ଝୁମର ନୃତ୍ୟ ପରିବେଷଣ କରିଥିଲେ। ଶୁଭାଶିଷ ମହାନ୍ତ, ସତ୍ୟଜିତ ମହାନ୍ତ, ଚନ୍ଦ୍ରଶେଖର ମହାନ୍ତ, ଜତିନ ମହାନ୍ତ, ଜୟନ୍ତ ମହାନ୍ତ, ସନ୍ତୋଷ ମହାନ୍ତ, ରବିନ ମହାନ୍ତ, ହେମନ୍ତ ମହାନ୍ତ, ସୁଧାଂଶୁ ମହାନ୍ତ, ରାମଚନ୍ଦ୍ର ମହାନ୍ତ, ଲକ୍ଷ୍ମଣ ମହାନ୍ତ, ଶିବା ଲୋହାର, ମଙ୍ଗଳ ଲୋହାର, ଦୀପକ ମହାନ୍ତ, ଆଲୋକ ମହାନ୍ତ, ମଣ୍ଟୁ ମହାନ୍ତ, ଧର୍ମେନ୍ଦ୍ର ମହାନ୍ତ, ସଞ୍ଜୟ ମହାନ୍ତ, ମାଗୁଣି ମହାନ୍ତ, ମିଟକୁ ମହାନ୍ତ ପ୍ରମୁଖ କ୍ଲବର ସଭ୍ୟମାନେ ସହଯୋଗ କରିଥିଲେ।

## ବାୟାକୁମୁଟିଆ ପଞ୍ଚାୟତରେ ଆଞ୍ଚଳିକ ଚକ୍ଷୁ ପରୀକ୍ଷା ଶିବିର




କେନ୍ଦୁଝର, ୨୫।୧୦(ସମିସ): ଶୁକ୍ରବାର ବାଂଶପାଳ ବ୍ଲକର ବାୟାକୁମୁଟିଆ ପଞ୍ଚାୟତଠାରେ ମାଗଣା ଚକ୍ଷୁ ପରୀକ୍ଷା ଶିବିର ଅନୁଷ୍ଠିତ ହୋଇଯାଇଛି। ରୋଟାରୀ କ୍ଲବ କେନ୍ଦୁଝର, କେନ୍ଦୁଝର ଡେଭଲପମେଣ୍ଟ ଟ୍ରଷ୍ଟ, ଓସ୍କା, ବାୟାକୁମୁଟିଆ ପଞ୍ଚାୟତ ଓ ଭୂମିକା ଚିକିତ୍ସାଳୟ, କେନ୍ଦୁଝର ମିଳିତ ସହଯୋଗରେ ଆୟୋଜିତ ଏହି ଆଞ୍ଚଳିକ ଶିବିରକୁ ତେଲକୋଇ ବିଧାୟକ ଡ ଫକିର ମୋହନ ନାଏକ ଉଦଘାଟନ କରିଥିଲେ। ବରିଷ୍ଠ ସମାଜସେବୀ ଭକ୍ତବତ୍ସଳ ମହାନ୍ତିଙ୍କ ସଂଯୋଜନାରେ ରୋଟାରୀ କ୍ଲବ କେନ୍ଦୁଝରର ସଭାପତି ରୋଟାରିୟାନ୍ ହରିହର ମହାନ୍ତଙ୍କ ତତ୍ତ୍ୱାବଧାନରେ ଭୂମିକା ଚକ୍ଷୁ ଚିକିତ୍ସାଳୟ କେନ୍ଦୁଝର ଜୋନାଲ ମ୍ୟାନେଜର କର୍ଣ୍ଣାଟ କିଶୋର ଜେନା, ଅପଟମ ସୟନ ସୁନ୍ଦର ମାଇତି, ଭିଜନ ଟେକ୍ନିସିଆନ୍ ଲାଲିମା ଜେନା, ପୂଜାରାଣୀ ମହାନ୍ତ, ସ୍ୱାସ୍ଥ୍ୟ ସେବିକା ସବିତା ନାୟକ ଓ ମଧୁସ୍ମିତା ବେହେରା ପ୍ରମୁଖ ୧୦୭ ଜଣ ବରିଷ୍ଠ ନାଗରିକ, ଛାତ୍ରଛାତ୍ରୀଙ୍କ ଚକ୍ଷୁ ପରୀକ୍ଷା କରିଥିଲେ। ଓସ୍କାର ସଂପାଦିକା ଧରିତ୍ରୀ ରାଉତ, ରୋଟାରିୟାନ୍ ରାଜଲକ୍ଷ୍ମୀ ସ୍ୱାଇଁ, ସୁନିତା ମହାନ୍ତି, ସୁରେଶଚନ୍ଦ୍ର ଖଟୋଇ, ଡା ସଂଜୀବ ଓତା, ବାୟାକୁମୁଟିଆ ସରପଞ୍ଚ ମିତ୍ରଭାନୁ ମହାନ୍ତ ଶିବିର ପରିଚାଳନା କରିଥିଲେ।

## କାଳୀପୂଜା ପାଇଁ ଡୁରୁମୁଙ୍ଗା ଅଞ୍ଚଳ ଚଳଚଞ୍ଚଳ



ଡୁରୁମୁଙ୍ଗା, ୨୫।୧୦(ସମିସ): କେନ୍ଦୁଝର ଜିଲ୍ଲା ପାଟଣା ବ୍ଲକ ଡୁରୁମୁଙ୍ଗା ବଜାରରେ ବଣିକ ସଙ୍ଘ ପକ୍ଷରୁ ସୋମବାର ରାତିଠାରୁ କାଳୀପୂଜା ଅନୁଷ୍ଠିତ ହେଉଛି। ମା'ଙ୍କ ମୃଣ୍ମୟୀ ମୂର୍ତ୍ତି ସାଙ୍ଗକୁ ସୁଉଚ୍ଚ ତୋରଣ, ଆଲୋକମାଳା, ମିନାବଜାର ଦର୍ଶକଙ୍କୁ ଆକୃଷ୍ଟ କରୁଛି। ପୂଜା ପେଣ୍ଡାଲର ପାର୍ଶ୍ୱ ମୂର୍ତ୍ତିରେ ଅପରେସନ ସିନ୍ଦୁରର ପରାକ୍ରମକୁ ପ୍ରଦର୍ଶିତ କରାଯାଇଛି। ଏହାସହ ବିମାନ ଦୁର୍ଘଟଣାକୁ ମଧ୍ୟ ନିଖୁଣ ଭାବରେ ପ୍ରଦର୍ଶିତ କରାଯାଇଛି। କମିଟି ପକ୍ଷରୁ ପାଲା, ମ୍ୟାଜିକ ସୋ, ଡ୍ୟାନ୍ସ ସହ ନାଟଗୋରର ପ୍ରତିଯୋଗିତା କରାଯାଉଛି। କମିଟି ପକ୍ଷରୁ ଶ୍ରଦ୍ଧାଳୁଙ୍କ ପାଇଁ ଆନନ୍ଦ ବଜାର ଖୋଲାଯାଇ ଦୈନିକ ପ୍ରସାଦ ବଣ୍ଟନ କରାଯାଉଛି। ପୂଜାକର୍ତ୍ତା ଭାବରେ ରାଜକିଶୋର ସାହୁ, ପୂଜକ ଭାବେ ବାପି ପଣ୍ଡା ଏବଂ ଭାନୁପାଣି କାର୍ଯ୍ୟ ସମ୍ପନ୍ନ କରୁଛନ୍ତି। ବଣିକ ସଙ୍ଘ ସଭାପତି ତାପସ କୁମାର ସାହୁ ଓ ସଂପାଦକ ଶ୍ରବଣ ସାହୁ, କ୍ଷେତ୍ରମୋହନ ସାହୁ, ତପନ ସାହୁ, ସୁବଳ ସାହୁ, ରତିରଞ୍ଜନ ପୃଷ୍ଟି, ଶମ୍ଭୁନାଥ ସାହୁ ପ୍ରମୁଖଙ୍କ ସହଯୋଗରେ ପୂଜା କାର୍ଯ୍ୟ ଚାଲୁଛି।

# ଶାଳଣିଆଁ-ଚଷାଖଣ୍ଡ ରାସ୍ତାରେ ବାଲି ପରିବହନକୁ ବିରୋଧ

## ଏକଜୁଟ ହେଲେ ମହିଳା, ରାସ୍ତାରେ ପୋତିଲେ ସିମେଣ୍ଟ ପିଲର, ପୁଲିସକୁ ଘେରିଲେ





ହାତଡ଼ିହା,୨୫।୧୦(ସମିସ): ରାସ୍ତାଘାଟର ସୁଧାର ନଥାଇ ବେପରୁଆ ଭାବେ ଭାରୀଯାନରେ ବାଲି ପରିବହନ ହେଉଥିବାରୁ ସମଗ୍ର ଅଞ୍ଚଳରେ ତୀବ୍ର ଅସନ୍ତୋଷ ଦେଖାଦେଇଛି। ବାଲି ପରିବହନ ଯୋଗୁଁ ନିଜ ମୌଳିକ ଅଧିକାରରୁ ବଞ୍ଚିତ ହୋଇଛନ୍ତି ଅନେକ ଗ୍ରାମବାସୀ। ତେଣୁ ବାଲି ପରିବହନରେ ରୋକ ଲଗାଇବାକୁ ଏକାଠି ହୋଇଛନ୍ତି ଚାଷଖଣ୍ଡ ଗ୍ରାମର ମହିଳା। ସେମାନଙ୍କ ଅଭିଯୋଗ ଯେ ଶାଳଣିଆଁ-ଚଷାଖଣ୍ଡ ରାସ୍ତା ଏତେ ବିପର୍ଯ୍ୟସ୍ତ ହୋଇପଡ଼ିଛି ଯେ ମୁଖ୍ୟମନ୍ତ୍ରୀ ବସ ସେବା ଦୀର୍ଘ ଦିନରୁ ବନ୍ଦ ହୋଇଗଲାଣି। ଆମ୍ବୁଲାନ୍ସ ବି ଯା'ଆସ କରିପାରୁନି। ଯାହାଦ୍ୱାରା ଗର୍ଭବତୀ ପ୍ରସୂତିମାନେ ଠିକ ସମୟରେ ଡାକ୍ତରଖାନା ଯାଇ ନପାରି ଗତ କିଛିଦିନ ଭିତରେ ଦୁଇ ଦୁଇ ଜଣ ଶିଶୁଙ୍କ ଜୀବନ ଗଲାଣି। ସ୍କୁଲ ଗାଡି ରାସ୍ତାରେ ଅଟକି ଯାଉଛି। ବାଇକ ଓ ଚାରିଚକିଆ ଯାନବାହନ ସମ୍ପୂର୍ଣ୍ଣ ବନ୍ଦ। ସାଇକଲ ବି ଯାଉନି। ଏପରିକି ବନ୍ଧୁବାନ୍ଧବମାନେ ଆଉ ଯିବାଆସିବା କରୁନାହାନ୍ତି। ଦୁଇ ବର୍ଷ ହେଲା ଗାଁର ପୁରୁଷ ଲୋକମାନେ ବାଲି ବୋଝେଇ ଗାଡି ଚଳାଚଳ ବନ୍ଦ କରିବାକୁ ଚେଷ୍ଟା କରିଥିଲେ ବି ସଫଳ ହୋଇ ନଥିଲେ। ଏହାକୁ ନେଇ ମହିଳାଙ୍କ ମଧ୍ୟରେ ଅସନ୍ତୋଷ ଦେଖା ଦେଇଥିଲା। ସେମାନେ ଏକଜୁଟ୍ ହୋଇ ଗତ ୨୨ ତାରିଖରେ ଚାଷଖଣ୍ଡ ସ୍କୁଲ ନିକଟରେ ଦୁଇଟି କଂକ୍ରିଟ ପିଲର ନିର୍ମାଣ କରି ଯେପରି ବାଲିଗାଡି ଯାଇ ନପାରିବ ସେପରି ପଦକ୍ଷେପ ନେଇଥିଲେ। ଗତକାଲି ରାତିରେ ବାଲିଘାଟ ମାଲିକ ଗାଁରେ ପହଞ୍ଚି ବାଲି ପରିବହନ ପାଇଁ ମହିଳାଙ୍କୁ ବୁଝାସୁଝା କରିଥିଲେ। ମାତ୍ର ରାସ୍ତା ନିର୍ମାଣ ନହେବା ପର୍ଯ୍ୟନ୍ତ ବାଲି ଗାଡି ଚାଲି ପାରିବନି ବୋଲି ମହିଳାମାନେ ଜିଦରେ ଅଟଳ ରହିଥିଲେ। ପରେ ବିଳମ୍ବିତ ରାତିରେ କିଛି ଲୋକ ଯାଇ ଧମକ ଚମକ ଦେବା ସହିତ ପିଲର ଖୁଣ୍ଟିଗୁଡିକୁ ଭାଙ୍ଗି ଦେଇଥିଲେ। ଏହାକୁ ନେଇ ଆଜି ଗ୍ରାମର ଶତାଧିକ ମହିଳା ଏକଜୁଟ୍ ହୋଇ ରାସ୍ତାରେ ବସି ରହିବା ସହିତ ସ୍କୁଲ ସମ୍ମୁଖରେ ଏକ ବୃହଦାକାର ସିମେଣ୍ଟ ଖୁଣ୍ଟି ନିର୍ମାଣ କରିଛନ୍ତି। ଖବର ପାଇ ନନ୍ଦିପଦା ପୁଲିସ ପହଞ୍ଚି ସିମେଣ୍ଟ ଖୁଣ୍ଟି ନିର୍ମାଣ ନକରିବାକୁ ତାଗିଦ୍ କରିବାରୁ ଉତ୍ତେଜନା ପ୍ରକାଶ ପାଇଥିଲା। ଶହ ଶହ ମହିଳା ପୁଲିସକୁ ବିରୋଧ କରି ଆଗ ରାସ୍ତା ନା ଆଗ ବାଲି ବୋଲି ପ୍ରଶ୍ନ କରିବା ସହିତ ପାଟିତୁଣ୍ଡ କରିବାରୁ ନନ୍ଦିପଦା ପୁଲିସ ଫେରି ଆସିଥିଲା। ରାସ୍ତା ସମସ୍ୟାର ସ୍ଥାୟୀ ସମାଧାନ ପରେ ବାଲି ପରିବହନ ହେଉ, କିନ୍ତୁ ତା ପୂର୍ବରୁ ନୁହଁ ବୋଲି ପଦ୍ମାବତୀ ବାରିକ, ଲକ୍ଷ୍ମୀପ୍ରିୟା ପତି, କାଞ୍ଚନ ରାଉଳ, ପ୍ରତିମା ପଲେଇ, କଳ୍ପନା ପାତ୍ର, ଗୀତା ପଲେଇ, ପୂର୍ଣ୍ଣିମା ରାଉଳ, ସ୍ୱର୍ଣ୍ଣଲତା ପେରେଇ, ଚଞ୍ଚଳି ପେରେଇ, ରୂପା ଦାସ, ରାଧିକା ବାରିକ ପ୍ରମୁଖ କହିଛନ୍ତି। ଜିଲ୍ଲାର ମୁଖ୍ୟମନ୍ତ୍ରୀ ତାଙ୍କ ଗୁହାରି ଶୁଣନ୍ତୁ ବୋଲି ସେମାନେ ନିବେଦନ କରିଛନ୍ତି।

## ଶ୍ମଶାନକୁ ସମତଳ କରିବା ପରେ ରାସ୍ତାକାମ ନିଷ୍ପତ୍ତି



ବେଲବାହାଳି,୨୫।୧୦(ସମିସ): ଆନନ୍ଦପୁର ତହସିଲ ବେଲବାହାଳିଠାରୁ ହରିଡ଼ାପାଳ ପର୍ଯ୍ୟନ୍ତ ରାସ୍ତା କାମକୁ ଗ୍ରାମବାସୀ ବିରୋଧ କରି ପ୍ରଥମେ ଶ୍ମଶାନର ମାଟିକୁ ସମତଳ କରିବା ପରେ ରାସ୍ତା କାମ କରିବାକୁ ସର୍ବସମ୍ମତିକ୍ରମେ ନିଷ୍ପତ୍ତି ନେଇଥିଲେ। ପରେ ଏ ସଂମ୍ପର୍କରେ ସଂପୃକ୍ତ ଠିକାଦାରଙ୍କୁ ଜଣାଇ ଦିଆଯାଇଛି। ଆନନ୍ଦପୁର ଗ୍ରାମ୍ୟ ଉନ୍ନୟନ ବିଭାଗର ବେଲବାହାଳି ଟୋଲଙ୍କପଡା ରାସ୍ତାର ନିର୍ମାଣରେ ଗ୍ରାମବାସୀଙ୍କୁ ନଜଣାଇ ସପୃକ୍ତ ଠିକାଦାର ଗ୍ରାମବାସୀବ୍ୟବହାର କରୁଥିବା ନିକଟସ୍ଥ ଗ୍ରାମ୍ୟ ଶ୍ମଶାନରୁ ମେସିନରେ ଖୋଳି ମାଟି ଆଣି ରାସ୍ତା ନିର୍ମାଣ କରୁଥିବାରୁ ତାହା ଖରାପ ହୋଇଥିଲା। ଏନେଇ ଗଣମାଧ୍ୟମ ପ୍ରତିନିଧିଙ୍କୁ ଦୁର୍ବ୍ୟବହାର କରାଯାଇଥିବା ନେଇ ଥାନାରେ ମାମଲା ରୁଜୁ ହେବା ପରେ ଶନିବାର ଗ୍ରାମବାସୀ ଏକ ବୈଠକରେ ବସି ନେଇଥିବା ନିଷ୍ପତ୍ତି ସମ୍ପର୍କରେ ଠିକାଦାରଙ୍କୁ ଜଣାଇ ଦେଇଥିବା ଜଣାପଡିଛି।

## ମିଶନ ଶକ୍ତିରେ ଚାଲିଛି ବ୍ୟାପକ ଅନିୟମିତତା

# ଯୋଜନାରୁ ଉପକୃତ ହେଉନାହାନ୍ତି ମହିଳା ଗୋଷ୍ଠୀ

ତେଲକୋଇ, ୨୫।୧୦(ସମିସ): କେନ୍ଦୁଝର ଜିଲ୍ଲା ତେଲକୋଇ ବ୍ଲକ ଓଡ଼ିଶା ଜୀବିକା ମିଶନ ବିଭାଗରେ ବ୍ୟାପକ ଅନିୟମିତତା ହେଉଥିବା ଅଭିଯୋଗ ଉଠିଛି। ଓଡ଼ିଶା ଜୀବିକା ମିଶନ ଅଧିକାରୀ (ଓଏଲଏମ) ପଞ୍ଚାୟତ ସ୍ତରରେ ବିଭିନ୍ନ ପଦପଦବୀରେ ଥିବା କର୍ମଚାରୀ ଏମବିକେ, ସିଆରପି, ବ୍ୟାଙ୍କମିତ୍ର ଓ ପ୍ରାଣୀମିତ୍ରଙ୍କୁ ଧରି ସରକାରଙ୍କ ଏହି ଯୋଜନାକୁ ବାଟବଣା କରି ଯୋଜନାର ଅର୍ଥକୁ ମିଳିମିଶି ଆତ୍ମସାତ କରୁଥିବା କେତେକ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ ଅଭିଯୋଗ ଆଣିଛନ୍ତି। ମହିଳା ସ୍ୱୟଂ ସହାୟକ ଗୋଷ୍ଠୀଙ୍କ ପକ୍ଷରୁ ଏହି ସଙ୍ଗୀନ ଅଭିଯୋଗ ହୋଇଛି। ଅନ୍ୟପଟେ କେତେକ ଏମବିକେ ମଧ୍ୟ ଅଭିଯୋଗକାରୀ ମହିଳା ଗୋଷ୍ଠୀ ସଦସ୍ୟଙ୍କୁ ନାଲି ଆଖି ଦେଖାଉଥିବା ଅଭିଯୋଗ ହୋଇଛି। ପଞ୍ଚାୟତର ମହାସଂଘକୁ ସରକାରଙ୍କ ପକ୍ଷରୁ ଆସୁଥିବା ୨୫ ଲକ୍ଷ ଟଙ୍କା, ପ୍ରତି ଆଞ୍ଚଳିକ ମଞ୍ଚ ପାଇଁ ଆସୁଥିବା ଦୁଇ ଲକ୍ଷ ୫୦ ହଜାର ଟଙ୍କା, ପୁଷ୍ଟିକର ଖାଦ୍ୟ ନିମନ୍ତେ ମୋ ବଗିଚା ଯୋଜନାରେ ଆସୁଥିବା ଅର୍ଥକୁ ବିଭାଗୀୟ ଅଧିକାରୀ ପଞ୍ଚାୟତ ସ୍ତରରେ ଥିବା ମହିଳା କର୍ମଚାରୀଙ୍କ ସଲାସୁତୁରାରେ ହଡ଼ପ କରୁଥିବା ଅଭିଯୋଗ ହୋଇଛି।

ଖୁଣ୍ଟାପଡ଼ା ପଞ୍ଚାୟତରୁ ଏହି ଅଭିଯୋଗ ଏବେ ବ୍ଲକର ୨୨ଟି ପଞ୍ଚାୟତକୁ ବ୍ୟାପିଲାଣି। ମିଶନ ଶକ୍ତିର ଏକ ତଦନ୍ତ କାରି ପ୍ରତିନିଧି ଦଳ ପୂର୍ବରୁ ହୋଇଥିବା ଅନିୟମିତତା ଅଭିଯୋଗର ତଦନ୍ତ କରୁଥିବା ବେଳେ ଖୁଣ୍ଟାପଡ଼ା ପଞ୍ଚାୟତର ମହିଳା ଗୋଷ୍ଠୀ, ଜଗମୋହନପୁର ପଞ୍ଚାୟତର କେତେକ ମହିଳା ଗୋଷ୍ଠୀ, ଦେଉଳଡିହା ପଞ୍ଚାୟତର କେତେକ ମହିଳା ଗୋଷ୍ଠୀର କର୍ମକର୍ତ୍ତା ଓ ସଦସ୍ୟ ତଦନ୍ତକାରୀ ଦଳ ନିକଟରେ ବିସ୍ତୃତ ଅଭିଯୋଗ କରିଛନ୍ତି। ଜଗମୋହନପୁର ପଞ୍ଚାୟତରେ କାର୍ଯ୍ୟରତ ଥିବା ଏମ୍‌ବିକେ ମହିଳା ଗୋଷ୍ଠୀର କର୍ମକର୍ତ୍ତା ଓ ସଦସ୍ୟଙ୍କୁ ଅନ୍ଧାର ଭିତରେ ରଖି ମହିଳାଙ୍କ ପାଇଁ ଆସୁଥିବା ବିଭିନ୍ନ ସରକାରୀ ଯୋଜନାର ଅର୍ଥକୁ ଜୀବିକା ମିଶନ ଅଧିକାରୀ ହିମାଂଶୁ ନାୟକଙ୍କ ସହ ବାଟମାରଣା କରୁଥିବା ଅଭିଯୋଗ ହୋଇଛି। କର୍ମକର୍ତ୍ତାମାନେ ମହିଳା ଗୋଷ୍ଠୀଙ୍କୁ ନେଇ ଆଜକୁ ୪ ବର୍ଷରୁ ଊର୍ଦ୍ଧ୍ୱ ହେବ କୌଣସି ବୈଠକ ଆୟୋଜିତ ହୋଇପାରି ନାହିଁ। ଫଳରେ ମହିଳା ଗୋଷ୍ଠୀର ସଦସ୍ୟମାନେ ମିଶନ ଶକ୍ତିର କୌଣସି ସୁଫଳ ପାଇ ପାରୁ ନଥିବା ଅଭିଯୋଗ ହୋଇଛି।

ଅନ୍ୟପଟେ ବ୍ଲକର ବିଭିନ୍ନ ପଞ୍ଚାୟତ ସ୍ତରରେ ମହିଳା ଗୋଷ୍ଠୀଙ୍କ ପାଇଁ ବିଭିନ୍ନ ପ୍ରକାର ଯାନ୍ତ୍ରିକ ୟୁନିଟ ଆସୁଥିବା ବେଳେ କେତେକ ଏମବିକେ ଚଞ୍ଚକତାର ସହ ଯାନ୍ତ୍ରିକ ୟୁନିଟକୁ ହାତେଇ ନିଜ ପାଖରେ ରଖି ବ୍ୟବସାୟ କରୁଥିବା ଅଭିଯୋଗ ହୋଇଛି। କେହି ମହିଳା ଗୋଷ୍ଠୀ ଏ ସମ୍ବନ୍ଧରେ ମୁହଁ ଖୋଲିଲେ ସେମାନଙ୍କୁ ମୁହଁ ବନ୍ଦ କରିବାକୁ ଏମବିକେମାନେ ନାଲିଆଖି ଦେଖାଉଥିବା ଅଭିଯୋଗ ହୋଇଛି। ଏହି ଦୁର୍ନୀତି ଅଭିଯୋଗର ସରଜମିନ ତଦନ୍ତ କରାଯାଇ ଓ ଦୃଢ଼ କାର୍ଯ୍ୟାନୁଷ୍ଠାନ ନିମନ୍ତେ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ ସଦସ୍ୟାମାନେ ଆସିଥିବା ତଦନ୍ତକାରୀ ଦଳ ନିକଟରେ ଦାବି କରିଛନ୍ତି। ଏହାସହ ଜିଲ୍ଲାପାଳ ଏହି ସ୍ୱର୍ଶକାତର ଅଭିଯୋଗ ଉପରେ ସ୍ୱତନ୍ତ୍ର ଭାବେ ଦୃଷ୍ଟି ଦେଇ ଦୋଷୀ ଉପରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ମହିଳାମାନେ ଦାବି କରିଛନ୍ତି।

## ନିର୍ମାଣ ଆରମ୍ଭରୁ ପାଚେରି ଭୁଶୁଡ଼ିଲା



ଆନନ୍ଦପୁର, ୨୫।୧୦ (ସମିସ): ଘସିପୁରା ବ୍ଲକ ଅନ୍ତର୍ଗତ କେଶଦୁରାପାଳ ପଞ୍ଚାୟତରେ ଉନ୍ନତିକରଣ ଯୋଜନାରେ ବଡ଼ଧରଣର ଅନିୟମିତତା ଅଭିଯୋଗ ହୋଇଛି। କାମ ନିମ୍ନମାନର ଯୋଗୁଁ ନିର୍ମାଣାଧୀନ ପାଚେରୀ ଭୁଶୁଡିପଡିଛି। ଫଳରେ ଅଞ୍ଚଳବାସୀ ପ୍ରତିକ୍ରିୟା ପ୍ରକାଶ କରିଛନ୍ତି। ୨୦୨୪/୨୫ ଆର୍ଥିକ ବର୍ଷରେ କେଶଦୁରାପାଳ ମାର୍କେଟ କମ୍ପ୍ଲେକ୍ସର ପଛପାଖ ଗାର୍ଡୱାଲ ପାଚେରି ନିର୍ମାଣ ପାଇଁ ଚାରି ଲକ୍ଷ ଟଙ୍କା ବ୍ୟୟବରାଦ ହୋଇଥିଲା। ଚଳିତ ସପ୍ତାହରେ ଆରମ୍ଭ ହୋଇଥିବା ଏହି ପାଚେରି ଗତ ଶୁକ୍ରବାର ରାତିରେ ଭୁଶୁଡି ପଡିଛି। ନିର୍ମାଣ କାର୍ଯ୍ୟକୁ ନେଇ ସ୍ଥାନୀୟ ଲୋକେ ବ୍ଲକ କର୍ତ୍ତୃପକ୍ଷଙ୍କ ତଦାରଖ ଅଭାବକୁ ଦାୟୀ କରିଥିବା ବେଳେ ଦାୟିତ୍ୱରେ ଥିବା ଯନ୍ତ୍ରୀଙ୍କ ସହିତ ଯୋଗାସୂତ୍ର ସ୍ଥାପନ ହୋଇପାରି ନଥିବାରୁ କୌଣସି ପ୍ରତିକ୍ରିୟା ମିଳିପାରିନାହିଁ।

## ଜେଲରୁ ଫେରାର କଏଦୀ ୧୪ ମାସ ପରେ ଗିରଫ

ମହୁଲଡିହା/କରଞ୍ଜିଆ,୨୫।୧୦(ସମିସ): ଶାଶୂଙ୍କୁ ହତ୍ୟା ଅଭିଯୋଗରେ ଆଜୀବନ କାରାଦଣ୍ଡ ଭୋଗୁଥିବା କଏଦୀ ଜେଲରୁ ଫେରାର ମାମଲା ୧୪ ମାସପରେ ଆସାମୀ ଲକ୍ଷ୍ମଣ ମହାନ୍ତକୁ ଗିରଫ କରିଛନ୍ତି ଠାକୁରମୁଣ୍ଡା ଥାନା ଅଧିକାରିଣୀ ସାବିତ୍ରୀ ଦଳେଇ।



ଆଜୀବନ କାରାଦଣ୍ଡ ଭୋଗୁଥିବା କଏଦୀ ଲକ୍ଷ୍ମଣ ମହାନ୍ତ ୧୧.୬.୨୦୨୪ ମସିହାରେ ଜମାଦାର ଗୁମନ ଜାମୁଦା ତାଙ୍କୁ ଜେଲ ପରିସରରେ ଥିବା ଆମ୍ବ ତୋଳିବାକୁ ନେଇଥିଲେ। ସେ ସେଠାରେ ଆମ୍ବ ତୋଳୁଥିବା ସମୟରେ ଗୁମନ ଜାମୁଦାଙ୍କୁ ଚକମା ଦେଇ ଫେରାର ହୋଇଯାଇଥିବା ବିଷୟରେ ଉପଖଣ୍ଡ ଜେଲର ପ୍ରଦୀପ କୁମାର ମହାଳିକଙ୍କ ଅନୁପସ୍ଥିତିରେ ଉପଖଣ୍ଡ ଭାରପ୍ରାପ୍ତ ଜେଲ ସୁପରିଣ୍ଟେଣ୍ଡେଣ୍ଟ ସୌମ୍ୟରଞ୍ଜନ ନାଏକ କରଞ୍ଜିଆ ଥାନାରେ ଲିଖିତ ଅଭିଯୋଗ କରିଥିଲେ। ଏ ନେଇ କରଞ୍ଜିଆ ଥାନାରେ ମାମଲା ରୁଜୁ ହୋଇଥିଲା। ଭାରପ୍ରାପ୍ତ ଅଧିକାରୀ ନିରୋଦ କୁମାର ମଲ୍ଲିକଙ୍କ ନିର୍ଦ୍ଦେଶ ମତେ ତଦନ୍ତକାରୀ ଅଧିକାରୀ ସବ ଇନ୍ସପେକ୍ଟର ସୁଧାଂଶୁ ସେଠୀ ତଦନ୍ତ ଜାରି ରଖିଥିଲେ। ଠାକୁରମୁଣ୍ଡା ଥାନା ଅଧିକାରିଣୀ ସାବିତ୍ରୀ ଦଳେଇ ଲକ୍ଷ୍ମଣକୁ ଧରିବାକୁ ଚେଷ୍ଟା କରିବାରୁ ସେ ତାମିଲନାଡୁ ପଳାଇଥିଲା। ମଙ୍ଗଳବାର ତାମିଲନାଡୁରୁ ଘରକୁ କାଳୀପୂଜା ବନ୍ଦାଣ ଉତ୍ସବ ପାଳନ ପାଇଁ ଫେରୁଥିବା ଖବର ପାଇ ବିଭିନ୍ନ ସ୍ଥାନରେ ଚଢଉ କରିଥିଲେ। ଶୁକ୍ରବାର ସନ୍ଧ୍ୟା ୮ ଟାରେ ବେଳେ ଠାକୁରମୁଣ୍ଡା ବଜାର ନିକଟ ଏକ ଗ୍ରାମରୁ ଲକ୍ଷ୍ମଣକୁ ଗିରଫ କରାଯାଇ ପୁଲିସକୁ ହସ୍ତାନ୍ତର କରାଯାଇଛି।

## ■ କୈଳାଶ ଚନ୍ଦ୍ର ଅଗ୍ରୱାଲା ସ୍ମୃତିସଭା

# ଅଞ୍ଚଳର ପ୍ରଗତିର ବାହକ ଥିଲେ କେଲାବାବୁ

ବେତନଟୀ, ୨୫।୧୦(ସମିସ): ବିଶିଷ୍ଟ ରାଜନେତା, ପୂର୍ବତନ ବ୍ଲକ ଅଧ୍ୟକ୍ଷ ତଥା ଜିଲ୍ଲା କଂଗ୍ରେସ କମିଟିର ପ୍ରାକ୍ତନ ସଭାପତି ସ୍ୱର୍ଗତ କୈଳାଶ ଚନ୍ଦ୍ର ଅଗ୍ରୱାଲା ଓରଫ କେଲାବାବୁ (୭୫)ଙ୍କ ବିୟୋଗରେ ଏକ ସ୍ମୃତିଚାରଣ ସଭା ତାଙ୍କ ବାସଭବନ ନିକଟରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୟୂରଭଞ୍ଜ ଜିଲ୍ଲା ଏବଂ ବଡସାହି ନିର୍ବାଚନ ମଣ୍ଡଳୀ ସମେତ ବାଲେଶ୍ୱର ଜିଲ୍ଲା ସ୍ତରୀୟ ବିଭିନ୍ନ ରାଜନୈତିକ ଦଳର ନେତୃବୃନ୍ଦ, ପ୍ରାକ୍ତନ ନେତାଗଣ ଉପସ୍ଥିତ ରହି ତାଙ୍କର ରାଜନୈତିକ ଜୀବନ, ସାମାଜିକ ପରିଚୟ ବେତନଟୀକୁ ଆଗକୁ ନେବାର ପ୍ରୟାସ ସମ୍ବନ୍ଧରେ ବିସ୍ତୃତ ଭାବେ ଆଲୋଚନା କରିଥିଲେ। ପ୍ରାରମ୍ଭରେ କେଲା ବାବୁଙ୍କର ଫଟୋଚିତ୍ରରେ ମାଲ୍ୟାର୍ପଣ ଓ ଧୂପଦୀପଦାନ ପରେ ସାମ୍ବାଦିକ ଅରୁଣ କୁମାର ଓତା ପ୍ରାରମ୍ଭିକ ସୂଚନା ଦେଇଥିଲେ। ବରିଷ୍ଠ କଂଗ୍ରେସ ନେତା ପ୍ରକାଶ କର ମହାପାତ୍ର ମଞ୍ଚ ପରିଚାଳନା କରିଥିଲେ। ଏହି ଅବସରରେ ଏକ ଶ୍ରଦ୍ଧାଞ୍ଜଳି ପୁସ୍ତିକା ମଧ୍ୟ ଉନ୍ମୋଚିତ ହୋଇଥିଲା। ପୂର୍ବତନ ସାଂସଦ ସୁଶୀଳା ତିରିଆ, ରବୀନ୍ଦ୍ର କୁମାର ଜେନା ଉପସ୍ଥିତ ଥିଲେ। ପୂର୍ବତନ କେନ୍ଦ୍ରମନ୍ତ୍ରୀ ଶ୍ରୀକାନ୍ତ ଜେନା ଶୋକବାର୍ତ୍ତା ପ୍ରେରଣ କରିଥିଲେ।



ଅନ୍ୟମାନଙ୍କ ମଧ୍ୟରେ ପୂର୍ବତନ ମନ୍ତ୍ରୀ ସରସ୍ୱତୀ ହେମ୍ବ୍ରମ, ବାଲେଶ୍ୱର ଜିଲ୍ଲାର କଂଗ୍ରେସ ସଭାପତି ସତ୍ୟଶିବ ଦାସ, ପୂର୍ବତନ ବିଧାୟକ ଗଣେଶ୍ୱର ପାତ୍ର, ମନୋରଞ୍ଜନ ସେଠୀ, ପୂର୍ବତନ ବିଧାୟିକା ପ୍ରମିଳା ଗିରି ଉପସ୍ଥିତ ଥାଇ ସ୍ମୃତିଚାରଣ କରିଥିଲେ। ପୂର୍ବତନ ଜିଲ୍ଲା କଂଗ୍ରେସ ସଭାପତି ତଥା ଆଇନଜୀବୀ ହିମାଂଶୁ କୁମାର ପରିଡା ଓ ନୀରୋଜ ଲୋଚନ ଦାଶ, ବରିଷ୍ଠ ସାମ୍ବାଦିକ ହରିଶ ଚନ୍ଦ୍ର ନନ୍ଦ ଗୋସ୍ୱାମୀ, ପୂର୍ବତନ ବଡ଼ସାହି ବ୍ଲକ୍ ଅଧ୍ୟକ୍ଷ ମନୋରଂଜନ ବଳ, ପୂର୍ବତନ ଜିଲ୍ଲା ପରିଷଦ ସଦସ୍ୟ ସୁନୀଲ କୁମାର ଦାଶ ଓ ଯାମିନୀକାନ୍ତ ନାଏକ, ରାଷ୍ଟ୍ରପତି ପୁରସ୍କୃତ ଶିକ୍ଷକ ତଥା ଶିକ୍ଷକ ନେତା ସଚ୍ଚିଦାନନ୍ଦ ମହାନ୍ତି, ପୂର୍ବତନ ପ୍ରାଥମିକ ଶିକ୍ଷକ ନେତା ଜୟନ୍ତ କୁମାର ପଟ୍ଟନାୟକ, ବେତନଟୀ ମହାବିଦ୍ୟାଳୟ ଅଧ୍ୟକ୍ଷ ମନୋରଂଜନ ମହାନ୍ତ ଓ ମନୋରଂଜନ ଲେଙ୍କା, ରମଣୀ ରଞ୍ଜନ ଧର ମହାପାତ୍ର, ଡଃ ରମାକାନ୍ତ ମହାନ୍ତ, ବାସୁଦେବ ନାପିତ, ସନ୍ତୋଷ କୁମାର ଖଣ୍ଡା ପ୍ରମୁଖ ସ୍ମୃତିଚାରଣ କରିଥିଲେ। ବେତନଟୀ ମାନବିକ ଅଧିକାର ମିଶନ ତରଫରୁ ଏକ ଫଟୋଚିତ୍ର ଓ ଫୋର୍ଡ ସଂସ୍ଥା ତରଫରୁ ଏକ ଚାରା ପ୍ରଦାନ କରାଯାଇଥିଲା। ଏକମାତ୍ର ପୁତ୍ର ସିଦ୍ଧାର୍ଥ ଅଗ୍ରୱାଲା ମଧ୍ୟ ଉପସ୍ଥିତ ଥିଲେ।

## ଡ୍ରାଇଭର ମହାସଙ୍ଘର ମାଗଣା ଚକ୍ଷୁ ପରୀକ୍ଷା ଶିବିର

ଶୁଳିଆପଦା,୨୫।୧୦(ସମିସ): ଶୁଳିଆପଦା ବ୍ଲକ୍ ଦେଉଳି ପଞ୍ଚାୟତ ଅଧିନ ଖଇଖିଆ ଛକରେ ଶୁଳିଆପଦା ଡ୍ରାଇଭର ସଙ୍ଘ ପକ୍ଷରୁ ଏକ ମାଗଣା ଚକ୍ଷୁ ଚିକିତ୍ସା ଶିବିର ଅନୁଷ୍ଠିତ ହୋଇଯାଇଛି। ଶିବିରରେ ୮୩ ଜଣ ଡ୍ରାଇଭର ଯୋଗଦେଇ ଚକ୍ଷୁ ପରୀକ୍ଷା କରିଥିଲେ ଏବଂ ୪୪ ଜଣ ଡ୍ରାଇଭରଙ୍କୁ ମାଗଣାରେ ଚଷମା ଓ ୨୦ ଜଣଙ୍କୁ ଔଷଧ ଓ ଡ୍ରପ୍ ଦିଆଯାଇଥିଲା। ଶିବିରରେ ଶୁଳିଆପଦା ବ୍ଲକ୍ ଡ୍ରାଇଭର ମହାସଙ୍ଘର ସଭାପତି ଦିନା ମୁର୍ମୁ, ସମ୍ପାଦକ ପ୍ରଦୀପ ବେହେରା, ଉପ ସଭାପତି ବିରେନ୍ଦ୍ର ବେହେରା ପ୍ରମୁଖ ଉପସ୍ଥିତ ଥିଲେ। ରାସଗୋବିନ୍ଦପୁର ମହାତ୍ମାଗାନ୍ଧୀ ଚକ୍ଷୁ ଚିକିତ୍ସାଳୟର କୋର୍ଡିନେଟର ରଞ୍ଜନ କୁମାର ନାୟକ, ଅପଟୋମେଟ୍ରିଷ୍ଟ ଶ୍ରୀଜିତା ରାୟ, ଗୀତା ମୁର୍ମୁ ଓ ଅର୍ମିଳା ମହାନ୍ତ ପ୍ରମୁଖ ଚକ୍ଷୁ ପରୀକ୍ଷା କରିଥିଲେ।

## ଗୋଠଛଡା ଦନ୍ତାର ଉତ୍ପାତ; ବସ୍‌କୁ ଶୁଣ୍ଢରେ ଠେଲିଲା

ବେତନଟୀ,୨୫।୧୦(ସମିସ): ବେତନଟୀ ବ୍ଲକ ଅନ୍ତର୍ଗତ ଭୁର୍କୁଣ୍ଡି ଛକରେ ଏକ ଗୋଠଛଡା ଦନ୍ତା ଯାତ୍ରୀବାହୀ ବସକୁ ଗୋଡ଼ାଇବା ସହିତ ଶୁଣ୍ଢରେ ଠେଲି ଆକ୍ରମଣ କରିଛି; ହେଲେ ବସ୍‌ର ସମସ୍ତ ଯାତ୍ରୀ ବର୍ତ୍ତି ଯାଇଛନ୍ତି। ଯାତ୍ରୀମାନେ ହାତୀକୁ ଦେଖି ଭୟଭୀତ ହୋଇପଡିଥିଲେ। ସୂଚନା ଅନୁସାରେ ଆଜି ଭୋରୁ ଏକ ୧୮ ଟିକିଆ ହାତୀପଲ ବେତନଟୀ ବ୍ଲକ ମୁକ୍ତାପୁର ଦେଇ ଛୋଟରାୟପୁର, ମନ୍ତ୍ରାପାଳ ଜଙ୍ଗଲରେ ପ୍ରବେଶ କରିଥିଲେ। ସେମାନଙ୍କ ମଧ୍ୟରୁ ଏକ ହାତୀ ଗୋଠ ଛଡା ହୋଇ ପୁରିନ୍ଦା ଭୁରକୁଣ୍ଡିଠାରେ ଅଟକି ରହିଯାଇଥିଲା। ପରେ ହାତୀଟି ଜନବସତି ଭିତରକୁ ପ୍ରବେଶ କରି ଭୁରକୁଣ୍ଡି ଛକରେ ବହୁ ଲୋକଙ୍କୁ ଦେଖି ରାଗିଯାଇଥିଲା। ପୂର୍ବରୁ ଛକ ଉପରେ ଠିଆ ହୋଇଥିବା ମେର୍ଦାରୁ ବେତନଟୀ ଆସୁଥିବା ଏକ ଯାତ୍ରୀବାହୀ ବସକୁ ଗୋଡ଼ାଇ ଥିଲା ଏବଂ ଶୁଣ୍ଢରେ ବସକୁ ଠେଲିବାକୁ ଚେଷ୍ଟା କରିଥିଲା। ସ୍ଥାନୀୟ ଲୋକେ ହାତୀଟିକୁ ଘଉଡାଇ ଦେଇଥିବାରୁ ୫୦ରୁ ଅଧିକ ଯାତ୍ରୀ ବର୍ତ୍ତି ଯାଇଥିଲେ। ପରେ ହାତୀଟିକୁ ଜଙ୍ଗଲକୁ ଘଉଡ଼ାଇ ଦିଆଯାଇଛି।




## ପ୍ରଶାସନ ଶୁଣିଲାନି; ରାସ୍ତା ମରାମତି କଲେ ଗ୍ରାମବାସୀ

ବହଳଦା, ୨୫।୧୦ (ସମିସ): ବହଳଦା ବ୍ଲକ ଅନ୍ତର୍ଗତ ଗିଦିଘାଟୀ ଗ୍ରାମପଞ୍ଚାୟତ ହେଁସଡା-ଇଚାଡିହି ରାସ୍ତା ଶୋଚନୀୟ ଅବସ୍ଥାରେ ଥିବାବେଳେ ନିଜ ଉଦ୍ୟମରେ ଗାଁ ରାସ୍ତା ମରାମତି କରିଛନ୍ତି ଗ୍ରାମବାସୀ। ସୂଚନା ଅନୁସାରେ ଗିଦିଘାଟୀ ଗ୍ରାମର ପଡାଗ୍ରାମ ହେଁସଡାରୁ ଇଚାଡିହି ଗ୍ରାମକୁ ସଂଯୋଗ କରୁଥିବା କଚ୍ଚା ରାସ୍ତା ମରାମତି ଅଭାବରୁ ବିପର୍ଯ୍ୟସ୍ତ ହୋଇପଡିଥିଲା। ବର୍ଷା ସମୟରେ ଅତି ଶୋଚନୀୟ ହୋଇଥିଲା। ଫଳରେ ଇଚାଡିହି ଗାଁ ଏକ ପ୍ରକାର ଅପହଞ୍ଚ ହୋଇଯାଇଥିଲା। ଏନେଇ ବାରମ୍ବାର ଅଭିଯୋଗ ସତ୍ତ୍ୱେ ପ୍ରଶାସନ ପକ୍ଷରୁ କୌଣସି କାର୍ଯ୍ୟାନୁଷ୍ଠାନ ନହେବାରୁ ଗ୍ରାମବାସୀ ନିଜ ଉଦ୍ୟମରେ ମୋରମ ମାଟି ଓ ପଥର ପକାଇ ନିଜେ ମରାମତି କରିଛନ୍ତି। ସାଲଖୁ ମାର୍ଣ୍ଡି, ପରେଶ ଚନ୍ଦ୍ର ହାଁସଦାଃ, ସୁବାସ ପାତ୍ର ଓ ଜାସେନ ମୁର୍ମୁ ପ୍ରମୁଖଙ୍କ ନେତୃତ୍ୱରେ ଗ୍ରାମବାସୀ ଶ୍ରମଦାନ କରି ଖାଲଖମା ଓ କାଦୁଅ ସ୍ଥାନରେ ପଥର ଓ ନାଲି ଗୋଡି ମାଟି ପକାଇ ରାସ୍ତା ମରାମତି କରିଛନ୍ତି। ରାସ୍ତାର ସର୍ବେକ୍ଷଣ କରାଯାଇ ଏହି ରାସ୍ତାର ଉନ୍ନତି କରଣ କରାଯିବାକୁ ସାଧାରଣରେ ଦାବି ହେଉଛି।



## ବନ୍ଦ ଘୋଷିତ ବିଦ୍ୟାଳୟ ଜରାଜୀର୍ଣ୍ଣ; କୁହୁଳୁଛି ଜନଅସନ୍ତୋଷ

ଖୁଣ୍ଟି, ୨୫।୧୦(ସମିସ): ସରକାରଙ୍କ ବିଭିନ୍ନ ଶିକ୍ଷା ଯୋଜନାରେ 'ସମସ୍ତଙ୍କ ପାଇଁ ଶିକ୍ଷା, ସଭିଏଁ ପଢନ୍ତୁ, ସଭିଏଁ ବଢନ୍ତୁ' ହେଉଛି ସମଗ୍ର ଶିକ୍ଷା ଅଭିଯାନର ଏକ ଅଭିନବ ସ୍ଲୋଗାନ; ମାତ୍ର ବାସ୍ତବ ସ୍ଥିତି ସମ୍ପୂର୍ଣ୍ଣ ଅଲଗା। ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗର ନିର୍ଦ୍ଦେଶନାମା ଅନୁଯାୟୀ କିଛି ବର୍ଷ ତଳେ ଆବଶ୍ୟକୀୟ ସଂଖ୍ୟକ ଛାତ୍ରଛାତ୍ରୀ ଅଭାବ ଦର୍ଶାଯାଇ ବହୁ ପ୍ରାଥମିକ ବିଦ୍ୟାଳୟକୁ ବନ୍ଦ କରାଯାଇ ନିକଟସ୍ଥ ସ୍କୁଲରେ ମିଶାଇ ଦିଆଗଲା। ଫଳରେ ଲକ୍ଷାଧିକ ଟଙ୍କା ବ୍ୟୟରେ ନିର୍ମିତ ବିଦ୍ୟାଳୟ କୋଠାଗୁଡିକ ରକ୍ଷଣାବେକ୍ଷଣ ଅଭାବରୁ କ୍ରମଶଃ ଶ୍ରୀହୀନ ହେବାକୁ ବସିଲାଣି। ଏଭଳି ଏକ ଦୃଶ୍ୟ ଦେଖିବାକୁ ମିଳିଛି ମୟୂରଭଞ୍ଜ ଜିଲ୍ଲାର ଶୁକୃଳି ବ୍ଲକ ଅନ୍ତର୍ଗତ ଉତ୍ତରପୋଷି ପ୍ରାଥମିକ ବିଦ୍ୟାଳୟରେ। ବନ୍ଦ ଘୋଷିତ ହେବା ଦିନଠାରୁ ଏହି ବିଦ୍ୟାଳୟର କୋଠା ଅବ୍ୟବହୃତ ହୋଇ ପଡିରହିଛି। ଏଥିପ୍ରତି ବିଭାଗୀୟ ଅଧିକାରୀଙ୍କ ଦୃଷ୍ଟି ପଡୁ ନ ଥିବା ଯୋଗୁଁ ପରିତ୍ୟକ୍ତ ଓ ଜରାଜୀର୍ଣ୍ଣ ଅବସ୍ଥାରେ ରହିଛି। ପାଚେରୀ ସମେତ ଫାଟକ ମେଲା ଥିବାରୁ ବିଦ୍ୟାଳୟ ପରିସର ଅସାମାଜିକ ଲୋକଙ୍କ ଆ‡ାସ୍ଥଳୀ ଓ ଗାଇ ଗୋରୁଙ୍କ ଆଶ୍ରୟସ୍ଥଳ ପାଲଟିଛି।



# ସମ୍ଭାବ୍ୟ ବାତ୍ୟା ଓ ବର୍ଷାକୁ ନେଇ ପ୍ରଶାସନର ପ୍ରସ୍ତୁତି ବୈଠକ

ବାରିପଦା, ୨୫।୧୦(ସମିସ):



ମୟୂରଭଞ୍ଜ ଜିଲ୍ଲାରେ ସମ୍ଭାବ୍ୟ ବାତ୍ୟା ଏବଂ ବୃଷ୍ଟିପାତକୁ ଦୃଷ୍ଟିରେ ରଖି ଜିଲ୍ଲାପାଳ ହେମକାନ୍ତ ସଏଙ୍କ ଅଧ୍ୟକ୍ଷତାରେ ଆଭାସୀ ମାଧ୍ୟମରେ ଏକ ପ୍ରାକପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ବାତ୍ୟାର ସମ୍ଭାବନା ରହୁଥିବାରୁ ଜିଲ୍ଲାରେ ସମସ୍ତ ପ୍ରକାର ଆପଦକାଳୀନ ପ୍ରସ୍ତୁତି ବ୍ୟବସ୍ଥା ପ୍ରତି ଧ୍ୟାନ ଦେବାପାଇଁ ବିଭାଗୀୟ ଅଧିକାରୀଙ୍କୁ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଛନ୍ତି। ଏଥି ନିମନ୍ତେ ସମ୍ବେଦନଶୀଳ ତହସିଲ, ବ୍ଲକ ଏବଂ ଗ୍ରାମ ପଞ୍ଚାୟତ ଯଥା ବଡ଼ସାହି, ବେତନଟୀ, ଖୁଣ୍ଟା, ରାସଗୋବିନ୍ଦପୁର, ମୋରଡା, ଶାମାଖୁଣ୍ଟା, ସାରସକଣା, କପ୍ତିପଦା, ଉଦଳା ବ୍ଲକ ଅଞ୍ଚଳର ବିଭିନ୍ନ ସ୍ଥାନ ପାଇଁ ଜିଲ୍ଲା ପ୍ରଶାସନ ପର୍ଯ୍ୟାପ୍ତ ପରିମାଣରେ ପୂର୍ବ ବ୍ୟବସ୍ଥା କରିଥିବା ବେଳେ ସମ୍ଭାବ୍ୟ ବର୍ଷାରେ ବନ୍ୟାପ୍ଲାବିତ ହେବାକୁ ଥିବା ଅଞ୍ଚଳରେ ମଧ୍ୟ ସମସ୍ତ ଜରୁରୀକାଳୀନ ବ୍ୟବସ୍ଥା କାର୍ଯ୍ୟକାରୀ ହେବା ନେଇ ଜିଲ୍ଲାପାଳ ସୂଚନା ଦେଇଛନ୍ତି। ବୁଢ଼ାବଳଙ୍ଗ ଏବଂ ସୁବର୍ଣ୍ଣରେଖା ନଦୀ ଅବବାହିକାରେ ଅବସ୍ଥିତ ଗ୍ରାମ ଗୁଡିକ ବନ୍ୟା ଦ୍ୱାରା ପ୍ରଭାବିତ ହେବାର ପରିସ୍ଥିତି ଆଶଙ୍କା ରହିଥିବାରୁ ଜନସାଧାରଣଙ୍କୁ ଉପଯୁକ୍ତ ସୁରକ୍ଷିତ ସ୍ଥାନକୁ ସ୍ଥାନାନ୍ତରୀକରଣ କରିବା ବ୍ୟବସ୍ଥା କରିବା ପାଇଁ ସମ୍ପୃକ୍ତ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଏପରିକି ଆବଶ୍ୟକ ସ୍ଥଳେ ସ୍କୁଲ ଏବଂ କଲେଜ ମଧ୍ୟ ବନ୍ଦ ରଖିବାକୁ ମଧ୍ୟ ନିର୍ଦ୍ଦେଶ ଦିଆଯାଇପାରେ ବୋଲି ସେ ସୂଚିତ କରିଛନ୍ତି। ଉଦ୍ଧାର ଓ ସ୍ଥାନାନ୍ତର କାର୍ଯ୍ୟରେ ସହାୟତା ନିମନ୍ତେ ସମସ୍ତ ଅଗ୍ନିଶମ କେନ୍ଦ୍ର ପ୍ରସ୍ତୁତ ରହିବେ। ସମସ୍ତ ବିଡ଼ିଓ, ତହସିଲଦାର, ରାଜସ୍ୱ ନିରୀକ୍ଷକ ଓ ପୌରପାଳିକା ଓ ଏନଏସି ନିର୍ବାହୀ ଅଧିକାରୀଙ୍କୁ ବିପର୍ଯ୍ୟୟ ପ୍ରବଣ ଗ୍ରାମ ଓ ବାସସ୍ଥାନ ପାଇଁ ସ୍ଥାନାନ୍ତର ଯୋଜନା ପ୍ରସ୍ତୁତ କରିବା ପାଇଁ ଆଦେଶ ଦିଆଯାଇଛି। ସେହିପରି ପର୍ଯ୍ୟାପ୍ତ ଜଳ ଯୋଗାଣ, ନିରବଚ୍ଛିନ୍ନ ବିଦ୍ୟୁତ ଯୋଗାଣ ତଥା ଆଲୋକୀକରଣ, ପରିମଳ ବ୍ୟବସ୍ଥା ଏବଂ ମୌଳିକ ସୁବିଧା ଉପଲବ୍ଧ କରାଯିବ। ଶୁଖିଲା ଖାଦ୍ୟ ଓ ଶିଶୁ ଖାଦ୍ୟ ସମେତ ପର୍ଯ୍ୟାପ୍ତ ପରିମାଣରେ ଖାଦ୍ୟ ସାମଗ୍ରୀ ମହଜୁଦ ରଖିବା ପାଇଁ ବ୍ୟବସ୍ଥା କରାଯିବ ବୋଲି କହିଛନ୍ତି। ସମସ୍ତ ଓଡ୍ରାଫ ଟିମଙ୍କୁ ମହଜୁଦ ରଖି ଉଦ୍ଧାର କାର୍ଯ୍ୟରେ ନିୟୋଜିତ କରିବା, ପର୍ଯ୍ୟାପ୍ତ ସଂଖ୍ୟକ ଡିଜି ସେଟ, ଯେସିବି ସହ ଆବଶ୍ୟକୀୟ ପରିମାଣର ପାନୀୟ ଜଳ ବୋତଲ ମହଜୁଦ ଏବଂ ସମସ୍ତ ଜରୁରୀକାଳୀନ ପରିସ୍ଥିତିରେ ଜନ ସାଧାରଣ ମାନଙ୍କ ପାଖରେ ପହଞ୍ଚିବା ଭଳି କାର୍ଯ୍ୟ କରିବା ପାଇଁ ପ୍ରସ୍ତୁତ ରହିବା ପାଇଁ ଜିଲ୍ଲାପାଳ ଶ୍ରୀ ସଏ କହିଛନ୍ତି। ଗର୍ଭବତୀ, ଛୋଟ ଶିଶୁ, ବୃଦ୍ଧ ବୃଦ୍ଧା ଭିନ୍ନକ୍ଷମଙ୍କୁ ସୁରକ୍ଷିତ ଜାଗାକୁ ସ୍ଥାନାନ୍ତରଣ ଉପରେ ମଧ୍ୟ ଗୁରୁତ୍ୱ ଦିଆଯାଇଛି। କଚ୍ଚା ଘର କିମ୍ବା ବିପଦ ସଂକୁଳ ଘରରୁ ଲୋକଙ୍କୁ ଉଦ୍ଧାର କରି ବାତ୍ୟା ଆଶ୍ରୟ ସ୍ଥଳୀକୁ ସ୍ଥାନାନ୍ତର ଉପରେ ଗୁରୁତ୍ୱ ଦିଆଯାଇଛି। କୌଣସି ଅଧିକାରୀ ଏବଂ କର୍ମଚାରୀଙ୍କୁ କାର୍ଯ୍ୟ ମୁଖ୍ୟାଳୟ ନ ଛାଡ଼ିବା ପାଇଁ ମଧ୍ୟ ଜିଲ୍ଲାପାଳ ଆଦେଶ ଦେଇଛନ୍ତି। ଜିଲ୍ଲା ଜରୁରୀକାଳୀନ ବିଭାଗ ପକ୍ଷରୁ ଆୟୋଜିତ ବୈଠକରେ ଜିଲ୍ଲା ଆରକ୍ଷୀ ଅଧିକ୍ଷକ ବରୁଣ ଗୁଣ୍ଟୁପାଲ୍ଲୀ, ଅତିରିକ୍ତ ଜିଲ୍ଲାପାଳ ନେତ୍ରାନନ୍ଦ ମଲ୍ଲିକ, ଅତିରିକ୍ତ ଜିଲ୍ଲାପାଳ ଦୁଖବନ୍ଧୁ ନାୟକ, ବାରିପଦା ଉପଜିଲ୍ଲାପାଳ, ବାରିପଦା ତହସିଲଦାର, ପୌର ପାଳିକା ନିର୍ବାହୀ ଅଧିକାରୀ, ପୂର୍ତ୍ତ ବିଭାଗ ଅଧିକ୍ଷଣ ଯନ୍ତ୍ରୀ, ଜିଲ୍ଲା ଜରୁରୀ କାଳୀନ ଅଧିକାରିଣୀ ପ୍ରମୁଖ ବହୁ ଅଧିକାରୀ ଉପସ୍ଥିତ ଥିଲେ।

ଟେଲିଭିଜନ ପ୍ରିମିୟର




# 'ଅନନ୍ତା'

ଜୀ ସାର୍ଥକରେ ଅକ୍ଟୋବର ୨୬ ତାରିଖ ସନ୍ଧ୍ୟା ୬ଟା ୩୦ରେ ଟେଲିଭିଜନ ପ୍ରିମିୟର ହେବ ଓଡ଼ିଆ ବ୍ଲକ୍‌ବଷ୍ଟର୍ ଫିଲ୍ମ 'ଅନନ୍ତା'। ବ୍ୟାସକବି ଫକୀର ମୋହନ ସେନାପତିଙ୍କ କାଳଜୟୀ ସୃଷ୍ଟି 'ରାଣ୍ଡୀପୁଅ ଅନନ୍ତା' ଅବଲମ୍ବନରେ ତିଆରି ଏହି ଫିଲ୍ମ 'ଅନନ୍ତା'ର ମୌଳିକ କାହଣୀଟି ରଜରେ ଦର୍ଶକଙ୍କୁ ହଲକୁ ଟାଣିଥିଲା। ଅନେକ ଦର୍ଶକ ଏହି ଚଳଚ୍ଚିତ୍ରର 'ଅନନ୍ତା'କୁ ଦେଖି ଭାବୁକ ହୋଇଥିଲେ ଓ କିଛି ଫିଲ୍ମ ହଲ୍‌ରେ ମଧ କାନ୍ଦି ପକାଇଥିଲେ । ତେବେ ଅନନ୍ତା ଚଳଚ୍ଚିତ୍ର ବଡ଼ ପରଦରେ ଅପୂର୍ବ ସଫଳତା ପରେ ପ୍ରଥମ ଥର ଫିଲ୍ମର ୱାର୍ଲ୍ଡ ଟିଭି ପ୍ରିମିୟର ଆଜି ହେବ। ଏହି ଫିଲ୍ମରେ ସବ୍ୟସାଚୀଙ୍କ ବିପକ୍ଷରେ ଅଛନ୍ତି ସୂର୍ଯ୍ୟମୟୀ ମହାପାତ୍ର। ଏମାନଙ୍କ ବ୍ୟତୀତ କୁନା ତ୍ରିପାଠୀ, ଜ୍ୟୋତିର୍ମୟୀ ପଣ୍ଡା, ପୃଥ୍ୱୀରାଜ ନାୟକ ଓ ତାପସ ସରଘରିଆ ପ୍ରମୁଖ ଗୁରୁତ୍ୱପୂର୍ଣ୍ଣ ଭୂମିକାରେ ଅଭିନୟ କରିଛନ୍ତି। ଫିଲ୍ମର ନିର୍ଦ୍ଦେଶନା ଦେଇଛନ୍ତି ସବ୍ୟସାଚୀ ମହାପାତ୍ର ଓ କୁମାର ସି.ଦେବ ମହାପାତ୍ର ।

# ନଭେମ୍ବରରେ ନାଟ୍ୟାଭିନୟ
# ବାଲିଯାତ୍ରା



ପ୍ରାଚୀନ କଳିଙ୍ଗର ସୁପ୍ରସିଦ୍ଧ ସାଧବମାନଙ୍କର ସ୍ୱର୍ଣ୍ଣିମ ଇତିହାସର ଏକ ଧାର୍ମିକ ନାଟ୍ୟାଭିନୟ ହେଉଛି 'ବାଲିଯାତ୍ରା'। ସାଧବମାନଙ୍କର ଅସାଧାରଣ ଅନୁଭୂତିକୁ ମୂର୍ତ୍ତିମନ୍ତ କରିବାର ଏକ ଅଭିନବ ପ୍ରୟାସ। ପୂଜ୍ୟ ଗୁରୁଜୀ ଚନ୍ଦ୍ରଭାନୁ ଶତପଥୀଙ୍କ କାବ୍ୟାତ୍ମକ ଅନୁସୃଜନ ଉପରେ ଆଧାରିତ ଗୌରବୋଜ୍ୱଳ ନାଟ୍ୟରୂପାନ୍ତରଣ ହେଉଛି 'ବାଲିଯାତ୍ରା'। ଯାହାର ପରିକଳ୍ପନା ଓ ଗୀତ ରଚନା ସାଙ୍ଗକୁ ସଙ୍ଗୀତ ନିର୍ଦ୍ଦେଶନାର ଗୁରୁ ଦାୟିତ୍ୱ ବହନ କରିଛନ୍ତି ନିଜେ ଗୁରୁଜୀ ଚନ୍ଦ୍ରଭାନୁ ଶତପଥୀ ଏବଂ ନିର୍ଦ୍ଦେଶନା ଦେଇଛନ୍ତି ବିନି ସାମଲ। ସାଇଶ୍ରଦ୍ଧା ପ୍ରଡକ୍ସନ ଦ୍ୱାରା ପ୍ରସ୍ତୁତ ଏହି ନାଟ୍ୟାଭିନୟକୁ ଦେଶବିଦେଶରେ ପହଞ୍ଚାଇବା ତଥା ଅତୀତର ଗୌରବ ଗାଥାକୁ ପୁନର୍ଜୀବିତ କରିବା ଲାଗି ବିନି ସାମଲଙ୍କର ଏହା ଅନନ୍ୟ ପ୍ରୟାସ। ଏଥିରେ ଅଶ୍ରୁମୋଚନ ମହାନ୍ତି, ଶ୍ରୀତମ ଦାସ, ସୁକାନ୍ତ ରଥ, ଅଖିଳ ପଟ୍ଟନାୟକ, ସାହେବ ସିଂ, ସୋହମ, ଶୁଭାଶିଷ, ଶକ୍ତି ବରାଳ, ଶମ୍ଭୁ ଖୁଣ୍ଟିଆ, ମିଲୁ, ହିତୈଶା ବାଗ, ଲଭରିନ ଖାନ, ସୌମ୍ୟା ସୁଚରିତା ସାହୁ, ସୁଶ୍ରୀ ସଙ୍ଗୀତା ବେହେରା, ମାମାଲି ସାହୁ, ଲିପ୍ସା ମହାରଣା ଓ ପ୍ରିୟଙ୍କା ସାହୁ ପ୍ରମୁଖ ଅଭିନୟ କରିଛନ୍ତି। ସେହିପରି ପାରିକୁଦ ଓ ଭିଙ୍ଗାରପୁର ଠାରେ ଏହାର ସୁଟିଂ ଚାଲିଥିବା ବେଳେ କୋରିଓଗ୍ରାଫି ଦାୟିତ୍ୱ ନିର୍ବାହ କରୁଛନ୍ତି ବବି ଇସଲାମ୍। ତବେ ଆସନ୍ତା ନଭେମ୍ବର ୫ ତାରିଖରେ ଉତ୍କଳ ମଣ୍ଡପରେ ଏହା ରାଜ୍ୟପାଳଙ୍କ ଦ୍ୱାରା ଲୋକାର୍ପିତ ହେବ। ଗୁରୁ ଚନ୍ଦ୍ରଭାନୁ ଶତପଥୀଙ୍କ ମାର୍ଗଦର୍ଶନ ଓ ବିନି ସାମଲଙ୍କ ପ୍ରଚେଷ୍ଟାରେ 'ଶ୍ରୀଜଗନ୍ନାଥଙ୍କ ନବକଳେବର'ର ସଫଳତା ପରେ ଏଥର 'ବାଲିଯାତ୍ରା'ର ନାଟ୍ୟାଭିନୟ ଦର୍ଶକଙ୍କୁ ବେଶ୍ ଆକୃଷ୍ଟ କରିବ ବୋଲି 'ବାଲିଯାତ୍ରା'ର ଟିମ୍ ଆଶାବ୍ୟକ୍ତ କରିଛନ୍ତି।

# ଆଓ ନେକ୍ସଟ୍‌ରେ 'କର୍ମ'




ପୂର୍ବ ଭାରତର ଲୋକପ୍ରିୟ ଓ ପ୍ରିମିୟମ୍ ଓଟିଟି ଷ୍ଟ୍ରିମିଂ ପ୍ଲାଟଫର୍ମ ଆଓ ନେକ୍ସଟ୍‌ରେ ଅକ୍ଟୋବର ୨୧ରୁ ଉପଲବ୍ଧ ହୋଇସାରିଛି ସୁପରହିଟ୍ ଫିଲ୍ମ 'କର୍ମ'। ୨୦୨୪ ଦଶହରାରେ ସୁନାମୀ ଆଣିଥିଲା ଏହି ଫିଲ୍ମ। ଧରାପୃଷ୍ଠରେ ଜନ୍ମ ନେଇ ଈଶ୍ୱର ମଧ ନିଜ କର୍ମର ଫଳ ନିଜେ ଭୋଗିଛନ୍ତି। ଯେଉଁଠି ଈଶ୍ୱର କର୍ମଫଳ ଭୋଗୁଛନ୍ତି, ସେଠି ମଣିଷ ବା ବର୍ତ୍ତିଯିବ କେମିତି? ଯିଏ ଯେମିତି କର୍ମ କରିବ, ସେ ତା'ର ଫଳ ନିଶ୍ଚୟ ପାଇବ। ଏଭଳି ଏକ ବାର୍ତ୍ତା ନେଇ ନିର୍ମିତ 'କର୍ମ'। ଫିଲ୍ମରେ ସୁପରଷ୍ଟାର୍ ଅନୁଭବ ମହାନ୍ତି ମୁଖ୍ୟ ଚରିତ୍ରରେ ନଜର ଆସିଥିବା ବେଳେ ତାଙ୍କ ବିପକ୍ଷରେ ଅଭିନେତ୍ରୀ ସୂର୍ଯ୍ୟମୟୀ ମହାପାତ୍ର ନଜର ଆସିଛନ୍ତି । ଏହି ଫିଲ୍ମରେ ପ୍ରଥମ ଥର ପାଇଁ ଅନୁଭବ ଓ ସୂର୍ଯ୍ୟମୟୀଙ୍କ ଯୋଡ଼ିକୁ ଦେଖିବାକୁ ମିଳିଛି । ଅନ୍ୟ ଭୂମିକାରେ ଅଭିନେତ୍ରୀ ଦିବ୍ୟା ଚୌଧୁରୀ, ଜୟ ପ୍ରକାଶ, ନିଶାନ୍ତ ମଜିଠିଆ, ଉଦିତ ଗୁରୁ ରହିଥିବା ବେଳେ ସନୋଜ ଓ ମନ୍ମୟ ଦେ ଏହି ଫିଲ୍ମ ସହ ଡେବ୍ୟୁ କରିଛନ୍ତି।

# 'ଶମ୍ଭୁ'ର ଅଡିଓ ରିଲିଜ୍



ନିକଟରେ ଇମେଜ୍ କ୍ୟାମ୍ପସରେ ଓଡ଼ିଆ ସିନେମା 'ଶମ୍ଭୁ'ର ଅଡିଓ ଏବଂ ଟ୍ରେଲର ରିଲିଜ୍ ହୋଇଯାଇଛି। ଏଥିରେ ନିର୍ଦ୍ଦେଶକ ଦିଲୀପ ପଣ୍ଡା, ପ୍ରଯୋଜକ ବିଭୂତି ଭୂଷଣ ଜେନା, ସହ ପ୍ରଯୋଜକ ଅଭିଷେକ୍ ଜେନା, ସଂଳାପକାର ଡଃ ରଜନୀ ରଞ୍ଜନ, ସଂଗୀତ ନିର୍ଦ୍ଦେଶକ ଦୀପକକୁମାର ଏବଂ ଶୁଭମ୍, ହରିହର ମହାପାତ୍ର, ଡିସ୍କୋ ରେଡ୍ଡି , ସୁଧାକର ବସନ୍ତ , ଜୀବନ ପଣ୍ଡା ପ୍ରମୁଖ କଳାକାରମାନେ ଉପସ୍ଥିତ ଥିଲେ। ଏହି ସିନେମାରେ ଶୁଭମଙ୍କ ସହ ତମନ୍ନା ବ୍ୟାସ ଏବଂ ଯାତ୍ରା ଜଗତର ସୁପର୍ ଷ୍ଟାର ପୀୟୂଷ ତ୍ରିପାଠୀ ବି ନଜର ଆସିବେ। ଏହାର ମ୍ୟୁଜିକ୍ ରାଇଟସ୍ ଆମର ମ୍ୟାଜିକ୍ ନେଇଛି। ଫିଲ୍ମଟି ଅକ୍ଟୋବର ୩୧ ତାରିଖରେ ପ୍ରେକ୍ଷାଳୟରେ ରିଲିଜ୍ ହେବ ବୋଲି ପ୍ରଯୋଜନା ସଂସ୍ଥା ପକ୍ଷରୁ କୁହାଯାଇଛି।

ପରଦା ପଛର କାହାଣୀ




# ଗୋଟିଏ ଟାଇଟଲ୍‌ରେ ଦୁଇଟି ଫିଲ୍ମ

ବଲିଉଡ୍‌ରେ ଗୋଟିଏ ଟାଇଟଲ୍‌କୁ ନେଇ ଏକାଧିକ ଫିଲ୍ମ ସୁଟିଂ ହୋଇଛି। ଏହି କ୍ରମରେ ଅମିତାଭ ବଚ୍ଚନ ଓ ମିଥୁନ ଚକ୍ରବର୍ତ୍ତୀଙ୍କ ଅଭିନୀତ ଗୋଟିଏ ଟାଇଟଲ୍‌କୁ ନେଇ ଦୁଇଟି ଫିଲ୍ମ ତିଆରି ହୋଇଥିଲା। ସେଥିମଧ୍ୟରୁ ଗୋଟିଏ ଫିଲ୍ମ ସୁପରହିଟ୍ ହୋଇଥିବାବେଳେ ଅନ୍ୟଟି ଫ୍ଲପ୍ ହୋଇଥିଲା। ଏହି ଫିଲ୍ମଟି ଥିଲା 'ମର୍ଦ୍ଦ'। ଗୋଟିଏ ଫିଲ୍ମରେ ବିଗ୍ ବି ଓ ଅନ୍ୟଟିରେ ମିଥୁନ ଚକ୍ରବର୍ତ୍ତୀ ଅଭିନୟ କରିଥିଲେ। ଦୁଇଜଣ ନିଜ ନିଜ ସମୟର ସୁପରଷ୍ଟାର। କିନ୍ତୁ 'ମର୍ଦ୍ଦ' ଟାଇଟଲ୍ ଜଣଙ୍କ ପାଇଁ ଲକି ହୋଇଥିବାବେଳେ, ଆଉ ଜଣଙ୍କ ପାଇଁ ଅନ୍‌ଲକି ସାବ୍ୟସ୍ତ ହୋଇଥିଲା। ଫିଲ୍ମ 'ମର୍ଦ୍ଦ'ରେ ୧୬ ବର୍ଷ ସାନ ଡିମ୍ପଲ କପାଡିଆଙ୍କ ସହ ଅମିତାଭ ରୋମାନ୍ସ କରିଥିଲେ। ବିଗ୍ ବିଙ୍କ ପାଇଁ ଏହି ଫିଲ୍ମଟି ଥିଲା ଖୁବ୍ ଲକି। ବକ୍ସ ଅଫିସ୍‌ରେ ଏହା ରେକର୍ଡ ସଂଖ୍ୟକ ଆୟ କରିଥିଲା। ଅମିତାଭ ବଚ୍ଚନଙ୍କ ସୁପରହିଟ୍ ଫିଲ୍ମ 'ମର୍ଦ୍ଦ' ୧୯୮୫ରେ ରିଲିଜ ହୋଇଥିଲା। ମନମୋହନ ଦେଶାଇ ଏହାର ନିର୍ଦ୍ଦେଶନା ଦେଇଥିଲେ। ଦୀପାବଳି ଅବସରରେ ଏହା ମୁକ୍ତିଲାଭ କରିଥିଲା। ଏଥିରେ ଅମିତାଭ ବଚ୍ଚନ, ଦାରା ସିଂ, ଅମୃତା ସିଂ, ଗୋଗା କପୁରଙ୍କ ଭଳି କଳାକାରମାନେ ଅଭିନୟ କରିଥିଲେ। ଏହି ଫିଲ୍ମରେ ମ୍ୟୁଜିକ୍ ଦେଇଥିଲେ ଅନୁ ମଲ୍ଲିକ୍। ଫିଲ୍ମର କାହାଣୀ ଦର୍ଶକଙ୍କୁ ଏତେ ପସନ୍ଦ ଆସିଥିଲା ଯେ, ଏହି ସିନେମାଟି ସେତେବେଳେ ରେକର୍ଡ ସଂଖ୍ୟକ ଆୟ କରିଥିଲା, ଯାହାର ବର୍ତ୍ତମାନର ମୂଲ୍ୟ ୪୫୦ କୋଟି ଟଙ୍କା ହେବ। ସେପଟେ ମିଥୁନ ଚକ୍ରବର୍ତ୍ତୀଙ୍କ 'ମର୍ଦ୍ଦ' ଫିଲ୍ମ ତାଙ୍କ ପାଇଁ କାଳ ସାଜିଥିଲା। ମିଥୁନ ଚକ୍ରବର୍ତ୍ତୀଙ୍କ ଅଭିନୀତ ଫିଲ୍ମ 'ମର୍ଦ୍ଦ' ୧୯୯୮ ମସିହାରେ ମୁକ୍ତିଲାଭ କରିଥିଲା। ଏଥିରେ କାଦର ଖାନ୍, ଗୁଲ୍‌ସନ୍ ଗ୍ରୋବର, ରଜା ମୁରଦ୍‌ଙ୍କ ସମେତ ଜନି ଲିବରଙ୍କ ଭଳି କଳାକାର ମୁଖ୍ୟ ଚରିତ୍ରରେ ଅଭିନୟ କରିଥିଲେ। ଫିଲ୍ମର ନିର୍ଦ୍ଦେଶନା ଦେଇଥିଲେ ଗଣପତି ବୋହରା। ଫିଲ୍ମରେ ଆକ୍ସନ ସିନ୍ ଭରି ରହିଥିଲା। ତେବେ ଏହି ଫିଲ୍ମ ବକ୍ସ ଅଫିସ୍‌ରେ ଫ୍ଲପ୍ ସାବ୍ୟସ୍ତ ହୋଇଥିଲା। ଏଥିରେ ମିଥୁନ୍ ଚକ୍ରବର୍ତ୍ତୀ ଏସିପି ଅର୍ଜୁନ ଭୂମିକା ନିର୍ବାହ କରିଥିଲେ। ଏଥିରେ ସେ ଜଣେ ସଚ୍ଚୋଟ ପୁଲିସ ଅଫିସର ଥିଲେ। ଗୋଟିଏ ଟାଇଟଲ୍‌ରେ ଦୁଇଟି ଫିଲ୍ମ ନିର୍ମିତ ହୋଇଥିଲା, ତେବେ ଅମିତାଭଙ୍କ ଅଭିନୀତ 'ମର୍ଦ୍ଦ'କୁ ଦର୍ଶକେ ଗ୍ରହଣ କରିଥିଲେ, କିନ୍ତୁ ମିଥୁନଙ୍କ 'ମର୍ଦ୍ଦ'କୁ ସଫଳତା ମିଳି ପାରି ନଥିଲା।




ସାକ୍ଷାତକାର

ଅଭିନେତ୍ରୀ ହେବାକୁ ସେ ପିଲାବେଳୁ ଭାବିଥିଲେ। 'ଶତାବ୍ଦୀର କଳାକର' ଥିଏଟରରେ ତାଲିମ ନେଲେ। ସେ ୫ରୁ ୬ଟି ଲୋକପ୍ରିୟ ନାଟକରେ ଅଭିନୟ କରିଛନ୍ତି। ୨୦୨୪ ମସିହାରେ ରିଆଲିଟି ଶୋ' 'ଟିକେ ଡ୍ୟାନ୍ସ ଟିକେ ଆକ୍ଟିଂ'ରେ ଫାଷ୍ଟ ରନର୍ସଅପ୍ ହୋଇଥିଲେ। ନୃତ୍ୟ ଓ ଅଭିନୟରେ ରୁଚି ରଖୁଥିବା ଏଭଳି ଜଣେ କଳାକାର ହେଉଛନ୍ତି କଟକ ନିଆଳିର ସୌମ୍ୟା ସୁମନ ମହାନ୍ତି। 'ସୁନୟନା' ଧାରାବାହିକରେ ସେ ପ୍ରୀତି ଭୂମିକାରେ ହୃଦୟସ୍ପର୍ଶୀ ଅଭିନୟ କରିଛନ୍ତି। କେବଳ ସେତିକି ନୁହେଁ, ଏକାଧିକ ମ୍ୟୁଜିକ୍ ଭିଡିଓରେ ତାଙ୍କ ଚମତ୍କାର ଅଭିନୟ ଦେଖିବାକୁ ମିଳିଛି। ଏବେ 'ଚକ୍ରାନ୍ତ' ସିନେମାରେ ଡେବ୍ୟୁ କରୁଛନ୍ତି ସୌମ୍ୟା। ତେବେ ରିଆଲିଟି ଶୋ'ରୁ ନାୟିକା ହେବାର ଯାତ୍ରା କେମିତି ଥିଲା ଜାଣିବା ତାଙ୍କ ମୁହଁରୁ।



**ଅଭିନେତ୍ରୀ ହେବାକୁ କାହିଁକି ଆଗ୍ରହ ପ୍ରକାଶ କଲେ ?**

● ପିଲାଦିନୁ ଅଭିନେତ୍ରୀ ହେବାକୁ ଲକ୍ଷ୍ୟ ରଖିଥିଲି। ତେଣୁ 'ଶତାବ୍ଦୀ କଳାକାର' ଥିଏଟରରେ ତାଲିମ ନେଉଥିଲି। 'କାନ୍ତ କାନ୍ତା', 'ଆପଣ ମାନେ ଖୁସି ତ', 'ଅନେକ ରଙ୍ଗର ଢେଉ', 'ଇନ୍ଦ୍ରଜାଲ' ଆଦି ମଞ୍ଚ ନାଟକରେ ଅଭିନୟ କରିଛି। ମ୍ୟୁଜିକ୍ ଭିଡିଓ 'ନାଁ'ରେ ଜୀବନ', 'ଛାତିକୁ ହାଣି ଦେଉଛ', 'ଦୀନବନ୍ଧୁ' ଭଜନ ଆଦିରେ କାମ କରିଛି। 'ଟିକେ ଡ୍ୟାନ୍ସ ଟିକେ ଆକ୍ଟିଂ' ରିଆଲିଟି ଶୋ'ରେ ଫାଷ୍ଟ ରନର୍ସଅପ୍ ହେଲି। ଜି ସାର୍ଥକର 'ସୁନୟନା'ରେ ପ୍ରୀତି ଚରିତ୍ରରେ କାମ କରିଛି। ତେଣୁ ଅଭିନୟ ଜଗତକୁ ଏବେ ଆପଣେଇ ନେଇଛି ।

**ରିଲିଜ୍ ଅପେକ୍ଷାରେ ଥିବା 'ଚକ୍ରାନ୍ତ' ଆପଣଙ୍କ ଡେବ୍ୟୁ ସିନେମା, ଏଥିରେ କିପରି ସୁଯୋଗ ପାଇଲେ ?**

● ପିନୁ ସାର୍ 'ସୁନୟନା'ରେ ମୋର ଅଭିନୟ ଦେଖିଥିଲେ। ସେ 'ଚକ୍ରାନ୍ତ'ରେ କାମ କରିବାକୁ ପ୍ରସ୍ତାବ ଦେଇଥିଲେ। 'ଚକ୍ରାନ୍ତ'ର କାହାଣୀ ମୋତେ ବହୁତ ଭଲ ଲାଗିଥିଲା। ଏଥିରେ ମୁଁ ପୁଲିସ ଅଫିସର ରୁଦ୍ରା ସିଂ ଭୂମିକାରେ ଅଭିନୟ କରୁଛି। ଏହି ସିନେମାଟି ସାମାଜିକ ବାର୍ତ୍ତା ଦେଉଛି। ଗ୍ରାମାଞ୍ଚଳରୁ ଆସି ଜଣେ ଝିଅ ସହରାଞ୍ଚଳରେ କିପରି କୁସଙ୍ଗରେ ପଡ଼ୁଛି ତାହା ଦେଖିବାକୁ ମିଳୁଛି। ଟିମ୍ ମେମ୍ବରଙ୍କ ସହ କାମ କରି ବହୁତ ଭଲ ଲାଗିଛି। ଯେହେତୁ ଚରିତ୍ରଟି ମୋ ପାଇଁ ନୂଆ ଥିଲା ଭଲ ଅଭିନୟ କରିବାକୁ ପରିଶ୍ରମ କରିଛି।

**'ଚକ୍ରାନ୍ତ' ସିନେମା ପାଇଁ କେମିତି ପ୍ରସ୍ତୁତ ହୋଇଥିଲେ?**

● ମୁଁ ପ୍ରକୃତରେ ଚୁପ୍‌ଚାପ। ହେଲେ ପୁଲିସ ଅଫିସର ଭାବେ କାମ କରିବାକୁ ମୋ ବ୍ୟବହାରରେ ଟିକେ ପରିବର୍ତ୍ତନ ଆଣିବାକୁ ପଡ଼ିଥିଲା। ଏହି ଚରିତ୍ରକୁ ଦମଦାର୍ କରିବାକୁ ଶତ ପ୍ରତିଶତ ଚେଷ୍ଟା କରିଛି।

**ପ୍ରଥମେ ଥର ପାଇଁ କ୍ୟାମେରାକୁ ସାମ୍ନା କରିବାରେ ଭୟ ଲାଗିଥିଲା?**

● ଯେହେତୁ ଥିଏଟରରେ କାମ କରିଥିଲି, ତେଣୁ କାମକୁ ନେଇ ଭୟ ନଥିଲା। କିନ୍ତୁ ହଁ ଟିକେ ନର୍ଭସ ଥିଲି।

**ଅଭିନୟକୁ ବାଦ୍ ଦେଲେ କ'ଣ କରିବାକୁ ଭଲ ପାଆନ୍ତି?**

● ପେଣ୍ଟିଂ କରେ। ନାଚେ, ନିଜ ସ୍ୱାସ୍ଥ୍ୟ ପ୍ରତି ଯତ୍ନଶୀଳ ହୁଏ।

**ଡ୍ରିମ୍ ରୋଲ୍?**

● ପ୍ରତ୍ୟେକଟି ଚରିତ୍ରରେ ମୋତେ କାମ କରିବାର ଇଚ୍ଛା ରହିଛି। କାରଣ ଜଣେ କଳାକାର ପାଇଁ ପ୍ରତିଟି ଚରିତ୍ର ବେଶ୍ ଗୁରୁତ୍ୱପୂର୍ଣ୍ଣ।

**ରିଆଲିଟି ଶୋ'କୁ ଆସୁଥିବା ପିଲାମାନେ କିଭଳି ପ୍ରସ୍ତୁତ ହେବା ଦରକାର?**

● ଆଜିକାଲି ଅନ୍‌ଲାଇନ୍‌ରେ ସବୁକିଛି କାମ ସହଜ ହେଉଛି। ତେଣୁ ଗୋଟିଏ କଥା କହିବି ଏହି ଲାଇନ୍‌କୁ ଯେଉଁମାନେ ଆସୁଛନ୍ତି ସିରିୟସ୍ ହୋଇ ଆସିବା ଦରକାର। ସିରିୟସ୍ ହୋଇ ଆସିବା ଜରୁରି। କାହା ଜରିଆରେ ନ ଆସି ନିଜ ପ୍ରତିଭା ବଳରେ ଆସିବା ସର୍ବୋତ୍ତମ। ଏହାଦ୍ୱାରା ଜଣେ ନିଜର ଅନ୍ତର୍ନିହିତ ପ୍ରତିଭାର ପ୍ରଦର୍ଶନ କରିବାର ସୁଯୋଗ ପାଇବ।

**ଆଗାମୀ ଯୋଜନା?**

● ଭଲ କାହାଣୀ, ଭଲ ନିର୍ଦ୍ଦେଶକ ଏବଂ ଟିମ୍ ମିଳିଲେ କାମ କରିବାକୁ ଚାହିଁବି।

## "ଜଣେ କଳାକାର ପାଇଁ ପ୍ରତିଟି ଚରିତ୍ର ବେଶ୍ ଗୁରୁତ୍ୱପୂର୍ଣ୍ଣ"

ସୌମ୍ୟା ସୁମନ ମହାନ୍ତି, ଅଭିନେତ୍ରୀ



# କ୍ରୀଡ଼ା



ସକାଳ
THE SAKALA
www.sakalaepaper.com

## ଭାରତର ସାନ୍ତ୍ୱନାମୂଳକ ବିଜୟ, ଅଷ୍ଟ୍ରେଲିଆ ୨-୧ରେ ଜିତିଲା ସିରିଜ୍

# ଶେଷରେ ଚମକିଲେ ରୋହିତ-କୋହଲି

**ସିଡ୍‌ନୀ,୨୫।୧୦(ଏଜେନ୍ସି):** ଭାରତର ଦୁଇ କିଂବଦନ୍ତି ଖେଳାଳି ରୋହିତ ଶର୍ମାଙ୍କ ୩୩ତମ ଶତକ ଓ ବିରାଟ କୋହଲି (ଅପରାଜିତ ୭୪ରନ୍)ଙ୍କ ୭୫ତମ ଅର୍ଦ୍ଧଶତକ ବଳରେ ଏଠାରେ ଶନିବାର ଅନୁଷ୍ଠିତ ତୃତୀୟ ତଥା ଶେଷ ଦିନିକିଆରେ ଭାରତ ୯ ୱିକେଟରେ ଅଷ୍ଟ୍ରେଲିଆକୁ ପରାସ୍ତ କରିଛି। ଏହି ବିଜୟ ସତ୍ତ୍ୱେ ଅଷ୍ଟ୍ରେଲିଆ ୨-୧ରେ ଏହି ସିରିଜ୍‌କୁ ଜିତିନେଇଛି। ଏଠାରେ ଦିନିକିଆ ଜୀବନର ୩୩ତମ ଶତକ ସହ ଅପରାଜିତ ୧୨୧ ରନ୍ ଓ ୨ଟି କ୍ୟାଚ୍ ନେଇଥିବା ରୋହିତଙ୍କୁ ମ୍ୟାଚ୍‌ର ଶ୍ରେଷ୍ଠ ଖେଳାଳି ବିବେଚିତ କରାଯାଇଛି। ସେହିପରି ଦୁଇଟି ମ୍ୟାଚ୍‌ରେ ଗୋଟିଏ ଶତକ ଓ ଗୋଟିଏ ଅର୍ଦ୍ଧଶତକ ସହ ୨୦୨ ରନ୍ କରିଥିବା ରୋହିତଙ୍କୁ ମଧ୍ୟ ସିରିଜ୍‌ର ଶ୍ରେଷ୍ଠ ଖେଳାଳି ବିବେଚିତ କରାଯାଇଛି।



### ● କ୍ରମାଗତ ୧୮ ଥର ଟସ୍‌ରେ ପରାଜୟ

ଏହି ମ୍ୟାଚ୍‌ରେ ଭାରତ କ୍ରମାଗତ ୧୮ ଥର ଲାଗି ଟସ୍ ହାରିବା ପରେ ପ୍ରଥମେ ବ୍ୟାଟିଂ କରି ଅଷ୍ଟ୍ରେଲିଆ ୨୩୬ ରନ୍ କରିଥିଲା। ଜବାବରେ ୧୧.୩ ଓଭର ଏବଂ ୯ଟି ୱିକେଟ ବାକିଥାଇ ଭାରତ ଏହି ମ୍ୟାଚ୍‌କୁ ଜିତିନେଇଥିଲା। ଭାରତ ପକ୍ଷରୁ ରୋହିତ ଶର୍ମା ୧୨୧ ଓ ବିରାଟ କୋହଲି ୭୪ ରନ୍‌ରେ ଅପରାଜିତ ରହିଥିଲେ। ୨୩୭ ରନ୍‌ର ଟାର୍ଗେଟ୍‌କୁ ପିଛା କରିବା ପରେ ରୋହିତଙ୍କ ସହ ପ୍ରଥମ ୱିକେଟ୍‌ରୁ ୬୯ ରନ୍ ଉଠାଇବା ପରେ ଅଧିନାୟକ ଗିଲ ଆଉଟ ହୋଇଥିଲେ। ଗିଲଙ୍କ ବ୍ୟାଟରୁ ଚଳିତ ସିରିଜରେ ସର୍ବାଧିକ ୨୪ ରନ୍ ମିଳିଥିଲା। ଏହା ପରେ ଭାରତର ଦୁଇ କିଂବଦନ୍ତି ଖେଳାଳି ରୋହିତ ଓ କୋହଲି ମାଷ୍ଟରକ୍ଲାସ୍ ଖେଳ ପ୍ରଦର୍ଶନ କରି ଅବିଭକ୍ତ ଦ୍ୱିତୀୟ ୱିକେଟ୍‌ରୁ ୧୬୮ ରନ୍ ଉଠାଇ ଭାରତକୁ ସହଜ ବିଜୟ ପ୍ରଦାନ କରିଥିଲେ। ଉଭୟ ଖେଳାଳି ଏଠାରେ କେବଳ ଆଉଟ ହେବାର ଗୋଟିଏ ସୁଯୋଗ ଦେଇଥିଲେ। ଉଭୟ ଖେଳାଳି ଏହି ମ୍ୟାଚ୍‌ରେ ଏକାଧିକ ରେକର୍ଡ କରିବା ସହ ସ୍ମରଣୀୟ ବିଜୟ ହାସଲ କରି ଅଷ୍ଟ୍ରେଲିଆକୁ ଅଲବିଦା କହିଥିଲେ।

### ● ହର୍ଷିତ ରାଣାଙ୍କ ଦବ୍‌ଦବା

ଟସ୍ ଜିତି ପ୍ରଥମେ ବ୍ୟାଟିଂ କରିବା ପରେ ଅଷ୍ଟ୍ରେଲିଆ ଆରମ୍ଭରୁ ଆକ୍ରମଣାତ୍ମକ ବ୍ୟାଟିଂ କରିଥିଲା। ପ୍ରଥମ ୱିକେଟ୍‌ରୁ ୯.୨ ଓଭରରେ ୬୧ ରନ୍ ହୋଇଥିଲାବେଳେ ଟ୍ରାଭିସ୍ ହେଡ୍‌ଙ୍କ ୨୯ ରନ୍‌ରେ ଆଉଟ କରି ମହମ୍ମଦ ସିରାଜ ଭାରତକୁ ବ୍ରେକ୍‌ଥ୍ରୁ ଦେଇଥିଲେ। ଏହା ପରେ ସମସ୍ତ ଟପ୍ ଅର୍ଡର ବ୍ୟାଟର ଭଲ ଆରମ୍ଭ କରିଥିଲେ କିନ୍ତୁ ନିୟମିତ ୱିକେଟ ହରାଇଥିଲା। ମିଚେଲ ମାର୍ଶ ୪୧, ମାଥ୍ୟୁ ସର୍ଟ ୩୦, ମ୍ୟାଟ ରେନସା ଜୀବନର ପ୍ରଥମ ଅର୍ଦ୍ଧଶତକ ସହ ୫୬ ରନ୍ କରିଥିଲେ। ଅକ୍ଷର ପଟେଲ ଓ ୱାଶିଂଟନ ସୁନ୍ଦରଙ୍କ ଟାଇଟ ବୋଲିଂ ଯୋଗୁଁ ରନ୍ ସଂଗ୍ରହ କଷ୍ଟକର ହୋଇଥିଲା। ଭାରତର ମିଡିୟମ୍ ପେସ୍‌ର ହର୍ଷିତ ରାଣା ପ୍ରତିପକ୍ଷ ୱିକେଟ ରକ୍ଷକ ଆଲେକ୍ସ କ୍ୟାରୀଙ୍କୁ ଆଉଟ କରି ଖେଳର ଗତିପଥ ବଦଳାଇଦେଇଥିଲେ। କ୍ୟାରୀଙ୍କୁ ଆଉଟ କରିବାକୁ ଶ୍ରେୟସ ଆୟର ଏକ ଚମତ୍କାର କ୍ୟାଚ୍ ଧରିଥିଲେ ଓ ଆହତ ହୋଇ ପଡ଼ିଆ ଛାଡିଥିଲେ। ଏହି ସମୟରେ ହର୍ଷିତ ରାଣା ଆଉ ୩ଟି ୱିକେଟ ନେଇ ଅଷ୍ଟ୍ରେଲିଆକୁ ୨୩୬ ରନ୍‌ରେ ସୀମିତ ରଖିଥିଲେ। ୩୯ ରନ୍‌ରେ ତାଙ୍କୁ ସର୍ବାଧିକ ୪ଟି ଓ ସୁନ୍ଦରଙ୍କୁ ୨ଟି ୱିକେଟ ମିଳିଥିଲା। ଅନ୍ୟ ସମସ୍ତେ ଜଣେ ଲେଖାଏଁ ଖେଳାଳିଙ୍କୁ ପଡ଼ିଆରୁ ବିଦା କରିଥିଲେ।

### ● ରୋହିତଙ୍କ ରେକର୍ଡ ଶତକ

ପୂର୍ବତନ ଅଧିନାୟକ ରୋହିତ ଶର୍ମା ଏଠାରେ ୧୦୫ ବଲ୍‌ରୁ ୩୩ତମ ଦିନିକିଆ ଏବଂ ୫୦ତମ ଅନ୍ତର୍ଜାତୀୟ ଶତକ ପୂରଣ କରିଥିଲେ। ସେ ମଧ୍ୟ ଟେଷ୍ଟରେ ୧୨ଟି ଓ ଟି-୨୦ ଅନ୍ତର୍ଜାତୀୟ କ୍ରିକେଟରେ ୫ଟି ଶତକ ହାସଲ କରିଛନ୍ତି। ଅଷ୍ଟ୍ରେଲିଆ ବିପକ୍ଷରେ ଏହା ତାଙ୍କର ୯ମ ଓ ଅଷ୍ଟ୍ରେଲିଆରେ ୬ଷ୍ଠ ଶତକ ଥିଲା। ଏହି ମ୍ୟାଚ୍‌ରେ ସେ ଦ୍ୱିତୀୟ ୱିକେଟରେ ବିରାଟ କୋହଲିଙ୍କ ସହ ୧୬୮ ରନ୍ ଉଠାଇଥିଲେ। ଏହା ଫଳରେ ଦିନିକିଆରେ ସେ ଓ କୋହଲି ୧୨ଥର ୧୫୦ କିମ୍ବା ତା'ଠାରୁ ଅଧିକ ରନ୍ ସଂଗ୍ରହ କରିବାରେ ତେନ୍ଦୁଲକର-ଗାଙ୍ଗୁଲିଙ୍କ ରେକର୍ଡ ସହ ସମକକ୍ଷ ହୋଇଛନ୍ତି। ଅଷ୍ଟ୍ରେଲିଆରେ ଭାରତ ଏହାକୁ ମିଶାଇ ୩ଥର ବିଜୟୀ ହୋଇଛି। ଏହି ୩ଟି ମ୍ୟାଚରେ ରୋହିତ ବଡ଼ ସ୍କୋର କରିଛନ୍ତି। ସେ ୨୦୦୮ରେ ଅପରାଜିତ ୬୬, ୨୦୧୬ରେ ୯୯ ଓ ୨୦୨୫ରେ ଅପରାଜିତ ୧୨୧ ରନ୍ କରିଥିଲେ।

### ● ଦିନିକିଆରେ କୋହଲି ଦ୍ୱିତୀୟ ସର୍ବାଧିକ ରନ୍ ସଂଗ୍ରହକାରୀ

ଏହି ମ୍ୟାଚ୍‌ରେ ଅନ୍ୟତମ କିଂବଦନ୍ତି ଖେଳାଳି ବିରାଟ କୋହଲି ୭୪ ରନ୍ କରି ଅପରାଜିତ ରହିଛନ୍ତି। ଏହା ହେଉଛି ତାଙ୍କ ଦିନିକିଆ କ୍ୟାରିୟରର ୭୫ତମ ଅର୍ଦ୍ଧଶତକ। ଏହା ସହ ସେ ମଧ୍ୟ ସଚିନ ତେନ୍ଦୁଲକରଙ୍କ ପଛକୁ ଦିନିକିଆ କ୍ରିକେଟରେ ଦ୍ୱିତୀୟ ସର୍ବାଧିକ ରନ୍ ସଂଗ୍ରହକାରୀ ବିବେଚିତ ହୋଇଛନ୍ତି। ୪୬୩ ମ୍ୟାଚ୍ ଖେଳି ତେନ୍ଦୁଲକର ୧୮,୪୨୬ ରନ୍ ସଂଗ୍ରହ କରିଛନ୍ତି। ଏଠାରେ କୋହଲି ୩୦୫ ତମ ମ୍ୟାଚ୍ ଖେଳି ୧୪,୨୫୫ ରନ୍ କରି ଶ୍ରୀଲଙ୍କାର କୁମାର ସାଙ୍ଗାକାରାଙ୍କୁ ପଛରେ ପକାଇ ଦ୍ୱିତୀୟ ସ୍ଥାନକୁ ଉନ୍ନୀତ ହୋଇଛନ୍ତି। ସାଙ୍ଗାକାରା ୪୦୪ ମ୍ୟାଚ୍‌ରୁ ୧୪,୨୩୪ ରନ୍ କରିଥିଲେ।

ଦିନିକିଆ+ ଟି-୨୦ରେ ସର୍ବାଧିକ: ଉଭୟ ଦିନିକିଆ ଓ ଟି-୨୦ କ୍ରିକେଟର ସ୍କୋରକୁ ମିଶାଇଲେ କୋହଲି ସର୍ବାଧିକ ୧୮,୪୩୭ ରନ୍ କରିଛନ୍ତି। ତାଙ୍କ ପଛକୁ ସଚିନ ତେନ୍ଦୁଲକର ୧୮,୪୩୬ ରନ୍ କରି ଦ୍ୱିତୀୟ ସ୍ଥାନରେ ଅଛନ୍ତି। ସୂଚନାଯୋଗ୍ୟ ସଚିନ ମାତ୍ର ଗୋଟିଏ ଟି-୨୦ ମ୍ୟାଚ୍ ଖେଳି ୧୦ ରନ୍ କରିଥିଲାବେଳେ କୋହଲି ୧୨୫ଟି ମ୍ୟାଚ୍‌ରୁ ୪,୧୮୮ ରନ୍ କରିଛନ୍ତି।

### ● ଅଲବିଦା ଅଷ୍ଟ୍ରେଲିଆ

ରୋହିତ ଶର୍ମା ଓ ବିରାଟ କୋହଲି ଏବେ କେବଳ ଦିନିକିଆ ଫର୍ମାଟରେ ଅନ୍ତର୍ଜାତୀୟ କ୍ରିକେଟ ଖେଳୁଛନ୍ତି। ଦକ୍ଷିଣ ଆଫ୍ରିକାରେ ୨୦୨୭ରେ ହେବାକୁ ଥିବା ଦିନିକିଆ ବିଶ୍ୱକପ୍ ପୂର୍ବରୁ ଅଷ୍ଟ୍ରେଲିଆରେ ଭାରତ ଆଉ କୌଣସି ସିରିଜ୍ କିମ୍ବା ଟୁର୍ଣ୍ଣାମେଣ୍ଟ ଖେଳିବ ନାହିଁ। ଏଣୁ ଏହା ଉଭୟଙ୍କ ଲାଗି ଅଷ୍ଟ୍ରେଲିଆରେ ଶେଷ ଅନ୍ତର୍ଜାତୀୟ ମ୍ୟାଚ୍। ଏଣୁ ରୋହିତ ଶର୍ମା ତାଙ୍କ ପ୍ରତିକ୍ରିୟାରେ ଅଷ୍ଟ୍ରେଲିଆରେ ଖେଳିବାକୁ ଭଲ ପାଆନ୍ତି ବୋଲି କହିଥିଲେ। ଶେଷରେ ସେ ଅଲ୍‌ବିଦା ଅଷ୍ଟ୍ରେଲିଆ କହି ତାଙ୍କ ପ୍ରତିକ୍ରିୟା ଶେଷ କରିଥିଲେ। ଅଷ୍ଟ୍ରେଲିଆରେ ଉଭୟ ଖେଳାଳି ବେଶ ସଫଳ ହୋଇଥିଲେ। ଆଜି ସିଡ୍‌ନୀରେ ମଧ୍ୟ ଉଭୟ ଖେଳାଳିଙ୍କୁ ଦର୍ଶକମାନେ ଅଭିବାଦନ ଜଣାଇ ବିଦାୟ ଦେଇଥିଲେ। ଏହି ସିରିଜ୍ ପରେ ଉଭୟ ଭାରତ ପକ୍ଷରୁ ନଭେମ୍ବର ୩୦ରୁ ଆରମ୍ଭ ହେଉଥିବା ଦକ୍ଷିଣ ଆଫ୍ରିକା ବିପକ୍ଷ ଦିନିକିଆ ସିରିଜ୍‌ରେ ଖେଳିପାରନ୍ତି। ଘରୋଇ ମାଟିରେ ଏହି ସିରିଜ୍ ରାଞ୍ଚି, ରାୟପୁର ଓ ବିଶାଖାପାଟଣାରେ ଖେଳାଯିବ।

## ୨୯ରୁ ଭାରତ-ଅଷ୍ଟ୍ରେଲିଆ ଟି-୨୦ ସିରିଜ୍

**ସିଡନୀ,୨୫।୧୦(ଏଜେନ୍ସି):** ଦିନିକିଆ ସିରିଜ୍ ପରେ ଭାରତ ଓ ଅଷ୍ଟ୍ରେଲିଆ ମଧ୍ୟରେ ୫ ମ୍ୟାଚ୍ ବିଶିଷ୍ଟ ଟି-୨୦ ସିରିଜ୍ ଅକ୍ଟୋବର ୨୯ରୁ ଆରମ୍ଭ ହେବ। କାନବେରାରେ ଏହି ସିରିଜ୍ ଆରମ୍ଭ ହେବ। ଏଥିଲାଗି ଉଭୟ ଦଳ ସେମାନଙ୍କ ଖେଳାଳି ତାଲିକା ଘୋଷଣା କରିସାରିଛନ୍ତି। ସୂର୍ଯ୍ୟକୁମାର ଯାଦବ ଭାରତର ଓ ମିଚେଲ ମାର୍ଶ ଅଷ୍ଟ୍ରେଲିଆର ନେତୃତ୍ୱ ନେବେ। ଟି-୨୦ ସିରିଜ୍‌ର ପ୍ରଥମ ମ୍ୟାଚ୍ କାନବେରାରେ ଅକ୍ଟୋବର ୨୯, ଦ୍ୱିତୀୟ ମ୍ୟାଚ୍ ମେଲବୋର୍ଣ୍ଣରେ ୩୧, ତୃତୀୟ ମ୍ୟାଚ୍ ହୋବାର୍ଟରେ ନଭେମ୍ବର ୨, ଗୋଲ୍ଡ କୋଷ୍ଟରେ ଚତୁର୍ଥ ମ୍ୟାଚ୍ ନଭେମ୍ବର ୬ ଓ ବ୍ରିସ୍‌ବେନ୍‌ରେ ପଞ୍ଚମ ତଥା ଶେଷ ମ୍ୟାଚ୍ ନଭେମ୍ବର ୮ରେ ଖେଳାଯିବାର କାର୍ଯ୍ୟକ୍ରମ ରହିଛି।

**ଖେଳ ସୂଚୀ- ଟି-୨୦ ଅନ୍ତର୍ଜାତୀୟ**

| ତାରିଖ | ମ୍ୟାଚ୍ | ଭେନ୍ୟୁ |
|---|---|---|
| ୨୯।୧୦ | ପ୍ରଥମ ଟି-୨୦ | କାନବେରା |
| ୩୧।୧୦ | ଦ୍ୱିତୀୟ ଟି-୨୦ | ମେଲବୋର୍ଣ୍ଣ |
| ୨।୧୧ | ତୃତୀୟ ଟି-୨୦ | ହୋବାର୍ଟ |
| ୬।୧୧ | ଚତୁର୍ଥ ଟି-୨୦ | ଗୋଲ୍ଡ କୋଷ୍ଟ |
| ୮।୧୧ | ପଞ୍ଚମ ଟି-୨୦ | ବ୍ରିସ୍‌ବେନ୍ |

**ଖେଳ ଆରମ୍ଭ:** ଅପରାହ୍ଣ ୧ଟା ୪୫ ମିନିଟ୍, ପ୍ରସାରଣ- ଷ୍ଟାର ସ୍ପୋର୍ଟ୍ସ ନେଟ୍‌ୱର୍କ, ଜିଓ ହ

**ଭାରତୀୟ ଦଳ:** ସୂର୍ଯ୍ୟକୁମାର ଯାଦବ (ଅଧିନାୟକ), ଶୁବମନ ଗିଲ୍ (ଉପଅଧିନାୟକ), ଅଭିଷେକ ଶର୍ମା, ତିଳକ ବର୍ମା, ସଞ୍ଜୁ ସାମସନ (ୱିକେଟରକ୍ଷକ), ନୀତୀଶ କୁମାର ରେଡ୍ଡୀ, ଶିବମ ଦୁବେ, ରିଙ୍କୁ ସିଂ, ଜିତେଶ ଶର୍ମା (ୱିକେଟରକ୍ଷକ), ଅକ୍ଷର ପଟେଲ, ୱାଶିଂଟନ ସୁନ୍ଦର, କୁଲଦୀପ ଯାଦବ, ବରୁଣ ଚକ୍ରବର୍ତ୍ତୀ, ଯଶପ୍ରୀତ ବୁମ୍‌ରା, ଅର୍ଶଦୀପ ସିଂହ, ହର୍ଷିତ ରାଣା।

**ଅଷ୍ଟ୍ରେଲିଆ ଦଳ:** ମିଚେଲ ମାର୍ଶ (ଅଧିନାୟକ), ଟ୍ରାଭିସ ହେଡ୍, ଜାଭିୟର ବାର୍ଟଲେଟ୍, ନାଥାନ ଏଲିସ୍, ଟିମ୍ ଡେଭିଡ୍, ଜୋଶ ଇଂଲିଶ ଓ ଜୋଶ ଫିଲିପ୍ (ଉଭୟେ ୱିକେଟରକ୍ଷକ), ଜୋଶ ହାଜ୍‌ଲେଉଡ୍, ସିନ୍ ଆବଟ, ମିଚେଲ ଓଏନ, ମାଥ୍ୟୁ ସର୍ଟ, ମାର୍କସ ଷ୍ଟୋଇନିସ୍, ଆଦାମ ଜାମ୍ପା। (ପ୍ରଥମ ଦୁଇଟି ମ୍ୟାଚ୍)

## ଏସିଆନ ୟୁଥ୍ ଗେମ୍ସ: ଟିକି, ପ୍ରୀତି ଓ ସାର୍ଥକ ଭାଗନେବେ







**ଭୁବନେଶ୍ୱର, ୨୫ ।୧୦ (ସମିସ):** ବାହାରିନରେ ଚାଲିଥିବା ଏସିଆନ ୟୁଥ୍ ଗେମ୍ସରେ ଓଡ଼ିଶାର ୩ଜଣ କ୍ରୀଡ଼ାବିତ୍ ଅଂଶଗ୍ରହଣ କରିବେ। ଭାରତୀୟ ଭାରୋତ୍ତୋଳନ ଦଳରୁ ଖେଳିବା ଲାଗି ଟିକି ମୋହନୀ ମଲ୍ଲିକ ଓ ପ୍ରୀତିସ୍ମିତା ଭୋଇ ମନୋନୀତ ହୋଇଛନ୍ତି। ସେହିଭଳି ଓଡ଼ିଶାର ସାର୍ଥକ ଆର୍ଯ୍ୟା ଭାରତୀୟ ଟେବଲ୍ ଟେନିସ ଦଳରେ ସ୍ଥାନ ପାଇଛନ୍ତି। ବାଳିକା ୬୩ କିଗ୍ରାରୁ କମ୍ ଓଜନବର୍ଗରେ ଅଂଶଗ୍ରହଣ କରିବାକୁ ଥିବା ଟିକି ବର୍ତ୍ତମାନ କଳିଙ୍ଗ ଇନଷ୍ଟିଚ୍ୟୁଟ୍ ଅଫ୍ ସୋସିଆଲ୍ ସାଇନ୍ସ (କିସ୍)ରେ ଅଧ୍ୟୟନ କରୁଛନ୍ତି। ଏହି ଅବସରରେ କିଟ୍ ଓ କିସର ପ୍ରତିଷ୍ଠାତା ପ୍ରଫେସର ଅଚ୍ୟୁତ ସାମନ୍ତଙ୍କ ସମେତ ରାଜ୍ୟ କ୍ରୀଡ଼ା ବିଭାଗ ପକ୍ଷରୁ ସମସ୍ତଙ୍କୁ ଶୁଭେଚ୍ଛା ଓ ଶୁଭକାମନା ଜଣାଯାଇଛି।

## ଆଜି ବାଂଲାଦେଶକୁ ଭେଟିବ ଭାରତ

**ନଭି ମୁମ୍ବଇ, ୨୫ ।୧୦ (ଏଜେନ୍ସି):** ସେମିଫାଇନାଲରେ ପ୍ରବେଶ କରିସାରିଥିବା ଆୟୋଜକ ଭାରତୀୟ ମହିଳା କ୍ରିକେଟ୍ ଦଳ ଚଳିତ ବିଶ୍ୱକପ୍‌ରେ ଏହାର ଶେଷ ମ୍ୟାଚରେ ରବିବାର ବାଂଲାଦେଶକୁ ଭେଟିବ। ଭାରତ ବର୍ତ୍ତମାନ ବିଶ୍ୱକପରେ ୬ ମ୍ୟାଚ୍ ଖେଳି ୩ଟି ଲେଖାଏ ବିଜୟ ଓ ପରାଜୟ ସହ ୬ ପଏଣ୍ଟ ପାଇ ୪ର୍ଥ ସ୍ଥାନରେ ରହିଛି। ଆସନ୍ତାକାଲି ବାଂଲାଦେଶକୁ ହରାଇଲେ ମଧ୍ୟ ଭାରତ ସେଇ ୪ର୍ଥ ସ୍ଥାନରେ ରହି ସେମିଫାଇନାଲକୁ ପ୍ରବେଶ କରିବ। ସେମିଫାଇନାଲରେ ଭାରତର ମୁକାବିଲା ଅଷ୍ଟ୍ରେଲିଆ ସହ ଅକ୍ଟୋବର ୩୦ରେ ହେବା ସ୍ପଷ୍ଟ ହୋଇଯାଇଛି। ତେଣୁ ସେମିଫାଇନାଲ ପୂର୍ବରୁ ବାଂଲାଦେଶ ବିପକ୍ଷରେ ବିଜୟୀ ହୋଇ ଭାରତୀୟ ଖେଳାଳି ମନୋବଳ ଦୃଢ଼ କରିବା ଲକ୍ଷ୍ୟରେ ରହିଛନ୍ତି। ଅପରପକ୍ଷରେ ବାଂଲାଦେଶ ଏହାର ଶେଷ ମ୍ୟାଚରେ ବଡ଼ ବିପର୍ଯ୍ୟୟ ଘଟାଇ ଅଭିଯାନ ଶେଷ କରିବାକୁ ଲକ୍ଷ୍ୟ ରଖିଛି।

### ଅଷ୍ଟ୍ରେଲିଆ ପାରା ବ୍ୟାଡ୍‌ମିଣ୍ଟନ

## ପ୍ରମୋଦଙ୍କୁ ୨ ସ୍ୱର୍ଣ୍ଣ, ଦୀପ୍‌ଙ୍କୁ କାଂସ୍ୟ

**ଭୁବନେଶ୍ୱର, ୨୫ ।୧୦ (ସମିସ):** ପାରାଅଲିମ୍ପିକ ଚାମ୍ପିଅନ ପ୍ରମୋଦ ଭଗତ ଶେଷ ହୋଇଥିବା ଅଷ୍ଟ୍ରେଲିଆ ପାରା ବ୍ୟାଡ୍‌ମିଣ୍ଟନ ଇଣ୍ଟରନ୍ୟାସନାଲ ଟୁର୍ଣ୍ଣାମେଣ୍ଟରେ ଦମ୍‌ଦାର ପ୍ରଦର୍ଶନ କରି ଡବଲ୍ ସ୍ୱର୍ଣ୍ଣ ପଦକ ବିଜୟୀ ହୋଇଛନ୍ତି। ପୁରୁଷ ସିଙ୍ଗଲ୍ସ ଏସ୍‌ଏଲ୍ ୩ ଇଭେଣ୍ଟର ଫାଇନାଲରେ ପ୍ରମୋଦ ୨୧-୧୫, ୨୧-୧୭ ସିଧାସଳଖ ଗେମରେ ନିଜ ଦେଶର ମନୋଜ ସରକାରଙ୍କୁ ପରାସ୍ତ କରିଥିଲେ। ସେହିଭଳି ପୁରୁଷ ଡବଲ୍ସରେ ମଧ୍ୟ ସେ ସ୍ୱର୍ଣ୍ଣିମ ସଫଳତା ପାଇଥିଲେ। ସୁକାନ୍ତ କଦମଙ୍କୁ ସାଥୀ କରି ଖେଳିଥିବା ପ୍ରମୋଦ ଫାଇନାଲରେ ୨୧-୧୧, ୧୯-୨୧, ୨୧-୧୮ ଗେମରେ ଅନ୍ୟତମ ଭାରତୀୟ ଯୋଡ଼ି ଉମେଶ ବିକ୍ରମ କୁମାର ଓ ସୂର୍ଯ୍ୟକାନ୍ତ ଯାଦବଙ୍କୁ ହରାଇଥିଲେ। ପ୍ରମୋଦଙ୍କ ସହ ଏହି ଟୁର୍ଣ୍ଣାମେଣ୍ଟରେ ଅଂଶଗ୍ରହଣ କରିଥିବା ଅନ୍ୟତମ ଓଡ଼ିଆ ଖେଳାଳି ଦୀପରଞ୍ଜନ ବିଶୋୟୀ ମଧ୍ୟ କାଂସ୍ୟ ପଦକ ଜିତିଛନ୍ତି। ସେ ପୁରୁଷ ଡବଲ୍ସରେ ଏହି ପଦକ ବିଜୟୀ ହୋଇଥିଲେ।



## ଫାଇନାଲ ସହ କଳିଙ୍ଗରେ ୧୪ ମ୍ୟାଚ୍


**ହକି ଇଣ୍ଡିଆ ଲିଗ୍**

**ଭୁବନେଶ୍ୱର, ୨୫ ।୧୦ (ସମିସ):** ହକି ଇଣ୍ଡିଆ ଲିଗ୍ (ଏଚ୍‌ଆଇଏଲ୍)ର ଆଗାମୀ ୨୦୨୫-୨୬ ସିଜନ ଏଥର ମହିଳା ଇଭେଣ୍ଟରୁ ଆରମ୍ଭ ହେବ। ଡିସେମ୍ବର ୨୮ରୁ ଜାନୁଆରୀ ୧୦ ତାରିଖ ପର୍ଯ୍ୟନ୍ତ ଏହା ରାଞ୍ଚିର ମାରାଙ୍ଗ ଗୋମକେ ଜୟପାଲ୍ ସିଂ ମୁଣ୍ଡା ଷ୍ଟାଡିୟମରେ ଖେଳାଯିବ। ଡିସେମ୍ବର ୨୮ରେ ରାଞ୍ଚି ରୟାଲ୍ସ ଓ ଏସ୍‌ଜି ପାଇପର୍ସ ମଧ୍ୟରେ ମହିଳା ଲିଗ୍‌ର ଉଦ୍‌ଘାଟନୀ ମୁକାବିଲା ଅନୁଷ୍ଠିତ ହେବ। ମହିଳା ଲିଗ୍‌ରେ ଅନ୍ୟ ଦୁଇ ଦଳ ଭାବେ ବେଙ୍ଗଲ ଟାଇଗର୍ସ ଓ ଜେଏସ୍‌ଡବ୍ଲ୍ୟୁ ସୁରମା ହକି କ୍ଲବ ଅଂଶଗ୍ରହଣ କରିବେ। ଅପରପକ୍ଷରେ ହକି ଇଣ୍ଡିଆ ଲିଗ୍‌ର ପୁରୁଷ ଇଭେଣ୍ଟ ଏଥର ୩ଟି ପ୍ରମୁଖ ଭେନ୍ୟୁ ଚେନ୍ନଇ, ରାଞ୍ଚି ଓ ଭୁବନେଶ୍ୱରରେ ଆୟୋଜିତ ହେବ। ଜାନୁଆରୀ ୩ରେ ଚେନ୍ନଇର ମେୟର ରାଧାକ୍ରିଷ୍ଣ ହକି ଷ୍ଟାଡିୟମରେ ଘରୋଇ ତାମିଲନାଡୁ ଡ୍ରାଗନ୍ସ ଓ ହାଇଦରାବାଦ୍ ତୁଫାନ୍ସ ମ୍ୟାଚ୍ ସହ ଲିଗ୍ ଆରମ୍ଭ ହେବ। ଜାନୁଆରୀ ୯ ତାରିଖ ପର୍ଯ୍ୟନ୍ତ ଏଠାରେ ମ୍ୟାଚ୍ ଖେଳାଯିବ। ଏହାପରେ ଜାନୁଆରୀ ୧୧ରୁ ୧୬ ତାରିଖ ପର୍ଯ୍ୟନ୍ତ ଦ୍ୱିତୀୟ ପର୍ଯ୍ୟାୟ ମ୍ୟାଚ୍ ରାଞ୍ଚିରେ ଅନୁଷ୍ଠିତ ହେବ। ଶେଷରେ ଆଇକନିକ କଳିଙ୍ଗ ଷ୍ଟାଡିୟମରେ ଜାନୁଆରୀ ୧୭ରୁ ଚୂଡ଼ାନ୍ତ ପର୍ଯ୍ୟାୟ ଖେଳାଯିବ। କଳିଙ୍ଗରେ ଏଥର ମୋଟ୍ ୧୪ଟି ମ୍ୟାଚ୍ ଖେଳାଯିବ। ଯେଉଁଥିରେ ଜାନୁଆରୀ ୨୬ର ଫାଇନାଲ ମ୍ୟାଚ୍ ସହ କ୍ୱାଲିଫାୟର ୧ ଓ ୨, ଏଲିମିନେଟର୍ ଓ କାଂସ୍ୟ ପଦକ ମ୍ୟାଚ୍ ସାମିଲ ରହିଛି। ପୁରୁଷ ଲିଗ୍‌ରେ ଅଂଶଗ୍ରହଣ କରୁଥିବା ଓଡ଼ିଶାଭିତ୍ତିକ ଦଳ ବେଦାନ୍ତ କଳିଙ୍ଗ ଲାନ୍ସର୍ସ ଜାନୁଆରୀ ୪ରେ ରାଞ୍ଚି ରୟାଲ୍ସ ସହ ଖେଳି ଅଭିଯାନ ଆରମ୍ଭ କରିବ।

### ଆଇସିସି ମହିଳା ଦିନିକିଆ ବିଶ୍ୱକପ୍

## କିଙ୍ଗ୍‌ଙ୍କୁ ୭ ୱିକେଟ୍; ଅଷ୍ଟ୍ରେଲିଆର ବିଜୟ ଛକା

**ଇନ୍ଦୋର, ୨୫।୧୦ (ଏଜେନ୍ସି):** ସ୍ଥାନୀୟ ହୋଲକର୍ ଷ୍ଟାଡିୟମରେ ଶନିବାର ଖେଳାଯାଇଥିବା ଆଇସିସି ମହିଳା ଦିନିକିଆ ବିଶ୍ୱକପ୍‌ର ଏକ ମ୍ୟାଚରେ ଡିଫେଣ୍ଡିଂ ଚାମ୍ପିଅନ ଅଷ୍ଟ୍ରେଲିଆ ଏକପାଖିଆ ଭାବେ ୭ ୱିକେଟ୍‌ରେ ଦକ୍ଷିଣ ଆଫ୍ରିକାକୁ ପରାସ୍ତ କରିଛି। ଆଫ୍ରିକା ପକ୍ଷରୁ ଧାର୍ଯ୍ୟ ୯୮ ରନର ଛୋଟିଆ ଲକ୍ଷ୍ୟକୁ ଅଷ୍ଟ୍ରେଲିଆ ୧୬.୫ ଓଭରରେ ୩ ୱିକେଟ୍ ହରାଇ ହାସଲ କରିନେଇଥିଲା। ଜର୍ଜିଆ ଭଲ୍ ୩୮ ଓ ବେଥ ମୁନୀ ୪୨ ରନ କରିଥିଲେ। ପୂର୍ବରୁ ଏହି ମ୍ୟାଚରେ ଟସ୍ ହାରି ବ୍ୟାଟିଂ ଆମନ୍ତ୍ରଣ ପାଇଥିବା ଦକ୍ଷିଣ ଆଫ୍ରିକା ପ୍ରତିପକ୍ଷ ଲେଗ୍-ସ୍ପିନର ଆଲାନ କିଙ୍ଗ୍‌ଙ୍କୁ ସାମ୍ନା କରି ନ ପାରି ୨୪ ଓଭରରେ ମାତ୍ର ୯୭ ରନ କରି ଅଲ୍‌ଆଉଟ୍ ହୋଇଯାଇଥିଲା। ଦକ୍ଷିଣ ଆଫ୍ରିକା ପକ୍ଷରୁ ଅଧିନାୟିକା ଲୌରା ୱଲଭର୍ଡଟ (୩୧ ରନ), ସିନାଲୋ ଜାଫତା (୨୯) ଓ ନାଦିନେ ଡି କ୍ଲାର୍କ (୧୪) କେବଳ ଦୁଇଅଙ୍କ ବିଶିଷ୍ଟ ସ୍କୋର କରିପାରିଥିଲେ। ଆଲାନ କିଙ୍ଗ୍ ୭ ଓଭର ବୋଲିଂ କରି ୨ ମେଡେନ ସହ ୧୮ ରନ ବ୍ୟୟରେ ୭ଜଣ ଆଫ୍ରିକା ବ୍ୟାଟର୍‌ଙ୍କୁ ପ୍ୟାଭିଲିୟନ ଫେରାଇଥିଲେ। ଏଥିସହ ସେ ମହିଳା ଦିନିକିଆ କ୍ରିକେଟ୍ ଇତିହାସରେ ପ୍ରଥମ ବୋଲର ଭାବେ ୭ ୱିକେଟ୍ ସଫଳତା ପାଇଛନ୍ତି। ପୂର୍ବରୁ ବିଶ୍ୱକପ୍‌ରେ ଶ୍ରେଷ୍ଠ ବୋଲିଂ ସ୍ପେଲ ନ୍ୟୁଜିଲାଣ୍ଡର ଜାକଲିନ ଲର୍ଡଙ୍କ ନାମରେ ରହିଥିଲା। ଜାକଲିନ ୪୩ ବର୍ଷ ତଳେ ୧୯୮୨ ବିଶ୍ୱକପ୍‌ରେ ଭାରତ ବିପକ୍ଷରେ ୧୦ ରନରେ ୬ଟି ୱିକେଟ୍ ନେଇଥିଲେ।



ଅଷ୍ଟ୍ରେଲିଆ ଦଳ ଏଥିସହ ଦକ୍ଷିଣ ଆଫ୍ରିକା ବିପକ୍ଷରେ ଦିନିକିଆ ବିଶ୍ୱକପ ଇତିହାସରେ ୯ ମ୍ୟାଚ୍ ଖେଳି ସବୁଥିରେ ବିଜୟୀ ହୋଇଛି। ସେହିଭଳି ୨୦୨୨ ବିଶ୍ୱକପ୍‌ରୁ ଅଷ୍ଟ୍ରେଲିଆ କ୍ରମାଗତ ୧୫ତମ ବିଜୟ ହାସଲ କରିଛି। ଚଳିତ ବିଶ୍ୱକପ୍‌ରେ ୭ ମ୍ୟାଚ୍ ଖେଳି ୬ ବିଜୟ ଓ ଗୋଟିଏ ବାତିଲ ସହ ଅଷ୍ଟ୍ରେଲିଆ ଶୀର୍ଷରେ ରହି ସେମିଫାଇନାଲକୁ ପ୍ରବେଶ କରିଛି। ଅକ୍ଟୋବର ୩୦ରେ ଦ୍ୱିତୀୟ ସେମିଫାଇନାଲରେ ଆୟୋଜକ ଭାରତ ସହ ଅଷ୍ଟ୍ରେଲିଆ ସେମିଫାଇନାଲ ଖେଳିବ। ଅପରପକ୍ଷରେ ଦକ୍ଷିଣ ଆଫ୍ରିକା ଓ ଇଂଲଣ୍ଡ ମଧ୍ୟରେ ପ୍ରଥମ ସେମିଫାଇନାଲ ୨୯ରେ ଖେଳାଯିବ।

**ସେମି କାର୍ଯ୍ୟସୂଚୀ**

ପ୍ରଥମ- ଅକ୍ଟୋବର ୨୯
ଇଂଲଣ୍ଡ-ଦକ୍ଷିଣ ଆଫ୍ରିକା, ଗୌହାଟୀ

ଦ୍ୱିତୀୟ- ଅକ୍ଟୋବର ୩୦:
ଅଷ୍ଟ୍ରେଲିଆ-ଭାରତ, ନଭି ମୁମ୍ବଇ

**ବିଶ୍ୱକପ୍‌ରେ ଆଜି**

ଇଂଲଣ୍ଡ-ନ୍ୟୁଜିଲାଣ୍ଡ
ଖେଳ ଆରମ୍ଭ: ପୂର୍ବାହ୍ନ ୧୧ଟା
ଭାରତ-ବାଂଲାଦେଶ
ଖେଳ ଆରମ୍ଭ: ଅପରାହ୍ଣ- ୩ଟା
ପ୍ରସାରଣ: ଷ୍ଟାର ସ୍ପୋର୍ଟ୍ସ ନେଟ୍‌ୱର୍କ

### ଉତ୍ତର ପ୍ରଦେଶ ବିପକ୍ଷ ରଣଜୀ ଲଢ଼େଇ

## ପଦାର୍ପଣରେ ସମ୍ବିତଙ୍କ ଅର୍ଦ୍ଧଶତକ; ଓଡ଼ିଶା ୨୪୩

**ଭୁବନେଶ୍ୱର, ୨୫ ।୧୦ (ସମିସ):** କାନପୁରର ଗ୍ରୀନପାର୍କ ଷ୍ଟାଡିୟମରେ ଘରୋଇ ଉତ୍ତର ପ୍ରଦେଶ ବିପକ୍ଷରେ ଶନିବାରଠାରୁ ଆରମ୍ଭ ହୋଇଥିବା ରଣଜୀ ଟ୍ରଫି ମୁକାବିଲାରେ ଓଡ଼ିଶା ପ୍ରଥମ ପାଳିରେ ୨୪୩ ରନ କରି ଅଲ୍‌ଆଉଟ୍ ହୋଇଯାଇଛି। ଅଧିନାୟକ ଶୁଭ୍ରାଂଶୁ ସେନାପତି ଟସ୍ ଜିତିବା ପରେ ବ୍ୟାଟିଂ ନିଷ୍ପତ୍ତି ନେଇଥିଲେ। କିନ୍ତୁ ୩୬ ରନ ମଧ୍ୟରେ ଦୁଇ ଓପନର୍ ସ୍ୱସ୍ତିକ ସାମଲ (୪ ରନ) ଓ ଆଶୀର୍ବାଦ ସ୍ୱାଇଁ (୪ ରନ)ଙ୍କ ସହ ଅଧିନାୟକ ସେନାପତି (୩)ଙ୍କ ୱିକେଟ୍ ହରାଇ ଓଡ଼ିଶା ବ୍ୟାକ୍‌ଫୁଟ୍‌କୁ ଚାଲିଯାଇଥିଲା। ତେବେ ମଧ୍ୟକ୍ରମରେ ଦୁଇ ଅଭିଜ୍ଞ ଖେଳାଳି ସନ୍ଦୀପ ପଟ୍ଟନାୟକ ଓ ଗୋବିନ୍ଦ ପୋଦ୍ଦାର ଉପଯୋଗୀ ଅର୍ଦ୍ଧଶତକୀୟ ପାଳି ଖେଳି ଦଳକୁ ପ୍ରାରମ୍ଭିକ ବିପର୍ଯ୍ୟୟରୁ ଉଦ୍ଧାର କରିଥିଲେ। ୪ର୍ଥ ୱିକେଟ୍ ଭାଗୀଦାରିରେ ଉଭୟ ୯୨ ରନ ସଂଗ୍ରହ କରିଥିଲେ। ଏହାପରେ ୩ ରନ ବ୍ୟବଧାନରେ ସନ୍ଦୀପ (୫୩ ରନ), ରାଜେଶ ଧୁପର (୦) ଓ ଗୋବିନ୍ଦ (୬୪ ରନ) ଆଉଟ୍ ହେବା ଫଳରେ ଓଡ଼ିଶା ପୁଣିଥରେ ବିପର୍ଯ୍ୟୟର ସମ୍ମୁଖୀନ ହୋଇଥିଲା। କିନ୍ତୁ ନିମ୍ନକ୍ରମରେ ପଦାର୍ପଣକାରୀ ସମ୍ବିତ ବରାଳଙ୍କ ଧୈର୍ଯ୍ୟପୂର୍ଣ୍ଣ ଅର୍ଦ୍ଧଶତକ ଓ ବୋଲିଂ ଅଲ୍‌ରାଉଣ୍ଡର ରାଜେଶ ମହାନ୍ତିଙ୍କ ଦ୍ରୁତ ବ୍ୟାଟିଂ ଯୋଗୁ ଓଡ଼ିଶା ୭୭.୧ ଓଭରରେ ୨୪୩ ରନ କରି ଅଲ୍‌ଆଉଟ୍ ହୋଇଯାଇଥିଲା।



ଏଠାରେ କ୍ୟାରିୟର ଆରମ୍ଭ କରିଥିବା ସମ୍ବିତ ୭ଟି ଚୌକା ଓ ୩ ଛକା ବଳରେ ୫୯ ରନ କରି ଶେଷ ପର୍ଯ୍ୟନ୍ତ ଅପରାଜିତ ରହିଥିଲେ। ସେହିଭଳି ରାଜେଶ ୫୭ ବଲରେ ୪୮ କରିଥିଲେ। ଓଡ଼ିଶାର ଏହି ୪ଜଣ ଖେଳାଳି ମିଳିତ ଭାବେ ୨୨୪ ରନ ସଂଗ୍ରହ କରିଥିବାବେଳେ ଅନ୍ୟ ୭ଜଣ ଦୁଇ ଅଙ୍କ ଛୁଇଁପାରି ନ ଥିଲେ। ଉତ୍ତରପ୍ରଦେଶ ପକ୍ଷରୁ ଶିଭମ ଶର୍ମା ୩ଟି ଏବଂ ଶିଭମ ମାଭି, ବିପ୍ରରାଜ ନିଗମ ଓ ପ୍ରଶାନ୍ତ ବୀର ୨ଟି ଲେଖାଏ ୱିକେଟ୍ ନେଇଥିଲେ। ଜବାବରେ ବ୍ୟାଟିଂ ଆରମ୍ଭ କରିଥିବା ଉତ୍ତରପ୍ରଦେଶ ଷ୍ଟମ୍ପ ସୁଦ୍ଧା ୭ ଓଭର ଖେଳି କୌଣସି ୱିକେଟ୍ ନ ହରାଇ ୧୭ ରନ ସଂଗ୍ରହ କରିଛି। ଉଲ୍ଲେଖଯୋଗ୍ୟ, ଓଡ଼ିଶା ଏହାର ପ୍ରଥମ ମ୍ୟାଚରେ ବରୋଦା ନିକଟରୁ ୭ ୱିକେଟରେ ହାରିଥିଲା।

### ● ରଣଜୀ ଟ୍ରଫିରେ ବିରଳ ଘଟଣା

## ଗୋଟିଏ ଇନିଂସରେ ସର୍ଭିସେସର ଦୁଇ ବୋଲରଙ୍କ ହ୍ୟାଟ୍ରିକ

**ଗୌହାଟୀ, ୨୫ ।୧୦ (ସମିସ):** ରଣଜୀ ଟ୍ରଫିର ଦ୍ୱିତୀୟ ରାଉଣ୍ଡ ଖେଳ ଶନିବାରଠାରୁ ଆରମ୍ଭ ହୋଇଛି। ଏହିକ୍ରମରେ ଘରୋଇ ଆସାମ ଓ ସର୍ଭିସେସ ମଧ୍ୟରେ ଏଠାରେ ଅନୁଷ୍ଠିତ ଏଲିଟ୍ ଗ୍ରୁପ୍-ସି'ର ଏକ ମ୍ୟାଚରେ ବିରଳ ଘଟଣା ଦେଖିବାକୁ ମିଳିଛି। ସର୍ଭିସେସର ଦୁଇ ବାମହାତୀ ବୋଲର ଅର୍ଜୁନ ଶର୍ମା ଓ ମୋହିତ ଜାଙ୍ଗରା ଆସାମ ପାଳିରେ ହ୍ୟାଟ୍ରିକ ୱିକେଟ୍ ଅକ୍ତିଆର କରିଥିଲେ। ବାମହାତୀ ସ୍ପିନର ଅର୍ଜୁନ କ୍ରମାଗତ ୩ଟି ବଲରେ ରିୟାନ ପରାଗ, ସୁମିତ ଘାଡିଗାଁଓକର ଓ ଶିବଶଙ୍କର ରୟଙ୍କୁ ଆଉଟ୍ କରି ହ୍ୟାଟ୍ରିକ ଅର୍ଜନ କରିଥିଲେ। ଏହାପରେ ପ୍ରଦ୍ୟୁମ୍ନ ସାଇକିଆ, ମୁଖତାର ହୁସେନ ଓ ଭାର୍ଗବ ଲାହକରଙ୍କୁ ଆଉଟ୍ କରି ବାମହାତୀ ଦ୍ରୁତ ବୋଲର ମୋହିତ ହ୍ୟାଟ୍ରିକ ସଫଳତା ପାଇଥିଲେ। ଫଳରେ ଆସାମ ପ୍ରଥମ ଇନିଂସ ମାତ୍ର ୧୦୩ ରନରେ ସୀମିତ ରହିଥିଲା। ରଣଜୀ ଟ୍ରଫିରେ ଗୋଟିଏ ଇନିଂସରେ ଦୁଇଜଣ ବୋଲର ହ୍ୟାଟ୍ରିକ ୱିକେଟ୍ ନେବା ଏହା ପ୍ରଥମ ଘଟଣା। କିନ୍ତୁ ୧୯୬୨ ରଣଜୀ ଟ୍ରଫିରେ ସର୍ଭିସେସ ପକ୍ଷରୁ ଖେଳି ଯୋଗିନ୍ଦର ସିଂ ରାଓ ନର୍ଦନ ପଞ୍ଜାବର ଦ୍ୱିତୀୟ ଇନିଂସରେ ଦୁଇଥର ହ୍ୟାଟ୍ରିକ ସଫଳତା ସହ ମୋଟ୍ ୬ଟି ୱିକେଟ୍ ନେଇଥିଲେ।

PRINTED & PUBLISHED BY AMIT KUMAR MALLICK FOR 'THE SAKALA' A UNIT OF NANDIGHOSHA NETWORK PRIVATE LIMITED.
PRINTED AT THE SAKALA, SWOTI VILLAGE, PANIKOILI-755043, DIST: JAJPUR, ODISHA
କାର୍ଯ୍ୟନିର୍ବାହୀ ସମ୍ପାଦକ : ସମରେନ୍ଦୁ ଦାସ
EXECUTIVE EDITOR: SAMARENDU DAS